ବର୍ଷ-୫୩ : ସଂଖ୍ୟା-୨ ଫେବ୍ରୁଆରୀ, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଫେବ୍ରୁଆରୀ, ୨୦୨୨


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| ଚେତନାର ପ୍ରସ୍ତୁତି | ··· | ଶ୍ରୀମା | ··· | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ଚତୁର୍ଦ୍ଦଶ ଅଧ୍ୟାୟ) | | | | |
| ଗୁଣାତୀତ | ··· | ଶେଖ ଅବଦୁଲ କାଶମ | ··· | ୯ |
| ବିଜ୍ଞାନ (କବିତା) | ··· | ସନ୍ତୋଷ ରଥ | ··· | ୧୩ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୩) | ··· | ··· | ··· | ୧୪ |
| ବର୍ତ୍ତମାନ ପରିସ୍ଥିତିରେ ବ୍ୟକ୍ତିର କର୍ତ୍ତବ୍ୟ | ··· | ରାମକୃଷ୍ଣ ଦାସ | ··· | ୧୮ |
| ଶ୍ରୀଅରବିନ୍ଦଙ୍କ ସାଧନାର ବୈଶିଷ୍ଟ୍ୟ | ... | ପ୍ରପତ୍ତି | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୮) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୩ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୫) | ··· | ସାହାନା ଦେବୀ | ··· | ୨୬ |
| ଦୁଇଟି ବନ୍ଦନା (କବିତା) | ··· | ନିମାଇଁ ଚରଣ ମହାପାତ୍ର | ··· | ୨୮ |
| କୃତଜ୍ଞତା ସମ୍ପର୍କରେ (୧) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୨୯ |
| କବି ନିଶିକାନ୍ତ (୧୭) | ··· | ··· | ··· | ୩୪ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୯) | ··· | ଗୟାଧର ଦାଶ | ··· | ୩୮ |
| ମନୋଜ ଦାସଙ୍କ କୃତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ | | | | |
| 'ସାବିତ୍ରୀ'ର ଅନୁବାଦ – ଏକ ଅବର୍ଣ୍ଣନୀୟ ଅବଦାନ | ··· | କ୍ରିଷ୍ଣେନ୍ଦୁ ଦାସ ପଟ୍ଟନାୟକ | ··· | ୪୧ |
| ବରୋଦା ମହାରାଜା ଓ ଗୋବର ଘଷି ବିକ୍ରେତା | ··· | ପ୍ରନିତା ଚକ୍ରବର୍ତ୍ତୀ | ··· | ୪୨ |
| ରାଜା ନଶିରୱାନ୍ ଏବଂ ହକିମ | ··· | ଦୌଲତ ପାଣ୍ଡେ | ··· | ୪୪ |
| ଇତିହାସର କେତୋଟି ମୁହୂର୍ତ୍ତ | ··· | ମନୋଜ ଦାସ | ··· | ୪୫ |
| ସଂସ୍କୃତ କାହିଁକି ପଢ଼ିବା ? (୧) | ··· | ନରେନ୍ଦ୍ର | ··· | ୪୭ |
| ଶ୍ରଦ୍ଧାର ପ୍ରୟୋଗ | ··· | ପ୍ରସାଦ ତ୍ରିପାଠୀ | ··· | ୪୯ |
| ରାଣୀ ରାସମଣି | ··· | ଝରଣା ଘୋଷାଲ | ··· | ୫୧ |
| ଚରୈବେତି (କବିତା) | ··· | ଅଞ୍ଜଳି ତ୍ରିପାଠୀ | ··· | ୫୫ |
| ପୁଷ୍ପମାଳା | ··· | ମଧୁସୂଦନ ମହାପାତ୍ର | ··· | ୫୬ |
| ନବ ଦିଗନ୍ତ ଆଡ଼କୁ (କବିତା) | ··· | ମଦନ ମୋହନ ପ୍ରଧାନ | ··· | ୫୭ |
| ସ୍ୱପ୍ନ ଜଗତର ରହସ୍ୟ : ଉନ୍ମୋଚନ ଦିଗରେ | | | | |
| ସାମାନ୍ୟ ସୂଚନା | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା

ପ୍ରତିଟି ଦିବସ, ପ୍ରତିଟି ମୁହୂର୍ତ୍ତ ଏକ ନୂତନ ଏବଂ ପୂର୍ଣ୍ଣତର ଆତ୍ମୋତ୍ସର୍ଗ ନିମନ୍ତେ ସୁଯୋଗ ହେଉ । ଗୋଟାଏ ମାମୁଲି ଉଚ୍ଛ୍ୱାସମୟ ଏବଂ ଅସ୍ଥିର ଆତ୍ମୋତ୍ସର୍ଗ, ଯାହା ଅତି କର୍ମଚଞ୍ଚଳ ଏବଂ କାର୍ଯ୍ୟ ସମ୍ପର୍କରେ ଭ୍ରାନ୍ତିପୂର୍ଣ୍ଣ, ସେଭଳି ନୁହେଁ ବରଂ ଏକ ଗଭୀର ଏବଂ ନୀରବ ଆତ୍ମୋତ୍ସର୍ଗ, ଯାହା ଦୃଶ୍ୟମାନ ନ ହୋଇପାରେ କିନ୍ତୁ ଯାହା ସକଳ କର୍ମ ଭିତରେ ସୁପ୍ରବିଷ୍ଟ ହୁଏ ଏବଂ ସେସବୁର ନବରୂପାୟନ କରେ । ଆମ ମନ ନିଃସଙ୍ଗ ଏବଂ ଶାନ୍ତିମୟ ଭାବରେ ସର୍ବଦା ତୁମରି ଭିତରେ ରହୁ ଆଶ୍ରିତ ଏବଂ ସେହି ନିଷ୍କଳୁଷ ଶିଖରରୁ କରୁ ବାସ୍ତବତାସବୁର, ସମସ୍ତ ଅସ୍ଥାବର ଏବଂ ଅପସୃୟମାନ ଦୃଶ୍ୟାବଳି ପଶ୍ଚାତରେ ଥିବା ଏକକ ଏବଂ ଶାଶ୍ୱତ ବାସ୍ତବତାର ବୀକ୍ଷଣ ।

ହେ ପ୍ରଭୁ ! ହୃଦୟ ମୋର ଯାବତୀୟ ଅସ୍ୱସ୍ତି ଏବଂ ବିକ୍ଷୋଭରୁ ପ୍ରମୁକ୍ତ; ତାହା ଅବିଚଳ ଏବଂ ପ୍ରଶାନ୍ତ ଏବଂ ସବୁଥିରେ ତୁମକୁହିଁ ଦେଖେ; ଏବଂ ଆମ ବହିଃକର୍ମ ଯାହା ହେଉ ନା କାହିଁକି, ଭବିଷ୍ୟତ୍ ଆମ ସକାଶେ ଯେଉଁସବୁ ପରିସ୍ଥିତି ସାଇତି ରଖିଥାଉନା କାହିଁକି, ମୁଁ ଜାଣେ ଏକମାତ୍ର ତୁମେହିଁ ସଂଜୀବିତ, ତୁମ ଧ୍ରୁବ ଚିରସ୍ଥାୟିତ୍ୱରେ ତୁମେ ଏକାହିଁ ବାସ୍ତବ ଏବଂ ତୁମରି ଭିତରେହିଁ ଆମର ଜୀବନ ।...

ସମଗ୍ର ପୃଥିବୀରେ ବିରାଜମାନ କରୁ ଶାନ୍ତି ।

ଫେବ୍ରୁଆରୀ ୨୧, ୧୯୧୪ — ଶ୍ରୀମା

# ମାତୃବାଣୀ

But whatever you ask for or whatever your effort, you must feel, even while trying your best, using knowledge or putting forth power, that the result depends upon the Divine Grace. Once you have taken up the Yoga, whatever you do must be done in a spirit of complete surrender. This must be your attitude,– "I aspire, I try to cure my imperfections, I do my best, but for the result I put myself entirely into the hands of the Divine."

(MCW, Vol. 3, p. 97) – The Mother

କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି, ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବାବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ, ତୁମେ ଯାହା ବି କରନା କାହିଁକି ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ‘‘ମୁଁ ଅଭୀପ୍‌ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।’’

– ଶ୍ରୀମା

# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

### (The Kingdoms and Godheads of the Little Mind)

### (୧୧୩)

## ଶ୍ରୀଅରବିନ୍ଦ

Incapable of the soul's direct inlook
She sees by spasms and solders
knowledge-scrap,
Makes Truth the slave-girl of her indigence,
Expelling Nature's mystic unity
Cuts into quantum and mass the moving All;
She takes for measuring-rod her ignorance.

ଅନ୍ତରାତ୍ମାର ପ୍ରତ୍ୟକ୍ଷ ଆନ୍ତର ଦୃଷ୍ଟି ସକାଶେ ଅସମର୍ଥ ସେ (ଅର୍ଥାତ୍ ପୃଥିବୀ), କ୍ଷଣିକ ଉଚ୍ଛ୍ୱାସରେ ସେ ଦେଖେ ଓ ଜ୍ଞାନର ଟୁକୁରାଗୁଡ଼ିକୁ ଏକାଠି ଯୋଡ଼ୁଥାଏ, ସତ୍ୟକୁ ଆପଣା ଦୈନ୍ୟର ସେବାରେ କ୍ରୀତଦାସୀ କରି ରଖେ, ପ୍ରକୃତିର ନିଗୂଢ଼ ଏକତ୍ୱକୁ ବହିଷ୍କାର କରି ଚଳମାନ ସମଗ୍ରକୁ ପରିମାଣ ଓ ବସ୍ତୁ ପିଣ୍ଡରେ ବିଖଣ୍ଡିତ କରି ପକାଏ; ଅଜ୍ଞାନକୁହିଁ ସିଏ ମାପକାଠି ରୂପେ ବ୍ୟବହାର କରେ ।

In her own domain a pontiff and a seer,
That greater Power with her half-risen sun
Wrought within limits but possessed her field;
She knew by a privilege of thinking force
And claimed an infant sovereignty of sight.

ତା'ର ନିଜସ୍ୱ ମୁଲକରେ ଯାଜକ ଓ ଦ୍ରଷ୍ଟା, ସେହି ମହତ୍ତର କ୍ଷମତା ଆପଣାର ଅର୍ଦ୍ଧ-ଉଦିତ ସୂର୍ଯ୍ୟାଲୋକର ସହାୟତାରେ ସୀମାବନ୍ଧନଗୁଡ଼ିକ ମଧ୍ୟରେ କର୍ମରତ ଥିଲା, ପରନ୍ତୁ ନିଜର କ୍ଷେତ୍ରାଧିପତି ହୋଇ ରହିଥିଲା; ଚିନ୍ତାଶୀଳ ଏକ ଶୌର୍ଯ୍ୟର ସୁବିଧା ବଳରେ ସେ ଜ୍ଞାନଲାଭ କରୁଥିଲା ଏବଂ ଦୃଷ୍ଟିର ଏକ ଶିଶୁସୁଲଭ ସାର୍ବଭୌମତ୍ୱ ଦାବି କରୁଥିଲା ।

In her eyes however darkly fringed was lit
The Archangel's gaze who knows
inspired his acts
And shapes a world in its far-seeing flame.

ଯେତେ ଅନ୍ଧାରଘେରା ହୋଇଥିଲେ ବି ତାହାର ଚକ୍ଷୁ ଯୁଗଳରେ ଦେଦୀପ୍ୟମାନ ଥିଲା ପରମ ଦେବଦୂତଙ୍କର ଅପଲକ ଦୃଷ୍ଟି ଯିଏ ଆପଣାର କର୍ମାବଳିକୁ ଅନୁପ୍ରେରିତ ବୋଲି ଜାଣନ୍ତି ଓ ସେହି ଦୃଷ୍ଟିର ସୁଦୂରଦର୍ଶୀ ଆଲୋକ ଶିଖାରେ ଗଢ଼ି ତୋଳନ୍ତି ଏକ ଜଗତ୍ ।

In her own realm she stumbles not nor fails,
But moves in boundaries of subtle power
Across which mind can step towards the sun.

ଆପଣା ରାଜ୍ୟରେ ସେ ଝୁଣ୍ଟି ପଡ଼େ ନାହିଁ କି ବ୍ୟର୍ଥ ହୁଏ ନାହିଁ, ମାତ୍ର ବିଚରଣ କରୁଥାଏ ସୂକ୍ଷ୍ମ ଶକ୍ତିର ସୀମାରେଖା ସକଳ ମଧ୍ୟରେ ଯାହାର ପରପାରିରେ ମନ ନେଇପାରେ ସୂର୍ଯ୍ୟାଭିମୁଖୀ ପଦକ୍ଷେପ ।

A candidate for a higher suzerainty,
A passage she cut through from Night to Light,
And searched for an ungrasped Omniscience.

ଊର୍ଦ୍ଧ୍ୱତର ଆଧିପତ୍ୟ ପାଇଁ ସେ ଏକ ପ୍ରାର୍ଥିନୀ, ରାତ୍ରିରୁ ଆଲୋକ ଦିଗରେ ସେ ଏକ ପଥ କାଟୁଥିଲା ଏବଂ ଅନଧିଗତ ଏକ ସର୍ବଜ୍ଞାନ ନିମନ୍ତେ ଅନ୍ୱେଷଣ କରି ଚାଲିଥିଲା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଚେତନାର ପ୍ରସ୍ତୁତି

## ଶ୍ରୀମା

### ଅସ୍ୱସ୍ତିର ଅନୁଭବ

ଆଉ ଗୋଟିଏ ଗୁଣ ଅଛି ଯାହାକୁ ଅତି ପିଲାଦିନୁ ଅନୁଶୀଳନ କରିବା ଉଚିତ : ତାହା ହେଉଛି ଏକ ଅସ୍ୱସ୍ତିର ଅନୁଭୂତି, ଯାହାକି ଏକ ନୈତିକ ଅସଂଗତିରୁ ଜାତ ହୁଏ । ଜଣେ ଏହା ଅନୁଭବ କରେ ଯେତେବେଳେ ଏପରି କିଛି ଗୋଟିଏ କାର୍ଯ୍ୟ ସେ କରି ପକାଏ । କଥାଟିକୁ ତାକୁ ବାରଣ କରାଯାଇଛି ବୋଲି କିଂବା ସେ ଦଣ୍ଡିତ ହେବ ବୋଲି ଭୟ ହେତୁରୁ ଯେ ସେ ଏହା ଅନୁଭବ କରିବ ତାହା ନୁହେଁ, ବରଂ ସ୍ୱତଃସ୍ଫୂର୍ତ୍ତ ରୂପେ । ଉଦାହରଣସ୍ୱରୂପ, ଗୋଟିଏ ପିଲା ଯେତେବେଳେ ତା'ର ସାଙ୍ଗକୁ ଆଘାତ କରି ଦୁଷ୍ଟାମି କରେ, ଯଦି ସେ ତା'ର ସ୍ୱାଭାବିକ ଓ ସାଧାରଣ ମାନସିକ ଅବସ୍ଥାରେ ଥାଏ ତେବେ ସେ ଅସ୍ୱସ୍ତି ଅନୁଭବ କରିବ, ସତ୍ତାର ଗଭୀରରେ ଏକ ଦୁଃଖ ମଧ୍ୟ ଅନୁଭବ କରିବ । କାରଣ ସେ ଯାହା କଲା, ତାହା ତା'ର ଅଭ୍ୟନ୍ତର ସତ୍ୟର ବିରୋଧାଚରଣ କରୁଛି ।

କାରଣ, ସବୁକିଛି ଶିକ୍ଷା ସତ୍ତ୍ୱେ ଏବଂ ଆମ ମନ ଯେତେ ଯାହା ଚିନ୍ତା କରିବା ସତ୍ତ୍ୱେ, ଆମ ଅନ୍ତରର ଗଭୀରତାରେ ଏପରି କିଛି ଅଛି ଯାହାର ରହିଛି ପରିପୂର୍ଣ୍ଣତାର, ମହାନତାର ଏବଂ ସତ୍ୟର ଏକ ଅନୁଭବ ଯାହାକି ଏହି ସତ୍ୟକୁ ବିରୋଧ କରୁଥିବା ସକଳ ଗତିବୃତ୍ତି ଦ୍ୱାରା ଅତି ନିର୍ଦୟଭାବେ ବିରୋଧର ସମ୍ମୁଖୀନ ହୋଇଥାଏ । ଯଦି ପିଲାଟିଏ ତା'ର ଶିକ୍ଷକ, ଅଭିଭାବକଙ୍କ ଦ୍ୱାରା ନଷ୍ଟ ହୋଇ ନ ଥାଏ, ଯଦି ତା' ଚାରିପଟେ ଅସୁନ୍ଦର କଥାମାନ ଘଟୁ ନ ଥାଏ, ତା'ମାନେ ପିଲାଟି ଯଦି ସହଜ ଓ ସ୍ୱାଭାବିକ ଅବସ୍ଥାରେ ଥାଏ, ତେବେ ସେଇ ପିଲାଟି ଯଦି ଦୈବାତ୍ ତା' ମୂଳସତ୍ତାର ରୁଚି ବା ନୀତିବିରୋଧ କିଛି କାମ କରିଦିଏ ତେବେ, ତାକୁ କିଛି କୁହା ନ ଗଲେ ମଧ୍ୟ ସ୍ୱତଃ ସେ ଏକପ୍ରକାର ଅସ୍ୱସ୍ତି ଅନୁଭବ କରିବ । ଏବଂ ଠିକ୍ ଏହି ଭାବରେହିଁ ଏହାରି ଉପରେ ପରବର୍ତ୍ତୀ କାଳରେ ଅଗ୍ରଗତି ପାଇଁ ତା'ର ପ୍ରୟାସ ନିର୍ଭର କରିବ ।

### ପ୍ରବେଗମାନଙ୍କୁ ସଂଯତ କର

ତୁମେ ଖୁବ୍ ପିଲା ଥିଲାବେଳେ ତୁମ ଶିକ୍ଷକମାନଙ୍କ କାମ ହେଲା କିପରି ପ୍ରବେଗଗୁଡ଼ିକୁ ସଂଯତ କରିବାକୁ ହୁଏ ତାହା ଶିଖାଇବା । ବଞ୍ଚିବା ଲାଗି ଯେଉଁସବୁ ନୀତିଗୁଡ଼ିକର ପାଳନ ଆବଶ୍ୟକ କିଂବା ଯେଉଁ ବୃହତ୍ତର ଆଦର୍ଶକୁ ତୁମେ ପାଳନ କରିବାକୁ ଚାହଁ କିଂବା ଯେଉଁ ପରିବେଶରେ ତୁମେ ରହିଛ, ତା'ର ରୀତିନୀତିସବୁକୁ କିପରି ପାଳନ କରିବାକୁ ହେବ, ତାହା ମଧ୍ୟ ଶିକ୍ଷକ ଶିଖାଇବେ । ଏହି ମାନସିକ ସଂଗଠନର ମୂଲ୍ୟ ଯାହାକି ତୁମର ପ୍ରବେଗଗୁଡ଼ିକୁ ଶାସନ କରିବାରେ ସାହାଯ୍ୟ କରିଥାଏ, ତାହା ନିର୍ଭର କରେ ତୁମେ ଯେଉଁ ପରିବେଶରେ ବାସ କରୁଛ ତା' ଉପରେ ଏବଂ ତୁମର ମାତାପିତା ଓ ଶିକ୍ଷକମାନଙ୍କ ଚରିତ୍ର ଉପରେ । କିନ୍ତୁ ତାହା ଭଲ ହେଉ କି ମନ୍ଦ ହେଉ, ମଧ୍ୟମ ହେଉ କି ଉତ୍ତମ ହେଉ, ଏହି ମାନସିକ ସଂଯମ ଦ୍ୱାରାହିଁ ପ୍ରବୃତ୍ତି ଓ ପ୍ରବେଗଗୁଡ଼ିକ ଶାସିତ ହୋଇ ଥାଆନ୍ତି । ଯେତେବେଳେ ତୁମର ମାତାପିତା କହନ୍ତି, ''ଏହା ତୁମର କରିବା ଉଚିତ ନୁହେଁ '' କିଂବା ''ତାହା ତୁମର କରିବା ଉଚିତ'' ସେତିକିବେଳେହିଁ ତୁମର ପ୍ରବେଗଗୁଡ଼ିକ ଉପରେ ମନର ଶାସନ କ୍ରିୟା ଆରମ୍ଭ ହୋଇ ଯାଇଥାଏ ।...

ତେଣୁ ପ୍ରକୃତ ଗୁଣବାନ୍ ଓ ବୁଦ୍ଧିମାନ୍ ମଣିଷଟିଏ ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା' ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ଆଦର୍ଶ ସଙ୍ଗେ ନିଜର ସଂଗତି ରକ୍ଷାକରି ଚଳିପାରିବାର ଦକ୍ଷତା ସେ ଅର୍ଜନ କରିଥାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଚତୁର୍ଦ୍ଦଶ ଅଧ୍ୟାୟ)

## ଗୁଣାତୀତ

ଶେଖ ଅବଦୁଲ କାଶମ

ମୁକ୍ତି ଓ ଅମରତ୍ୱ କହିଲେ ପୁରୁଷୋତ୍ତମଙ୍କ ନିତ୍ୟ ସଚେତନ ଶାଶ୍ୱତ ସତ୍ତା ମଧ୍ୟରେ ବାସ କରିବାକୁ ବୁଝାଏ । ଏହି ମହତ୍ତର ସ୍ଥିତିକୁ ଲାଭ କରିବାକୁ ହେଲେ ନିମ୍ନ ପ୍ରକୃତି ଦ୍ୱାରା ବଶୀଭୂତ ନ ହୋଇ ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନଧାରା ଅବଲମ୍ବନ କରିବାକୁ ପଡ଼ିବ ଏବଂ ଦିବ୍ୟ ପ୍ରକୃତି ମଧ୍ୟକୁ ଉଠିଯିବାକୁ ହେବ । ଭଗବତ୍ ଅଭିମୁଖୀ ଜ୍ଞାନ, ସଂକଳ୍ପ ଓ ଭକ୍ତି ଦ୍ୱାରା ଏହା ସମ୍ଭବ ହେବ ।

ନିମ୍ନ ପ୍ରକୃତିର ଅଧୀନ ହୋଇ ଏକ ଅପୂର୍ଣ୍ଣ ଓ ଦୁଃଖମୟ ଜୀବନ ବଞ୍ଚିବା ଆମର ନିୟତି ନୁହେଁ । ଆମେ ଆସିଛୁ ପରମ ଅଧ୍ୟାତ୍ମ ପ୍ରକୃତିରୁ, ଆମେ ହେଉଛୁ ଭଗବାନଙ୍କର ଆତ୍ମ-ସୃଜନ, ତାଙ୍କ ଶାଶ୍ୱତ ସତ୍ତାର ଅଂଶ । ଭଗବାନଙ୍କ ସାଦୃଶ୍ୟରେ ଗଢ଼ି ଉଠିବା, ସାଧର୍ମ୍ୟ ମୁକ୍ତି ଲାଭ କରିବା, ଜନ୍ମ-ମୃତ୍ୟୁ-ଚକ୍ରର ଊର୍ଦ୍ଧ୍ୱରେ ନିତ୍ୟ ପ୍ରତିଷ୍ଠିତ ହୋଇ ରହିବା, ଏହା ପ୍ରତ୍ୟେକ ଦେହଧାରୀ ଜୀବର ପ୍ରକୃତ ନିୟତି ଅଟେ ।

ଶାଶ୍ୱତ ପରମ (The Eternal) ହେଉଛନ୍ତି ବିଶ୍ୱର ମାତା ଓ ପିତା । ଗୀତାରେ କୁହାଯାଇଛି ଯେ ମହତ୍ ବ୍ରହ୍ମ (ideative Spirit) ହେଉଛି ସେହି ଯୋନି (Womb) ଯାହା ଭିତରେ ସେ ତାଙ୍କର ଆତ୍ମ-ସୃଜନର ବୀଜ ନିକ୍ଷେପ କରନ୍ତି (ମମ ଯୋନିର୍ମହଦ୍‌ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହମ୍) । ଅନନ୍ତ ତତ୍ତ୍ୱ ବିଜ୍ଞାନ (infinite idea)କୁ ହିଁ ମହତ୍ ବ୍ରହ୍ମ ବୋଲି କୁହାଯାଇଛି । ପରମ ଶାଶ୍ୱତ ଅଧି-ଆତ୍ମା (Over-soul) ରୂପେ ବୀଜ ନିକ୍ଷେପ କରନ୍ତି ଏବଂ ଚିତ୍ ଶକ୍ତି ବା ପ୍ରକୃତି-ଆତ୍ମା (Nature-soul) ମାତା ରୂପେ ସେହି ବୀଜକୁ ଗ୍ରହଣ କରନ୍ତି । ମହତ୍ ହେଉଛି ପରମସତ୍ତାଙ୍କ ସଂକଳ୍ପ-ସତ୍ତା ବା ଭାବମୟ ସତ୍ତା (idea-being) ଏବଂ ବିଜ୍ଞାନ ହେଉଛି ତାଙ୍କର ଭାବମୟ ଶକ୍ତି (idea-force) । ସୁତରାଂ ମହତ୍ ବା ବିଜ୍ଞାନର ଗର୍ଭରୁ ପ୍ରକୃତି ମାତା ଯାବତୀୟ ସୃଷ୍ଟିକୁ ଉତ୍ପନ୍ନ କରନ୍ତି । ପରମ ଆତ୍ମା ଶାଶ୍ୱତ ଓ ଅନାଦି ଅଟନ୍ତି, ପ୍ରକୃତି ମଧ୍ୟ ଶାଶ୍ୱତ ଓ ଅନାଦି ରୂପେ ଅନ୍ତହୀନ ସୃଷ୍ଟି କ୍ରିୟାରେ ନିଯୁକ୍ତ ରହିଛି । ପ୍ରକୃତି ଭିତରେ ଜୀବ ନାନା ରୂପ ଗ୍ରହଣ କରୁଛି ଏବଂ ସେ ମଧ୍ୟ ତା'ର ମୂଳ ସ୍ୱରୂପରେ ଶାଶ୍ୱତ ଓ ଅନାଦି ଅଟେ । ତେବେ ଜୀବକୁ ଜନ୍ମ, ମୃତ୍ୟୁ ଓ ବନ୍ଧନର ପ୍ରତୀତି (appearance) ଭିତରକୁ ଯିଏ ନେଇ ଆସେ ତାହା ହେଉଛି ପ୍ରକୃତିର ତ୍ରିଗୁଣ ସହିତ ନିଜକୁ ଏକ କରି ଦେଖିବାର ଭ୍ରାନ୍ତି ତଥା ମନ, ପ୍ରାଣ, ଦେହରେ କ୍ରିୟାଶୀଳ ଅହଂର ପୃଥକତ୍ୱବୋଧ । ପାର୍ଥିବ ପ୍ରକୃତି ଭିତରେ ଜଡ଼ିତ ହୋଇ ଜୀବ ଭୁଲିଯାଏ ଯେ ସେ ଶାଶ୍ୱତ ପରମ ଅଧ୍ୟାତ୍ମ ସତ୍ତାଙ୍କ ପାଖରୁ ଆସିଛି । ଆତ୍ମବିସ୍ମରଣର ମାୟାରେ ପଡ଼ି ସେ ଜନ୍ମ-ମୃତ୍ୟୁର ଚକ୍ରରେ ଅଚେତନ ଭାବେ ଘୂରି ବୁଲୁଥାଏ ।

ଆମେ ଯଦି ମାୟା, ମୋହ ଓ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବାକୁ ଚାହୁଁ, ଯଦି ଶାଶ୍ୱତ ଅମରତ୍ୱ ଆମ ଜୀବନର ଲକ୍ଷ୍ୟ, ତା'ହେଲେ ପ୍ରକୃତିର ଗୁଣସମୂହର ଊର୍ଦ୍ଧ୍ୱକୁ ଉଠିବା, ତ୍ରିଗୁଣାତୀତ ହେବା ଅପରିହାର୍ଯ୍ୟ ଅଟେ । ଆମର ମାନସିକ, ପ୍ରାଣିକ ଓ ଦୈହିକ ଜୀବନ ଗୁଣଗୁଡ଼ିକ ଦ୍ୱାରା ସୀମାବଦ୍ଧ ଓ ନିୟନ୍ତ୍ରିତ । ପ୍ରକୃତିର ସମଗ୍ର ଗୁଣାତ୍ମକ କ୍ରିୟା ଅନନ୍ତ ରୂପେ ଜଟିଳ । ସତ୍ତ୍ୱ, ରଜଃ ଓ ତମଃ ଏଇ ତିନୋଟି ଗୁଣ ସର୍ବତ୍ର କ୍ରିୟାଶୀଳ । ମନୁଷ୍ୟ ଚେତନା ଉପରେ ଏଗୁଡ଼ିକର କ୍ରିୟା ଓ ପ୍ରଭାବକୁ ବୁଝିବା ଆଧ୍ୟାତ୍ମିକ ଜୀବନ ପାଇଁ ଏକାନ୍ତ ଆବଶ୍ୟକ ।

ଗୁଣତ୍ରୟ ହେଉଛି ବିଶ୍ୱ ଶକ୍ତିର ବିଭିନ୍ନ ଗତି । ସାମ୍ୟ (equilibrium), ପ୍ରବୃତ୍ତି (kinsis) ଓ ଜଡ଼ତା (inertia) ହେଉଛି ଯଥାକ୍ରମେ ସତ୍ତ୍ୱ, ରଜଃ ଓ ତମଃର ତିନୋଟି ଶକ୍ତି । ପ୍ରକୃତିର ଏହି ତିନୋଟି ଗୁଣ ସମଗ୍ର ବିଶ୍ୱଜଗତରେ ଗୋଟିଏ ଅନ୍ୟଟି ସହିତ ଅବିଚ୍ଛେଦ୍ୟ ଭାବରେ ଗୁନ୍ଥା ହୋଇ ରହିଛନ୍ତି । ତମଃ ହେଉଛି ପ୍ରକୃତିର ନିଶ୍ଚେତନ ଶକ୍ତି । ଏହା ନିଷ୍କ୍ରିୟ, ନିଶ୍ଚେଷ୍ଟ ଓ ଜଡ଼ । ସମସ୍ତ ଆଘାତ ଓ ସ୍ପର୍ଶକୁ ଏହା ସହ୍ୟ କରିଯାଏ,

ସେସବୁକୁ ଜୟ କରିବାକୁ କୌଣସି ଚେଷ୍ଟା କରେ ନାହିଁ । ଏହା ପୁଣି ସ୍ଥିରତା (stability)ର ଶକ୍ତି ଯାହା ବସ୍ତୁ ସକଳକୁ ଏକତ୍ରିତ କରି ରଖେ, ସେଗୁଡ଼ିକୁ ବିଚ୍ଛୁରିତ ହେବାକୁ ଦିଏ ନାହିଁ । ରଜଃ ହେଉଛି ବାସନା, ପ୍ରବୃତ୍ତି ଓ ଗତିଶୀଳତାର ଶକ୍ତି । ପ୍ରକୃତି ଭିତରେ ଏହା ହେଉଛି ସୃଜନଶୀଳ ପ୍ରଚେଷ୍ଟା, ଗତି ଓ ପ୍ରେରଣାର ତତ୍ତ୍ୱ । ମାତ୍ର ଅଜ୍ଞାନ ଦ୍ୱାରା ଏହା ସୀମିତ । ଏହା ପୁଣି ଦୁଃସାହସିକ କର୍ମ କରିବାର ପ୍ରେରକ ଶକ୍ତି । ସତ୍ତ୍ୱ ହେଉଛି ଅଧିକାରକ୍ଷମ ସମନ୍ୱୟକାରୀ ଜ୍ଞାନର ଶକ୍ତି । ବୋଧାତ୍ମକ ଜ୍ଞାନ, ସୁସଙ୍ଗତି, ପରିମିତି ଓ ସାମ୍ୟ ଏହାର ବିଶେଷତ୍ୱ ।

ତମୋଗୁଣଟି ଯଦି ଏକାକୀ ରହେ ତେବେ ତାହା ବିଶ୍ୱଶକ୍ତିର ସମସ୍ତ କ୍ରିୟାକୁ ବିନାଶ, ବିପର୍ଯ୍ୟୟ ଓ ବିଲୟ ଦିଗରେ ନେଇଯିବ । ମାତ୍ର ତାହା ଯଦି ରଜୋଗୁଣ ଦ୍ୱାରା ଚାଳିତ ହୁଏ ତାହାହେଲେ ତାହା ଧ୍ୱଂସ ଭିତର ଦେଇ ମଧ୍ୟ ନିର୍ମାଣ ଓ ସୃଜନ କାର୍ଯ୍ୟ ସାଧନ କରିବ । ସାତ୍ତ୍ୱିକ ବୁଦ୍ଧିତତ୍ତ୍ୱ ଏହି ତମଃ ଓ ରଜଃର ଦୁଇ ପରସ୍ପର ବିରୋଧୀ ପ୍ରବୃତ୍ତି ମଧ୍ୟରେ ଶୃଙ୍ଖଳା ଓ ସାମଞ୍ଜସ୍ୟ ବିଧାନ କରେ । ଜଡ଼ରେ ରଜୋଗୁଣ ଗତି ଓ ପ୍ରବୃତ୍ତି ରୂପରେ ଦେଖାଯାଏ ଏବଂ ପ୍ରାଣରେ ତାହା ପ୍ରୟାସ, କାମନା ଓ କର୍ମର ଏକ ଆବେଗ ରୂପେ ପ୍ରକାଶିତ ହୁଏ । ଆମର ପ୍ରାଣମୟ ସତ୍ତା ତମୋଗୁଣ ଦ୍ୱାରା ପ୍ରଭାବିତ ହୋଇ କ୍ଷୟ, ମୃତ୍ୟୁ ଓ ଜଡ଼ତାର ସମ୍ମୁଖୀନ ହୁଏ । ପୁଣି ସତ୍ତ୍ୱଗୁଣ ଦ୍ୱାରା ତାହା ବ୍ୟବସ୍ଥିତ ଓ ସୁସମନ୍ୱିତ ବି ହୁଏ । ମନର ବିକାଶ ଘଟିଲେ ସତ୍ତ୍ୱ ଶକ୍ତି ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିପାରେ । କିନ୍ତୁ ସତ୍ତ୍ୱ ସବୁବେଳେ ସ୍ୱାଧୀନ ଓ ଶକ୍ତିମନ୍ତ ହୋଇ କାର୍ଯ୍ୟ କରିପାରେ ନାହିଁ । ଜଡ଼ତା ଓ ଅଜ୍ଞାନର ଶକ୍ତି ଦ୍ୱାରା ଏହା ପ୍ରତିହତ ହୋଇଥାଏ । ଏହିପରି ଭାବରେ ଗୁଣଗୁଡ଼ିକ ପରସ୍ପର ଉପରେ କ୍ରିୟା କରୁଥିବାରୁ ଏହି ମିଶ୍ରିତ ଖେଳା ଦ୍ୱାରା ମନୁଷ୍ୟ ଜୀବନରେ ବ୍ୟାପକ ବିଶୃଙ୍ଖଳା ଓ ଅନିଶ୍ଚୟତା ଦେଖାଯାଏ ।

ପ୍ରକୃତିରେ ସତ୍ତ୍ୱଗୁଣର ବୃଦ୍ଧି ଓ ଅଭ୍ୟୁଦୟ ଘଟିଲେ ମନୁଷ୍ୟ ଜ୍ୟୋତିଃ ଓ ଜ୍ଞାନ ଆଡ଼କୁ ଆକୃଷ୍ଟ ହୁଏ । ତା'ର ବୁଦ୍ଧି ସଜାଗ ଓ ପ୍ରଦୀପ୍ତ ହୋଇଉଠେ । ଇନ୍ଦ୍ରିୟଗଣ ଉଜ୍ଜୀବିତ ହୋଇ ସକାରାତ୍ମକ କାର୍ଯ୍ୟରେ ନିଯୁକ୍ତ ହୁଅନ୍ତି । ସ୍ନାୟବିକ ସତ୍ତା ସୁସ୍ଥିର, ସମୁଜ୍ଜ୍ୱଳ ଓ ସ୍ୱଚ୍ଛନ୍ଦ ହୋଇଉଠେ । ସତ୍ତ୍ୱଗୁଣ ବ୍ୟକ୍ତିର ସତ୍ତା ମଧ୍ୟରେ ଆଣି ଦିଏ ଜ୍ଞାନ, ସୁସମଞ୍ଜସ ସ୍ୱଚ୍ଛତା ଓ ସାବଲୀଳତା, ସୁଖ ଓ ତୃପ୍ତି । ଆତ୍ମାର ସଂସ୍ପର୍ଶ ଲାଭ ଦ୍ୱାରା ତଥା ପ୍ରକୃତି ଓ ଦ୍ରଷ୍ଟା ପୁରୁଷର ସୁସଙ୍ଗତି ଦ୍ୱାରା ଯେଉଁ ଆନନ୍ଦ ଓ ତୃପ୍ତି ମିଳେ ତାହା ହେଉଛି ସାତ୍ତ୍ୱିକ ସୁଖ । ସତ୍ତ୍ୱ ଗୁଣରେ ରହିଛି ନିର୍ମଳତା ଯାହାର ପ୍ରଭାବରେ ପ୍ରକୃତି ମଧ୍ୟରେ ରୋଗ, ବିକାର (morbidity) ଓ ଦୁଃଖକଷ୍ଟ ରହେ ନାହିଁ । ଗୀତାରେ ଏହାକୁ ପ୍ରକାଶକ ଓ ନିର୍ବିକାର (ପ୍ରକାଶକମ୍ ଅନାମୟମ୍) ବୋଲି କୁହାଯାଇଛି ।

ରଜୋଗୁଣର ମୂଳରେ ରହିଛି ବାସନା (liking) ଓ ଅନୁରାଗ(longing)ର ଆକର୍ଷଣ (''ରଜୋ ରାଗାତ୍ମକଂ ବିଦ୍ଧି'' – ରଜୋଗୁଣକୁ ରାଗାତ୍ମକ ଆସକ୍ତିର ସ୍ୱରୂପ ବୋଲି ଜାଣ) । ବାସନା ଅହଂର ଚାରିପଟରେ ସଙ୍ଗଠିତ ହୋଇ ରହିଥାଏ । ବାସନାର ଚରିତାର୍ଥତା ନିମନ୍ତେ ବ୍ୟକ୍ତି କର୍ମରେ ପ୍ରବୃତ୍ତ ହୁଏ । ବିଷୟ-ବାସନା ପ୍ରତି ଆସକ୍ତି, ଅପ୍ରାପ୍ତର ଭୋଗ ପାଇଁ ତୃଷ୍ଣା – ଏଥିରୁହିଁ ରଜଃର ଉତ୍ପତ୍ତି । ରଜୋଗୁଣର ପ୍ରଭାବରେ ମନୁଷ୍ୟ ନିରନ୍ତର କାମ, ଲୋଭ, ଉତ୍ତେଜନା ଓ ଅସ୍ଥିରତାରେ ପୂର୍ଣ୍ଣ ହୋଇ ରହେ । ରଜଃ ହେଉଛି କ୍ରିୟାତ୍ମକ ଗତିଶୀଳ ଶକ୍ତି । ଏହା ବ୍ୟକ୍ତିକୁ ବିଭିନ୍ନ ପ୍ରକାର କର୍ମ କରିବା ଲାଗି ଓ ଉଦ୍ୟମ କରିବା ଲାଗି ପ୍ରେରିତ କରେ । ଉତ୍ସାହ, ଉଦ୍ଦୀପନା, ସ୍ପୃହା ଓ ସ୍ଫୂର୍ତ୍ତି ଏଥିରୁ ଉତ୍ପନ୍ନ ହୋଇଥାଏ । ସମସ୍ତ ଅଜ୍ଞାନଯୁକ୍ତ ଓ ଆବେଗମୟ ଲିପ୍ସା ହେଉଛି ରଜୋଗୁଣର ଅନ୍ତର୍ଗତ । ଏହି ଗୁଣର କ୍ରିୟା ଫଳରେ ବ୍ୟକ୍ତି ନାନା ପ୍ରକାର ବସ୍ତୁକୁ କାମନା କରେ ଏବଂ ପରିଣାମରେ ଶୋକ, ବେଦନା ଓ ଦୁଃଖ ଭୋଗିଥାଏ, କାରଣ ସେ ନିଜର ଭୋଗ୍ୟ ବିଷୟକୁ ଯଥାଯଥଭାବେ ଅଧିକାର କରିପାରେ ନାହିଁ । କାମନା କହିଲେ ପ୍ରାପ୍ତିର ଅଭାବକୁ ବୁଝାଏ । କାମ୍ୟ ବସ୍ତୁକୁ ପ୍ରାପ୍ତ କରି ନ ପାରିଲେ ତ ଦୁଃଖ ମିଳିବା ସ୍ୱାଭାବିକ, ମାତ୍ର ତାହା ପ୍ରାପ୍ତ କଲା ପରେ ବ୍ୟକ୍ତି ଯେଉଁ ସୁଖ ପାଏ ତାହା ଅସ୍ଥିରତାପୂର୍ଣ୍ଣ ଓ ଅନିଶ୍ଚିତ ହୋଇଥାଏ । ରଜୋଗୁଣପ୍ରଧାନ ବ୍ୟକ୍ତି ସାଧାରଣତଃ ଚଞ୍ଚଳମନା ହୋଇଥାଏ । ବାସନାର ବିଷଚକ୍ର ଭିତରେ ପଡ଼ି ସେ ସର୍ବଦା ବିକ୍ଷୁବ୍ଧ ଓ ଅତୃପ୍ତ ହୋଇ ରହିଥାଏ ।

ତମୋଗୁଣର ଲକ୍ଷଣ ହେଉଛି ଜଡ଼ତା, ନିଷ୍କ୍ରିୟତା, ଅପ୍ରକାଶ, ଅପ୍ରବୃତ୍ତି ଓ ଅଜ୍ଞାନତା । ଏହା ସମସ୍ତ ପ୍ରକାର ଭ୍ରାନ୍ତି (confusion) ଓ ପ୍ରମାଦ(delusion)କୁ ଜନ୍ମ ଦିଏ । ଆଳସ୍ୟ (negligence), ଶିଥିଳତା(indolence) ଓ ନିଦ୍ରା ଏହି ଗୁଣର ଅନ୍ତର୍ଗତ । ଏହା ଫଳରେ ବ୍ୟକ୍ତି ଅମନୋଯୋଗୀ ହୁଏ, ବିଷୟଗୁଡ଼ିକୁ ଭୁଲ୍ ବୁଝେ ବା ବୁଝିବା ଲାଗି ଅକ୍ଷମ ହୁଏ । ଏହି ଗୁଣ ବ୍ୟକ୍ତିର ଜ୍ଞାନକୁ ନିଷ୍କ୍ରିୟ କରି ପକାଏ, ଫଳରେ ତା'

ଭିତରେ ନାନା ତ୍ରୁଟିବିଚ୍ୟୁତି ଦେଖାଦିଏ । ଗୀତାର ଭାଷାରେ –

''ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ।''

ଅର୍ଥାତ୍, ''ତମୋଗୁଣ ଜ୍ଞାନକୁ ଆଚ୍ଛାଦିତ କରି ପ୍ରମାଦରେ ଲିପ୍ତ କରାଏ ।''

କୌଣସି ବ୍ୟକ୍ତି ଉକ୍ତ ତିନିଗୁଣ ମଧ୍ୟରୁ କେବଳ ଗୋଟିଏ ମାତ୍ର ଗୁଣର ଅଧିକାରୀ ହୋଇ ନ ଥାଏ । ତିନୋଟିଯାକ ଗୁଣ ପ୍ରତ୍ୟେକ ବ୍ୟକ୍ତି ପାଖରେ ଥାଏ, ମାତ୍ର ତାହାର ଅନୁପାତ ବ୍ୟକ୍ତି ଭେଦରେ ଭିନ୍ନ ଭିନ୍ନ ହୋଇଥାଏ । ସବୁ ମନୁଷ୍ୟଙ୍କ ଭିତରେ କିଛି ପରିମାଣରେ ହେଲେ ମଧ୍ୟ ଆଲୋକ ଓ ଆନନ୍ଦର ସାତ୍ତ୍ୱିକ ଗୁଣ ରହିଛି, ବାସନା ଓ କର୍ମର ରାଜସିକ ପ୍ରେରଣା ରହିଛି ଏବଂ ତାମସିକ ଅସାମର୍ଥ୍ୟ, ଅଜ୍ଞାନ ଓ ନିଶ୍ଚେତନାର ଗୁଣ ମଧ୍ୟ ଅଳ୍ପ ବା ବହୁତ ରହିଛି । ଏହି ଗୁଣଗୁଡ଼ିକ ପରିବର୍ତ୍ତନଶୀଳ । ସେଗୁଡ଼ିକ ଭିତରେ ନିରନ୍ତର ପାରସ୍ପରିକ ସଂଘାତ, ସ୍ଥାନଚ୍ୟୁତି ଓ କ୍ରିୟା-ପ୍ରତିକ୍ରିୟା ଲାଗି ରହିଥାଏ । ବ୍ୟକ୍ତି ଭିତରେ କେତେବେଳେ ଗୋଟିଏ ଗୁଣ ନେତୃତ୍ୱ ନେଇଥାଏ ତ ଆଉ କେତେବେଳେ ଅନ୍ୟ ଗୋଟିଏ ଗୁଣ ଆଧିପତ୍ୟ ବିସ୍ତାର କରିଥାଏ । ସମୟ, ପରିସ୍ଥିତି ଓ ବ୍ୟକ୍ତିର ମନସ୍ତାତ୍ତ୍ୱିକ ଅବସ୍ଥା ଅନୁସାରେ ସେହି ଗୁଣଗୁଡ଼ିକର କ୍ରିୟା ଓ ତା'ର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ତଥା ତା'ର ଫଳ ମଧ୍ୟ ବିଭିନ୍ନ ପ୍ରକାର ହୋଇଥାଏ । ଯେତେବେଳେ ଆମେ ଦେଖୁ ଯେ କୌଣସି ଗୋଟିଏ ଗୁଣ ବ୍ୟକ୍ତି ଭିତରେ ସାଧାରଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଛି ସେତେବେଳେ ସେହି ଅନୁସାରେ ଆମେ ତାହାକୁ ରାଜସିକ, ତାମସିକ ବା ସାତ୍ତ୍ୱିକ ପ୍ରକୃତିର ବୋଲି କହୁ । କିନ୍ତୁ ଏହା ଏକ ଚୂଡ଼ାନ୍ତ ବର୍ଣ୍ଣନା ନୁହେଁ ।

ପ୍ରକୃତିରୁ ଜାତ ଏହି ତିନିଗୁଣ ଦେହରେ ବାସ କରୁଥିବା ଅବ୍ୟୟ ଦେହୀକୁ ଦେହରେ ବାନ୍ଧି ଦିଅନ୍ତି (ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍) । ଏହି ତ୍ରିଧା ଶକ୍ତି ବନ୍ଧନର ତ୍ରିଧା ରଜ୍ଜୁ ସ୍ୱରୂପ । ତମଃ ଅନ୍ଧକାର ଓ ଅଜ୍ଞାନର ଶକ୍ତି ହୋଇଥିବାରୁ ତଥା ଜଡ଼ତାକୁ ଧାରଣ କରିଥିବା ହେତୁ ଏହା କୌଣସି କାର୍ଯ୍ୟ କରିବାକୁ ସବୁ ଦିଗରୁ ଅକ୍ଷମ ଅଟେ । ତେଣୁ ସ୍ୱଷ୍ଟତଃ ଏହା ସୀମା ଭିତରେ ଆବଦ୍ଧ କରେ । ରାଜସିକ ବାସନା କର୍ମରେ ପ୍ରବୃତ୍ତ କରାଏ, ମାତ୍ର ଆସକ୍ତିମୂଳକ ପ୍ରଭାବ ଯୋଗୁଁ ଏହା ବନ୍ଧନର କାରଣ ହୁଏ । ସତ୍ତ୍ୱ ହେଉଛି ଜ୍ଞାନ ଓ ଆନନ୍ଦର ଶକ୍ତି । ମାତ୍ର ଏହା ମାନସିକ ପ୍ରକୃତିର ହିଁ ଏକ ତତ୍ତ୍ୱ । ମନର ସୀମିତତା ରହିଥିବାରୁ ଏହା ଯେଉଁ ଜ୍ଞାନ ଓ ଆନନ୍ଦ ଦିଏ ତାହା କ୍ଷଣସ୍ଥାୟୀ, ସୀମିତ ଓ ଅପୂର୍ଣ୍ଣ । ତେଣୁ ସତ୍ତ୍ୱଗୁଣ ମଧ୍ୟ ମନୁଷ୍ୟକୁ ନିର୍ଦ୍ଦିଷ୍ଟ ସୀମା ଭିତରେ ବାନ୍ଧି ପକାଏ ।

ଜ୍ଞାନରେ ଯିଏ ପ୍ରତିଷ୍ଠିତ ଅଛନ୍ତି ତାଙ୍କୁ ଆମେ ମହାଶକ୍ତି ବା ପରମାଶକ୍ତି ରୂପେ ଜାଣୁ । ମାତ୍ର ସେହି ମହାଶକ୍ତି ଯେତେବେଳେ ଅଜ୍ଞାନ ମଧ୍ୟକୁ ଅବତରଣ କରି ସେଠାରେ ନିଜକୁ ଜଡ଼ିତ କରି ରଖନ୍ତି, ତାଙ୍କୁ ଆମେ ପ୍ରକୃତି ବୋଲି ଜାଣୁ । ପ୍ରକୃତି ହେଉଛି ମହାଶକ୍ତିରହିଁ ଏକ ରୂପ । ଦେହଧାରୀ ଅବ୍ୟୟ ଅଧ୍ୟାତ୍ମ ସତ୍ତା ପ୍ରକୃତି ମଧ୍ୟରେ ଜଡ଼ିତ ହୋଇ ପ୍ରକୃତିର ନିମ୍ନତର କ୍ରିୟା ଦ୍ୱାରା ନିଜକୁ ସୀମାବଦ୍ଧ କରି ଦିଏ । ସେ ପରମ ଆତ୍ମା ପରି ସୀମାବନ୍ଧନସବୁକୁ ଉପଭୋଗ କରୁଥିବା ସମୟରେ ନିଜ ଆନନ୍ତ୍ୟରେ ଚିରମୁକ୍ତ ରହିପାରେ ନାହିଁ । ଏହାର କାରଣ ହେଉଛି ଗୁଣ ତଥା ଗୁଣଗତ କ୍ରିୟାର ପରିଣାମ ପ୍ରତି ବ୍ୟକ୍ତି ସତ୍ତାର ଆସକ୍ତି ।

ସତ୍ତ୍ୱ ଆମକୁ ସୁଖ ଓ ସୀମିତ ଜ୍ଞାନ ପ୍ରତି ଆସକ୍ତ କରାଏ । ରଜଃ ଆମକୁ କର୍ମ ପ୍ରତି ଆସକ୍ତ କରାଏ । ତମଃ ବିଭ୍ରାନ୍ତି ଓ ପ୍ରମାଦ ପ୍ରତି ଆସକ୍ତ କରାଏ । ଏହି ଆସକ୍ତିହିଁ ବ୍ୟକ୍ତିକୁ ବନ୍ଧନରେ ପକାଏ । ଜୀବ ଗୁଣସମୂହ ଓ ସେମାନଙ୍କ ଫଳ ଭୋଗରେ ଆସକ୍ତ ହେଉଥିବାରୁ ତାହାର ଚେତନା ସୀମିତ ହୋଇଯାଏ । ନିମ୍ନତର ପ୍ରକୃତିରେ ଲିପ୍ତତା ଓ ନିବିଷ୍ଟତା ଯୋଗୁଁ ଚେତନା ମୁକ୍ତ ହୋଇପାରେ ନାହିଁ । ଶରୀର, ମନ ଓ ପ୍ରାଣର ପଶ୍ଚାତରେ ଆତ୍ମା-ରୂପକ ଯେଉଁ ବୃହତ୍ତର ଚେତନା ରହିଛି ତାକୁ ଭୁଲିଯିବା ଏବଂ ମୁକ୍ତିପ୍ରଦ ପୁରୁଷ (Liberating Purusha) ବିଷୟରେ ଅଜ୍ଞ ହୋଇ ରହିବା, ଏହା ହେଉଛି ମୁକ୍ତି ପଥରେ ପ୍ରଧାନ ଅନ୍ତରାୟ । ଶ୍ରୀଅରବିନ୍ଦ କହନ୍ତି :

"Evidently, in order to be liberated and perfect, we must get back from these things, away from the gunas and above them and return to the power of that free spiritual consciousness above Nature."

(Essays on the Gita, P. 431)

ଅର୍ଥାତ୍, ''ଏହା ସ୍ପଷ୍ଟ ଯେ ମୁକ୍ତି ଓ ପୂର୍ଣ୍ଣତା ଲାଭ କରିବାକୁ ହେଲେ ଆମକୁ ଏହିସବୁ ଜିନିଷରୁ ପଛକୁ ହଟି ଆସିବାକୁ ହେବ, ଗୁଣସବୁରୁ ଅଲଗା ହୋଇଯାଇ ସେମାନଙ୍କର ଊର୍ଦ୍ଧ୍ୱକୁ ଉଠିବାକୁ ହେବ ଏବଂ ପ୍ରକୃତିର ଊର୍ଦ୍ଧ୍ୱରେ ଅଧିଷ୍ଠିତ ସେହି ମୁକ୍ତ ଅଧ୍ୟାତ୍ମ ଚେତନାର ଶକ୍ତି ଭିତରକୁ ଫେରି ଯିବାକୁ ହେବ ।''

(ଗୀତା-ନିବନ୍ଧମାଳା, ପୃ. ୫୩୧)

ଗୁଣସମୂହରୁ ମୁକ୍ତି ପାଇଁ ଯେ କର୍ମ ସକଳକୁ ତ୍ୟାଗ କରିବାକୁ ହେବ, ଏପରି ନୁହେଁ । ବ୍ୟକ୍ତିଗତ ଓ ସାମୂହିକ ଜୀବନରେ କର୍ମ ନିତାନ୍ତ ପ୍ରୟୋଜନ । ତେଣୁ କର୍ମକୁ ତ୍ୟାଗ କରି ନୁହେଁ ବରଂ କର୍ମଜନିତ ଫଳର କାମନାକୁ ତ୍ୟାଗ କରିହିଁ ଆମେ ବନ୍ଧନରୁ ମୁକ୍ତ ହୋଇ ପାରିବା । ତାମସିକ କର୍ମର ପରିଣାମ ହେଉଛି ଅଜ୍ଞାନତା ଏବଂ ରାଜସିକ କର୍ମର ପରିଣାମ ହେଉଛି ଦୁଃଖ, ନିରାଶା ଓ ଅସନ୍ତୋଷ । ତେଣୁ ଏହି ଧରଣର କର୍ମର ଫଳ ପ୍ରତି ଆସକ୍ତି ରଖିବାରେ କିଛି ଲାଭ ନାହିଁ । ଅନ୍ୟ ପକ୍ଷରେ ସାତ୍ତ୍ୱିକ କର୍ମର ପରିଣାମ ହେଉଛି ଜ୍ଞାନ ଓ ସୁଖ । ମାତ୍ର ଏହି ଜ୍ଞାନ ଓ ସୁଖ ଅପୂର୍ଣ୍ଣ ଓ ଦୋଷଯୁକ୍ତ । କାରଣ ମନର ସୀମାବଦ୍ଧକାରୀ ପ୍ରଭାବ ଏବଂ ରଜଃ ଓ ତମଃର କ୍ରିୟା ଫଳରେ ସାତ୍ତ୍ୱିକ କର୍ମ ବିଶୁଦ୍ଧ ଓ ସ୍ଥାୟୀ ସୁଖ ଦେଇପାରେ ନାହିଁ । ତେଣୁ ସାତ୍ତ୍ୱିକ କର୍ମ ପ୍ରତି ଆସକ୍ତି ରଖିବା ମଧ୍ୟ ବନ୍ଧନର କାରଣ ହୋଇପାରେ । ଫଳ ପ୍ରତି ଆସକ୍ତିରୁ ମୁକ୍ତ ହୋଇ ମଧ୍ୟ ଜଣେ କର୍ମ ପ୍ରତି ଆସକ୍ତ ହୋଇପାରେ । କର୍ମଟି ପାଇଁ କର୍ମ (work for its own sake)ରେ ଆସକ୍ତି ରହିପାରେ ଯାହା ରାଜସିକ ବନ୍ଧନର ସ୍ୱରୂପ । ପ୍ରକୃତିର ପ୍ରେରଣା ଦ୍ୱାରା ବଶୀଭୂତ ହୋଇ ଯେଉଁ କର୍ମ କରାଯାଏ ତାହା ତାମସିକ କର୍ମର ସ୍ୱରୂପ । ଅନ୍ୟ ପକ୍ଷରେ କର୍ମଟିର ନ୍ୟାୟ ବା ଔଚିତ୍ୟର ଆକର୍ଷଣ ଯୋଗୁଁ ଯଦି କର୍ମ କରାଯାଏ ତାହା ସାତ୍ତ୍ୱିକ ବନ୍ଧନର କାରଣ ହୋଇପାରେ । ସାତ୍ତ୍ୱିକ କର୍ମ କରୁଥିବା ଜ୍ଞାନୀ ଓ ସାଧୁବ୍ୟକ୍ତିମାନେ ମଧ୍ୟ ଅହଂ ଓ ଆସକ୍ତିର କବଳରେ ପଡ଼ିଥା'ନ୍ତି । ସୁତରାଂ ଗୀତା ଅନୁସାରେ ସର୍ବୋତ୍ତମ ପନ୍ଥା ହେଉଛି କର୍ମଟିକୁ କର୍ମର ଅଧୀଶ୍ୱର ଭଗବାନଙ୍କୁ ସମର୍ପଣ କରିବା ଏବଂ କେବଳ ତାଙ୍କର ଏକ ବାସନାହୀନ ସମତାପୂର୍ଣ୍ଣ ଯନ୍ତ୍ର ହୋଇ ଉଠିବା ।

ନିମ୍ନତର ପ୍ରକୃତିରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେଲେ ଆମକୁ ପ୍ରଥମେ ଜାଣିବାକୁ ହେବ ଯେ ପ୍ରକୃତିର ଗୁଣହିଁ ଆମ କାର୍ଯ୍ୟର ଏକମାତ୍ର କର୍ତ୍ତା ଓ କାରଣ । ତା'ପରେ ଗୁଣସମୂହର ଊର୍ଦ୍ଧ୍ୱରେ ଯେଉଁ ପରମ ସତ୍ତା ରହିଛନ୍ତି ତାଙ୍କୁ ଜାଣିବାକୁ ହେବ ଏବଂ ତାଙ୍କ ଅଭିମୁଖରେ ସମଗ୍ର ଜୀବନଟିକୁ ଉତ୍ସର୍ଗ କରି ଦେବାକୁ ହେବ । ଏହା ଦ୍ୱାରା ଆମେ ଭଗବାନଙ୍କ ଗତି ଓ ସ୍ଥିତି (ମଦ୍‌ଭାବ) ସହିତ ଏକତ୍ୱ ପ୍ରାପ୍ତ କରି ପାରିବା ତଥା ମୁକ୍ତି ଓ ଅମରତ୍ୱକୁ ମଧ୍ୟ ଲାଭ କରି ପାରିବା । ଗୀତାରେ ଭଗବାନ୍ କହୁଛନ୍ତି –

''ନାନ୍ୟଂ ଗୁଣେଭ୍ୟଃ କର୍ତ୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।
ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍‌ଭାବଂ ସୋଽଧିଗଚ୍ଛତି ॥''
(୧୪/୧୯)

ଅର୍ଥାତ୍, ''ଯେତେବେଳେ ଜଣେ ଦ୍ରଷ୍ଟା ପ୍ରକୃତିର ଗୁଣତ୍ରୟ ବ୍ୟତୀତ ଅନ୍ୟ କୌଣସି କର୍ତ୍ତା ନାହିଁ ବୋଲି ଦେଖିପାରେ ଏବଂ ତିନି ଗୁଣର ଅତୀତ ହୋଇ ରହିଥିବା ପରମ ତତ୍ତ୍ୱକୁ ଜାଣିପାରେ ସେତେବେଳେ ସେ ମୋର ଦିବ୍ୟ ସତ୍-ସ୍ୱରୂପକୁ ପ୍ରାପ୍ତ ହୁଏ ।''

ଅର୍ଜୁନଙ୍କ ଜିଜ୍ଞାସାକ୍ରମେ ଶ୍ରୀକୃଷ୍ଣ କହିଲେ ଯେ ତ୍ରିଗୁଣାତୀତ ସ୍ଥିତିରେ ପହଞ୍ଚିଥିବା ବ୍ୟକ୍ତିର ଲକ୍ଷଣ ହେଉଛି ସମତା । ଏପରି ବ୍ୟକ୍ତି ଦୁଃଖ ଓ ସୁଖକୁ ସମାନ ବୋଲି ମନେ କରନ୍ତି । ତାଙ୍କ ଦୃଷ୍ଟିରେ ସୁବର୍ଣ୍ଣ, ମୃତ୍ତିକା ଓ ପ୍ରସ୍ତରର ମୂଲ୍ୟ ସମାନ । ସେ ପ୍ରିୟ ଓ ଅପ୍ରିୟ, ପ୍ରଶଂସା ଓ ନିନ୍ଦା, ମାନ ଓ ଅପମାନ, ମିତ୍ର ଓ ଶତ୍ରୁ – ଏ ସମସ୍ତଙ୍କୁ ସମାନ ବୋଲି ବିବେଚନା କରନ୍ତି । ତାଙ୍କର ରହିଥାଏ ପରିପୂର୍ଣ୍ଣ ଜ୍ଞାନ, ଅବିଚଳ ଆନ୍ତର ଶାନ୍ତି ଓ ଅପ୍ରତିହତ ସ୍ଥିରତା । ସେ ''ସର୍ବାରମ୍ଭପରିତ୍ୟାଗୀ'' ହୋଇଥା'ନ୍ତି, ଅର୍ଥାତ୍ କୌଣସି କର୍ମର ଆରମ୍ଭ ସେ କରି ନଥା'ନ୍ତି, ସମସ୍ତ କର୍ମକୁ ପ୍ରକୃତିର ଗୁଣସମୂହ ଦ୍ୱାରା ସମ୍ପନ୍ନ ହେବାକୁ ଛାଡ଼ି ଦେଇଥା'ନ୍ତି । ଗୁଣତ୍ରୟ ପ୍ରଭାବରେ କେତେବେଳେ କେଉଁ ଭାବଟା ଆସିଲା ବା ଗଲା ସେଥିରେ ସେ ଉଲ୍ଲସିତ ହୁଅନ୍ତି ନାହିଁ କି ବିରକ୍ତ ହୁଅନ୍ତି ନାହିଁ । ଆକାଶରେ ଖୁବ୍ ଉଚ୍ଚକୁ ଉଠିଥିବା ବ୍ୟକ୍ତି ପାଇଁ ଯେପରି ମେଘସବୁର ଊର୍ଦ୍ଧ୍ୱରେ ସୂର୍ଯ୍ୟ ସର୍ବଦା ପ୍ରକାଶିତ ହୋଇ ରହିଥା'ନ୍ତି, ଠିକ୍ ସେହିପରି ସେ ଉଚ୍ଚତର ଚେତନାରେ ଅଧିଷ୍ଠିତ ଥାଇ ଦେଖନ୍ତି ଯେ ଗୁଣସମୂହହିଁ କର୍ମରେ ବ୍ୟାପୃତ ରହିଛନ୍ତି, ସେଗୁଡ଼ିକର କ୍ରିୟା ପ୍ରତିକ୍ରିୟା ଦ୍ୱାରା ତାଙ୍କର ଆତ୍ମା ଆଦୌ ବିଚଳିତ ହେଉ ନାହିଁ । ତାଙ୍କର ଅଧ୍ୟାତ୍ମ ସତ୍ତା ବସ୍ତୁ ଜଗତର କୌଣସି ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହା ହେଉଛି ବ୍ରାହ୍ମୀସ୍ଥିତିର ନୈର୍ବ୍ୟକ୍ତିକତା, ଊର୍ଦ୍ଧ୍ୱସ୍ଥିତ କୂଟସ୍ଥ ଚେତନା ଓ ଅକ୍ଷର ବ୍ରହ୍ମର ଉପଲବ୍ଧି ।

କ୍ଷର ଓ ଅକ୍ଷରରେ ସତ୍ତାକୁ ବିଭକ୍ତ କରିବାର ଏହି ଦ୍ୱୈତସ୍ଥିତି ଅପେକ୍ଷା ଏକ ମହତ୍ତର ସ୍ଥିତି ମଧ୍ୟ ରହିଛି । ପୁରୁଷୋତ୍ତମଙ୍କ ସତ୍ତା ଓ ଶକ୍ତିରେ ବାସ କରିବା ଦ୍ୱାରା ସେହି ସ୍ଥିତିକୁ ଲାଭ କରାଯାଇପାରେ । ଭଗବାନ୍ ଶ୍ରୀକୃଷ୍ଣ କହୁଛନ୍ତି –

''ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।
ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ॥''
(୧୪/୨୬)

ଅର୍ଥାତ୍, ‘‘ଯେଉଁ ବ୍ୟକ୍ତି ଅବିଚଳ ପ୍ରେମ ଓ ଭକ୍ତି ସହିତ ମୋତେ ଭଲ ପାଏ ଓ ମୋତେ ପାଇବା ପାଇଁ ପ୍ରଯତ୍ନ କରେ, ସେ ମଧ୍ୟ ଏହି ଗୁଣତ୍ରୟକୁ ଅତିକ୍ରମ କରେ ଏବଂ ସେ ମଧ୍ୟ ବ୍ରହ୍ମ ହୋଇ ଉଠିବାର ଯୋଗ୍ୟ ହୁଏ ।’’

ଭଗବାନଙ୍କ ଅଭିମୁଖରେ ଆମ ସାଧନାର ଅଭିଯାତ୍ରା ଭକ୍ତିରୁ ଆରମ୍ଭ ହେବ । ନିଷ୍ଠାପୂର୍ବକ ନିରନ୍ତର ଭକ୍ତି ଭାବରେ ମଜ୍ଜି ରହିଲେ ତାହା ଆରାଧନା (adoration) ରେ ପରିଣତ ହେବ । ପରିଶେଷରେ ଭକ୍ତି ଓ ଆରାଧନା ଭଗବତ୍ ପ୍ରେମରେ ପରିପୂର୍ଣ୍ଣତା ଲାଭ କରିବ । ଭକ୍ତିର ସର୍ବୋଚ୍ଚ ଶିଖର ହେଉଛି ନିରତିଶୟ ପ୍ରେମର ମିଳନ ଓ ପୂର୍ଣ୍ଣ ଐକ୍ୟୋପଲବ୍ଧିର ଅନିର୍ବଚନୀୟ ଅନୁଭୂତି । ଏହି ଅନୁଭୂତି ଆଣିଦିଏ ଶ୍ରେଷ୍ଠତମ ଦିବ୍ୟ ଆନନ୍ଦ (ନିରତିଶୟପ୍ରେମାସ୍ୱଦତ୍ୱମ୍ ଆନନ୍ଦତତ୍ତ୍ୱମ୍), ଯାହାକି ଆଧ୍ୟାତ୍ମିକ ସାଧନାର ପରମ ଲକ୍ଷ୍ୟ ।

(କ୍ରମଶଃ) ❑

# ବିଜ୍ଞାନ

## ସନ୍ତୋଷ ରଥ

ହଜିଲା ମଣିଷ ଖୋଜୁନି ନିଜକୁ
ଖୋଜୁଛି ମିଳିବା ଚିଜ
ଖୋଜି ପାଇଗଲେ ଅୟସ ଗେଙ୍ଗୁଟି
ବିଜ୍ଞାନକୁ ମଣେ ପୂଜ୍ୟ ।

ନିଷ୍ପ୍ରାଣ ବିଜ୍ଞାନ ମାନସ ସର୍ଜନ
ବୁଝେନା ଜୀବନ ତତ୍ତ୍ୱ
ବୃଥା ପରୀକ୍ଷଣ ବ୍ୟର୍ଥ ନିରୀକ୍ଷଣ
ଜଡ଼ ମଧ୍ୟେ ସର୍ବଭୂତ ।

ସୁଠାମ ସୁନ୍ଦର ଚତୁର ବେଭାର
ବୟସେ ପଳାଶ ଛିଟା
ବାହ୍ୟ ଅନୁରାଗ କ୍ଷଣିକ ସରାଗ
ଆତ୍ମା ହୁଏ ହଟହଟା ।

ଆକାଶର ବ୍ୟାପ୍ତି ସାଗର ପ୍ରଶସ୍ତି
ନାହିଁ ତହିଁ ପରାଭବ
ପରଖି ନ ଜାଣି କଷଟି ପଥରେ
ଆକଳନ ଅସମ୍ଭବ ।

ଦେଖୁଅଛି ନେତ୍ର ଜଗତ ବିଚିତ୍ର
ଅଦୃଶ୍ୟେ ରହିଛି ବୀଜ
ହେଜ ଅସୁମାରି ଗୁପ୍ତେ ଲୁପ୍ତ ଶିରୀ
ଜାଣିବା ନୁହେଁ ସହଜ ।

ସେ ଯେ ଅପ୍ରମେୟ ଅଜ୍ଞାତ ଅଜ୍ଞେୟ
ବିଶ୍ୱାତୀତ ବିଶ୍ୱଗତ
ଫିଟିଲେ କବାଟ ହୋଇ ଯିବ ଭେଟ
ଅନ୍ତରସ୍ଥ ସତ୍ୟାସତ୍ୟ । ❑

[ଶ୍ରୀଅରବିନ୍ଦଙ୍କ ରଚିତ Discoveries of Science (part - 3) ଅବଲମ୍ବନରେ ରଚିତ ।]

ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟଙ୍କର ଲକ୍ଷ୍ୟ ଏକ – ସେହି ଲକ୍ଷ୍ୟ ହେଉଛି ସର୍ବୋଚ୍ଚ ଦିବ୍ୟସତ୍ତାଙ୍କର ଉପଲବ୍ଧି । ଦୁଇଟି ମଧ୍ୟରେ ଏହି ଗୋଟିଏ ମାତ୍ର ପାର୍ଥକ୍ୟ ରହିଛି ଯେ ଦ୍ୱିତୀୟଟି ସେହି ଲକ୍ଷ୍ୟଟି ସମ୍ବନ୍ଧରେ ଅବଗତ ରହିଥାଏ ଓ ପ୍ରଥମଟି ସେ ବିଷୟରେ ଅବଗତ ନ ଥାଏ ।
(ଡିସେମ୍ବର, ୧୯୬୨)

- ଶ୍ରୀମା

ପୃଥ୍ୱୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୩)

**'ଗୋଲକୁଣ୍ଡ'ର ଆଭ୍ୟନ୍ତରୀଣ ରୂପରେଖ :**

୧୯୩୫ ମସିହାର ପ୍ରାରମ୍ଭରେ ଜାପାନରୁ ରେମଣ୍ଡଙ୍କ ଦ୍ୱାରା ନିର୍ବାଚିତ ତଥା ପ୍ରେରିତ ହୋଇ ନାକାଶିମା ପଣ୍ଡିଚେରୀରେ ଆସି ପହଞ୍ଚି ଥିଲେ । ଦୁଇ ତିନି ମାସ ରହଣି ଭିତରେ ସେ 'ଗୋଲକୁଣ୍ଡ'ର ନିର୍ମାଣ-ଭୂମି(ସାଇଟ୍)ର ପରିମାପ ତଥା ପଣ୍ଡିଚେରୀର ଭୌଗୋଳିକ ଅବସ୍ଥିତି, ସମୁଦ୍ର ଉପକୂଳସ୍ଥ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳର ଋତୁଚକ୍ର ଇତ୍ୟାଦି ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଆହରଣ କଲେ । ତା'ପରେ ନିର୍ମିତ ହେବାକୁ ଯାଉଥିବା ଅଟ୍ଟାଳିକାଟିର ମୌଳିକ ତଥା ପ୍ରାରମ୍ଭିକ ନକ୍ସା ପ୍ରସ୍ତୁତ କରି ଶ୍ରୀମାଶ୍ରୀଅରବିନ୍ଦଙ୍କ ସ୍ୱୀକୃତି ସହ ୧୯୩୫ ମସିହାର ଅକ୍ଟୋବରରେ ଜାପାନକୁ ଫେରି ଯାଇଥିଲେ । ସେଠାରେ ରେମଣ୍ଡଙ୍କ ଅଫିସରେ ଅଟ୍ଟାଳିକାଟିର ଚୂଡ଼ାନ୍ତ ଓ ବୃହତ୍ ଆକାର ବିଶିଷ୍ଟ ନକ୍ସା ସହ ନାକାଶିମା ୧୯୩୬ର ପ୍ରାରମ୍ଭରେ ଆଶ୍ରମରେ ରହି କର୍ମ କରିବା ସକାଶେ ପୂରା ପ୍ରସ୍ତୁତ ହୋଇ ପଣ୍ଡିଚେରୀକୁ ଫେରି ଆସିଥିଲେ । ଶ୍ରୀମାଶ୍ରୀଅରବିନ୍ଦ ଚୂଡ଼ାନ୍ତ ନକ୍ସାକୁ ଦେଖି ଖୁବ୍ ଖୁସି ହୋଇ କର୍ମ ଆରମ୍ଭ କରିବା ସକାଶେ ଅନୁମତି ଏବଂ ଆଶୀର୍ବାଦ ଦେଇଥିଲେ ।

ବର୍ତ୍ତମାନ ପାଠକମାନଙ୍କୁ ସଂକ୍ଷେପରେ ଏହି ଅଟ୍ଟାଳିକାଟିର ଚୂଡ଼ାନ୍ତ ଆଭ୍ୟନ୍ତରୀଣ ରୂପରେଖ ସମ୍ବନ୍ଧେ ଜଣାଇବାକୁ ସାଧ୍ୟମତେ ଚେଷ୍ଟା କରୁଛୁ । ଆଶାକରେ ନିରସ ଲାଗିବ ନାହିଁ ।

ପ୍ରଥମତଃ 'ଗୋଲକୁଣ୍ଡ' ଅଟ୍ଟାଳିକାଟି ପଣ୍ଡିଚେରୀରେ ଏକମାତ୍ର ଅଟ୍ଟାଳିକା ଯାହାକି ଭୌଗୋଳିକ ଦୃଷ୍ଟିରୁ ପୂର୍ଣ୍ଣତଃ ଉତ୍ତର ଦିଗକୁ ମୁହାଁଇଛି ଏବଂ ପୂର୍ବ-ପଶ୍ଚିମକୁ ସମାନ୍ତରାଳ ଭାବରେ ଲମ୍ବାଳିଆ ହୋଇ ରହିଛି । ଏହା ଦ୍ୱାରା ଏହାର ପ୍ରତିଟି କକ୍ଷରେ ଉତ୍ତର-ଦକ୍ଷିଣ ପଟରୁ ଅବାଧରେ ବାୟୁ ଚଳାଚଳ ହୋଇ ପାରିବ ଏବଂ ପୂର୍ବ-ପଶ୍ଚିମ ପଟର ରୌଦ୍ରତାପରୁ ସମ୍ପୂର୍ଣ୍ଣ ମୁକ୍ତ ରହି ପାରିବ ।

ଆମେ ପ୍ରଥମେ ଏହି ଅଟ୍ଟାଳିକାକୁ ତିନୋଟି 'ବ୍ଲକ୍'ରେ ବିଭକ୍ତ କରୁଛୁ; ଯଦିଓ ଏହି ତିନୋଟି ଅତି ନିପୁଣ ଭାବରେ ପରସ୍ପର ସହିତ ସଂଯୋଜିତ ହୋଇ ରହିଛି । ମଧ୍ୟ ଭାଗଟି 'ଫ୍ରଣ୍ଟ୍ ବ୍ଲକ୍' ଅର୍ଥାତ୍ 'ବ୍ଲକ୍-ଏଫ୍' (BF); ପୂର୍ବ ଭାଗଟି 'ବ୍ଲକ୍-ଇ' (BE) ଏବଂ ପଶ୍ଚିମଟି 'ବ୍ଲକ୍-ଡବ୍ଲିଉ' (BW) ।

ଉତ୍ତର ଦିଗକୁ ଅଟ୍ଟାଳିକାର ମୁଖ୍ୟ ପ୍ରବେଶ ପଥଟି ରହିଛି । ମୁଖ୍ୟ ଦରଜାରେ ପ୍ରବେଶ କରିବା ମାତ୍ରେ ଏକେବାରେ ସାମନାରେ ସୁ-ଉଚ୍ଚ କଂକ୍ରିଟ୍ କାନ୍ଥ ଏବଂ ଉପରେ କଂକ୍ରିଟ୍ ଛାତ । ସାମନା କାନ୍ଥର ପଶ୍ଚିମକୁ ରହିଛି କିଞ୍ଚିତ୍ ଉଚ୍ଚ ବାରଣ୍ଡାରେ ଅନ୍ତେବାସୀଙ୍କର ଜୋତା ଓ ଛତା ରଖିବା ସକାଶେ ଲମ୍ବା ଆଧାର ବିଶିଷ୍ଟ ଖୋପ ଥାଇ ଖୋଲା ଥାକ । ଠିକ୍ ଏହା ସାଙ୍ଗକୁ ଉପର ମହଲାକୁ ଉଠିବା ସକାଶେ ପାର୍ଶ୍ୱରେ କୌଣସି ସାହାଯ୍ୟକାରୀ ରେଲିଂ ନଥାଇ ଖୋଲା ଶିଡ଼ି ପାହାଚ ।* ସାମନାରେ ଥିବା କାନ୍ଥକୁ ଲାଗି ବାମ ପାର୍ଶ୍ୱରେ ରହିଛି ଏକ ଅଣଓସାରିଆ ତୀଖ

* ଏହା ସେହି ସମୟର କଥା ଯେତେବେଳେ ଶ୍ରୀମା ପ୍ରତିଦିନ ତାଙ୍କ ଟେନିସ୍ ଖେଳ ପରେ ସିଧା ଗୋଲକୁଣ୍ଡକୁ ଆସି ପ୍ରଥମ ମହଲାରେ ଥିବା ଅଫିସ ଘରେ ଆଶ୍ରମକୁ ଆସିଥିବା ଆଗନ୍ତୁକ ଦର୍ଶନାର୍ଥୀଙ୍କ ସହିତ ସାକ୍ଷାତ୍ କରୁଥିଲେ । ଏହି ସାକ୍ଷାତ୍‌କାର ପରେ ଶ୍ରୀମା ଯେତେବେଳେ ଶିଡ଼ି ପାହାଚରେ ତଳ ବାରଣ୍ଡାକୁ ଓହ୍ଲାଉ ଥିଲେ ସେତେବେଳେ ସେ ଠିକ୍ ମଝି ପାହାଚରେ ଛିଡ଼ା ହୋଇ ଯାଉଥିଲେ ଏବଂ କିଛି ସମୟ ପରେ ବାରଣ୍ଡାକୁ ଓହ୍ଲାଉ ଥିଲେ । ଦିନେ ମୋନା ମା'ଙ୍କୁ ପଚାରିଲେ, 'ମା, ତୁମେ କ'ଣ କ୍ଳାନ୍ତ ଅନୁଭବ କରି ଛିଡ଼ା ହୋଇଯାଅ ?' ମା କହିଲେ, 'ନା, କିନ୍ତୁ ମୁଁ ଯେତେବେଳେ ସେଇ ନିର୍ଦ୍ଦିଷ୍ଟ ପାହାଚରେ ପହଞ୍ଚେ, ମୁଁ ପ୍ରାୟ ଲକ୍ଷ୍ୟ କରେ ଏହିସବୁ ଉନ୍ମୁକ୍ତ ପାହାଚରେ ଏକ ଭୟର ଉପସ୍ଥିତି ଏବଂ ପ୍ରତ୍ୟେକ ଥର ମୁଁ ଏହାକୁ ଦୂରକୁ ଫିଙ୍ଗି ଦିଏ ।' ସେଇଠୁ ଅନ୍ୟମାନେ ବୁଝି ପାରିଲେ ଯେ ଯେହେତୁ ପାଦଦେଶର ଶିଡ଼ି ପାହାଚରେ ରେଲିଂ ନାହିଁ, ତେଣୁ ଗୋଲକୁଣ୍ଡରେ ବାସ କରୁଥିବା ବୟସ୍କ ବ୍ୟକ୍ତିମାନଙ୍କ ଭିତରେ ସେହି ଭୟର ଉଦ୍ରେକ ହେଉଥିଲା । (ସଂଗୃହୀତ)

ଶିଡ଼ି-ପାହାଚ । ଉପରକୁ ଉଠିବା ସକାଶେ ଏଥିରେ ରହିଛି ସହାୟକ ଷ୍ଟିଲ୍ ରେଲିଂ – ଏଇଟା ପରିଚାରକମାନଙ୍କର ବ୍ୟବହାର ସକାଶେ । ଏହାର ପୂର୍ବ ଏବଂ ପଶ୍ଚିମ ପଟରେ ରହିଛି ସୁଦୃଶ୍ୟ ବଗିଚା ।

ବର୍ତ୍ତମାନ 'ବ୍ଲକ୍-ଏଫ୍'(BF)ଟିର ଆଭ୍ୟନ୍ତରୀଣ ରୂପରେଖ ଏହିପରି – ଏହାର ବେସ୍‌ମେଣ୍ଟରେ ରହିଛି ବଏଲର୍ ରୁମ୍ । ସମଗ୍ର ଅଟ୍ଟାଳିକାଟିର ପ୍ରଥମ ମହଲାରେ କେବଳ ମହିଳା ଅନ୍ତେବାସୀ ରହନ୍ତି । ସେମାନଙ୍କ ସକାଶେ ତିନୋଟି ସ୍ନାନାଗାର ଓ ଦୁଇଟି ଶୌଚାଳୟ ରହିଛି । ଏହାର ଦ୍ୱିତୀୟ ମହଲାରେ କେବଳ ପୁରୁଷ ଅନ୍ତେବାସୀ ରହନ୍ତି । ସେମାନଙ୍କ ସକାଶେ ମଧ୍ୟ ତିନୋଟି ସ୍ନାନାଗାର ଏବଂ ଦୁଇଟି ଶୌଚାଳୟ ରହିଛି । ତୃତୀୟ ମହଲାରେ ବାସ କରୁଥିବା ପୁରୁଷ ଅନ୍ତେବାସୀମାନଙ୍କ ସକାଶେ କେବଳ ତିନୋଟି ସ୍ନାନାଗାର ଏବଂ ସମସ୍ତ ଅନ୍ତେବାସୀଙ୍କ ପାଇଁ ଲଣ୍ଡ୍ରି ରୁମ୍ (ଲୁଗା ପରିଷ୍କାର କରିବାର ସ୍ଥାନ) । ଏହି ମହଲାରେ ଶୌଚାଳୟ ନ ଥିବାରୁ ସେମାନେ ଦ୍ୱିତୀୟ ମହଲାର ଶୌଚାଳୟ ବ୍ୟବହାର କରନ୍ତି । ଏହାର ଚତୁର୍ଥ ମହଲାରେ ରହିଛି ପାଣି ଟାଙ୍କି ଏବଂ ତତ୍‌ସଂଲଗ୍ନ ସ୍ଥାନରେ ଲୁଗାପଟା ଶୁଖାଇବାର ସୁନ୍ଦର ବନ୍ଦୋବସ୍ତ । ଚତୁର୍ଥ ମହଲା ଉପରେ ଉନ୍ମୁକ୍ତ ମସୃଣ ଛାତରେ ରହିଛି ବର୍ଷତମାମ ଶ୍ରୀମା'ଙ୍କ ପତାକା ଉତ୍ତୋଳିତ ହୋଇ ରହିବାର ସୁବନ୍ଦୋବସ୍ତ ।

୧୯୫୪ ମସିହାରୁ ଶ୍ରୀମା'ଙ୍କ ନିର୍ଦ୍ଦେଶରେ ଏହି ପତାକା ଉତ୍ତୋଳନର ପ୍ରଥା ଚାଲି ଆସୁଛି । କଥିତ ଅଛି, ଥରେ ଜଳ ପଥରେ ଜାହାଜରେ ଆଶ୍ରମର କୌଣସି ଏକ 'ଦର୍ଶନ'କୁ ଦର୍ଶନାର୍ଥୀମାନେ ଆସୁଥିଲେ । ସେମାନେ ପଣ୍ଡିଚେରୀର 'ଲାଇଟ୍ ହାଉସ୍'ରୁ କୌଣସି ସୂଚନା ନ ପାଇବାରୁ କୂଳକୁ ଆସିବାରେ ସେମାନଙ୍କର ବେଶ୍ ବିଳମ୍ବ ହେଲା; ଫଳରେ ଦର୍ଶନାର୍ଥୀମାନେ 'ଦର୍ଶନ' କରିବାରୁ ବଞ୍ଚିତ ହେଲେ । ସେ ସମୟରେ ପଣ୍ଡିଚେରୀର 'ଲାଇଟ୍ ହାଉସ୍' ଅଧିକାଂଶ ସମୟରେ କାମ କରୁ ନଥିଲା । ତେଣୁ ନେଭିଗେଟର୍‌ସ୍‌ମାନଙ୍କୁ ପଣ୍ଡିଚେରୀର ଅବସ୍ଥିତି ସମ୍ବନ୍ଧେ ସୂଚନା ଦେବା ସକାଶେ ଶ୍ରୀମା ଗୋଲକୁଣ୍ଡ ଉପରେ ଏହି ମାତୃ-ପତାକା ଉତ୍ତୋଳନର ସିଦ୍ଧାନ୍ତ ନେଇଥିଲେ ।

ବର୍ତ୍ତମାନ ଆମେ ପୂର୍ବପଟର ଅଟ୍ଟାଳିକା 'ବ୍ଲକ୍-ଇ'(BE)ର ଆଭ୍ୟନ୍ତରୀଣ ରୂପରେଖ ସମ୍ବନ୍ଧେ କହିବୁ – ପ୍ରଥମରୁ କହି ରଖୁଛୁ ଯେ BE ଏବଂ BW ଆଗପଛ ହୋଇ ସମାନ୍ତରାଳ ଭାବରେ ପୂର୍ବରୁ ପଶ୍ଚିମକୁ ରହିଛି; ଅପୂର୍ବ ଏହାର ନକ୍ସା । – କେବଳ BEର ଶେଷ କକ୍ଷଟିରୁ ସମାନ୍ତରାଳ ଭାବରେ BWର କକ୍ଷସବୁର ଆରମ୍ଭ ହୋଇଛି । ଅର୍ଥାତ୍ ପ୍ରତିଟି ମହଲାର ଅଳିନ୍ଦ (୨.୫ମିଟର)ରେ ଅନାୟାସରେ BEରୁ BWକୁ ଯାତାୟାତ କରି ହେବ । ଅପୂର୍ବ ଏହି ଅଳିନ୍ଦର ଗଠନଶୈଳୀ ! BEର ପ୍ରତିଟି ମହଲାରେ ନଅଟି କକ୍ଷ ଥିବା ବେଳେ BWର ପ୍ରତିଟି ମହଲାରେ ରହିଛି ଆଠଟି କକ୍ଷ । ତେଣୁ ଗୋଲକୁଣ୍ଡରେ ସମୁଦାୟ ୫୧ଟି କକ୍ଷ ରହିଛି । ପ୍ରତ୍ୟେକଟି କକ୍ଷର ପରିମାପ : ଲମ୍ବ ୫. ୫ ମିଟର, ପ୍ରସ୍ଥ ୪ ମିଟର ଏବଂ ଉଚ୍ଚତା ୪. ୫ ମିଟର ।

BEର ବେସ୍‌ମେଣ୍ଟରେ ରହିଛି – ଏକ ନମ୍ବର ରୁମରେ ସଂଗୃହୀତ ରହିଥାଏ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଦ୍ରବ୍ୟ (ସାଣ୍ଟ୍ରି); ଦ୍ୱିତୀୟଟି ଖ୍ରୀଷ୍ଟମାସ ଲଟେରୀ ରୁମ୍; ତୃତୀୟଟି ଗାର୍ଡେନ୍ ରୁମ୍; ଚତୁର୍ଥଟି କର୍ମଚାରୀ(ପରିଚାରକ ଓ ପରିଚାରିକା)ଙ୍କ ରୁମ୍; ପଞ୍ଚମଟି ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ ସୁରେଇକୁ ପରିଷ୍କାର କରିବାର ରୁମ୍; ଷଷ୍ଠଟି ଖ୍ରୀଷ୍ଟ୍‌ମାସ ଷ୍ଟୋର୍ ରୁମ୍; ସପ୍ତମଟି ଅତିଥିମାନଙ୍କର ଲଗେଜ୍ ରୁମ୍; ଅଷ୍ଟମଟି ଷ୍ଟୋର୍ ରୁମ୍ ଏବଂ ନବମଟି ଲୁଗା ଇସ୍ତ୍ରୀ କରିବା ଓ ନୂତନ ସୁରେଇ ସଂରକ୍ଷଣର ରୁମ୍ ।

ସେମିତି BWର ବେସ୍‌ମେଣ୍ଟରେ ରହିଛି – ଏକ ନମ୍ବର ରୁମରେ ରନ୍ଧନଶାଳା; ଦ୍ୱିତୀୟଟି ଅଫିସର ଷ୍ଟୋର୍ ରୁମ୍; ତୃତୀୟଟି ପରିଷ୍କାର ହୋଇଥିବା ଲୁଗାପଟାକୁ ମେସିନ୍ ଦ୍ୱାରା ପାଣି ନିଷ୍କାସନ କରିବାର ରୁମ୍; ଚତୁର୍ଥଟି ଲଣ୍ଡ୍ରୀ (ପରିଷ୍କାର ହେବା ପାଇଁ ସଂଗୃହୀତ ଲୁଗାପଟା) ରୁମ୍; ପଞ୍ଚମଟି ଦକ୍ଷିଣ ଓ ଉତ୍ତର ପଟ ବଗିଚାକୁ ଉନ୍ମୁକ୍ତ ଥିବା ସ୍ଥାନରେ ବସି ଚା-ପାନ କରିବାର କକ୍ଷ; ଷଷ୍ଠ ଓ ସପ୍ତମଟି ଭୋଜନଶାଳା (ବୟସ୍କ ତଥା ଅସମର୍ଥ ଏବଂ ଅସୁସ୍ଥ ଅନ୍ତେବାସୀମାନଙ୍କର ଖାଦ୍ୟ ଆଶ୍ରମ ଭୋଜନାଳୟରୁ ଅଣାଯାଇ ଏଠାରେ ପରିବେଷଣ କରାଯାଏ ।) ଏବଂ ଅଷ୍ଟମଟି ହେଉଛି ପମ୍ପ ରୁମ୍ ।

ପୂର୍ବରୁ କହିଛୁ ଯେ ଗୋଲକୁଣ୍ଡର ତିନୋଟି ମହଲାରେ ମୋଟ ରହିଛି ୫୧ଟି ରୁମ୍ – କେବଳ ପ୍ରଥମ ମହଲାରେ BEର ନବମ ରୁମ୍‌ଟି ହେଉଛି ଅଫିସ୍ ରୁମ୍ ଏବଂ ତତ୍‌ସଂଲଗ୍ନ ଅଷ୍ଟମ ରୁମ୍‌ଟି ହେଉଛି ବିଛଣା ଚାଦର ଇତ୍ୟାଦି ଗଚ୍ଛିତ କରି ରଖା-ଯାଇଥିବା ରୁମ୍ ('ଲିନେନ୍ ରୁମ୍') । ଏତଦ୍ ବ୍ୟତୀତ ଅନ୍ତେବାସୀ ଏବଂ ଦର୍ଶନାର୍ଥୀମାନଙ୍କର ରହିବା ସକାଶେ ଗୋଲକୁଣ୍ଡରେ ତିନୋଟି ମହଲାରେ ରହିଛି ୪୯ଟି ରୁମ୍ ।

BFର ଚତୁର୍ଥ ମହଲାରେ ମସୃଣ ଛାତ ଥିବା ବେଳେ BE ଏବଂ BWର ତୃତୀୟ ମହଲା ଛାତରେ ରହିଛି ସିମେଣ୍ଟ୍ କଂକ୍ରିଟ୍‌ରେ ଢଳେଇ ହୋଇଥିବା ପରସ୍ପର ସଂଯୋଜିତ ବକ୍ରାକୃତି ସ୍ଲାବ୍‌ସବୁ । ଏହାର ନିର୍ମାଣଶୈଳୀ ମଧ୍ୟ ଅପୂର୍ବ !

BFର ତୃତୀୟ ମହଲାର ଛାତ ତଳେ ଥିବା ପାଣି ଟାଙ୍କିଟି ରେମଣ୍ଡ ତଥା ନାକାଶିମାଙ୍କର ମୌଳିକ ସୃଜନାତ୍ମକ ପଦ୍ଧତିରେ ଧାତୁରେ  ପ୍ରସ୍ତୁତ କରାଯାଇଥିଲା । ଜଳବାୟୁର ପ୍ରଭାବରେ ଦୀର୍ଘ ଦିନ ପରେ ଏଥିରେ କଳଙ୍କି ଲାଗିବାକୁ ଆରମ୍ଭ କଲା । ସଠିକ୍ ତାରିଖ ଜଣା ନାହିଁ; ଦିନେ ଉଦାର, ବୁଲାଦା', ଚନ୍ଦୁ ଭାଇ ମିଶି ଶ୍ରୀମା'ଙ୍କୁ ଏକଥା ଜଣାଇଲେ । ଶ୍ରୀମା ନିଜେ ଗୋଲକୁଣ୍ଡକୁ ଆସି ଲୁହା ଟାଙ୍କିର ଅବସ୍ଥା ଦେଖିବାକୁ ଚାହିଁଲେ । ମା ତିନି ମହଲା ପର୍ଯ୍ୟନ୍ତ ପ୍ରଧାନ ଶିଢ଼ି ପାହାଚରେ ଉଠିଗଲେ; କିନ୍ତୁ BFର ଚତୁର୍ଥ ମହଲାକୁ ଉଠିବା ସକାଶେ କେବଳ ଅଣଓସାରିଆ ତୀଖ ଶିଢ଼ି ପାହାଚଟି ରହିଥାଏ । ଏଥିରେ ଏକା ଉଠିବା ଆୟାସସାଧ୍ୟ ହେବାରୁ ସେ ପ୍ରଣବଙ୍କ ସହାୟତାରେ ଟାଙ୍କି ପାଖରେ ଯାଇ ପହଞ୍ଚିଲେ । ଉଦାରଙ୍କ ସମେତ ଅନ୍ୟମାନେ ଶ୍ରୀମା'ଙ୍କୁ ସେହି ଟାଙ୍କିର ଅସୁବିଧା କଥାସବୁ ବୁଝାଇ ସେହି ସ୍ଥାନରେ ସିମେଣ୍ଟର ଟାଙ୍କି ବସାଇବା ଉପଯୁକ୍ତ ହେବ ବୋଲି ପ୍ରସ୍ତାବ ଦେଲେ । ଶ୍ରୀମା ଏହି ପ୍ରସ୍ତାବର ଅନୁମୋଦନ କରିବା ପରେ ପୁରୁଣା ଟାଙ୍କି ସ୍ଥାନରେ ନୂତନ ଟାଙ୍କି ନିର୍ମାଣ କରାଯାଇଥିଲା ।

ଇତ୍ୟବସରରେ ବିଭିନ୍ନ ପରିପ୍ରେକ୍ଷୀରେ ଶ୍ରୀମା'ଙ୍କର 'ଗୋଲକୁଣ୍ଡ'କୁ ଆଗମନର କଥା ବର୍ଣ୍ଣନା କରୁଛୁ : ଏହା ୧୯୫୪-୫୫ ମସିହାର କଥା । ଥରେ ତିନିଜଣ ଜାପାନୀ (ଦୁଇ ଜଣ ପୁରୁଷ ଓ ଜଣେ ମହିଳା) ଆଶ୍ରମକୁ ଜାପାନୀ ପ୍ରଣାଳୀରେ ଧାନ ଚାଷ ଶିଖାଇବାକୁ ଆସିଥିଲେ । ଏହି ପ୍ରଣାଳୀରେ ବର୍ଷକୁ ଦୁଇ ତିନିଥର ଧାନ ଅମଳ କରାଯାଇ ପାରିବ । ଦୁଇ ଜଣ ପୁରୁଷ ('ଆର୍‌ନେଷ୍ଟ୍' ଏବଂ 'ପଲ୍')ଙ୍କ ଭିତରୁ ଶ୍ରୀମା ଜଣଙ୍କର ନୂତନ ନାମକରଣ କରିଥିଲେ 'ଭୂପ୍ରିୟ' । ଗୋଲକୁଣ୍ଡରେ ସେମାନଙ୍କର ରହଣି ସମୟରେ ଏହି ଦୁଇ ଜଣ ବେସ୍‌ମେଣ୍ଟ୍‌ରେ ଥିବା ଚା-ପାନ ସ୍ଥାନର ପଛପଟ ବଗିଚାରେ ଏକ ଅତି ସୁନ୍ଦର କ୍ଷୁଦ୍ର ଜାପାନୀ ବଗିଚାଟିଏ ନିର୍ମାଣ କରିଥିଲେ । ପରେ ପରେ 'ତୋଷି' (ମହିଳା ଜଣକ) ଏ ଦୁହିଁଙ୍କ ସହିତ ମିଶି ଛୋଟ ହ୍ରଦଟିଏ କରି ସେଥିରେ କାଠର ପୋଲ ପ୍ରସ୍ତୁତ କରିଥିଲେ – ଏବେ ବି ଉଜ୍ଜ୍ୱଳ ଓ ସବୁଜ ରଙ୍ଗର ପୋଲଟି ବଗିଚାରେ ଶୋଭା ପାଉଛି । ତା' ସାଙ୍ଗକୁ ସେମାନେ ଗୋଲକୁଣ୍ଡର ବଗିଚାରେ ଶ୍ରୀମା'ଙ୍କର 'Ascent to Truth' ଚିତ୍ରାଙ୍କନର ପ୍ରତୀକ ସ୍ୱରୂପ ଫସିଲ୍‌ରେ ଏକ ଛୋଟ ଆକାରର ପ୍ରତିକୃତି ନିର୍ମାଣ କରିଥିଲେ । ସେମାନଙ୍କ ଦ୍ୱାରା ରୋପିତ କୃଷ୍ଣଚୂଡ଼ାର ଚାରାଗଛଟି ଏବେ ପୂର୍ଣ୍ଣାବୟବରେ ଦଣ୍ଡାୟମାନ ରହି ଶୀତଳ ଛାୟା ପ୍ରଦାନ କରୁଛି । ଏହି ତିନି ଜଣଙ୍କ ସହିତ ଗୋଲକୁଣ୍ଡର ଜନୈକ ଅନ୍ତେବାସୀ ମିଶି ଏହାର ପଶ୍ଚିମ ପଟ ଅଟ୍ଟାଳିକାର ତୃତୀୟ ମହଲାରେ ଶ୍ରୀମା'ଙ୍କର ଜାପାନ-ରହଣି ସମୟରେ ବ୍ୟବହୃତ ଓ ସଂଗୃହୀତ ଜିନିଷପତ୍ରର ଏକ ଅତି ମନୋରମ ପ୍ରଦର୍ଶନୀ କରିଥିଲେ । ୧୫ ଅଗଷ୍ଟ ୧୯୫୫ରେ ଏହାର ଉଦ୍‌ଘାଟନ କରିବାକୁ ଶ୍ରୀମା ଗୋଲକୁଣ୍ଡକୁ ଆସିଥିଲେ ଏବଂ ସେମାନଙ୍କ ଦ୍ୱାରା ନିର୍ମିତ ବଗିଚା ଓ ଅନ୍ୟାନ୍ୟ ବସ୍ତୁ ସହିତ ଜାପାନୀ ହର୍ଟିକଲ୍‌ଚର୍ ଆର୍ଟର ଚାରିତ୍ରିକ ଉଦାହରଣ ସ୍ୱରୂପ କେତୋଟି ବୋନ୍‌ସାଇ (Dwarf Tree)ର ପ୍ରଦର୍ଶନ ଅବଲୋକନ କରି ବେଶ୍ ଆପ୍ୟାୟିତ ହୋଇଥିଲେ । କହିବା ବାହୁଲ୍ୟ ଯେ ଉପରୋକ୍ତ ପ୍ରଦର୍ଶନୀରେ ତିନି ଜଣଯାକ ସେମାନଙ୍କର ଜାତୀୟ ପୋଷାକ ପରିଧାନପୂର୍ବକ ପ୍ରତ୍ୟହ ଉପସ୍ଥିତ ରହୁଥିଲେ । ଏମାନେ ମଧ୍ୟ 'ସ୍ପୋର୍ଟସ୍ ଗ୍ରାଉଣ୍ଡ'ରେ ଥିବା ଶ୍ରୀମା'ଙ୍କର ବିଶ୍ରାମ କକ୍ଷ ସାମନାରେ ଏକ 'ରକେରୀ ଗାର୍ଡେନ୍' ପ୍ରସ୍ତୁତ କରିଥିଲେ – ଏବେ ବି ତାହା ରହିଛି ।

ଥରେ ଆଶ୍ରମକୁ ଜଣେ ସ୍ୱନାମଧନ୍ୟ ବେହେଲା ବାଦକ ଆସିଥିଲେ । ତାଙ୍କର ଯନ୍ତ୍ର-ସଂଗୀତ ଶୁଣିବା ସକାଶେ ଶ୍ରୀମା ସେଦିନ ସନ୍ଧ୍ୟାରେ ପ୍ଲେ-ଗ୍ରାଉଣ୍ଡର ନିୟମିତ କାର୍ଯ୍ୟକ୍ରମ ପରେ ଗୋଲକୁଣ୍ଡର ପଶ୍ଚିମପଟ ଅଟ୍ଟାଳିକାର ଏକ ନମ୍ବର କକ୍ଷକୁ ଆସିଥିଲେ ଯେଉଁଠାରେ କି ଶ୍ରୀମା'ଙ୍କର ପିଆନୋ ଅତି ଯତ୍ନର ସହିତ ରଖାଯାଇଥାଏ । ଆଉ ଥରେ ଶ୍ରୀମା ଜଣେ ସ୍ୱନାମଧନ୍ୟ କନ୍‌ସର୍ଟ ପିଆନିଷ୍ଟ୍ ମେରୀ ଆମେଲୀଙ୍କର ସଂଗୀତ-ବାଦନ ଶୁଣିବାକୁ ମଧ୍ୟ ଏଠାକୁ ଆସିଥିଲେ ।

ଥରେ ଗୋଲକୁଣ୍ଡରେ ଆଶ୍ରମର ଚିତ୍ରଶିଳ୍ପୀ ଓ ଫଟୋଗ୍ରାଫର୍‌ମାନଙ୍କର ପ୍ରଦର୍ଶନୀ ହୋଇଥିଲା । ଶ୍ରୀମା ଏହି ପ୍ରଦର୍ଶନୀ ଦେଖିବାକୁ ଆସି ଜନୈକ ଶିଳ୍ପୀଙ୍କର 'ନୀଳ ତରଙ୍ଗ' ଚିତ୍ରପଟଟିକୁ ବେଶ୍ ପସନ୍ଦ କରି କିଛି ସମୟ ତା' ସମ୍ମୁଖରେ ବସି ରହିଥିଲେ ।

ଶ୍ରୀମା'ଙ୍କ ପୁଅ ଆଁଦ୍ରେ ପ୍ରଥମଥର ପାଇଁ

୪.୧୧.୧୯୪୯ ମସିହାରେ ଆଶ୍ରମକୁ ଆସିଥିଲେ ।* ସେଦିନ ଶ୍ରୀମା ନିର୍ଦ୍ଧାରିତ ସମୟର ଅନେକ ପୂର୍ବରୁ ଗୋଲକୁଣ୍ଡର ପ୍ରବେଶ ପଥର ବାରଣ୍ଡାରେ ଏହାର ଅନ୍ତେବାସୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଅପେକ୍ଷା କରି ବସିଥିଲେ । ଏବେ ଗୋଲକୁଣ୍ଡକୁ ପ୍ରବେଶ କରିବା ମାତ୍ରେ ଆମେ ଡାହାଣ ପାର୍ଶ୍ୱର ବାରଣ୍ଡା ସମ୍ମୁଖରେ ଥିବା କାନ୍ଥଟିରେ ରଙ୍ଗିନ ଚିତ୍ରପଟଟି ଦେଖିବାକୁ ପାଉ । କିନ୍ତୁ ସେତେବେଳେ ଇଟା କାନ୍ଥ ଥିଲା । ବାରଣ୍ଡାରେ ଶ୍ରୀମା ଆଁନ୍ଦ୍ରେଙ୍କୁ ଅପେକ୍ଷା କରି ବସିଥିବା ସମୟରେ ସେ ଇଚ୍ଛା ପ୍ରକାଶ କଲେ ଯେ କାନ୍ଥଟିରେ ତାଙ୍କର ତେର-ଚଉଦ ବର୍ଷ ବୟସରେ ରାତ୍ରିରେ ହେଉଥିବା ସୂକ୍ଷ୍ମଦର୍ଶନର ଚିତ୍ରପଟଟିଏ ଯଦି ଅଙ୍କନ କରାଯାଇ ପାରନ୍ତା, ତେବେ ଭଲ ହୁଅନ୍ତା । ପରବର୍ତ୍ତୀ ସମୟରେ କୃଷ୍ଣଲାଲ ସେହି ସ୍ଥାନରେ ସେହି ରଙ୍ଗିନ ଚିତ୍ରପଟଟି ଅଙ୍କନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ଯେହେତୁ ଆଁନ୍ଦ୍ରେ ନିର୍ଦ୍ଧାରିତ ସମୟରେ ଆସି ପହଞ୍ଚି ପାରିଲେ ନାହିଁ, ତେଣୁ ଶ୍ରୀମା ମୋନାଙ୍କୁ କହିଲେ ଯେ ଆଶ୍ରମରେ ଏକ ଟେଲିଗ୍ରାମ୍ ଥାଇପାରେ । ଏକଥା ଶୁଣି ଜନୈକ ସାଧିକା ଗୋଲକୁଣ୍ଡରୁ ବାହାରିବା ମାତ୍ରେ ଦ୍ୟୁମାନ୍ ଭାଇଙ୍କୁ ଭେଟିଲେ; ଦ୍ୟୁମାନ୍ ଭାଇଙ୍କ ହାତରେ ଥିଲା ମା'ଙ୍କ ନାମରେ ଥିବା ଏକ ଟେଲିଗ୍ରାମ୍ । ଟେଲିଗ୍ରାମ୍‌ଟିରେ ଆଁନ୍ଦ୍ରେ ମା'ଙ୍କୁ ଜଣାଇଥିଲେ ତାଙ୍କର ପହଞ୍ଚିବାରେ ବିଳମ୍ବ ହେବ ।

ଇତି ପୂର୍ବରୁ ଶ୍ରୀମା ଆନ୍ଦ୍ରେଁଙ୍କ ପାଇଁ ଗୋଲକୁଣ୍ଡର ପୂର୍ବ-ପଟ ଅଟ୍ଟାଳିକାର ତୃତୀୟ ମହଲାର ପ୍ରଥମ କକ୍ଷଟିକୁ ପ୍ରସ୍ତୁତ କରି ରଖିଥିଲେ, ଯେଉଁଠି ଛିଡ଼ା ହେଲେ ଆଶ୍ରମର ପ୍ରଧାନ ଅଟ୍ଟାଳିକାଟି ବେଶ୍ ଭଲ ଭାବରେ ଦେଖାଯାଇ ପାରିବ । ଶ୍ରୀମା ସେହି କକ୍ଷକୁ ଯାଇ ଆଁନ୍ଦ୍ରେଙ୍କ ସକାଶେ ଅପେକ୍ଷା କରିଥିଲେ ଏବଂ ଦୀର୍ଘ ତିରିଶ ବର୍ଷ ପରେ ତାଙ୍କୁ ସାକ୍ଷାତ୍ କରିଥିଲେ ।

ଏହି ବର୍ଷ ସ୍କୁଲର ବାର୍ଷିକୋତ୍ସବ ସକାଶେ ଶ୍ରୀମା ଏକ ନାଟକ ଲେଖି ଶ୍ରୀଅରବିନ୍ଦଙ୍କୁ ପଢ଼ି ଶୁଣାଇଥିଲେ ଏବଂ ତାଙ୍କର ଅନୁମୋଦନ କ୍ରମେ ମଞ୍ଚସ୍ଥ କରିବାର ସିଦ୍ଧାନ୍ତ ନେଇଥିଲେ । ଏହି ନାଟକରେ ଅଂଶଗ୍ରହଣ କରିବାକୁ ନିର୍ବାଚିତ ଆଶ୍ରମ ଅନ୍ତେବାସୀଙ୍କୁ ଶ୍ରୀମା ଗୋଲକୁଣ୍ଡକୁ ଡାକି ସେହି ନାଟକଟି ପଢ଼ି ଶୁଣାଇଥିଲେ । ସେହି ନାଟକରେ ପାଞ୍ଚଜଣ ଅଭିନେତା ଓ ଅଭିନେତ୍ରୀ ଥିଲେ । ଏହି ଉତ୍ସବରେ 'ସାବିତ୍ରୀ' ମହାକାବ୍ୟରୁ କିଛି ଅଂଶର ଆବୃତ୍ତି କାର୍ଯ୍ୟକ୍ରମ ମଧ୍ୟ ଥିଲା । ଏହିସବୁ ଆବୃତ୍ତିର ଅଭ୍ୟାସ ଶ୍ରୀମା'ଙ୍କ ପରିଚାଳନା ଓ ଉପସ୍ଥିତିରେ ଗୋଲକୁଣ୍ଡରେ କରାଯାଉଥିଲା । ନାଟକଟିର ଅଭ୍ୟାସ କିନ୍ତୁ ଶ୍ରୀମାଙ୍କ ଉପସ୍ଥିତିରେ ଆଶ୍ରମର ଅନ୍ୟ ଏକ ଅଟ୍ଟାଳିକାରେ ହେଉଥିଲା ।

ଉପରୋକ୍ତ ବର୍ଣ୍ଣିତ ଘଟଣାସବୁରେ 'ଗୋଲକୁଣ୍ଡ' ଶ୍ରୀମା'ଙ୍କର ଦିବ୍ୟ-ସାନ୍ନିଧ ଲାଭ କରିବା ଓ ସେଥିରେ ଅବଗାହନ କରିବାର ସୌଭାଗ୍ୟ ଅର୍ଜନ କରିଥିଲା । ଏବେ ବି ସେହି ଦିବ୍ୟ ଉପସ୍ଥିତିର ମାଧୁର୍ଯ୍ୟ ଓ ପ୍ରାଚୁର୍ଯ୍ୟକୁ ସେ ନିଜ ଅନ୍ତଃକରଣରେ ସାଇତି ରଖିଛି ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

* ଆଁନ୍ଦ୍ରେ ମୋରିସେଙ୍ (୨୩ ଅଗଷ୍ଟ ୧୮୯୮- ୨୯ ମାର୍ଚ୍ଚ ୧୯୮୨) : ଉପରୋକ୍ତ ପ୍ରଥମ ସାକ୍ଷାତ୍ ସମ୍ବନ୍ଧେ 'ଚମ୍ପକଲାଲ କହନ୍ତି', ପୃ. ୧୨୧ ଏବଂ 'Champaklal speaks', Ed. 2011, P. 185-86; ପୁନଶ୍ଚ ଆଁନ୍ଦ୍ରେଙ୍କର ସ୍ୱ-ଲିଖିତ ପ୍ରବନ୍ଧ 'A visit to Sri Aurobindo Ashram', Advent, November, 1950 ଦ୍ରଷ୍ଟବ୍ୟ ।

**ତଥ୍ୟ ନିର୍ଦ୍ଦେଶିକା :**


(1) Chitra Sen : "Work on Sadhana under the Mother's Guidance", pp. 93-96

(2) Written from Oral Informations gathered from two of the Golconde Staff.

(3) 'ଚମ୍ପକଲାଲ କହନ୍ତି', ପୃ. ୧୦୩

# ବର୍ତ୍ତମାନ ପରିସ୍ଥିତିରେ ବ୍ୟକ୍ତିର କର୍ତ୍ତବ୍ୟ

## ରାମକୃଷ୍ଣ ଦାସ

ବର୍ତ୍ତମାନ ସମୟରେ ମନୁଷ୍ୟର ନିମ୍ନ ପ୍ରକୃତି ଅଧିକ କ୍ରିୟାଶୀଳ ହେବାରୁ ସଂସାରରେ ଯେପରି ବିଶୃଙ୍ଖଳା ଏବଂ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଅଛି ସେହିପରି ବ୍ୟକ୍ତିର ବିକାଶମାର୍ଗ ମଧ ରୁଦ୍ଧ ହେଉଅଛି । ଏହି ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟର ଅବସ୍ଥା ସ୍ଥାୟୀ ହୋଇ କଦାପି ରହି ପାରିବ ନାହିଁ । ବ୍ୟକ୍ତି ସ୍ୱେଚ୍ଛାରେ ନିମ୍ନ ପ୍ରକୃତିର କ୍ରିୟା ବର୍ଜନ କରି ଜୀବନର ଯଥାର୍ଥ ଲକ୍ଷ୍ୟ ମାର୍ଗରେ ଗତି କରିବ ଅଥବା ନିମ୍ନ ପ୍ରକୃତିର କ୍ରିୟାରୁ ନିବୃତ୍ତ ହେବା ସକାଶେ ପରିସ୍ଥିତି ବାଧ କରିବ । ଏହି ପରିସ୍ଥିତିର ପରିବର୍ତ୍ତନ ନିଶ୍ଚୟହିଁ ହେବ ।

ମନୁଷ୍ୟ ଜୀବନର ଲକ୍ଷ୍ୟ ଦୁଃଖବିହୀନ ପରମ ସୁଖ ଏବଂ ପରମ ସ୍ୱତନ୍ତ୍ରତା । ବ୍ୟକ୍ତି ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଏହି ଲକ୍ଷ୍ୟ ଆଡ଼କୁ ଗତି କରୁଅଛି । ସଂସାରରେ ଜଣେ ବ୍ୟକ୍ତି ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ପରତନ୍ତ୍ରତା ଚାହୁଁ ନାହିଁ । କିନ୍ତୁ ପରମ ସୁଖ, ପରମ ସ୍ୱତନ୍ତ୍ରତା, ଜୀବନର ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତନ ନଥିବା ଯୋଗୁଁ ପରମ ସୁଖକୁ ବ୍ୟକ୍ତି ସଂସାର ବସ୍ତୁରେ ଖୋଜୁଅଛି । ସେଥିରେ ପରମ ସୁଖ ପରିବର୍ତ୍ତେ ସାମାନ୍ୟ ସଂସାରୀସୁଖ ସହିତ ଦୁଃଖ ଭୋଗୁଅଛି ଏବଂ ଅଜ୍ଞାନର ବଶ ହୋଇ ଅସତ୍ୟ, ମିଥ୍ୟାଚାରର ଅଧୀନତା ସ୍ୱୀକାର କରି ନିଜର ଯଥାର୍ଥ ସ୍ୱତନ୍ତ୍ରତାର ପଥରୁଦ୍ଧ କରୁଅଛି । ଅଜ୍ଞାନର ଏହି ଦାସତ୍ୱକୁହିଁ ବ୍ୟକ୍ତି ସ୍ୱତନ୍ତ୍ରତା ବୋଲି ମାନି ନେଇଅଛି । କିନ୍ତୁ ଦୁଃଖବିହୀନ ପରମ ସୁଖ ତଥା ଯଥାର୍ଥ ସ୍ୱତନ୍ତ୍ରତା ଜୀବନର ଏହି ଲକ୍ଷ୍ୟ ପଥରେ ଉପସ୍ଥିତ ଅସତ୍ୟ, ଅନ୍ୟାୟ ମହାନ୍ ବାଧା ବୋଲି ବୁଝିପାରୁ ନାହିଁ । ମନୁଷ୍ୟର ଏହି ଭୁଲ୍‌କୁ କ୍ରମବିକାଶ ଛାଡ଼ିଦେବ ନାହିଁ । ନିଜ ପ୍ରଣାଳୀରେ ପରିସ୍ଥିତି ମାଧ୍ୟମରେ ମନୁଷ୍ୟର ଭୁଲ୍‌କୁ ବୁଝେଇ ଦେବ ଏବଂ ତାକୁ ବାଧ କରେଇ ଯଥାର୍ଥ ମାର୍ଗରେ ନେଇ ଲକ୍ଷ୍ୟରେ ପହଞ୍ଚାଇ ଦେବ ।

ଭଗବାନଙ୍କ ବିଧାନ ଅନୁସାରେ ପ୍ରକୃତି ଦ୍ୱାରା ବିକାଶ ଜଡ଼ରୁ ଆସି ମନୁଷ୍ୟ ପର୍ଯ୍ୟନ୍ତ ପହଞ୍ଚିଅଛି । ଏହି ମନୁଷ୍ୟ ପର୍ଯ୍ୟନ୍ତ ଅଜ୍ଞାନ ସ୍ତର । ମନୁଷ୍ୟର ବୁଦ୍ଧି ଯଦ୍ୟପି ବିକଶିତ ହୋଇଛି ଏବଂ ସେ ଯଦ୍ୟପି ପଶୁଠାରୁ ବହୁତ ଶ୍ରେଷ୍ଠ ତଥାପି ସେ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇ ନାହିଁ । ସେ ଯଥାର୍ଥ ସତ୍ୟକୁ ବୁଝି ନପାରି ନିଜର ପୂର୍ଣ୍ଣତାର ବିପରୀତ ବସ୍ତୁକୁ ଗ୍ରହଣ କରୁଅଛି । କିନ୍ତୁ ଭଗବାନ୍ ତାକୁ ଯଥାର୍ଥ ମାର୍ଗ ପ୍ରଦର୍ଶନ କରାଇବା ସକାଶେ ବାରଂବାର ଅବତାର ନେଇଛନ୍ତି ।

ବର୍ତ୍ତମାନ ମନର ବିକାଶ ସମାପ୍ତ ହୋଇଯାଇଛି । ମନର ଊର୍ଦ୍ଧ୍ୱ ବିକାଶ ମାର୍ଗ ତୟାର ହୋଇ ନାହିଁ । ସେହି କାରଣରୁ ବ୍ୟକ୍ତି ଚାହୁଁଥିବା ମନର ଊର୍ଦ୍ଧ୍ୱ ଭୂମିର ଦୁଃଖବିହୀନ ପରମ ସୁଖ, ହିଂସାବିହୀନ ଅହିଂସା ଏବଂ ସମତା ଓ ସାମଞ୍ଜସ୍ୟକୁ ପ୍ରାପ୍ତ କରିପାରୁ ନାହିଁ, କେବଳ ତା'ର ସ୍ୱପ୍ନ ଦେଖୁଅଛି କିଂବା କଳ୍ପନା କରୁଅଛି ।

ମନର ଊର୍ଦ୍ଧ୍ୱ ମାର୍ଗ ତିଆରି କରିବା ସକାଶେ ତଥା ମନ ଏବଂ ମନର ଊର୍ଦ୍ଧ୍ୱ ଚେତନାର ବ୍ୟବଧାନ ଦୂର କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଅଛନ୍ତି । ସେହି ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଚାଲୁଅଛି, କିନ୍ତୁ ସମାପ୍ତ ହୋଇ ନାହିଁ । ରୂପାନ୍ତର ସମାପ୍ତ ହେଲେ ପୃଥିବୀରେ ଅତିମାନସ ସତ୍ୟ-ବିଶିଷ୍ଟ ଅତିମାନବ ଜାତିର ପ୍ରତିଷ୍ଠା ହେବ । ସଂସାରରେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ରହିବ ନାହିଁ; ମନ ଏବଂ ଅତିମାନସ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବ ।

ବର୍ତ୍ତମାନ ସମୟ ହେଉଛି ମାନସ ଏବଂ ଅତିମାନସ ଚେତନାର ସନ୍ଧିକ୍ଷଣ । ମନର ବିକାଶ ସମାପ୍ତ ହୋଇ ଥିବାରୁ ମନ ନିର୍ମିତ ନୈତିକତା ଭାଙ୍ଗି ଯାଇଅଛି । ସତ୍ୟ ପ୍ରତିଷ୍ଠିତ ହୋଇ ନାହିଁ । ଅର୍ଥାତ୍ ମାନସିକ ଯୁଗ ସମାପ୍ତ ହୋଇ ସାରିଛି, ନୂତନ ଅତିମାନସ ସତ୍ୟ ଯୁଗର ପ୍ରତିଷ୍ଠା ହୋଇ ନାହିଁ । ଏହାହିଁ ଯୁଗ ପରିବର୍ତ୍ତନର ସମୟ ।

ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ଜଗତରୁ ନୈତିକତା ଭାଙ୍ଗି ଯାଇଛି । ବିଶେଷ ରୂପେ ଏହା ଘଟିଛି ଭାରତରେ । କାରଣ ଭାରତକୁହିଁ ନୂତନ ଯୁଗ ପ୍ରତିଷ୍ଠାର କେନ୍ଦ୍ର ରୂପେ ଭଗବାନ୍ ଗ୍ରହଣ କରିଅଛନ୍ତି । ଭାରତରେ ଅତ୍ୟନ୍ତ କମ୍ ହେଲେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଅଧିକ ବ୍ୟକ୍ତି ଅତିମାନସ ଶକ୍ତିକୁ ଗ୍ରହଣ କରିଅଛନ୍ତି ଏବଂ ତାହା ସମ୍ବନ୍ଧେ ସଚେତନ ହୋଇ

ଅଛନ୍ତି । ଭାରତ ଭୂମିରେ ଯେଉଁ ପରିବର୍ତ୍ତନ ହେବ ତାହା ସମସ୍ତ ଜଗତର ଆଦର୍ଶ ହେବ । ସମସ୍ତ ଦେଶ ସକାଶେ ସେହି ହେବ ନୂତନ ଯୁଗର ପଥ-ପ୍ରଦର୍ଶକ । ଏଠାରେ ସାଧାରଣ ଜୀବନରୁ ଆରମ୍ଭ କରି  ଶାସନରେ ବି ବହୁତ ପରିବର୍ତ୍ତନ ଘଟିବ । ମନ ଦ୍ୱାରା ନିର୍ମିତ ନୈତିକତା ଥିବା ସମୟରେ ବ୍ୟକ୍ତି, ପରିବାର, ସମାଜ, ଶାସନ ଦ୍ୱାରା ପରିଚାଳିତ ବିଧାନ ବର୍ତ୍ତମାନ ନୈତିକତା ଭାଙ୍ଗି ଯାଇଥିବା ଅବସ୍ଥାରେ ଚଳିବ ନାହିଁ । ନୂତନ ବିଧାନ ସୃଷ୍ଟି କରିବାକୁ ହେବ ।

## ବର୍ତ୍ତମାନ ପରିସ୍ଥିତି

ମନୁଷ୍ୟ ଯେଉଁ ଚେତନାରେ ବାସ କରେ, ସେ ଚେତନାରେ ଅଜ୍ଞାନ ହେଉଛି ପ୍ରଧାନ । ତା'ର ସ୍ୱାଭାବିକ ପ୍ରବୃତ୍ତି ଅହଂ, ସ୍ୱାର୍ଥ, ହିଂସା, କାମ, କ୍ରୋଧ, ଲୋଭ ଏବଂ ମୋହ । ମନୁଷ୍ୟ ଏହାରି ଯନ୍ତ୍ର ଏବଂ ଏହାରି ଅଧୀନ । ମନୁଷ୍ୟ ମଧ୍ୟରେ ଆଉ ଗୋଟିଏ ସତ୍ୟ ଥାଏ । ତା'ର ନାମ ଆତ୍ମା । ତା'ର ଗୁଣଧର୍ମ ପରମାନନ୍ଦ, ପରମ ଶାନ୍ତି, ପରମ ସ୍ୱତନ୍ତ୍ରତା, ପରମ ସମତା । ଏହି ଆତ୍ମାର ସତ୍ୟ-ଗୁଣଧର୍ମକୁ ଅଜ୍ଞାନର ଅହଂ, ସ୍ୱାର୍ଥ, ହିଂସା, ଅନ୍ୟାୟ, ମିଥ୍ୟାଦି ଦୁର୍ଗୁଣ ଆବରଣ କରି ରଖିଥାଆନ୍ତି । ସେଥିପାଇଁ ଆତ୍ମାର କ୍ରିୟା ହୋଇପାରେ ନାହିଁ ।

ସଂସାରର ସମସ୍ତ ମନୁଷ୍ୟ ମଧ୍ୟରେ ଏହି ସତ୍ୟ ଏବଂ ଅସତ୍ୟ-ଅଜ୍ଞାନ ଏହି ଦୁଇଟି ସତ୍ତା ବିଦ୍ୟମାନ ଥାଆନ୍ତି । ଯେଉଁମାନଙ୍କ ମଧ୍ୟରେ ସତ୍ୟ ବା ଆତ୍ମା କିଛି ଅଂଶରେ ପ୍ରକାଶିତ ହୋଇଥାଏ ସେମାନେ ସେହି ତୁଳନାରେ କମ୍ ଅସତ୍ କାର୍ଯ୍ୟ କରନ୍ତି । ଯେଉଁମାନଙ୍କ ମଧ୍ୟରେ ସତ୍ୟ-ସତ୍ତା ଆତ୍ମା ବହୁତ କମ୍ ବିକଶିତ ହୋଇଥାଏ ସେମାନେ ଅଜ୍ଞାନ ମୋହବଶ ହୋଇ ଅଧିକ ଅନ୍ୟାୟ ଅସତ୍ୟ ଆଚରଣ କରନ୍ତି । ସଂସାରରେ ଖୁବ୍ ଅଳ୍ପ ବ୍ୟକ୍ତିଙ୍କୁ ବାଦ୍ ଦେଲେ ଅଧିକ ସଂଖ୍ୟକ ବ୍ୟକ୍ତି ଅସତ୍ୟ ଶକ୍ତିର ଅଧୀନ ।

ମନୁଷ୍ୟ ମଧ୍ୟରେ ଅସତ୍ୟ ପ୍ରବୃତ୍ତି ଥିବା ସତ୍ତ୍ୱେ ତାକୁ କ୍ରିୟାରେ ପରିଣତ କରିବାକୁ ନଦେଇ ନିୟନ୍ତ୍ରଣ କରିବା ସକାଶେ ଯେଉଁ ନିୟମ ନିର୍ଦ୍ଧାରିତ କରିଦିଆ ହୋଇଥିଲା ତା'ର ନାମ ନୈତିକତା ବା ସାଧାରଣ ଭାଷାରେ ଧର୍ମ । ମନୁଷ୍ୟ ମଧ୍ୟରେ ଅସତ୍ ପ୍ରବୃତ୍ତି, ସ୍ୱାର୍ଥ, ଲୋଭାଦି ଥିବା ସତ୍ତ୍ୱେ ସେ ସମାଜର ନିନ୍ଦା ଓ ପାପ ଭୟରେ ସେସବୁକୁ ଆଚରଣ କରୁ ନଥିଲା । ଯୁଗ ପରିବର୍ତ୍ତନର ସମୟ ଆସିବାରୁ ସମାଜର ନିନ୍ଦା ଏବଂ ପାପ ଭୟ ମନୁଷ୍ୟ ଅନ୍ତରରୁ ଦୂର ହୋଇଗଲା । ବ୍ୟକ୍ତି ସ୍ୱେଚ୍ଛାଚାରିତାରେ ସ୍ୱାର୍ଥ, ଲୋଭ ଓ ଅହଂର ବଶବର୍ତ୍ତୀ ହୋଇ ଖାଦ୍ୟବସ୍ତୁରେ ଅଖାଦ୍ୟ ବସ୍ତୁ ମିଶାଇଲା, ଆବଶ୍ୟକ ବସ୍ତୁ ଜମା ରଖି ଦରଦାମ ବଢ଼ାଇଲା, କମ୍ କାମ କରି ଠକାମି ମନୋଭାବରେ ଅଧିକ ପଇସା ରୋଜଗାର କରିବା ସକାଶେ ନାନାପ୍ରକାର କଳକୌଶଳ, ଛନ୍ଦକପଟ ଗ୍ରହଣ କଲା । ସବୁ ବ୍ୟବସ୍ଥାରେ ଚାଲିଲା ଚୋରି, ଘୁଷ୍‌ଖୋରି, ମିଥ୍ୟା ଏବଂ ଅନ୍ୟାୟ । ଏହାହିଁ ହେଲା ବିଶୃଙ୍ଖଳା । ଏପରି ବିଶୃଙ୍ଖଳାରେ ବ୍ୟକ୍ତି, ପରିବାର, ସମାଜ, ଶାସନ ଚଳିବା ସମ୍ଭବ ହେଲା ନାହିଁ । ଦୋକାନ ବଜାର, ରେଳ ଅଫିସ, ଶିକ୍ଷା, ବ୍ୟବସାୟ, କୃଷି ଆଦି ମନୁଷ୍ୟର ଜୀବନ ନିର୍ବାହ ସକାଶେ ଯାହା ଆବଶ୍ୟକ ସବୁଠାରେ ବିଶୃଙ୍ଖଳା ଘଟିଲା । ଏହି ବିଶୃଙ୍ଖଳିତ ପରିସ୍ଥିତିରେ ଗରିବଠାରୁ ଧନୀ, ସାଧାରଣ ବ୍ୟକ୍ତିଠାରୁ ଅସାଧାରଣ ବ୍ୟକ୍ତି କେହି ବି ସୁଖରେ ନିଃଶ୍ୱାସ ନେଇ ପାରିଲେ ନାହିଁ । ଏହି ବିଶୃଙ୍ଖଳାରେ ଜଣେ ବ୍ୟକ୍ତି ବି ସନ୍ତୁଷ୍ଟ ନୁହନ୍ତି । ଏହି ପରିସ୍ଥିତି ସମ୍ବନ୍ଧରେ ସମସ୍ତ ବ୍ୟକ୍ତି ବେଶ୍ ପରିଚିତ । ଏହି ବିଶୃଙ୍ଖଳ ପରିସ୍ଥିତିରେ ବ୍ୟକ୍ତିର ଅଭାବ ଅଶାନ୍ତି ଦୂର ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି, ଏବଂ ଦେଶର ଉନ୍ନତି ହେବା ଦୂରେ ଥାଉ ତିଷ୍ଠିବା ସମ୍ଭବ ହେଉ ନାହିଁ । ଏହି ପରିସ୍ଥିତିହିଁ ବ୍ୟକ୍ତିକୁ ପରିବର୍ତ୍ତିତ ହେବାକୁ ବାଧ କରିଛି ।

## ପରିବର୍ତ୍ତନ

ଆଗମନୀ ସତ୍ୟ ଯୁଗର ଅତିମାନସ ଶକ୍ତିର ଯନ୍ତ୍ର ଯେପରି ବହୁତ କମ୍ ବ୍ୟକ୍ତି ହୁଅନ୍ତି, ସେହିପରି ସତ୍ୟର ବିରୋଧ କରୁଥିବା ଅନ୍ଧକାର, ଅସତ୍ୟ ଶକ୍ତିର ଯନ୍ତ୍ର ମଧ୍ୟ ବହୁତ କମ୍ ବ୍ୟକ୍ତି ହୁଅନ୍ତି । କିନ୍ତୁ ପ୍ରଚଳିତ କଳି ଯୁଗର ଅଧର୍ମ ପ୍ରଭାବରୁ ବ୍ୟକ୍ତି ସ୍ୱଭାବତଃ ଅସତ୍ୟ ପ୍ରତି ଉନ୍ମୁକ୍ତ ଥାଏ । ସେହି କାରଣରୁ ଅସତ୍ୟର ପ୍ରଭାବ ବହୁସଂଖ୍ୟକ ବ୍ୟକ୍ତିଙ୍କ ଉପରେ ପଡ଼େ ।

ଆଗମନୀ ଅତିମାନସ ସତ୍ୟ ଯୁଗର ଯେଉଁ ପ୍ରସ୍ତୁତି ଚାଲିଛି ତା'ର ପ୍ରଣାଳୀ ହେବ ଦୁଇଟି । ଗୋଟିଏ ହେବ ସ୍ୱ-ଇଚ୍ଛାରେ ସତ୍ୟ ଗ୍ରହଣ କରିବା ସକାଶେ ଖୁବ୍ କମ୍ ବ୍ୟକ୍ତି ପ୍ରଯତ୍ନ କରିବେ । ଅନ୍ୟଟି ହେବ ଅଧିକାଂଶ ବ୍ୟକ୍ତିଙ୍କୁ ସତ୍ୟ ଆଚରଣ କରିବା ସକାଶେ ପରିସ୍ଥିତି ବାଧ କରିବ ।

ଯେଉଁମାନେ ସ୍ୱ-ଇଚ୍ଛାରେ ପ୍ରଯତ୍ନ କରିବେ ସେମାନେ ନିଜ ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ, ଦୁଃଖବିହୀନ ପରମ ସୁଖ ପ୍ରାପ୍ତ ହେବା ସକାଶେ ଏବଂ ନିମ୍ନ ପ୍ରବୃତ୍ତି, ସ୍ୱାର୍ଥ, ହିଂସା, ଲୋଭ, ମୋହ, କାମ-କ୍ରୋଧାଦି ଶତ୍ରୁମାନଙ୍କ ଅଧୀନରୁ ମୁକ୍ତ ହେବା ସକାଶେ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ମାର୍ଗରେ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହେବେ । ତେବେ ସେହି ଶକ୍ତି ବ୍ୟକ୍ତିର ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରି ଜୀବନର ଯଥାର୍ଥ ଲକ୍ଷ୍ୟରେ ତାକୁ ପହଞ୍ଚାଇ ଦେବ । କିନ୍ତୁ ତୁଳନାତ୍ମକ ରୂପେ ଏହି ଶ୍ରେଣୀର ବ୍ୟକ୍ତିଙ୍କ ସଂଖ୍ୟା ହେବ ଖୁବ୍ କମ୍ । ଅଳ୍ପ ସଂଖ୍ୟକ ହେଲେ ମଧ ଏମାନେ ହେବେ ଆଗମନୀ ଅତିମାନସ ସତ୍ୟ ଯୁଗର ଅଗ୍ରଦୂତ ଏବଂ ଅତିମାନସ ସତ୍ୟର ଯନ୍ତ୍ର । ଏହିମାନଙ୍କ ଦ୍ୱାରା ହେବ ଅତିମାନସ ସତ୍ୟ ଭିତ୍ତିରେ ଶିକ୍ଷା, ଶିଳ୍ପ, ବ୍ୟବସାୟ ଏବଂ କୃଷି ମାଧ୍ୟମରେ ସାଧନା କେନ୍ଦ୍ର ପ୍ରତିଷ୍ଠା । ଏହି ସଂସ୍ଥାସବୁ ହେବେ ଅତିମାନସ ଶକ୍ତିର କ୍ରିୟାର କେନ୍ଦ୍ର ।

ଅନିଚ୍ଛା ସତ୍ତ୍ୱେ ସତ୍ୟ ଗ୍ରହଣ କରିବାକୁ ପରିସ୍ଥିତି ଯେଉଁମାନଙ୍କୁ ବାଧ୍ୟ କରିବ, ସେମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ବ୍ୟକ୍ତି ଅସତ୍ୟ ଶକ୍ତିର ଯନ୍ତ୍ର ନୁହନ୍ତି, ଅନ୍ତରରେ ଅସତ୍ୟକୁ ପସନ୍ଦ କରନ୍ତି ନାହିଁ । କେବଳ କଳି ଯୁଗ ଏବଂ ଅସତ୍ୟ ବାତାବରଣର ଚାପରେ ବାଧ୍ୟ ହୋଇ ସେମାନେ ଲାଞ୍ଚ, ମିଛ, ଖାଦ୍ୟଦ୍ରବ୍ୟରେ ଅଖାଦ୍ୟ ବସ୍ତୁ ମିଶ୍ରଣ ଆଦି ଅସତ୍ କର୍ମ କରନ୍ତି । କିନ୍ତୁ ଅସତ୍ୟ, ଅନ୍ଧକାର ଶକ୍ତିର ଯଥାର୍ଥ ଯନ୍ତ୍ର ହୁଅନ୍ତି ବହୁତ କମ୍ ବ୍ୟକ୍ତି ।

କିନ୍ତୁ ପରିସ୍ଥିତି ଦୃଷ୍ଟିରୁ ଏହିସବୁ ବ୍ୟକ୍ତିଙ୍କର ନିମ୍ନ ସ୍ୱଭାବର ସ୍ୱାର୍ଥ, ହିଂସାଦି କ୍ରିୟାକୁ ରାଜନୀତି ଶାସନ ବିଧାନରେ କିଂବା ଯେକୌଣସି ଉପାୟରେ ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ନିୟନ୍ତ୍ରଣ କରିବାକୁ ହେବ । ଏହାକୁ ନିୟନ୍ତ୍ରଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ବ୍ୟକ୍ତିର ନିମ୍ନ ପ୍ରକୃତିର ଏହିସବୁ ଅବାଞ୍ଛିତ କର୍ମକୁ ନିୟନ୍ତ୍ରଣ କରିବାର ଅର୍ଥ ବ୍ୟକ୍ତିର ସ୍ୱତନ୍ତ୍ରତା ଅପହରଣ କରିବା ନୁହେଁ । ଏହି ଧାରଣାହିଁ ସମ୍ପୂର୍ଣ୍ଣ ଭୁଲ୍ । ଅନ୍ଧକାର ଶକ୍ତିର ଏହିସବୁ ଦୁଷ୍କର୍ମହିଁ ବ୍ୟକ୍ତିର ଯଥାର୍ଥ ସ୍ୱତନ୍ତ୍ରତା ଅପହରଣ କରି ନିଜର ଯନ୍ତ୍ର କରାଇ ନିଏ । ଏହିସବୁ ଦୁଷ୍କର୍ମର ନିୟନ୍ତ୍ରଣହିଁ ବ୍ୟକ୍ତିକୁ ତା'ର ଯଥାର୍ଥ ସ୍ୱତନ୍ତ୍ରତା ପ୍ରଦାନ କରେ ଏବଂ ଜୀବନର ଲକ୍ଷ୍ୟ ପରମାନନ୍ଦ ମାର୍ଗରେ ଅଗ୍ରସର କରାଏ ।

କୌଣସି ସମୟରେ ବି ବ୍ୟକ୍ତିର ନିମ୍ନ ପ୍ରକୃତିର ଦୁଷ୍କର୍ମକୁ ସ୍ୱତନ୍ତ୍ରତା ଦିଆ ହୋଇ ନାହିଁ । ପୂର୍ବେ ନୈତିକତା ଅଧିକ ପରିମାଣରେ ବ୍ୟକ୍ତିର ଏହିସବୁ ଦୁଷ୍କର୍ମକୁ ନିୟନ୍ତ୍ରଣ କରୁଥିଲା । ଅଳ୍ପ କେତେକାଂଶରେ ଏହି ନିମ୍ନ ସ୍ୱଭାବର କର୍ମ, ଚୋରି, ଡକାୟତି, କଳାବଜାର, ଲାଞ୍ଚ ଇତ୍ୟାଦିକୁ ବନ୍ଦ କରିବା ସକାଶେ ଶାସନ ବିଧାନ ତିଆରି ହୋଇଥିଲା । ବର୍ତ୍ତମାନ ନୈତିକତା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଅଛି । ସେହି କାରଣରୁ ପୂର୍ବେ ନିର୍ଦ୍ଧାରିତ ହୋଇଥିବା ଶାସନ ବିଧାନ ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ଏବଂ ଶାସନ ଚଳିପାରୁ ନାହିଁ । ବର୍ତ୍ତମାନ ପ୍ରଚଳିତ ଅନ୍ୟାୟ, ଅସତ୍ୟ, ଘୁଷ୍‌ଖୋରି, କଳାବଜାର, ଠକାମି ଇତ୍ୟାଦି ଅସତ୍ୟ, ଅନ୍ୟାୟ କର୍ମ ଏବଂ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ସକାଶେ ଶାସନର ନୂତନ ବିଧାନ ହେବା ଆବଶ୍ୟକ । ଏହା ବିନା ଅଭାବ ଅନଟନ ଦୂର ହେବା ଏବଂ ଦେଶରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ସମ୍ଭବ ନୁହେଁ ।

ଆଗମନୀ ନୂତନ ଯୁଗର ସତ୍ୟ ମାର୍ଗରେ ଗତି କରିବା ସକାଶେ ତଥା ସତ୍ୟ ଏବଂ ନ୍ୟାୟରେ କର୍ମ କରିବା ସକାଶେ ରହିବ ପୂର୍ଣ୍ଣ ସ୍ୱତନ୍ତ୍ରତା ଏବଂ ନିମ୍ନ ସ୍ୱଭାବର ଅସତ୍ୟ, ଅନ୍ୟାୟ କର୍ମ ଏବଂ ବିଶୃଙ୍ଖଳାର ହେବ ନିୟନ୍ତ୍ରଣ । ଏହି ଯେଉଁ ନୂତନ ବିଧାନ ହେବ ତାହା ପୁରାତନ ଶାସନ ପ୍ରଣାଳୀ ତଥା ଅନ୍ୟ ଦେଶର ଶାସନ ବିଧାନରୁ ଭିନ୍ନ । ଏହା ହେବ ଅନ୍ୟ ଦେଶ ସକାଶେ ଆଦର୍ଶ । ଏହି ପ୍ରଣାଳୀକୁ ଯେଉଁମାନେ ବର୍ତ୍ତମାନ ନିନ୍ଦା କରିବେ ପରେ ସେହିମାନେ ଏଥିରେ ଗର୍ବ ଅନୁଭବ କରିବେ ।

କିନ୍ତୁ ଯେଉଁମାନେ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ସତ୍ୟ ଏବଂ ସ୍ୱତନ୍ତ୍ରତା ପ୍ରାପ୍ତ କରିବାକୁ ପ୍ରଯତ୍ନ କରୁଅଛନ୍ତି, ଆଗମନୀ ଅତିମାନସ ସତ୍ୟ ସମ୍ବନ୍ଧେ ସଚେତନ ହୋଇ ଅଛନ୍ତି; ସେମାନେ ଆନ୍ତରିକତାର ସହ ସାଧନା କରିବା ସଙ୍ଗେ ସଙ୍ଗେ ଏହି ସତ୍ୟର ସନ୍ଧାନ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇ ଦେବାକୁ ଚେଷ୍ଟା କରିବା ଉଚିତ । ଏହି ସନ୍ଧାନ ପ୍ରସାରର ଆଧାର ହେଉଛି ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ଯୁବ-ଛାତ୍ର କ୍ୟାମ୍ପ୍ ଏବଂ ସେମିନାର । ପୂର୍ବେ କୁହାହୋଇଥିବା ଅନୁସାରେ ଏହିସବୁକୁ ଆଧାର କରି ସତ୍ୟ ଭିତ୍ତିରେ ଗଢ଼ିଉଠିବ ଆଶ୍ରମ ଶିକ୍ଷାକେନ୍ଦ୍ର ଆଦର୍ଶରେ ସ୍କୁଲ, ସତ୍ୟ ଭିତ୍ତିରେ ବ୍ୟବସାୟ, କୃଷି ମାଧ୍ୟମରେ ସାଧନା କେନ୍ଦ୍ର । ଅତିମାନସ ସତ୍ୟ ଆଧାରରେ ଏହିସବୁ ସଂସ୍ଥା ଯେତେ ଅଧିକ ବିସ୍ତାର ହେବ, ସେତେ ଅଧିକ ବ୍ୟକ୍ତି ଏହି ସତ୍ୟ ସମ୍ବନ୍ଧେ ସଚେତ ହେବେ ଏବଂ ଗ୍ରହଣ କରିବେ । ଏହିପରି ସାଧକମାନଙ୍କ ସଂଖ୍ୟା ଯେତେ ଅଧିକ ହେବ ପୃଥିବୀ ବାତାବରଣ ସେତେ ଶୁଦ୍ଧ ଓ ପବିତ୍ର ହେବ ତଥା ତା'ର ପ୍ରଭାବ

*(ଅବଶିଷ୍ଟାଂଶ ପୃଷ୍ଠା ୨୨ରେ ଦେଖନ୍ତୁ)*

# ଶ୍ରୀଅରବିନ୍ଦଙ୍କ ସାଧନାର ବୈଶିଷ୍ଟ୍ୟ

## ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ ସାଧନାର ବୈଶିଷ୍ଟ୍ୟ କ'ଣ – ଏ ସମ୍ବନ୍ଧରେ ଆମ୍ଭେମାନେ ବାରଂବାର 'ନବଜ୍ୟୋତି'ର ବିଭିନ୍ନ ପ୍ରବନ୍ଧରେ ଆଲୋଚନା କରିଛୁ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସହିତ ଅତୀତର ଯୋଗ ସକଳର ସମ୍ପର୍କ କ'ଣ, ସେ ସମ୍ପର୍କରେ ମଧ୍ୟ ଆମ୍ଭେମାନେ ବହୁ ସ୍ଥାନରେ ଆଲୋଚନା କରିଛୁ । ଗୋଟିଏ କଥା ସର୍ବଦା ମନେ ରଖିବାକୁ ହେବ ଯେ ଶ୍ରୀଅରବିନ୍ଦ ପୃଥିବୀର ବିବର୍ତ୍ତନ ଧାରାରେ ଯେଉଁ ତତ୍ତ୍ୱର ଅବତାରଣା ବା ସତ୍ୟର ପ୍ରତିଷ୍ଠା କଥା କହୁଛନ୍ତି ତାହା ପୂର୍ବରୁ କେବେ ବି ହୋଇ ନଥିଲା । ଶ୍ରୀମା ଓ ଶ୍ରୀଅରବିନ୍ଦ ଅତିମାନସ ଯୁଗର ପଥଦ୍ରଷ୍ଟା, ଅତିମାନସ ସିଦ୍ଧିର ପ୍ରତିଷ୍ଠାତା । ଗୋଟିଏ କଥାରେ କହିବାକୁ ଗଲେ ଅତିମାନସ ସତ୍ୟର ଅବତରଣ ଓ କ୍ରିୟା ଫଳରେ ଏହି ପୃଥିବୀରେ ଗୋଟିଏ ନୂତନ ସୃଷ୍ଟି, ନୂତନ ମାନବଜାତିର ଆବିର୍ଭାବ ହେବ । ଏହାର ଅର୍ଥ ନୁହେଁ ଯେ ଏକ ଅବ୍ୟାପାର ଦ୍ୱାରା ଏ ପୃଥିବୀ ସମୂଳେ ଧ୍ୱଂସ ହୋଇ ପୁଣି ଗୋଟିଏ ନୂତନ ସୃଷ୍ଟିର ପ୍ରତିଷ୍ଠା ହେବ ବରଂ ବିବର୍ତ୍ତନର ଧାରାରେ ବର୍ତ୍ତମାନର ମନୁଷ୍ୟ ଏକ ନୂତନ ଚେତନା, ନୂତନ ଆଲୋକ, ନୂତନ ଜ୍ଞାନ, ନୂତନ ଶକ୍ତି ଓ ସାମର୍ଥ୍ୟ ଲାଭ କରିବ । ସେହି ଚେତନା ଓ ଶକ୍ତି ଲାଭ କରିବା ଦ୍ୱାରା ତାହାର ଜାଗତିକ ଅଚେତନ ଓ ଅଜ୍ଞାନମୟ ଜୀବନର ଅବସାନ ଘଟିବ, ପ୍ରକୃତିର ରୂପାନ୍ତର ହେବ, ସତ୍ତାନ୍ତର ହେବ । ତାହାର ଦୃଷ୍ଟିକୋଣ ହେବ ଚୈତ୍ୟମୟ, ଆଧ୍ୟାତ୍ମିକ ବା ପ୍ରାଚୀନ ଅଧ୍ୟାତ୍ମ ଭାଷାରେ କହିଲେ – ଈଶ୍ୱର-କୈନ୍ଦ୍ରିକ (God-centred) । ବର୍ତ୍ତମାନ ଯେଉଁ ଅହଂପୂର୍ଣ୍ଣ ଦ୍ୱନ୍ଦ୍ୱମୟ, ଦୁଃଖମୟ, ବ୍ୟସ୍ତତାପୂର୍ଣ୍ଣ, ଅଶାନ୍ତିକର ଜୀବନଧାରା ରହିଛି ତାହା ବହୁ ଭାବରେ ଐକ୍ୟଯୁକ୍ତ, ଆନନ୍ଦମୟ, ସମତାଯୁକ୍ତ ଓ ଶାନ୍ତିମୟ ହେବ । ଏହି ଅହଂ-କୈନ୍ଦ୍ରିକ ମନୁଷ୍ୟର ବ୍ୟକ୍ତିତ୍ୱ ଦିବ୍ୟ ଜ୍ଞାନରେ ପରିପୂରିତ ହୋଇ ନୂତନ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେବ । ସାଧାରଣ ଜୀବନର ଉତ୍ଥାନ ହେବ ଦିବ୍ୟ ଜୀବନରେ । ଏହାହିଁ ଭାବୀ ଯୁଗର, ଆଗାମୀ ମାନବସମାଜର ବିଧିନିର୍ଦ୍ଦିଷ୍ଟ ଲକ୍ଷ୍ୟ । ଏହାହିଁ ଅବଶ୍ୟମ୍ଭାବୀ । ଶ୍ରୀଅରବିନ୍ଦ ଏହି ସମସ୍ୟାର ଗଭୀରତା ଉପଲବ୍ଧି କରି ଆଗାମୀ ଯୁଗ ଅର୍ଥାତ୍ ଆସନ୍ନ ନବଯୁଗର ଦ୍ୱାର ଉନ୍ମୋଚନ କରି ମାନବଜାତି ହସ୍ତରେ ଯେଉଁ ବିଶାଳ ଅଧ୍ୟାତ୍ମ ଜ୍ଞାନ, ଆଲୋକ, ଶକ୍ତି ଓ ଆନନ୍ଦ ଦେଇଛନ୍ତି ତାହାହିଁ ଅତିମାନସ ସତ୍ୟ ଓ ଶକ୍ତି । ଶ୍ରୀଅରବିନ୍ଦ କୌଣସି ମତବାଦ, ଧର୍ମ ସମ୍ପ୍ରଦାୟ, ଗୋଷ୍ଠୀ, ଦଳ ବା ପାରମ୍ପରିକ ହିନ୍ଦୁ ଧର୍ମର ପୁନଃ ପ୍ରତିଷ୍ଠାତା ନୁହନ୍ତି । ତାଙ୍କର ଏସବୁ ସହିତ କୌଣସି ସମ୍ପର୍କହିଁ ନାହିଁ । ସକଳ ମତବାଦ, ସମ୍ପ୍ରଦାୟ, ଧାର୍ମିକ, ଦଳଗତ ବା ଗୋଷ୍ଠୀଗତ ବିଚାରର ଊର୍ଦ୍ଧ୍ୱରେ ତାଙ୍କର ଅଧିଷ୍ଠାନ । ସମଗ୍ର ମାନବଜାତିର ନୂତନ ପଥର ସେ ଉଦ୍‌ଘାଟନ କରିଛନ୍ତି । ଶ୍ରୀମା ଏ ସମ୍ବନ୍ଧରେ ବାରଂବାର ସୂଚନା ଦେଇ କହିଛନ୍ତି;

"Sri Aurobindo has come on earth not to bring a teaching or a creed in competition with previous creeds or teachings, but to show the way to overpass the past and to open concretely the route towards an imminent and inevitable future."

(CWM, Vol. 13, P. 4)

ଅର୍ଥାତ୍, ''ଶ୍ରୀଅରବିନ୍ଦ ପୃଥିବୀ ଉପରେ ଆବିର୍ଭୂତ ହୋଇଛନ୍ତି ଅତୀତର କୌଣସି ଧାର୍ମିକ ଶିକ୍ଷା ବା ମତ ସହ ପ୍ରତିଯୋଗିତା କରି ଅନ୍ୟ ଏକ ଧର୍ମଶିକ୍ଷା ବା ସାମ୍ପ୍ରଦାୟିକ ମତ ପ୍ରତିଷ୍ଠା କରିବେ – ଏପରି ନୁହେଁ, ବରଂ ସେ ଆସିଛନ୍ତି ବାସ୍ତବ ରୂପରେ ଦେଖାଇ ଦେବା ପାଇଁ ଯେ କିପରି ଅତୀତକୁ ପୂର୍ଣ୍ଣରୂପେ ଅତିକ୍ରମ କରି ଏକ ଅନିବାର୍ଯ୍ୟ ଓ ଆସନ୍ନ ଭବିଷ୍ୟତର ଦ୍ୱାର ଉଦ୍‌ଘାଟନ କରିବାକୁ ହେବ ।''

ଅଳ୍ପ ଦିନ ତଳେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ''ଭାରତର ଆଧ୍ୟାତ୍ମିକ ଇତିହାସ'' ନାମକ ଏକ ବିଶେଷ ଯୋଜନା ଉପରେ ମା ଏକ ସୁସ୍ପଷ୍ଟ ନିର୍ଦ୍ଦେଶ ଦେଇ କହିଛନ୍ତି,

''ତୁମେ ଇତିହାସର କ୍ରମାନ୍ୱୟ ଗତିରେ ଶ୍ରୀଅରବିନ୍ଦଙ୍କୁ ତାହାର ଚୂଡ଼ାନ୍ତ ପରିଣତି ରୂପେ ଦେଖାଇବାକୁ ଚାହଁ – କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍ ।

''ଶ୍ରୀଅରବିନ୍ଦ ଇତିହାସର ଅନ୍ତର୍ଭୁକ୍ତ ନୁହନ୍ତି, ସେ ଇତିହାସର ସମ୍ପୂର୍ଣ୍ଣ ବାହାରେ ଓ ତା'ର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ... ।

‘‘ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଧର୍ମ ଓ ଆଧ୍ୟାତ୍ମିକତା ବରାବର ଅତୀତର ମହାପୁରୁଷଗଣଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିଲା, ଏବଂ ସେମାନେ ପାର୍ଥିବ ଜୀବନର ପ୍ରତ୍ୟାଖ୍ୟାନକୁ ସର୍ବଶ୍ରେଷ୍ଠ ଲକ୍ଷ୍ୟ ରୂପେ ଉପସ୍ଥାପିତ କରିଥିଲେ ।’’

*

‘‘ଶ୍ରୀଅରବିନ୍ଦ ଦେଖାଇଛନ୍ତି ଯେ, ପାର୍ଥିବ ଜୀବନରୁ ପଳାୟନ କରିବାରେ ଚରମ ସତ୍ୟ ନାହିଁ, ପୃଥିବୀରେ ରହି ତାହାକୁ ଏପରିଭାବେ ରୂପାନ୍ତରିତ ଓ ଦିବ୍ୟତ୍ୱରେ ପରିଣତ କରିବାକୁ ହେବ, ଯେପରିକି ଏହିଠାରେ ଏହି ଜଡ଼ ପୃଥିବୀରେ ଭଗବାନ୍ ପୂର୍ଣ୍ଣ ରୂପେ ପ୍ରକାଶିତ ହେବେ ।

‘‘ତୁମକୁ ପାଠ୍ୟକ୍ରମର ପ୍ରଥମ କାର୍ଯ୍ୟସୂଚୀରେହିଁ ଏହାକୁ ସ୍ପଷ୍ଟ ରୂପେ ବୁଝାଇ ଦେବାକୁ ପଡ଼ିବ, ତୁମକୁ ଖୁବ୍ ସ୍ପଷ୍ଟମୂଳକ ଭାବେ ଏହା ପରିଷ୍କାର କରି ଦେଖାଇ ଦେବାକୁ ହେବ ।

‘‘ଏହାପରେ ଯେତେବେଳେ ଏ ବିଷୟରେ ଖୁବ୍ ଦୃଢ଼ ଏବଂ ସ୍ପଷ୍ଟଭାବରେ କୁହାଯାଇ ସାରିଥିବ ଏବଂ ଯେତେବେଳେ ଏ ସମ୍ପର୍କରେ ଆଉ କୌଣସି ସନ୍ଦେହର ଅବକାଶ ରହିବ ନାହିଁ, ସେତେବେଳେ କେବଳ ତୁମେ ଛାତ୍ରମାନଙ୍କ ଆଗରେ ଧର୍ମର ଇତିହାସ ଓ ଆଧ୍ୟାତ୍ମିକ ଗୁରୁ ଏବଂ ଧର୍ମଗୁରୁମାନଙ୍କ ଜୀବନ ଓ ଇତିହାସ ବୟାନ କରି ସେମାନଙ୍କୁ ଆମୋଦ ଦେଇପାର ।’’

(*“On the Spiritual History of India”* ନାମକ ଏକ ପ୍ରକଳ୍ପ ସମ୍ପର୍କରେ ଆଶ୍ରମ ସ୍କୁଲର ଶିକ୍ଷକଙ୍କ ସହ ଶ୍ରୀମାଙ୍କ ଆଲୋଚନାର କିଛି ଅଂଶର ଅନୁବାଦ । CWM. V0l. 12 : pp. 210 - 211)

ଏହାର ସ୍ପଷ୍ଟ ଅର୍ଥ ଏହି ଯେ ଶ୍ରୀଅରବିନ୍ଦଙ୍କ ସହିତ ଅତୀତର ଆଧ୍ୟାତ୍ମିକତା ବା ଧର୍ମମତର ତୁଳନା ବା ଆଲୋଚନା ଓ ସମାଲୋଚନା ସମ୍ପୂର୍ଣ୍ଣ ନିରର୍ଥକ, ଅଯୌକ୍ତିକ, ଏପରିକି ଅସ୍ୱାସ୍ଥ୍ୟକର । ଅତୀତର ଧର୍ମ, ସାଧନା, ସିଦ୍ଧି, ମତ, ଦଳ, ସମ୍ପ୍ରଦାୟ ଓ ଗୋଷ୍ଠୀର ବୋଝକୁ ପିଠିରେ ବୋହି ଚାଲିବାକୁ ଯଦି କେହି ଶ୍ରେୟସ୍କର ମନେ କରୁଥାଏ, ତାହା ସେ କରିପାରେ । ଅବଶ୍ୟ ଏସବୁର ମୂଲ୍ୟ ଅଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଦିବ୍ୟମାନବର ଭୂମିକାରେ ଏହାର ମୂଲ୍ୟ ଅତି ସାମାନ୍ୟ । ପୂର୍ଣ୍ଣଯୋଗର ପ୍ରବର୍ତ୍ତିତ ମାର୍ଗରେ ନୂତନ ଚେତନାର ଉନ୍ମେଷ, ଉନ୍ନୟନ ତଥା ପରିପୁଷ୍ଟି ଏବଂ ସେହି ଚେତନାର ଜ୍ୱଳନ୍ତ ଅଗ୍ନିରେ ସମଗ୍ର ପ୍ରକୃତିର ରୂପାନ୍ତର, ଅହଂ ବ୍ୟକ୍ତିତ୍ୱର ସ୍ଥାନରେ ଦିବ୍ୟ ଭାଗବତ କେନ୍ଦ୍ରର ପ୍ରତିଷ୍ଠାହିଁ ସାରକଥା ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୭୯-୮୧) ❑

---

*(ପୃଷ୍ଠା ୨୦ର ଅବଶିଷ୍ଟାଂଶ)*

ସମସ୍ତ ସଂସାରରେ ପଡ଼ିବ । ଶାସନ ବିଧାନ ଦ୍ୱାରା ଯେଉଁମାନଙ୍କୁ ସତ୍ୟ ଆଚରଣ କରିବାକୁ ବାଧ୍ୟ କରା ହେଉଛି, ସେହିମାନଙ୍କ ଅନ୍ତରରୁ ଧୀରେ ଧୀରେ ଅସତ୍ୟ ପ୍ରବୃତ୍ତି ଦୂର ହେବ ଏବଂ ସେମାନେ ମଧ୍ୟ ନୂତନ ଅତିମାନସ ସତ୍ୟ ଯୁଗ ପ୍ରତି ଅଗ୍ରସର ହେବେ । ଏହି ଉଭୟ ପ୍ରକାର ପ୍ରଣାଳୀ ଉଭୟକୁ ସାହାଯ୍ୟ କରିବ ଏବଂ ଏକ ଅନ୍ୟର ପରିପୂରକ ହେବ । ବ୍ୟକ୍ତିର ଅସତ୍ୟ ଆଚରଣକୁ ନିୟନ୍ତ୍ରଣ କରିବାର ଅର୍ଥ ବ୍ୟକ୍ତିର ସ୍ୱତନ୍ତ୍ରତାରେ ହସ୍ତକ୍ଷେପ କରିବା ନୁହେଁ ବରଂ ବ୍ୟକ୍ତିର ସତ୍ୟ ସ୍ୱତନ୍ତ୍ରତା ମାର୍ଗରେ ସାହାଯ୍ୟ କରିବା ।

ବର୍ତ୍ତମାନ ପରିସ୍ଥିତି ଅନୁସାରେ ଏହାହିଁ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ଏଥିରେହିଁ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ଜଗତର କଲ୍ୟାଣ ।

(ଶ୍ରୀଅରବିନ୍ଦ-ଆକ୍ସନ୍, ସେପ୍ଟେମ୍ବର-ଅକ୍ଟୋବର ୧୯୭୫, ପୃ. ୨ ଓ ୪ରୁ ସଂଗୃହୀତ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୮)


## ମହେନ୍ଦ୍ରନାଥ ସ୍ୱାଇଁ


**କୋଟିଏରୁ ଗୋଟିଏ :**

ଜାଗ୍ରତ୍-ଆତ୍ମା ସର୍ବଦା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱକୁ ଦେଖୁଥା'ନ୍ତି, ଦୁଇଟି ଗତିବୃତ୍ତିର ଦୁଇଟି ମେରୁ ଉପରେ ଲକ୍ଷ୍ୟ ରଖୁଥା'ନ୍ତି । ପ୍ରଥମ ପାର୍ଶ୍ୱଟି ହେଉଛି ଅହଂକାରର କର୍ଷଣ ବା ମନ୍ଥନ ଯାହା ସର୍ବଦା ଏତାଦୃଶ ଅନୁଭବ ଆଣି ଦେଉଥାଏ; ତାହା ହେଲା, ''ମୁଁ କେଡ଼େ ମହାନ୍, ମୋର ତପସ୍ୟା କେତେ ଚମତ୍କାର ।'' ଅନ୍ୟ ପାର୍ଶ୍ୱଟି ହେଉଛି ଅହଂକାରର ଏକ ବିପରୀତ ତାମସିକ ନମ୍ରତା : ଯାହା ସର୍ବଦା କହୁଥାଏ, ''ମୁଁ କିଛି ନୁହେଁ, ମୁଁ ନିମିତ୍ତ ମାତ୍ର ।'' ଏହା କହି ଭିତରେ ଭିତରେ ଉଲ୍ଲସିତ ହେଉଥାଏ । ଅନ୍ୟମାନେ ଦେଖୁଛନ୍ତି କି ନାହିଁ ବା ଶୁଣି ମୁଖମଣ୍ଡଳରେ କି ପ୍ରକାର ଭାବ ଫୁଟାଉଛନ୍ତି ତାହା ଜାଣିବା ପାଇଁ ସନ୍ତର୍ପଣରେ ଚାହୁଁଥାଏ ।

ମଣିଷର ଏହି ଅହଂକାର ଲୀଳାକୁ ଦେଖି ପ୍ରଭୁ ତାଙ୍କ ଦରଜା ଭଲ ଭାବରେ କିଳି ଦେଇଥା'ନ୍ତି, ଯେତେ ଶକ୍ତି ଲଗାଇ ଖୋଲିବାକୁ ଚେଷ୍ଟା କଲେ ମଧ୍ୟ ତାହା ଖୋଲେ ନାହିଁ, ପ୍ରଭୁ ଆମକୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରନ୍ତି ନାହିଁ । ମନେ କରନ୍ତୁ କୌଣସି ଏକ ସୁନ୍ଦର, ଦୀପ୍ତିମୟ ପ୍ରଭାତରେ ଆମେ ପ୍ରଭୁଙ୍କ ଦର୍ଶନ ପାଇଗଲେ, ସେତେବେଳେ ମଧ୍ୟ ଆମେ ଆମର ଚିରାଚରିତ ଅହଂକାରର ଭାଷାକୁ ଟିକିଏ ପରିମାର୍ଜିତ କରି ପ୍ରାର୍ଥନା କରିଥାଉ । ଯାହାର ପରିଭାଷା ହେଲା, କେବଳ ଆମ ଜୀବନର ଆନନ୍ଦଗୁଡ଼ିକ ସର୍ବଦା ଆମ ସହିତ ରହିଥା'ନ୍ତୁ, ପ୍ରଭୁ ଆମ ଇଚ୍ଛା ପୂରଣ କରନ୍ତୁ, ପରମ ପ୍ରଭୁ କେବଳ ଆମର ହୋଇ ରହିଥା'ନ୍ତୁ । ବସ୍ତୁତଃ ଆମେ ସମଗ୍ର ପୃଥିବୀ ପାଇଁ ପ୍ରାର୍ଥନା କରିବାକୁ ଭୁଲି ଯାଉ ।

ଏହି ପ୍ରକାରେ ପ୍ରଭୁଙ୍କର ଇଚ୍ଛା କ'ଣ ତାହା ଜାଣିବାକୁ ଆମ ଅହଂକାର ଆମକୁ ବାଟ ଛାଡ଼େ ନାହିଁ । ଏହା ଦେଖି ପ୍ରଭୁ ପୁନର୍ବାର ତାଙ୍କ କବାଟ ଦୃଢ଼ ଭାବରେ କିଳି ଦେଇ ଭିତରକୁ ଚାଲିଯା'ନ୍ତି । ତତ୍‌ପରେ ଆରମ୍ଭ ହୋଇଯାଏ ଆମ ଅହଂକାରର ପୁନଃ ପ୍ରଚେଷ୍ଟା – ପ୍ରାର୍ଥନା, କୀର୍ତ୍ତନ, ଧ୍ୟାନ, ଧାରଣା, ପଠନ, ପାରାୟଣ ଇତ୍ୟାଦି ଇତ୍ୟାଦି ।

ପ୍ରଭୁଙ୍କ ମନ୍ଦିରର ଦ୍ୱାର ଖୋଲେ ନାହିଁ, ଆମ ଅହଂକାର ହତାଶ ହୋଇ କହିଦିଏ, ''ପ୍ରଭୁ ମୋ ପାଇଁ ବଧିର ହୋଇ ଗଲେଣି ।'' ପୁନର୍ବାର ଆମେ ଅହଂକାରର ଅନ୍ୟ ଏକ ଗଭୀର ଅନ୍ଧକାର ଗର୍ତ୍ତରେ ପଡ଼ିଯାଉ ଏବଂ ନିଜକୁ ଧିକ୍କାର କରି ଚିତ୍କାର କରି କହିଥାଉ, ''ମୁଁ ତ ଗୋଟାଏ ଅପଦାର୍ଥ, ପ୍ରଭୁ ମୋତେ ତ୍ୟାଗ କରି ଦେଇଛନ୍ତି, ମୁଁ ତାଙ୍କୁ ପାଇବା ପାଇଁ ଅଯୋଗ୍ୟ ।'' ଦିବ୍ୟଜନନୀ ଶ୍ରୀମା ଜାନୁଆରୀ ୩, ୧୯୧୪ ତାରିଖରେ ତାଙ୍କର ଛୋଟ ଏବଂ ସରଳ ପ୍ରାର୍ଥନାଟିରେ ଅହଂକାରର ଏହି ଦୁଇ ପ୍ରକାର ଜାଲରୁ କିପରି ମୁକୁଳିବାକୁ ହେବ ତା'ର ଉପାୟ ବତାଇ ଦେଇଛନ୍ତି, ତାହାହେଲା –

"IT is always good to look within oneself from time to time and see that one is nothing and can do nothing, but afterwards one must turn one's eyes to Thee, knowing that Thou art all and Thou canst do all.

Thou art the life of our life
and the light of our being,
Thou art the master of our destinies."

(Prayers and Meditations, P. 45)

''ଅର୍ଥାତ୍, ସମୟେ ସମୟେ ନିଜ ଭିତରକୁ ନିରୀକ୍ଷଣ କରିବା ସର୍ବଦା ମଙ୍ଗଳକର ଏବଂ ସେଠାରେ ଦେଖିବା ଯେ ଆମେ କିଛି ନୁହଁ, ଏବଂ କିଛି ମଧ୍ୟ କରିପାରିବା ନାହିଁ, କିନ୍ତୁ ପରବର୍ତ୍ତୀ ସମୟରେ ଆମେ ଆପଣଙ୍କ ଆଡ଼କୁ ନିଶ୍ଚିତ ଭାବରେ ଆଖି ଫେରାଇବା ଉଚିତ ଏବଂ ବୁଝିବାକୁ ହେବ ଯେ ଆପଣହିଁ ସବୁକିଛି ଏବଂ ଆପଣ ସକଳ କର୍ମର କର୍ତ୍ତା ।

''ଆପଣହିଁ ଆମ ଜୀବନର ଜୀବନ
ଏବଂ ଆମ ସତ୍ତାର ଆଲୋକ,
ଆପଣହିଁ ଆମ ଭାଗ୍ୟର ବିଧାତା ।''

ନିଜ ଭିତରକୁ ଦେଖିବା ନିମନ୍ତେ ଶିକ୍ଷା କରିବାକୁ ଓ ସାଧନା କରିବାକୁ ହେବ; କାରଣ ଭିତରକୁ ଦେଖିବା ଏତେ

ସହଜ ନୁହେଁ । କିନ୍ତୁ ଏହି କାର୍ଯ୍ୟଟି ସହଜ ହୋଇଥାଏ ଯେତେବେଳେ ଆମେ ବସିଥାଉ ଶ୍ରୀଅରବିନ୍ଦଙ୍କ ପବିତ୍ର ସମାଧି ସମ୍ମୁଖରେ ଅଥବା ଶ୍ରୀତନୁ ସ୍ମାରକୀ କେନ୍ଦ୍ର (Relic Centre) ଭିତରେ । କାରଣ ସେଠାକାର ବାତାବରଣ ଏହି କାର୍ଯ୍ୟରେ ଆମକୁ ସାହାଯ୍ୟ କରିଥାଏ । ପୁନଶ୍ଚ ସମୁଦ୍ର ବେଳାଭୂମିରେ, ନଦୀ କୂଳରେ, ଶାଖା ପ୍ରଶାଖା ବିସ୍ତାରିତ କରି ଅପୂର୍ବ ପତ୍ର ସଜ୍ଜାରେ ନିଜକୁ ବିମଣ୍ଡିତ କରି ଦୃଢ଼ ଭାବରେ ଦଣ୍ଡାୟମାନ ବୃକ୍ଷମାନଙ୍କ ମୂଳରେ ବସିଥିବା ସମୟରେ ଚକ୍ଷୁ ମୁଦ୍ରିତ କରି ଦେଲେ ଭିତରକୁ ଦେଖି ହୁଏ । ମା କହୁଛନ୍ତି ଯେ ଏହା ସର୍ବଦା ମଙ୍ଗଳକର । କିନ୍ତୁ ଆମେ ଏହି ସୂତ୍ରଟିର ବ୍ୟବହାର ଜାଣି ନାହୁଁ, ଜାଣିଥିଲେ ମଧ୍ୟ ଅଜଣା ପରି ଆଚରଣ କରୁଛେ । କାରଣ ସେଠାରେ ଆମେ ଆମର ପାରିଲା ପଣିଆକୁ ଦେଖି ପାରିବା, ଆମେ ଯେ କେତେ ଅସହାୟ ତାହା ଜାଣି ପାରିବା । ଏହି ଅବସ୍ଥାରେ ଆମର ଦୃଷ୍ଟି ନିଶ୍ଚିତ ଭାବରେ ପ୍ରଭୁଙ୍କ ଉପରେ, ମା'ଙ୍କ ଉପରେ ନିବଦ୍ଧ ହେବ । ଆମ ପାଇଁ ସିଏ ନିର୍ଦ୍ଧାରିତ କରିଥିବା ପଥ ସମ୍ମୁଖରେ ଖୋଲିଯିବ ଏବଂ ଆମେ ନୂତନ ଆଲୋକ, ଚେତନା ଓ ଶକ୍ତି ଆଡ଼କୁ ଅଗ୍ରସର ହେବା ସହଜ ହୋଇଯିବ । ଏହାହିଁ ମାନବ-ଆତ୍ମାର ସ୍ୱୟଂକ୍ରିୟ ଉନ୍ମୋଚନ ପଥର କ୍ରମଃ ଅଗ୍ରଗତି; ଯାହାକୁ ପ୍ରଭୁ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟର ପ୍ରଥମ ପର୍ବ, ଚତୁର୍ଥ ସର୍ଗ, ''ରହସ୍ୟାବୃତ୍ତ ଜ୍ଞାନ'' ବା "The Secret Knowledge" ଶୀର୍ଷକ ଅଧ୍ୟାୟର ପୃଷ୍ଠା ୪୭ରେ ବର୍ଣ୍ଣନା କରିଛନ୍ତି । ପ୍ରଭୁ ଲେଖୁଛନ୍ତି –

"In the unfolding process of the Self
Sometimes the inexpressible Mystery
Elects a human vessel of descent."

ଯାହାର ଭାବାର୍ଥ ନିମ୍ନମତେ :

''ବ୍ୟକ୍ତି ସତ୍ତା ମଧ୍ୟେ ପୁନଶ୍ଚ ଜଗତେ ଆତ୍ମ-ଉନ୍ମୀଳନ ବେଳେ
ଅପ୍ରକାଶ୍ୟ ସେହି ଗୁପ୍ତ ରହସ୍ୟ ଖୋଲିଥାଏ ଅବହେଳେ
ମାନବ ଆଧାର ନିର୍ବାଚନ କରି କୋଟିରୁ ଗୋଟିଏ ବାଛେ
ସ୍ୱୟଂ ଅବତରି ସେହି ପାତ୍ର ମଧ୍ୟେ ପାର୍ଥିବ ଲୀଳାକୁ ଇଚ୍ଛେ ।''

ପରମପୁରୁଷ କ୍ରମାଗତ ଭାବରେ ନିଜକୁ ଖୋଲି ଖୋଲି ଚାଲିଛନ୍ତି । ବେଳେ ବେଳେ ଏହି ଉନ୍ମୋଚନର ଗତି କ୍ଷିପ୍ରତର ହୋଇଥାଏ, କାରଣ ପ୍ରଭୁ ପରଦା ପଛରେ ରହି ବିଶ୍ୱବ୍ୟାପକ ଅଜ୍ଞାନତା ସହିତ ଲୀଳା କରୁଥା'ନ୍ତି । ଏହି ଲୀଳା ମଧ୍ୟରେ କୋଟି କୋଟି ଜୀବାତ୍ମା ପ୍ରଭୁଙ୍କୁ ନିଜ ଜୀବନର ଜୀବନ ବୋଲି ଦୃଢ଼ ଭାବରେ ବୁଝି ଯାଇଥା'ନ୍ତି । ତାଙ୍କ ବ୍ୟତୀତ ଏହି ଜଗତରେ ବଞ୍ଚି ରହିବା ଅସମ୍ଭବ ତାହା ମଧ୍ୟ ଜାଣିଥା'ନ୍ତି । ଏହି କଥାକୁ ହୃଦୟରେ ଧାରଣପୂର୍ବକ ବାଟ ଚାଲୁଥିବାରୁ ସୃଷ୍ଟିର ଅନେକ ଲୁକ୍କାୟିତ ରହସ୍ୟ ସେମାନଙ୍କ ସମ୍ମୁଖରେ ଖୋଲି ଯାଇଥାଏ । ଦିବ୍ୟାଲୋକ ପଥରେ ଅଗ୍ରସର ହେଉଥିବା ପଥିକମାନଙ୍କ ମଧ୍ୟରୁ ଜଣକୁ ପ୍ରଭୁ ନିର୍ବାଚନ କରି ସେହି ଜୀବସତ୍ତା ଭିତରେ ଅବତରି ଆସିଥା'ନ୍ତି ଏବଂ ସେଇ ମାନବ-ଆଧାର ମଧ୍ୟରେ ରହି ପାର୍ଥିବ ଲୀଳା ରଚନା କରିଥା'ନ୍ତି । ସେଥିପାଇଁ ମା ପ୍ରାର୍ଥନାଟିର ଶେଷ ଧାଡ଼ିରେ କହିଛନ୍ତି, ''ଆପଣହିଁ ଆମର ଭାଗ୍ୟ-ବିଧାତା ।'' ସେହିପରି ଦିବ୍ୟଜନନୀ ଶ୍ରୀମା ତାଙ୍କର ଭକ୍ତ, ସାଧକ ଓ ଅନୁଗାମୀମାନଙ୍କୁ ସେମାନଙ୍କ ଅଜାଣତରେ ପ୍ରସ୍ତୁତ କରି ଚାଲିଛନ୍ତି ପ୍ରଭୁଙ୍କ କାର୍ଯ୍ୟରେ ଯନ୍ତ୍ର ହେବା ପାଇଁ । ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ୧୯୭୨ ମସିହାରେ ବାଙ୍ଗଲାଦେଶର କିଛି ଲୋକଙ୍କର ବିରୋଧ ସତ୍ତ୍ୱେ ସେଠାରେ ଉତ୍ସବଟି କିପରି ସୁରୁଖୁରୁରେ ପାଳିତ ହେଲା ତାହା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

ମା'ଙ୍କର ଅନୁମତି ନେଇ ଆଶ୍ରମର ଜନୈକ ସାଧକ 'ଜି' ବାଙ୍ଗଲାଦେଶର ରାଜଧାନୀ ଢାକାକୁ ଯାତ୍ରା କଲେ ଓ ସେଠାରେ ଭାରତର ହାଇ-କମିଶନର(High Commissioner)ଙ୍କୁ ସାକ୍ଷାତ୍ କଲେ । କିନ୍ତୁ ହାଇ-କମିଶନର ସେଠାକାର ତତ୍କାଳୀନ ଜଟିଳ ରାଜନୈତିକ ପରିସ୍ଥିତି ଅନୁଧ୍ୟାନ କରି ସେଠାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ କୌଣସି କାର୍ଯ୍ୟ କରିବାକୁ ଅନୁମତି ଦେଲେ ନାହିଁ । 'ଜି' ମା'ଙ୍କୁ ଟେଲିଗ୍ରାମ ଯୋଗେ ସବୁକଥା ଜଣାଇ ସେଠାକାର ଜନୈକ ଆନ୍ତର୍ଜାତୀୟ ବ୍ୟବସାୟୀ ଯେ କି ତାଙ୍କର ହୋଟେଲରେ ରହିବାର ବ୍ୟବସ୍ଥା ତଥା ଯାତାୟାତର ସୁବିଧା ନିମନ୍ତେ ଗାଡ଼ି କରି ଦେଇଥିଲେ, ସେ ତାଙ୍କ ମ୍ୟାନେଜରଙ୍କୁ ସାକ୍ଷାତ୍ କରି ସବୁକଥା ଜଣାଇଲେ । ତାଙ୍କ ମାଧ୍ୟମରେ 'ଜି' ବାଙ୍ଗଲାଦେଶର କେତେଜଣ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ; ସେମାନେ ମଧ୍ୟ କହିଲେ, ''ଆମ୍ଭେ ଶ୍ରୀଅରବିନ୍ଦଙ୍କୁ ସମ୍ମାନ କରୁ କାରଣ ସେ ଜଣେ ମହାନ୍ ଋଷି ଏବଂ ସ୍ୱାଧୀନତା ସଂଗ୍ରାମୀ; କିନ୍ତୁ ସରକାରଙ୍କ ତରଫରୁ ତାଙ୍କ ଜନ୍ମ-ଶତବାର୍ଷିକୀ ପାଳନ କରାଗଲେ ଫଳ ଓଲଟା ହୋଇ ଯାଇପାରେ ।'' ଏହି କଥା ଶୁଣି 'ଜି'ଙ୍କ ମନ ନୈରାଶ୍ୟରେ ଭରି ଗଲା ।

ସେହିଦିନ ଅପରାହ୍ଣରେ 'ଜି' ଢାକାରେ ଥିବା ଏକ ପ୍ରସିଦ୍ଧ କାଳୀମନ୍ଦିର ବୁଲିବାକୁ ଯାଇଥିଲେ । ଯିବା ସମୟରେ

ତାଙ୍କୁ ଶୋଷ ଲାଗିଲା । ଡ୍ରାଇଭରକୁ କହିବାରୁ ସେ କହିଲା, ''ଆଗରେ ପ୍ରେସ୍‌କ୍ଲବ ଅଛି, ସେଠାକୁ ଗଲେ ପିଇବା ପାଣି ମିଳିପାରେ ।'' ସେଠାରେ ଛିଡ଼ା ହୋଇଥିବା ସମୟରେ ହଠାତ୍ ତାଙ୍କ ମନକୁ ଆସିଲା, ''ଏଠାରେ ପ୍ରେସ୍ ସମ୍ମିଳନୀଟିଏ ଆୟୋଜନ କଲେ କିଛି ହୋଇ ପାରନ୍ତା ।'' ଶ୍ରୀମା'ଙ୍କୁ ପ୍ରାର୍ଥନା ଜଣାଇ 'ଜି' ପ୍ରେସ୍‌ର ସେକ୍ରେଟେରୀଙ୍କୁ ସାକ୍ଷାତ୍ କରି ତାଙ୍କୁ ସବୁକଥା କହିଲେ ଏବଂ ତା' ପରଦିନ ସକାଳ ନ'ଟାରେ ଗୋଟିଏ ସମ୍ମିଳନୀ ଆୟୋଜନର ବ୍ୟବସ୍ଥା ହେଲା । କିନ୍ତୁ ସେଠାରେ କୌଣସି ଧାର୍ମିକ ଆଲୋଚନା ହେବ ନାହିଁ ବୋଲି ସ୍ଥିର ହେଲା । 'ଜି' ଭୋକ, ଶୋଷ ଭୁଲିଗଲେ, ହୋଟେଲକୁ ଫେରିଲେ, ରାତିରେ ନିଦ ହେଲା ନାହିଁ, ଶ୍ରୀଅରବିନ୍ଦଙ୍କ 'ମା' ପୁସ୍ତକଟି ବାହାର କରି ପାଠକଲେ ଏବଂ ଶ୍ରୀମା'ଙ୍କୁ ହାତଯୋଡ଼ି ପ୍ରାର୍ଥନା କରି ଜଣାଇଲେ, ''ମା ଆସନ୍ତା କାଲି ପ୍ରେସ୍ କନ୍‌ଫରେନସ୍‌ରେ ଆପଣଙ୍କ ଉପସ୍ଥିତି ନିମନ୍ତେ ବିନୀତ ଅନୁରୋଧ ଜଣାଉଛି ।''

ତା' ପରଦିନ ସକାଳ ନ'ଟା ସମୟରେ ଛଅ ଜଣ ରିପୋର୍ଟର ଆସିଲେ । 'ଜି' ସେଠାରେ ମା'ଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ଅନୁଭବ କରୁଥିଲେ । ପ୍ରାରମ୍ଭିକ ଅଭିଭାଷଣରେ ସେ କେବଳ ଅରୋଭିଲ୍ ବିଷୟରେ କିଛି କହିଲେ । ଖୁବ୍ ମାପିଚୁପି ସ୍ପଷ୍ଟ ସ୍ୱରରେ ସମ୍ବୋଧନପୂର୍ବକ ତାଙ୍କର ବକ୍ତବ୍ୟଟି ଉପସ୍ଥାପନ କଲେ । ତତ୍ପରେ କିଛି ସମୟ ନୀରବତା – ମା'ଙ୍କର ଅଦ୍ଭୁତ ଶକ୍ତି ସେହି ନୀରବତା ମଧ୍ୟରେ କାମ କଲା । ପତ୍ରକାରମାନଙ୍କ ପାଖରୁ ଛୁଟିଲା ପ୍ରଶ୍ନର ସ୍ରୋତ । ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ 'ଜି' କେତେବେଳେ ଯେ ଶ୍ରୀମାଶ୍ରୀଅରବିନ୍ଦଙ୍କ କଥା, ଆଶ୍ରମ କଥା, ପୂର୍ଣ୍ଣଯୋଗର ତତ୍ତ୍ୱ, 'ସାବିତ୍ରୀ' ମହାକାବ୍ୟ, 'ଦିବ୍ୟ ଜୀବନ' ଗ୍ରନ୍ଥ ତଥା 'ଯୋଗ ସମନ୍ୱୟ' ଗ୍ରନ୍ଥର ବ୍ୟାଖ୍ୟା କରି ଚାଲିଛନ୍ତି ସେ ନିଜେ ମଧ୍ୟ ଜାଣି ପାରି ନାହାନ୍ତି ।

ତା' ପରଦିନ ସକାଳେ 'ଜି' ଯେଉଁ ହୋଟେଲରେ ଅବସ୍ଥାନ କରୁଥିଲେ, ସେଠାକୁ ଆସୁଥିବା ଦୈନିକ ସମ୍ବାଦ-ପତ୍ରମାନଙ୍କ ଉପରେ ଆଖି ବୁଲାଇ ଆଣି ଯାହା ଦେଖିଲେ, ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ନିଜ ଆଖିକୁ ମଧ୍ୟ ସେ ବିଶ୍ୱାସ କରିପାରିଲେ ନାହିଁ । ସମସ୍ତ ସମ୍ବାଦପତ୍ରରେ ପ୍ରଥମ ପୃଷ୍ଠାର ସମ୍ମୁଖ ଭାଗରେ ଶ୍ରୀଅରବିନ୍ଦଙ୍କର ଏକ ସୁଦୃଶ୍ୟ ଫଟୋ ସହ ପ୍ରେସ୍ ସମ୍ମିଳନୀର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶିତ ହୋଇଛି ।

ସେ ତଳକୁ ଗଲେ, ଢାକାରୁ ପ୍ରକାଶିତ ହେଉଥିବା ଅନ୍ୟ ଏକ ସମ୍ବାଦପତ୍ର 'ଇତ୍ତେଫ୍ୟାକ୍' ଖଣ୍ଡେ କିଣିଲେ ଏବଂ ଦେଖିଲେ ସମ୍ମୁଖ ପୃଷ୍ଠାରେ ଶ୍ରୀଅରବିନ୍ଦ ଓ ଅରୋଭିଲ୍‌ର ଦୁଇଟି ସୁନ୍ଦର ଫଟୋ ସହ ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ ପାଇଛି । ସେ ଜାଣିବାକୁ ପାଇଲେ ଯେ ଦୀର୍ଘ ୨୫ ବର୍ଷ ପରେ ବାଙ୍ଗଲାଦେଶର ସମ୍ବାଦପତ୍ରମାନଙ୍କରେ ଜଣେ ଭାରତୀୟ ଋଷିଙ୍କର ଫଟୋ ପ୍ରକାଶିତ ହୋଇଛି । 'ଜି' ଅତ୍ୟନ୍ତ ଆନନ୍ଦର ସହିତ ଟେଲିଗ୍ରାମ ଦ୍ୱାରା ମା'ଙ୍କୁ ସବୁକଥା ନିବେଦନ କରି ଜଣାଇ ଦେଲେ ଏବଂ କୃତକୃତ୍ୟ ହେଲେ ମା'ଙ୍କର ପ୍ରତ୍ୟକ୍ଷ ଦିବ୍ୟ ଉପସ୍ଥିତି ପାଇଁ ।

ଏହାପରେ ଚତୁର୍ଦ୍ଦିଗରୁ 'ଜି'ଙ୍କ ପାଖକୁ ଫୋନ୍ ଆସିବାକୁ ଲାଗିଲା । ବାଙ୍ଗଲାଦେଶର ଲୋକମାନେ ଶ୍ରୀଅରବିନ୍ଦଙ୍କ ବିଷୟରେ ବେଶୀ ବେଶୀ ଜାଣିବାକୁ ଆଗ୍ରହ ପ୍ରକାଶ କରି ପ୍ରଶ୍ନ ପଚାରିବାକୁ ଲାଗିଲେ । ଢାକା ବିଶ୍ୱ ବିଦ୍ୟାଳୟର କୁଳାଧିପତି ଆଗ୍ରହ ପ୍ରକାଶ କରି ଫୋନ୍ କଲେ । ଭାରତୀୟ ହାଇ-କମିଶନର ତାଙ୍କୁ ମଧ୍ୟାହ୍ନ ଭୋଜନ ନିମନ୍ତେ ଆମନ୍ତ୍ରଣ କଲେ । 'ଜି' ଆଶ୍ଚର୍ଯ୍ୟ ହେଉଥିଲେ ମଧ୍ୟ ଜାଣିଥିଲେ ଯେ ଶ୍ରୀଅରବିନ୍ଦଙ୍କ ଜନ୍ମ-ଶତବାର୍ଷିକୀ ସମୟରେ ମା'ଙ୍କ କରୁଣା ବାଙ୍ଗଲାଦେଶରେ ଅବତରଣ କରିଥିବା ଫଳରେ ଏହାସବୁ ସମ୍ଭବପର ହୋଇ ପାରିଥିଲା । ତା'ପରଦିନ ଜନ୍ମଶତବାର୍ଷିକୀ ପାଳନ ନିମନ୍ତେ ଏକ ଅଭ୍ୟର୍ଥନା ସମିତି ଗଠିତ ହେଲା । ବାଙ୍ଗଲାଦେଶର ଜନୈକ ମନ୍ତ୍ରୀ ତା'ର ଚେୟାରମ୍ୟାନ୍ ହେଲେ । ଅଗଷ୍ଟ ୧୫, ୧୯୭୨ରେ ଜନ୍ମଶତବାର୍ଷିକୀ ଉତ୍ସବ ପାଳନ ହେବା ପାଇଁ ସ୍ଥିର ହେଲା । ଆଶ୍ରମରୁ ଅନେକ ସାଧକ, ସାଧିକା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସେହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା ।

('ଦିବ୍ୟ ସମାଚାର' ପୁସ୍ତକର ପୃ. ୪୨-୪୪ରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


(୧) Prayers and Meditations – The Mother

(୨) Musing with the Mother's Prayers and Meditations – Shyam Kumari

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୫)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

ଉଠି ଛିଡ଼ା ହେଲି ଶ୍ରୀଅରବିନ୍ଦଙ୍କ କକ୍ଷକୁ ଯିବା ନିମନ୍ତେ । ହଠାତ୍ କିପରି ଏକ ଦୁକୁଦୁକୁ ଭାବ ସହିତ ହୃତ୍-ସ୍ପନ୍ଦନ କ୍ଷିପ୍ରତର ହେଉଥିବାର ବୁଝିପାରୁଛି । କକ୍ଷ ମଧ୍ୟକୁ ପ୍ରବେଶ କଲି । ପ୍ରବେଶ କରିବା ମାତ୍ରେହିଁ ପ୍ରଥମେ ଏକ ସ୍ପନ୍ଦନର ଢେଉ ଆସି ସ୍ପର୍ଶ କଲା – ସମସ୍ତ ଅନ୍ତରଟା ବିଶେଷ ଆନ୍ଦୋଳିତ ହୋଇ ଦେହକୁ ଶକ୍ତ ତଥା କଠିନ କରି ଦେଉଛି : କିପରି ଆଶ୍ଚର୍ଯ୍ୟ ଧରଣର ଅନୁଭୂତି ଏକ ପ୍ରକାରର ଶିହରଣ ସହିତ ହଠାତ୍ ରୋମାଞ୍ଚିତ କରି ଯିବାଆସିବା କରୁଛି ! ଭୀଷଣ ବିସ୍ମୟକର ସଘନ ନୀରବତା କକ୍ଷରେ କେବଳ ବିରାଜମାନ, ଯେପରିକି ପ୍ରହରାରତ, ଯେପରି ଆଗୁଳି ଧରିଛି ଏପରି କିଛିକୁ ଯାହାକୁ କି ଶ୍ୱାସପ୍ରଶ୍ୱାସର କୌଣସି କମ୍ପନ ବି ଛୁଇଁ ନପାରେ ! ନିଃଶ୍ୱାସ ନେବାକୁ ମଧ୍ୟ ଆପଣାଛାଏଁ ସାବଧାନତା ଆସି ଯାଉଛି କାଳେ ଶବ୍ଦ ହୋଇଯିବ । ଅଦ୍ଭୁତ ! ଅଦ୍ଭୁତ ! ଏଇ ପ୍ରକାର ଅବସ୍ଥାର ଅବସ୍ଥିତି ! – ଏହା କହିବାର ନୁହେଁ, କୁହାଯାଇ ପାରିବ ନାହିଁ ! ଧରିବାର ନୁହେଁ, ଛୁଇଁବାର ନୁହେଁ, ଦେଖା ଯାଏନା, ଦେଖାଇ ହୁଏନା, ଶୁଣାଇ ହୁଏନା – କେବଳ ଏକମାତ୍ର ଅନୁଭବର, ସେ ବି କେତେ ଟିକିଏ ମାତ୍ର ! ଡୁବି ଯାଉଛି କେଉଁ ଅତଳକୁ ଯେପରି । ଯେତେବେଳେ ସାମନା ଦିଗକୁ ଦୃଷ୍ଟି ପଡ଼ିଲା ହଠାତ୍ ଚମକ ଭାଙ୍ଗି ଗଲା – ଏ କ'ଣ ! କ'ଣ ଦେଖୁଛି ମୁଁ ! ସମସ୍ତ ଆଶ୍ଚର୍ଯ୍ୟର, ବିସ୍ମୟର ସୀମାକୁ ଅତିକ୍ରମ କରି କାହାକୁ ମୁଁ ଦେଖୁଛି ! ଏହା ଯେପରି କୌଣସି ଅଦ୍ୱିତୀୟ ସ୍ୱରୂପର ପ୍ରତିମୂର୍ତ୍ତି – ସ୍ୱର୍ଣ୍ଣ ଆଲୋକର ପ୍ରଦୀପ୍ତି ବିଚ୍ଛୁରିତ କରି ସମ୍ମୁଖରେ ଏକ ସରଳରେଖାରେ ଶୟନ କରିଛନ୍ତି କନକୋଜ୍ଜ୍ୱଳ ପୁରୁଷ ମହାନ୍ ! ଚକ୍ଷୁ ଦୁଇଟି ବନ୍ଦ, କିନ୍ତୁ ସକଳ ବିଶ୍ୱଚରାଚର ଯେପରି କରତଳଗତ ବକ୍ଷ ଉପରେ ସ୍ଥାପିତ ସେଇ ହସ୍ତ ଦ୍ୱୟର ମୁଷ୍ଟି ମଧ୍ୟରେ । କି ମହିମାନ୍ୱିତ ! କି ମର୍ଯ୍ୟାଦାପୂର୍ଣ୍ଣ ! କି ଯେ ଅପୂର୍ବ ଶୟନର ଭଙ୍ଗୀ ! ମୋର ନୟନ ଆପଣାଛାଏଁ ବନ୍ଦ ହୋଇ ଆସିଲା, ସମଗ୍ର ସତ୍ତା ଲୋଟିଗଲା ସେଇ ଶ୍ରୀଚରଣ ତଳେ । କିଏ ଯେପରି ମୋତେ ମୋ ଆନ୍ତର ସତ୍ତା (Inner self) ଅଭିମୁଖେ ଟାଣି ନେଇଗଲା; ଦେଖୁଛି : ସାମନାରେ ମୋର ପ୍ରତିଭାତ ହୋଇଛନ୍ତି ପରମ ବିଧାତାଙ୍କର ଦିବ୍ୟତାର ଏକ ମହତ୍ତମ ପ୍ରକାଶ ! ଐଶ୍ୱର୍ଯ୍ୟର ପ୍ରଜ୍ୱୋଳ କିରଣର ଅଭିନବତ୍ୱରେ ପରିପୂର୍ଣ୍ଣ ତାଙ୍କ ସ୍ୱକୀୟ ଆଲୋକର ସମ୍ପଦ ! ଏହି ! ଏହି କ'ଣ ତେବେ ଯାହାଙ୍କୁ ବେଦରେ କୁହାଯାଇଛି – ''ବେଦହମେତଂ ପୁରୁଷ ମହାନ୍ତମ୍, ଆଦିତ୍ୟ ବର୍ଣ୍ଣଂ, ତମସଃ ପରସ୍ତାତ୍'', ସେଇ ଚିନ୍ମୟ ସ୍ୱରୂପ ମହାନ୍ ପୁରୁଷଙ୍କୁ କ'ଣ ମୁଁ ଦେଖୁଛି ? ସମସ୍ତ ଅନ୍ତର ଆନ୍ଦୋଳିତ କରି ଲୋତକଧାରା ବୋହି ଚାଲିଲା ! ଭଗବାନ୍ ! ଭଗବାନ୍ ! ଏ କି କରୁଣା ତୁମର କରୁଣାମୟ ! ଏ କେଉଁ ରୂପରେ ଦେଖା ଦେଲ ମୋତେ । ହେ ଆଦିତ୍ୟ ବର୍ଣ୍ଣ ପୁରୁଷ ମହାନ୍ ! ମହା ମହୀୟାନ୍, ଅନୁପମ, ଅନିନ୍ଦ୍ୟ ଦେବକାନ୍ତି ମାନବ ରୂପର ଆବରଣରେ ନିଜକୁ ଆବରିତ କରି ରଖିଥିଲେ,– ମୁଁ ଦେଖୁଛି, ଚିହ୍ନୁଛି, ଜାଣୁଛି, ''ଶ୍ରୀଅରବିନ୍ଦ'' ରୂପେ ଯାହାଙ୍କୁ ! ହେ ମୋର ପ୍ରଭୁ ! ଗୁରୁଙ୍କର ଗୁରୁ ଗରୀୟାନ୍ ! ଆଜି କ'ଣ ତୁମେ ସେଇଆ ଦେଖାଇଲ ତୁମର ଅବ୍ୟକ୍ତ ଭଗବତ୍ ରୂପର ବ୍ୟକ୍ତ ସ୍ୱରୂପ ? କୃତଜ୍ଞତାର ସ୍ରୋତରେ ନୟନର ବନ୍ଧ ଭାଙ୍ଗିଗଲା । ନୟନଭରା ଲୁହରେ ଦେଖୁଛି, କେବଳ ଦେଖୁଛି ! ଦୃଷ୍ଟି ଯେପରି ଅଟକି ଯାଇଛି ସେହିଠାରେ । ମୋର ଆଶା ଆଉ ମେଣ୍ଟିବାକୁ ଚାହେଁ ନାହିଁ, ଏସବୁକୁ ଲୁଚାଇ ଏକ ଅନିର୍ବଚନୀୟ ଭାବ – Something inexpressible : ମୋର ସମଗ୍ର ସତ୍ତାକୁ ତା'ର ଅଭାବନୀୟ ସ୍ପର୍ଶରେ ତନ୍ମୟାବିଷ୍ଟ କରି ରଖିଲା । ବିଶେଷ ଭାବରେ ସତ୍ତାକୁ ଏଇ ଅନୁଭୂତିର ମଝିରେ ତୋଳି ଧରିଲି, ଯାହାଫଳରେ ଏଇ କ୍ଷଣି ଦେଖୁଛି : ସେଇ ଦେବୋପମ ଶରୀର – ଠିକ୍ ଯେପରି ଇଂରାଜୀରେ ଯାହାକୁ କୁହାଯାଏ Surcharged; କୌଣସି ବିଶିଷ୍ଟ ଅବତରଣର ହିରଣ୍ୟାଲୋକର ଉଦ୍ଭାସରେ – ଯାହାର କିରଣମାଳା ବିଚ୍ଛୁରିତ ହୋଇଛି ଗୃହର ଚତୁର୍ଦ୍ଦିଗରେ – ଚାରି ଦିଗରୁ ସେଇ ଆବିର୍ଭାବର ଅସ୍ତିତ୍ୱ ସ୍ୱୟଂ ସମ୍ମୁଖକୁ ଆସି

ଧରାଦେଇଛି, ତା'ର ଅଭ୍ରାନ୍ତ ପ୍ରଭାବ ପରିବେଶରେ ଥମ୍ ଥମ୍ କରୁଛି ! ମୋର ସମସ୍ତ ଅନ୍ତରଟା ଭରି ଉଠିଲା ଅନ୍ୟ ଏକ ଭାବନାରେ; ଚେତନାରେ ଆଲୋକ ଅବତରଣ କରୁଛି । ଯାହା ଦେଖୁଛି ସେସବୁକୁ ଦେଖୁଛି ଅନ୍ୟ ଆଲୋକରେ । ଆଉ ଯାହାସବୁ ଦେଖୁଛି ତାହା ସେ ଯେ ଦେଖାଉଛନ୍ତି, ସେ ବିଷୟରେ ସନ୍ଦେହର ଅବକାଶ ନାହିଁ – ଏତେ ସ୍ପଷ୍ଟ ସେ ଅନୁଭୂତି ! ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ଯଦି ସେତେବେଳେ ପ୍ରକାଶିତ ହୋଇ ଥାଆନ୍ତା କିଂବା ମୋ ହାତକୁ ଆସି ଥାଆନ୍ତା, ତା'ହେଲେ ଏଇ ଧାଡ଼ିଗୁଡ଼ିକ ଯାହା ଏଠାରେ ମୁଁ ଉଦ୍ଧୃତ କରୁଛି ସେଥିରୁ ବୁଝାଯାଇ ଥାଆନ୍ତା – କ'ଣ ସେ ଦେଖାଉଛନ୍ତି ଏବଂ କେଉଁ ଭାବେ ମୁଁ ଦେଖୁଛି –

"In the kingdom of the Spirit's power and light,
As if one who arrived out of infinity's womb."

(Savitri, P. 301)

"A light was round him wide and absolute,
A diamond purity of eternal sight;"

(Savitri, P. 297)

ବୁଝିବାର କ୍ଷମତା ନାହିଁ ଅଥଚ ଅଭିଭୂତ ସତ୍ତା ଯେପରି ବିମୁଗ୍ଧ ମୋହିତାନନ୍ଦରେ ଦେଖୁଛି, ପୁଣି ଦେଖୁଛି ଏବଂ କ୍ରମେ କିପରି ଏକ ସ୍ୱର୍ଗୀୟ ଭାବର ଗଭୀରତାରେ ତାହା ଆଚ୍ଛନ୍ନ ହୋଇ ପଡ଼ୁଛି । ଏଇସବୁ ଭାବ ମଧ୍ୟରେ ପ୍ରବେଶ କରି ମନେ ହେଉଥିଲା : ଏହା କ'ଣ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ନା ତାଙ୍କର ନବରୂପ ପରିଗ୍ରହଣର, ଭଗବଦ୍ ରୂପ ଦର୍ଶନର ପୁଣ୍ୟଦିନ ! ସେଇ ଭାବରେ ବିଭୋର ଅବସ୍ଥାରେ ଏଇ ନବଲବ୍ଧ ଦୃଷ୍ଟି ନେଇ କେତେ ସମୟ ଯେ ସେ କକ୍ଷରେ ଥିଲି ଜାଣେନା, ତେବେ ବେଶୀ ସମୟ ନିଶ୍ଚିତ ନୁହେଁ; କାରଣ କାହାରିକୁ ମଧ୍ୟ ବେଶୀ ସମୟ ରହିବାକୁ ଦିଆଯାଉ ନଥିଲା । ଶ୍ରୀଅରବିନ୍ଦଙ୍କର ସେଇ ରୂପ ମହିମାହିଁ କେବଳ ଚକ୍ଷୁ ସମ୍ମୁଖରେ ଉଜ୍ଜ୍ୱଳ ହୋଇ ଭାସୁଛି, ସେଇଠାରେହିଁ ଅଟକି ଯାଇଛି ମୋର ସମସ୍ତ ଅକୁହା କଥା । ତଳକୁ ଓହ୍ଲାଇ ଆସିଲି ଏକ ଭରପୂର ଭାବ ନେଇ... ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

## ରାଜ୍ୟସ୍ତରୀୟ ୪୯ତମ ଶ୍ରୀଅରବିନ୍ଦ ହୋଲି ଶିବିର – ୨୦୨୨

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରର ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି. ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ ମଧ୍ୟ ଆସନ୍ତା **ମାର୍ଚ୍ଚ ୧୮, ୧୯ ଓ ୨୦** ଏହି ତିନି ଦିନ ଧରି ୪୯ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ହୋଲି ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ସର୍ବଶ୍ରୀ ଆଲୋକ ପାଣ୍ଡେ, ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର, ସରୋଜକାନ୍ତ ମିଶ୍ର ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦ ଟଙ୍କା ରଖାଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ । ପରିସ୍ଥିତିକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ Offline / Onlineରେ ଅନୁଷ୍ଠିତ ହେବ ।

ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ୍ ନମ୍ବର : **୮୨୮୦୧୬୦୪୩୫**

# ଦୁଇଟି ବନ୍ଦନା

ନିମାଇଁ ଚରଣ ମହାପାତ୍ର

## ଦେବୀ ବନ୍ଦନା

ଜଡ଼ଧୀ ମୁଁ ଯୋଡ଼ହସ୍ତେ ଜଳଧିବାସିନୀ
ବରଦା ଶାରଦା ବନ୍ଦେ; ଚରଣ ସରୋଜେ
ନୀରାଜନା କରିମାଗେ ରାଜ ମା ନିରତ
ମୋ ମନ-ମରାଳ ପରେ ବାଣୀ ବଇଭବେ । ❑



✡

## ମାତୃ ବନ୍ଦନା

ହୃଦୟ ବାତାୟନ ଦିଅ ମା, ଦିଅ ଖୋଲି
ଆତ୍ମା ରବି ରୂପ
ଦେଖେ ମୁଁ ଆଖି ମେଲି ।
ଦେଖେ ମୁଁ ଜଳ ଜଳ
ପାରଦ ଉଜ୍ଜ୍ୱଳ
ପିଣ୍ଡ ଅନୁପମ
ଆଲୋକ ଉତ୍ତମ ।
ତିମିର କୁଣ୍ଠିତ ନୟନ ଦୁଇ ଭରି
ହୃଦୟ ବାତାୟନ ଦିଅ ମା, ଦିଅ ଖୋଲି । ❑

ଦୟା ଓ ସ୍ମିତହାସ୍ୟ ସହ ସେ ଆମମାନଙ୍କ ପାଖରେ ରହିଛନ୍ତି ଏବଂ ସାହାଯ୍ୟ କରୁଛନ୍ତି, ସହଜରେ ସେ ବିମୁଖ ବା ନିରାଶ ହୁଅନ୍ତି ନାହିଁ, ପୁନଃ ପୁନଃ ବ୍ୟର୍ଥତା ସତ୍ତ୍ୱେ ବି ସମାନ ଭାବରେ ଉତ୍ସାହ ଦେଉଛନ୍ତି, ପ୍ରତି ପଦରେ ସେ ଆମମାନଙ୍କ ହାତ ଧରି ନେଇ ଚାଲୁଛନ୍ତି; ତାଙ୍କର ଏକମାତ୍ର ଦାବି : ଆମମାନଙ୍କ ସଂକଳ୍ପ ଯେପରି ଏକମୁଖୀ ହୁଏ ଏବଂ ଆମେମାନେ ଯେପରି ହେଉ ସରଳ ଓ ଏକନିଷ୍ଠ ।

— ଶ୍ରୀଅରବିନ୍ଦ

# କୃତଜ୍ଞତା ସମ୍ପର୍କରେ

## (୧)

## କୁମାର ଚନ୍ଦ୍ର ମିଶ୍ର

[ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟଃ ଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ ''କୃତଜ୍ଞତା'' (GRATITUDE) ହେଉଛି ଅନ୍ୟତମ । ଶ୍ରୀମା ଅମରୀ ଫୁଲକୁ କୃତଜ୍ଞତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଇଂରାଜୀରେ ଏହି ଫୁଲର ସାଧାରଣ ନାମ ହେଲା "Wooden Rose" ଓ ବୈଜ୍ଞାନିକ ନାମ ''Ipomoea Carnea'' କୁହାଯାଏ ।

ଦିବ୍ୟଜନନୀ ଶ୍ରୀମା କହନ୍ତି : ''କୃତଜ୍ଞତା : ତୁମେ ନିଜେହିଁ ଯାବତୀୟ ନିବୁଜ ବାତାୟନଗୁଡ଼ିକୁ ଉନ୍ମୁକ୍ତ କରିଦିଅ ଓ ପରିତ୍ରାଣକାରୀ ସେହି ଦିବ୍ୟକୃପାକୁ ଗଭୀର ଭାବେ ଭେଦକରି ପ୍ରବେଶ କରିବାକୁ ଅନୁମତି ଦେଇଥାଅ ।''

"Gratitude : it is you who open all the closed doors and let the Grace which saves penetrate deeply." (CWM, Vol. 14, P. 154)

ନିମ୍ନଲିଖିତ ଆଲୋଚନାଟିରେ କୃତଜ୍ଞତା ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### କୃତଜ୍ଞତା କାହାକୁ କୁହାଯାଏ ?

କୃତଜ୍ଞତା ହେଲା ଏକ ଦିବ୍ୟଗୁଣ ଯାହା ଭଗବତ୍ ପ୍ରାପ୍ତି ଲାଗି ଏକ ସହଜ ସୁନିଶ୍ଚିତ ପଥ ।

ପରମ ଦିବ୍ୟସତ୍ତା ଆମ ଲାଗି ଯାହାସବୁ କରିଛନ୍ତି ଓ କରୁଛନ୍ତି ସେଥିଲାଗି ଏକ ବିନମ୍ର ସ୍ୱୀକୃତିକୁ ଆମେ ''କୃତଜ୍ଞତା'' ବୋଲି କହିପାରିବା । ଇଂରାଜୀରେ ଏକ ପ୍ରବାଦ ରହିଛି – ''Gratefulness is the poor man's payment.'' ଅର୍ଥାତ୍, ''କୃତଜ୍ଞତା ହେଲା ଗରିବ ମଣିଷର ପରିଶୋଧ ।'' ଦିବ୍ୟଜନନୀଙ୍କ ଦ୍ୱାରା ପ୍ରଦତ୍ତ କୃତଜ୍ଞତାର ଅନ୍ୟଏକ ସଂଜ୍ଞା ହେଲା : ''Gratitude : A loving recognition of the Grace received from the Divine.''

(CWM, Vol. 14, P. 154)

ଅର୍ଥାତ୍ – ''କୃତଜ୍ଞତା : ଦିବ୍ୟ ପରମ ସତ୍ତାଙ୍କଠାରୁ ପ୍ରାପ୍ତ ହୋଇଥିବା ଦିବ୍ୟକୃପା ଉଦ୍ଦେଶ୍ୟରେ ଏକ ସଶ୍ରଦ୍ଧ ସ୍ୱୀକୃତି ଜ୍ଞାପନ ।''

ଆମେ ଅନ୍ୟଠାରୁ କୌଣସି ଅନୁଗ୍ରହ ପାଇବା ପରେ 'Thank you' ବା 'ଧନ୍ୟବାଦ' କହିଥାଉ । ଆମ ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ 'Thank you' କହିବା ଶିଖାଇ ଥାଉ । ଏପରି କହିବା ପଶ୍ଚାତରେ ଯଦି ଭାବ ବା ଆନ୍ତରିକତା ଥାଏ, ତେବେ ତାହାକୁ ଆମେ କୃତଜ୍ଞତା ଜ୍ଞାପନ କରିବାର ସୌଜନ୍ୟମୂଳକ ଏକ ପରିପ୍ରକାଶ ବୋଲି କହିପାରିବା । ସବୁ କିଛି ପ୍ରତି ଓ ସମସ୍ତଙ୍କ ପ୍ରତି ଆମର କୃତଜ୍ଞତାବୋଧ ରହିବା ଉଚିତ । ଏପରିକି ଯେଉଁ ଉଦ୍ଭିଦ ବା ବନସ୍ପତିଗୁଡ଼ିକ ଆମକୁ ଅମ୍ଳଜାନ ଓ ଖାଦ୍ୟ ଯୋଗାନ୍ତି, ଯେଉଁ ଜଡ଼ବସ୍ତୁଗୁଡ଼ିକୁ ଆମେ ନିତ୍ୟ ବ୍ୟବହାର କରୁ, ଯେଉଁଗୁଡ଼ିକ ଆମକୁ ସେବା ପ୍ରଦାନ କରନ୍ତି ସେସବୁ ପ୍ରତି ଆମର କୃତଜ୍ଞତା ବୋଧ ଅବଶ୍ୟ ରହିବ । ସର୍ବୋପରି ଯିଏ ସବୁକିଛିର ମୂଳଉତ୍ସ ଓ ସବୁକିଛିର କାରଣ ତାଙ୍କ ପ୍ରତି ଆମେ ପ୍ରତିମୁହୂର୍ତ୍ତରେ କୃତଜ୍ଞତା ଜଣାଇବା ସମୀଚୀନ ନୁହେଁ କି ?

### କୃତଜ୍ଞତାର ପ୍ରକାର ଭେଦ :

1. **Mental Gratitude :** "... gratefulness of the mind for what makes it to progress."

**ମାନସିକ କୃତଜ୍ଞତା :** ଯାହାକିଛି ମନକୁ ପ୍ରେରଣାଦିଏ ସେସବୁ ପ୍ରତି ମନର କୃତଜ୍ଞତା ।

2. **Detailed Gratitude :** "...the gratitude that awakens in us all the details of the Divine Grace."

**ସବିସ୍ତାର କୃତଜ୍ଞତା :** ଯେଉଁ କୃତଜ୍ଞତା ଆମ ଭିତରେ ପୁଙ୍ଖାନୁପୁଙ୍ଖ ଭାବରେ ଦିବ୍ୟପରମ କରୁଣାର ଯାବତୀୟ ବିଭାବକୁ ଜାଗରିତ କରିଥାଏ ।

3. **Integral Gratitude :** "...the whole being offers itself to the Lord in absolute trust."

**ପୂର୍ଣ୍ଣାଙ୍ଗ କୃତଜ୍ଞତା :** ଆମର ସମୁଦାୟ ସତ୍ତା ଚରମ ବିଶ୍ୱାସର ସହିତ ପରମଙ୍କ ନିକଟରେ ନିଜକୁ ନେଇ ଅର୍ପଣ କରିଦିଏ ।

କୃତଜ୍ଞତାର ମୂଳ ଉତ୍ସ ହେଲା ଚୈତ୍ୟସତ୍ତା । ଚୈତ୍ୟ ଚେତନାର ବିକାଶ ସଙ୍ଗେ ସଙ୍ଗେ ସମତାଳ ରକ୍ଷା କରି କୃତଜ୍ଞତାର ମଧ୍ୟ ବିକାଶ ହୋଇଥାଏ । ଚୈତ୍ୟସତ୍ତା ଯେତେବେଳେ ଜୀବନରେ ସକ୍ରିୟ ଅଂଶ ଗ୍ରହଣ କରେ ସେତେବେଳେ କେବଳ ଅନୁକମ୍ପା ଓ କୃତଜ୍ଞତା ଚେତନାରେ ପ୍ରତୀୟମାନ ହୁଏ । ପ୍ରାଣ ସତ୍ତା ତଥା ଶରୀର ସତ୍ତା ଏହି ଗୁଣଗୁଡ଼ିକୁ ଦୁର୍ବଳତାର ସଙ୍କେତ ବୋଲି ମଣନ୍ତି । କାରଣ ଶକ୍ତି ଆଧାରିତ ସେମାନଙ୍କର ଉତ୍ତେଜନା ଏହି ଗୁଣଗୁଡ଼ିକ ହେତୁ ନିୟନ୍ତ୍ରିତ ତଥା ପ୍ରଶମିତ ହୋଇଥାଏ ।

**ସଦ୍‌ଗୁଣାବଳିର ମହୋତ୍ସବ :** ଦିବ୍ୟଜନନୀ ଶ୍ରୀମା ନିଜର ସୃଜନଶୀଳ ପ୍ରତିଭା ଯୋଗୁଁ ଜୀବନରେ ଅନେକ ସୁନ୍ଦର ଗଳ୍ପ ରଚନା କରିଥିଲେ । ନିମ୍ନୋକ୍ତ ଗଳ୍ପଟିର ନାମ ହେଲା – ''ସଦ୍‌ଗୁଣାବଳୀ'' (Virtues) । ଗଳ୍ପଟି ଏହିପରି :

ଗୋଟିଏ ସ୍ଥାନରେ ଏକ ବିରାଟ ପ୍ରାସାଦ ଥିଲା । ପ୍ରାସାଦର ଠିକ୍ ମଧ୍ୟଭାଗରେ ଥିଲା ଏକ ଗୁପ୍ତ ମନ୍ଦିର । କିନ୍ତୁ ଏପର୍ଯ୍ୟନ୍ତ କେହି ବି ତାହାର ପ୍ରବେଶ ଦ୍ୱାର ଅତିକ୍ରମ କରିପାରି ନଥିଲେ । ଏପରିକି ତାହାର ସବୁଠାରୁ ବାହାରର ଅଗଣା ପର୍ଯ୍ୟନ୍ତ ଯିବା ଯେକୌଣସି ମର୍ତ୍ତ୍ୟବାସୀ ପକ୍ଷରେ କଷ୍ଟକର ଥିଲା । ପ୍ରାସାଦଟି ଖୁବ୍ ଉଚ୍ଚରେ, ଏକ ମେଘମଣ୍ଡଳ ମଧ୍ୟରେ ମସ୍ତକ ଉତ୍ତୋଳନ କରି ଛିଡ଼ା ହୋଇଥିଲା, ଆଉ ସବୁ ସମୟରେ ଅତି ଅଳ୍ପ ଲୋକହିଁ ସେଠାକୁ ଯିବା ଲାଗି ରାସ୍ତା ଆବିଷ୍କାର କରି ପାରିଥିଲେ ।

ଏହି ଯେଉଁ ପ୍ରାସାଦ ତାହା ହେଉଛି 'ସତ୍ୟର ପ୍ରାସାଦ' (Palace of Truth)

ଦିନେ ସେଠାରେ ଏକ ମହୋତ୍ସବର ବ୍ୟବସ୍ଥା ହେଲା – ମନୁଷ୍ୟମାନଙ୍କ ପାଇଁ ନୁହେଁ, ସମ୍ପୂର୍ଣ୍ଣ ଭିନ୍ନ ଧରଣର ଜୀବମାନଙ୍କ ନିମିତ୍ତ – ସେମାନେ ହେଲେ ସକଳ ଛୋଟ ବଡ଼ ଦେବ-ଦେବୀ । ପୃଥିବୀରେ ସେମାନେ 'ସଦ୍‌ଗୁଣ' ନାମରେ ପୂଜିତ ହୁଅନ୍ତି ।

ପ୍ରାସାଦଟିର ପ୍ରବେଶ କକ୍ଷ ଥିଲା ଖୁବ୍ ବିରାଟ । ଏହାର କାନ୍ଥ, ଚଟାଣ ଓ ଛାତ ସ୍ୱାଭାବିକ ରୂପେ ଖୁବ୍ ଉଜ୍ଜ୍ୱଳ ଥିଲା । ପୁନଶ୍ଚ ତହିଁସଙ୍ଗେ ଏକହଜାର ଅଗ୍ନିସ୍ଫୁଲିଙ୍ଗ ଦ୍ୱାରା ତାହାର ଉଜ୍ଜ୍ୱଳତା ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଉଥିଲା ।

ଏଇଟି ହେଲା ବୁଦ୍ଧିର କକ୍ଷ(Hall of Intelligence) । ଏହାର ଚଟାଣ ନିକଟରେ ଆଲୋକର ପ୍ରକାଶ ଖୁବ୍ କ୍ଷୀଣ ହେଲେ ବି ଇନ୍ଦ୍ରନୀଳ ପରି ଅତି ସୁନ୍ଦର ଘନନୀଳ ରଙ୍ଗରେ ରଞ୍ଜିତ । ଚଟାଣଠାରୁ ଛାତ ଆଡ଼କୁ – ଯେଉଁଠାରେ ଆଲୋକଗୁଡ଼ିକ ଦୋଳାୟମାନ ହୋଇଥିଲେ – ଆଲୋକର ଆଭା କ୍ରମଶଃ ବୃଦ୍ଧି ପାଉଥିଲା ଠିକ୍ ଯେପରି ଝୁଲା ହୋଇଛି ହୀରାର ଅନେକ ଏକତ୍ରିତ ଆଲୋକ ଓ ସେଗୁଡ଼ିକର ସହସ୍ର ମୁଖରୁ ଚାରିଦିଗକୁ ବିଚ୍ଛୁରିତ ହେଉଛି ଆଖି ଝଲସା କିରଣମାଳା ।

ସଦ୍‌ଗୁଣାବଳି ଏକ ଏକ ହୋଇ ଜଣକ ପରେ ଜଣେ ସ୍ୱତନ୍ତ୍ର ଭାବେ ଆସି ଉପସ୍ଥିତ ହେଲେ; କିନ୍ତୁ ସେମାନଙ୍କର ମହତ୍ତ୍ୱର ସାମଞ୍ଜସ୍ୟ ଅନୁଯାୟୀ ସେମାନେ ଶୀଘ୍ର ନିଜ ନିଜର ଦଳ ଗଢ଼ି ବସିଲେ । ପରସ୍ପର ମଧ୍ୟରେ ଅନ୍ତତଃ ଏହି ଦେଖା-ସାକ୍ଷାତର ସୁଯୋଗ ନିମିତ୍ତ ସେମାନେ ସମସ୍ତେ ଖୁବ୍ ଖୁସିଥିଲେ; କାରଣ, ସେମାନେ ସାଧାରଣତଃ ସମଗ୍ର ଜଗତରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ବିଦେଶୀମାନଙ୍କର ଗହଣରେ ରହିଲା ଭଳି ରହିଥିଲେ ।

ଏହି ମହୋତ୍ସବର ସଭାପତି ହେଲେ ''ଆନ୍ତରିକତା'' (Sincerity) । ସେ ଜଳ ପରି ସ୍ୱଚ୍ଛ ରାଜକୀୟ ପୋଷାକରେ ପରିବୃତ୍ତା । ତାଙ୍କ ହାତରେ ରହିଥିଲା ଏକ ବିଶୁଦ୍ଧ ଘନାକାର ସ୍ଫଟିକ ଖଣ୍ଡ ଯାହାର ମଧ୍ୟଦେଇ ସବୁକିଛି ସେମାନଙ୍କର ବାସ୍ତବ ରୂପରେ ଦେଖାଯାଇ ପାରିବେ, କାରଣ ବାହାରକୁ ସେମାନଙ୍କର ଆକୃତି ଯେପରି ଦେଖାଯାଏ ଯାହା ଯଥାର୍ଥ ରୂପ ଠାରୁ ଖୁବ୍ ଭିନ୍ନ, ଆଉ କେବଳ ସ୍ଫଟିକରେହିଁ ଅବିକୃତ ଭାବେ ପ୍ରତିଫଳିତ ହୋଇ ଦେଖାଯାଇପାରେ ।

ତାଙ୍କ ସନ୍ନିକଟରେ ଠିକ୍ ବିଶ୍ୱସ୍ତ ସହଚର ରୂପେ ଦଣ୍ଡାୟମାନ ହେଲେ ଏକ ପାର୍ଶ୍ୱରେ ବିନତି(Humility), ଯାହାଙ୍କର ଭାବ ଯୁଗପତ୍ ନମ୍ର ଓ ଗର୍ବିତ ଏବଂ ଅନ୍ୟ ପାର୍ଶ୍ୱରେ 'ସାହସ'(Courage), ଯାହାଙ୍କର ଶିର ଉତ୍ତୋଳିତ, ଚକ୍ଷୁ

ଉଜ୍ଜ୍ୱଳ, ଅଧରୋଷ୍ଠ ଦୃଢ଼ ଅଥଚ ସହାସ୍ୟ ଏବଂ ପରିବେଶ ଶାନ୍ତ ଓ ନିଶ୍ଚିତ ।

ସାହସର ସନ୍ନିକଟରେ ହାତକୁ ହାତ ମିଳାଇ ଦଣ୍ଡାୟମାନ ହେଲେ ସମ୍ପୂର୍ଣ୍ଣ ଏକ ଅବଗୁଣ୍ଠିତା ମହିଳା । କେବଳ ତାଙ୍କର ତୀକ୍ଷ୍ଣ ଶାଣିତ ଚକ୍ଷୁ ଦୁଇଟି ଅବଗୁଣ୍ଠନ ମଧ୍ୟରୁ ଉଜ୍ଜ୍ୱଳ ହୋଇ ଦେଖା ଯାଉଥିଲା । ସେ ହେଲେ 'ସାବଧାନିକା' (Prudence) ।

ଆଉ ସମସ୍ତଙ୍କ ଗହଣରେ – ଜଣଙ୍କ ପାଖରୁ ଅନ୍ୟ ଜଣକ ପାଖକୁ ଯା'ଆସ କରୁଛନ୍ତି ଅଥଚ ମନେହୁଏ ଯେପରି ପ୍ରତ୍ୟେକଙ୍କ ପାଖରେ ଅନ୍ତରଙ୍ଗ ଭାବରେ ରହିଛନ୍ତି – ତାଙ୍କର ନାମ ହେଲା 'ବଦାନ୍ୟତା' ବା 'Charity' । ସେ ସମ୍ପୂର୍ଣ୍ଣ ଶାନ୍ତ ଓ ସତର୍କ, ସକ୍ରିୟ ଓ ସଂଯତ । ବିଭିନ୍ନ ଦଳର ମଧ ଦେଇ ସେ ଯେତେବେଳେ ପଦଚାଳନା କରନ୍ତି, ତାଙ୍କ ପଥରେ ରଖିଯା'ନ୍ତି ଶୁଭ୍ର ଓ ମୃଦୁ ଆଲୋକର ଧାରା । ଏଇ ଯେଉଁ ଆଲୋକ ନିର୍ଗତ ହୁଏ, ତାହା ଆସେ ଅତି ସୂକ୍ଷ୍ମ ଏବଂ ଅଧିକାଂଶ ଚକ୍ଷୁକୁ ଅଦୃଶ୍ୟ ଭାବେ; ତାଙ୍କର ଶ୍ରେଷ୍ଠ ବନ୍ଧୁ, ଘନିଷ୍ଠ ସାଥି ବା ସମଝଦାର ଭଗ୍ନୀ 'ନ୍ୟାୟପରତା'(Justice) ଠାରୁ ବିକିରିତ ହୋଇ । ବଦାନ୍ୟତାର ଚତୁଃପାର୍ଶ୍ୱରେ 'ଦୟା'(Kindness), 'ଧୈର୍ଯ୍ୟ'(Patience), 'ନମ୍ରତା'(Humility), 'ଶ୍ରଦ୍ଧା' (Solitude), 'ଶାଳୀନତା'(Gentleness) ଓ ଆହୁରି ଅନେକେ ଏକ ଉଜ୍ଜ୍ୱଳ ବାହିନୀ ରୂପେ ଘେରି ରହିଥିଲେ ।

ସମସ୍ତେହିଁ ସେଠାରେ ଉପସ୍ଥିତ ଥିଲେ,– ଅନ୍ତତଃ ତାହାହିଁ ସେମାନେ ଭାବି ନେଇଥିଲେ ।

କିନ୍ତୁ ସେହି ସୁବର୍ଣ୍ଣ ଦ୍ୱାରଦେଶରେ ହଠାତ୍ ଜଣେ ନବାଗତାଙ୍କର ଆବିର୍ଭାବ ହେଲା ।

ବାହାରର ପ୍ରହରୀଗଣ ତାଙ୍କୁ ସହଜରେ ପ୍ରବେଶ କରିବାକୁ ଅନୁମତି ଦେବା ନିମିତ୍ତ ସମ୍ମତ ହୋଇ ନଥିଲେ । କାରଣ ଏପର୍ଯ୍ୟନ୍ତ ସେମାନେ ତାଙ୍କୁ କେବେ ଦେଖି ନଥିଲେ କିଂବା ତାଙ୍କର ପୋଷାକ-ପରିପାଟିରେ ସେପରି କିଛି ବିଶେଷତ୍ୱ ନଥିଲା ଯାହା ସେମାନଙ୍କୁ ପ୍ରଭାବିତ କରିପାରିଥା'ନ୍ତା ।

ବାସ୍ତବରେ ସେ ବୟସରେ ନବୀନା ତରୁଣୀ, ତାଙ୍କର ଶରୀର ଅତି କୋମଳ ଓ କମନୀୟ, ସେ ଏକ ସ୍ୱଚ୍ଛ ପୋଷାକରେ ଆବୃତା, ଅତି ସରଳ, ଆଉ ମନେହୁଏ ଗରିବ । ସେ ସଭୟେ ଏକ ଜଟିଳ ପରିସ୍ଥିତିରେ ପଡ଼ି କେତେ ପାଦ ଆଗେଇ ଆସିଲେ । ତା'ପରେ ସ୍ପଷ୍ଟ ବୁଝାଗଲା ଯେ ସେ ଉଜ୍ଜ୍ୱଳମୟ ବନ୍ଧୁ ଭିଡ଼ ମଧ୍ୟରେ ସତେ ଯେପରି ନିଜକୁ ହରାଇ ବସିଲେ । କେଉଁ ଦିଗକୁ ଯିବେ, କାହା ପାଖକୁ ଯିବେ ବୁଝି ନପାରି ସେ ଥମିଯାଇ ଛିଡ଼ା ହୋଇ ଗଲେ ।

କିଛି କ୍ଷଣ ପରେ 'ସାବଧାନିକା' ତାଙ୍କ ବନ୍ଧୁମାନଙ୍କ ସହ ସାମାନ୍ୟ ଆଳାପ ଆଲୋଚନା କରି ସେମାନଙ୍କର ପରାମର୍ଶକ୍ରମେ ସେହି ଅଜ୍ଞାତ ଅତିଥିଙ୍କ ଆଡ଼କୁ ଆଗେଇ ଆସିଲେ ଏବଂ ଜଟିଳ ପରିସ୍ଥିତିରେ ପଡ଼ିଗଲେ ଲୋକଟିଏ ଯେପରି କରେ, ସେହିପରି ଗଳାଟା ପରିଷ୍କାର କରି କିଛିକ୍ଷଣ ଚିନ୍ତାକଲେ ଏବଂ ତାଙ୍କ ଆଡ଼କୁ ଚାହିଁ କହିଲେ :

''ଆମ୍ଭେମାନେ ସମସ୍ତେ ଯେଉଁମାନେ ଏହି ପ୍ରାସାଦରେ ସମ୍ମିଳିତ, ଆମେ ପରସ୍ପରର ନାମ ଗୁଣ ସହ ସୁପରିଚିତ । କିନ୍ତୁ ଆପଣଙ୍କୁ ଏଠାରେ ଦେଖି ଆମ୍ଭେମାନେ ଆଶ୍ଚର୍ଯ୍ୟ ହେଉଛୁଁ, ଆପଣ ବିଦେଶାଗତ ବୋଲି ମନେ ହେଉଛନ୍ତି; ଅନ୍ତତଃ ଆପଣଙ୍କୁ ଯେ ଆମ୍ଭେମାନେ କେବେ ଦେଖିଛୁ – ଏପରି ମଧ ମନେ ହେଉ ନାହିଁ । ଦୟାକରି ଆପଣ କହିବେ କି, ଆପଣ କିଏ ?

ନବାଗତା ଅତିଥି ଜଣକ ଦୀର୍ଘଶ୍ୱାସ ଛାଡ଼ି ଉତ୍ତର ଦେଲେ, ''ହାୟ ! ଏଠାରେ ମୁଁ ଯେ ବିଦେଶିନୀ ବୋଲି ବୋଧ ହେଉଛି ସେଥିପାଇଁ ମୁଁ ବିସ୍ମିତ ନୁହେଁ ।

''ମୋତେ ଖୁବ୍ କମ୍ ଜାଗାକୁ କ୍ୱଚିତ୍ ନିମନ୍ତ୍ରଣ କରାଯାଇଥାଏ । ମୋର ନାମ ହେଲା '**କୃତଜ୍ଞତା**' ।''

– ଶ୍ରୀମା (CWM. Vol. 2, pp. 5-7)

ଏ ଥିଲା ସଦ୍‌ଗୁଣାବଳୀର ମହୋତ୍ସବ । ସୁନ୍ଦର ସାବଲୀଳ ଭାବେ ଉପସ୍ଥାପିତ ଏହି କ୍ଷୁଦ୍ର ଗଳ୍ପଟିରେ ଶ୍ରୀମା କୃତଜ୍ଞତାକୁ ଏକ ବିରଳ ଅଥଚ ସର୍ବୋତ୍କୃଷ୍ଟ ସଦ୍‌ଗୁଣ ବୋଲି ପ୍ରତିପାଦନ କରିଛନ୍ତି । ଏଥିରୁ ଆମେ ଏହା ବି ଶିଖିବାକୁ ପାଉ ଯେ 'କୃତଜ୍ଞତାବୋଧ' ଅତି ନମ୍ରଭାବ ନେଇ, ବାହାର ଦେଖାଣିଆ ନ ହୋଇ ନିରବତା ଓ ଆନ୍ତରିକତା ସହ ବ୍ୟକ୍ତ ହେବା ଆବଶ୍ୟକ । ଏହି କ୍ଷୁଦ୍ରଗଳ୍ପଟିକୁ ବ୍ୟାଖ୍ୟା କଲେ ଅନେକ ଗହନ କଥା ଆମେ ଆବିଷ୍କାର କରିପାରିବା ।

ଦିବ୍ୟଜନନୀ କହନ୍ତି : ''There is no better way to show one's gratefulness to the Divine than to be quietly happy.''

(CWM, Vol. - 14, P. 155)

''ଅର୍ଥାତ୍, ନୀରବରେ ପ୍ରସନ୍ନ ହୋଇ ରହିବା ଅପେକ୍ଷା

ଦିବ୍ୟପରମ ସତ୍ତାଙ୍କ ନିକଟରେ ଆପଣାର କୃତଜ୍ଞତା ଜ୍ଞାପନ କରିବାର ଆଉ ଅଧିକ ଉତ୍ତମ ଉପାୟ କିଛି ନାହିଁ।''

ଥରେ ଜଣେ ଭଦ୍ରବ୍ୟକ୍ତି ଜଣେ ଖ୍ୟାତିସମ୍ପନ୍ନ ଡାକ୍ତରଙ୍କୁ ଦେଖା କରିବା ଲାଗି ଯାଇଥିଲେ । ଘରେ ଡାକ୍ତର ବ୍ୟସ୍ତଥିବା ଯୋଗୁଁ ତାଙ୍କୁ ବୈଠକଖାନାରେ କିଛି ସମୟ ଅପେକ୍ଷା କରିବାକୁ ହେଲା । ଡାକ୍ତର ଆସିବା ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଶ୍ନ କଲେ ଆପଣଙ୍କର କ'ଣ ହୋଇଛି ? ଶରୀରର ଉତ୍ତାପ ମାପିଛନ୍ତି ? ରକ୍ତ, ମଳ, ମୂତ୍ର ପରୀକ୍ଷା କରିଛନ୍ତି ? ଆଗନ୍ତୁକ ଭଦ୍ରବ୍ୟକ୍ତି ଅସ୍ୱସ୍ତି ଅନୁଭବ କଲେ ଓ ସେ ଠିଆ ହୋଇଯାଇ ନମସ୍କାର କରି ଡାକ୍ତରଙ୍କୁ କହିଲେ, ''ଆଜ୍ଞା ! ମୁଁ ରୋଗୀ ନୁହେଁ । ଆପଣଙ୍କ ପ୍ରଶଂସା ଓ ଖ୍ୟାତି ଶୁଣି ଆପଣଙ୍କୁ ମୋର ସମ୍ମାନ ଓ ଆନ୍ତରିକ ଶୁଭେଚ୍ଛା ଜଣାଇବା ଲାଗି ଆସିଛି ।'' ତେବେ ଡାକ୍ତରଙ୍କ ମନରେ ସନ୍ଦେହ ହେଲା, କୌଣସି ଦୁରଭିସନ୍ଧି ରଖି କିଂବା କୌଣସି ଗୁପ୍ତରୋଗ ସମ୍ପର୍କରେ ପରାମର୍ଶ କରିବା ଲାଗି ଆସିଥାଇ ପାରନ୍ତି । ତେଣୁ ସେ କହିଲେ, ''କୌଣସି ସଙ୍କୋଚ କରନ୍ତୁ ନାହିଁ । ଆପଣଙ୍କର କ'ଣ ହୋଇଛି ଓ ମୁଁ କି ପ୍ରକାରେ ସାହାଯ୍ୟ କରିପାରେ ?'' ଆଗନ୍ତୁକ ଭଦ୍ରବ୍ୟକ୍ତି ତାଙ୍କର ସେହି ଏକା ଉତ୍ତରକୁ ପୁନରାବୃତ୍ତି କରିବା ହେତୁ ଡାକ୍ତର ବାବୁ ଖୁବ୍ ଆନନ୍ଦିତ ହେଲେ । କାରଣ ବହୁ ବର୍ଷପରେ ପ୍ରଥମ ଥର ଜଣେ କେହି ଚିକିତ୍ସିତ ହେବା ବଦଳରେ ସୌଜନ୍ୟମୂଳକ ସମ୍ମାନ ଓ ଶୁଭେଚ୍ଛା ଜଣାଇବା ଲାଗି ତାଙ୍କୁ ସାକ୍ଷାତ୍ କରିବା ପାଇଁ ଆସିଛନ୍ତି । ତେଣୁ ଆଗନ୍ତୁକଙ୍କୁ ଚା' ଜଳଖିଆ ଦେଇ ଅନେକ ଧନ୍ୟବାଦ ଜଣାଇ ବିଦାୟ ଦେଲେ ।

ଠିକ୍ ସେହିପରି ମଣିଷ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦି ଉପାସନା କେନ୍ଦ୍ରକୁ ଯାଏ କେବଳ ଭଗବାନଙ୍କୁ କିଛି ନା କିଛି ମାଗିବା ଲାଗି । ବିପଦଆପଦରୁ ରକ୍ଷା ପାଇବା ଲାଗି, ରୋଗମୁକ୍ତ ହେବା ଲାଗି, ସୁଖ ସମ୍ପଦ ବୃଦ୍ଧି କରିବା ଲାଗି, ପରୀକ୍ଷାରେ ପାସ କରିବା ଲାଗି, ମକଦ୍ଦମାରେ ଜିତିବା ଲାଗି – ଏପରି ଅନେକ କିଛି ପାଇବା ଲାଗି ଭଗବାନଙ୍କୁ ପ୍ରାର୍ଥନା ଜଣାଇଥାଏ । ଏ ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମା'ଙ୍କ ବାଣୀଟି ତାତ୍ପର୍ଯ୍ୟପୂର୍ଣ୍ଣ ''...very few people, very few, an insignificant number, go to church or temple with a true religious feeling, that is, not to pray and beg for something from God but to offer themselves, give thanks, aspire, give themselves. There is hardly one in a million who does that.''

(CWM, Vol. 6, pp. 194 - 195)

ଅର୍ଥାତ୍, ''ଅତି ଅଳ୍ପ ସଂଖ୍ୟକ ବ୍ୟକ୍ତି, ସେମାନଙ୍କ ସଂଖ୍ୟା ପ୍ରକୃତରେ ଅତିସାମାନ୍ୟ,– ଯେଉଁମାନେ ଯଥାର୍ଥ ଧର୍ମ ଭାବନା ନେଇ ଗିର୍ଜା ବା ମନ୍ଦିର ଭିତରକୁ ଯାଇଥା'ନ୍ତି । ଅର୍ଥାତ୍ ସେମାନେ ପ୍ରାର୍ଥନା କରିବାକୁ ଯାଆନ୍ତି ନାହିଁ ଅଥବା ଈଶ୍ୱରଙ୍କୁ କିଛି ମାଗିବା ଲାଗି ଯାଆନ୍ତି ନାହିଁ; ସେମାନେ (ଅତି କ୍ୱଚିତ ବ୍ୟକ୍ତି) ଆପଣାକୁ ଦେଇ ଦେବାକୁ ଯାଆନ୍ତି, କୃତଜ୍ଞତା ପ୍ରକାଶ କରିବାକୁ ଯା'ନ୍ତି, ଅଭୀପ୍ସା ଲାଗି ଯା'ନ୍ତି ଓ ଆତ୍ମଦାନ ଲାଗି ଯା'ନ୍ତି ।''

ଭଗବାନ୍ ଯାହାସବୁ ଦେଇ ସାରିଛନ୍ତି ସେଥିଲାଗି ମଣିଷ କୃତଜ୍ଞତା ଜ୍ଞାପନ କରି ନଥାଏ । ମନେକର ଜଣେ ସୁଦୂର ରାଜ୍ୟକୁ ଯାତ୍ରା କରି ନିରାପଦରେ ଫେରି ଆସିଲା । ସେଥିଲାଗି ସେ କୃତଜ୍ଞତା ଜଣାଇ ନଥାଏ । ଅନୁଭବ କରିଥିବା ନିରାପତ୍ତା ବା ସୁରକ୍ଷାକୁ ସ୍ୱୀକୃତି ପ୍ରଦାନ କରି ନଥାଏ । ଅନ୍ୟପକ୍ଷେ ଯଦି ଜଣେ ସେପରି ସୁଦୂର ରାଜ୍ୟକୁ ଯାତ୍ରା କଲାବେଳେ ଅନିବାର୍ଯ୍ୟ ଦୁର୍ଘଟଣାରୁ ରକ୍ଷା ପାଇଗଲା – ତେବେ ସେ ଭଗବାନଙ୍କ ସୁରକ୍ଷା ପ୍ରତି ସ୍ୱୀକୃତି ଓ କୃତଜ୍ଞତା ଜଣାଇଥାଏ । ସାଧାରଣତଃ ଭଗବାନ୍ ଯାହା ଯେତିକି ଦେଇ ସାରିଛନ୍ତି ସେଥିନିମିତ୍ତ କୃତଜ୍ଞତାବୋଧ କରେ ନାହିଁ । ଅଥଚ ଭବିଷ୍ୟତରେ ଯାହା ବାଞ୍ଛିତ ବସ୍ତୁ ପ୍ରାପ୍ତ ହୋଇଥାଏ ସେଥିଲାଗି ସେ ପ୍ରାୟ ନିଶ୍ଚିତ ରୂପେ କୃତଜ୍ଞତା ଜଣାଇଥାଏ । ଏହା ଏକ ବିଡ଼ମ୍ବନା । ଜଣେ ଯାହା ପାଇଛି, ଯାହା ପାଉଛି ଓ ଭବିଷ୍ୟତରେ ଯାହା ପାଇବ ସବୁକିଛି ଭଗବାନଙ୍କର ଅବଦାନ ନୁହେଁ କି ?

ଯିଏ ଯଥାର୍ଥ ଭକ୍ତ ସେ ସବୁ କଥାରେ ସର୍ବଦା ସେହି ଦିବ୍ୟସତ୍ତାଙ୍କ ପ୍ରତି କୃତଜ୍ଞତା ଜଣାଉଥାଏ । ଶ୍ରୀମା କହନ୍ତି, ''...ଆଉ ଗୋଟିଏ କ୍ରିୟାଶୀଳତା ରହିଛି, ଯାହାକି ସତତ ଭକ୍ତିର ଆନୁଷଙ୍ଗିକ ହୋଇଥିବ... । ସେଇଟି ହେଉଛି ଗୋଟିଏ ପ୍ରକାରର କୃତଜ୍ଞତାର ଭାବ; ପରମ ଦିବ୍ୟସତ୍ତା ଯେ ରହିଛନ୍ତି, ସେଇଥିପାଇଁ ବ୍ୟକ୍ତ କରାଯାଉଥିବା ଏକ କୃତଜ୍ଞତାର ଭାବ, ଆପଣାକୁ ବିସ୍ମୟ ଦ୍ୱାରା ପରିପୂର୍ଣ୍ଣ କରି ରଖିଥିବା ଏକ ଉପକୃତ ଅନୁଭବ କରୁଥିବାର ଭାବ, ଯାହାକି ପରମ ଦିବ୍ୟସତ୍ତା ବିଦ୍ୟମାନ ରହିଛନ୍ତି ବୋଲି ତୁମକୁ ଏକ ଉଦାତ୍ତ ଆନନ୍ଦମୟତାରେ ପୂର୍ଣ୍ଣକରି ରଖିଥିବ । ଏହି ବିଶ୍ୱ ଜଗତରେ ଏପରି ଏକ ବସ୍ତୁ ରହିଛି ଯାହାକୁ

କି ଆମେ ଦିବ୍ୟ-ପରମସତ୍ତା ବୋଲି କହିପାରିବା; ଜଗତକୁ ଆମେ ଯେଉଁ ବିକରାଳ ରୂପରେ ପ୍ରତ୍ୟକ୍ଷ କରୁଛୁ, ତାହା ପ୍ରକୃତରେ ତାହାହିଁ ନୁହେଁ, କାରଣ ଏହି ଜଗତରେ ପରମ ଦିବ୍ୟସତ୍ତା ରହିଛନ୍ତି, ସିଏ ଏହି ଜଗତରେ ବିଦ୍ୟମାନ ଅଛନ୍ତି । ଏବଂ ଯେତେଥର ଏତେ ଟିକିଏ ଉପଲକ୍ଷ ବା ଅବସର ଆସି ପହଞ୍ଚିବା ମାତ୍ରକେ ତୁମେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ଦିବ୍ୟ ଅସ୍ତିତ୍ୱର ଏହି ମହାନ୍ ପରମ ସତ୍ୟର ସଂସ୍ପର୍ଶ କ୍ଷେତ୍ରରେ ପ୍ରବେଶ କରି ପାରୁଛ, ତୁମର ହୃଦୟ ସେତିକି ଥର ଏକ ପ୍ରଗାଢ଼ ଓ ବିସ୍ମୟକାରୀ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଠୁଛି, ଏପରି ଏକ କୃତଜ୍ଞତା ବୋଧ ଦ୍ୱାରା ପୂରିଉଠୁଛି, ଯାହାକି ତୁମକୁ ସର୍ବାଧିକ ଆନନ୍ଦମୟତାର ଏକ ଆସ୍ୱାଦନ ଆଣି ଦେଇଯାଉଛି ।

ଏହି କୃତଜ୍ଞତାବୋଧ ତୁମକୁ ଯେତେ ବେଶୀ ଆନନ୍ଦ ଦିଏ, ସଂସାରରେ ଆଉ କିଛି ହେଲେ କଦାପି ସେହି ଆନନ୍ଦ ଦେଇପାରେ ନାହିଁ । କେତେବେଳେ ଚଢ଼େଇର ଗୀତ ଆସି କାନରେ ବାଜେ, ଏକ କମନୀୟ କୁସୁମଟିଏ ଫୁଟିଥିବାର ଆଖିରେ ପଡ଼ିଯାଏ, ସାନ ପିଲାଟି ଉପରେ ଦୃଷ୍ଟି ନିବଦ୍ଧ ହୋଇ ରହେ, ଏକ ଉଦାର କାର୍ଯ୍ୟକୁ ଅବଲୋକନ କରିବାର ସୁଯୋଗ ମିଳିଯାଏ, ଏକ ସୁନ୍ଦର ବାକ୍ୟ ପଢ଼ିବାକୁ ମିଳେ ବା ଅସ୍ତଗାମୀ ସୂର୍ଯ୍ୟର ଏକ ଝଲକ ବି ମିଳିଯାଏ; ଏହି ଉପଲକ୍ଷଟି ଯାହାକିଛି ହୋଇଥାଉ ନା କାହିଁକି, ଏହି ସଂସ୍ପର୍ଶଟି ହଠାତ୍ ତୁମର ଦୃଷ୍ଟିପଥାରୂଢ଼ ହୁଏ, ଏହିପରି ଏକ ଭାବକୁ ଉକୁଟାଇ ଆଣେ;— ଏବଂ ତାହା ଏପରି ଗଭୀର ଓ ପ୍ରଗାଢ଼ ଭାବରେ ଅନୁଭୂତ ହୁଏ ଯେ ତାହାରି ଜରିଆରେହିଁ ସ୍ୱୟଂ ଦିବ୍ୟସତ୍ତା ପ୍ରକଟ ହୋଇ ଉଠନ୍ତି, ଏହି ଜଗତର ପଶ୍ଚାଦ୍‌ଦେଶରେ ଏପରି ଏକ ବସ୍ତୁର ପରିଚୟ ମିଳେ, ଯାହାକୁ କି ଆମେ ସେହି ଦିବ୍ୟସତ୍ତା ବୋଲି ଅନୁଭବ କରିଥାଉ ।

ତେଣୁ ମୁଁ ଜାଣୁଛି ଯେ ଏହି କୃତଜ୍ଞତାର ଭାବ ନ ଥିଲେ ଆମର ଭକ୍ତି କଦାପି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ ଭକ୍ତି ସହିତ ସର୍ବଦା କୃତଜ୍ଞତାବୋଧ ରହିଥିବା ଉଚିତ ।

(ମାତୃରଚନାବଳି - ୮, ପୃ. ୬୧-୬୨)

(କ୍ରମଶଃ)

❑❑❑

**ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ :**

*ଅନେକ ବର୍ଷ ପରେ ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ‘‘ଆପଣଙ୍କୁ ଦେଖିବା ପରେ ମା’ ଯାହା ଅନୁଭବ କରିଥିଲେ ତାହା ସେ ତାଙ୍କ ‘ଧ୍ୟାନ ଓ ପ୍ରାର୍ଥନା’ରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଆପଣ ମା’ଙ୍କୁ ଦେଖିବା ପରେ ଆପଣଙ୍କ ଭିତରେ କେଉଁ ଭାବର ଉଦ୍ରେକ ହୋଇଥିଲା ?’’*

**ଶ୍ରୀଅରବିନ୍ଦ :** ପ୍ରଥମଥର ପାଇଁ ମୁଁ ଜାଣି ପାରିଲି ଯେ ଶେଷ ଦେହକୋଷଟି ପର୍ଯ୍ୟନ୍ତ ମାନୁଷୀ ଭାବରେ ପୂର୍ଣ୍ଣ ସମର୍ପଣ ସମ୍ଭବପର । ଯେତେବେଳେ ମା’ ଆସିଲେ ଓ ମସ୍ତକ ଅବନତ କରି ପ୍ରଣାମ କଲେ, ମୁଁ ଦେଖି ପାରିଲି କର୍ମ ଭିତର ଦେଇ କିପରି ପୂର୍ଣ୍ଣ ଓ ନିଃଶେଷ ସମର୍ପଣ କରିବାକୁ ହୁଏ ।

# କବି ନିଶିକାନ୍ତ

## (୧୭)

ହେ ଚିରଦିନେର୍ ଦିନେର୍ ସୂର୍ଯ୍ୟ,
ତୋମାୟ୍ ପ୍ରଣାମ୍ କରି;
ଦିବାବଲ୍ଲଭମୟମାଧୁର୍ଯ୍ୟ, ତୋମାୟ୍ ପ୍ରଣାମ୍ କରି;
ଭଗବାନ୍, ଅରବିନ୍ଦ-ଅଂଶୁମାଲୀ !
ତୋମାରି ଦିବାୟ୍ ଜ୍ୱାଲି'
ପ୍ରଣତି-ଶିଖାର୍ ପ୍ରସୂନଗୁଚ୍ଛ, ତୋମାୟ୍ ପ୍ରଣାମ କରି ।
– ନିଶିକାନ୍ତ
('ଦିନେର୍ ସୂର୍ଯ୍ୟ' କାବ୍ୟଗ୍ରନ୍ଥର ଅନ୍ତିମ ସ୍ତବକ)

ଆମର ନିଶ୍ଚୟ ସ୍ମରଣରେ ଥିବ – କାଟୋୟାର ଅସାଧାରଣ ବୈଷ୍ଣବ ସାଧୁବାବାଙ୍କ ଆଶ୍ରମର ସୁନ୍ଦର ପୁଷ୍ପ-ବାଟିକାରେ ନିଶିକାନ୍ତ ପ୍ରାତଃକାଳରେ ପୁଷ୍ପଚୟନ କରୁଥିବା ବେଳେ ଦିନେ ଅପୂର୍ବ ସୁନ୍ଦର ଯୁବକ ଦ୍ୱୟଙ୍କୁ ଦେଖି ତୁରନ୍ତ ସାଧୁବାବାଙ୍କୁ ଖବର ଦେବାକୁ ଯାଇଥିଲେ ଏବଂ ଠିକ୍ ପର ମୁହୂର୍ତ୍ତରେ ବାବାଙ୍କ ସହିତ ବଗିଚାକୁ ଆସି ଆଶ୍ଚର୍ଯ୍ୟ ହୋଇ ଦେଖନ୍ତି କେହି କୁଆଡ଼େ ନାହାନ୍ତି; ଅଥଚ ସମଗ୍ର ପରିବେଶଟି ଦିବ୍ୟ ସୁଗନ୍ଧରେ ଭରପୂର ! ସାଧୁବାବା ନିଶିକାନ୍ତଙ୍କୁ ଭକ୍ତି ଆବେଗରେ ଆପ୍ଲୁତ ହୋଇ ଆଲିଙ୍ଗନ କରି ସଜଳ ନୟନରେ କହି ଉଠିଥିଲେ : ''ତୋତେ ପ୍ରଥମ ଦିନ ଦେଖିହିଁ ବୁଝିଥିଲି ତୋ'ର ନୟନ ଯୁଗଳ ଦୁର୍ଲଭ । ତୋ'ର ଚକ୍ଷୁରେ ଧରା ଦେବେ ଅସାଧାରଣ ସୂକ୍ଷ୍ମ ଜଗତ୍ । ବସ୍, ଯେଉଁ ଅପରୂପ ମନମୋହନକାରୀ ଯୁଗଳ ପୁରୁଷଙ୍କୁ ତୁ ଦେଖିଲୁ ସେ ଦୁହେଁ ଥିଲେ ଶ୍ରୀଗୌରାଙ୍ଗ ଓ ନିତାଇ ।''

ପରବର୍ତ୍ତୀ କାଳରେ ଶ୍ରୀମା ପ୍ରଥମ କରି ନିଶିକାନ୍ତଙ୍କର ଫଟୋଗ୍ରାଫ୍ ଦେଖି ମନ୍ତବ୍ୟ ଦେଇଥିଲେ : ''ତା'ର ସୂକ୍ଷ୍ମ ଦର୍ଶନର ସାମର୍ଥ୍ୟ ରହିଛି ।'' ଏବଂ ଆଶ୍ରମର ଅନ୍ତେବାସୀ ହୋଇ ଉଠିବାର ଅବ୍ୟବହିତ ପରେ ଶ୍ରୀମା ନିଶିକାନ୍ତଙ୍କୁ ଏକ ବିଶେଷ ସାକ୍ଷାତ୍କାରରେ କହିଥିଲେ, ''ତୁମର ସୂକ୍ଷ୍ମ ଦର୍ଶନ କରିବାର ଅପୂର୍ବ କ୍ଷମତା ରହିଛି । ଏଠାରେ ତୁମେ ବହୁତ କିଛି ଦେଖିବାକୁ ପାଇବ, କିନ୍ତୁ ତୁମକୁ ସାବଧାନରେ ରହିବାକୁ ହେବ ।''

ଏବେ ନୀରଦବରଣଙ୍କ ରଚନାରୁ : ''ନିଶିକାନ୍ତଙ୍କର ଏହି ସୂକ୍ଷ୍ମ ଦୃଷ୍ଟିର ସାମର୍ଥ୍ୟ ତାଙ୍କର ଜନ୍ମଗତ । ତାଙ୍କର ନୟନ ଯୁଗଳ ଏହାର ପ୍ରକୃଷ୍ଟ ପରିଚୟ । ସର୍ବଦା ସେ ଭାବଲୋକରେ ବିହାର କରୁଥିଲେ । ଏଇଥିପାଇଁ ବୋଧହୁଏ ଏତେ କ୍ଳାନ୍ତି (ଶରୀର ପୀଡ଼ା) ସତ୍ତ୍ୱେ ସେ କେବେ ବି ହାର ମାନିଯାଇ ନାହାନ୍ତି ।... କବିଙ୍କ ପାଖରୁ ଅନେକ ରୋମାଞ୍ଚକର ସୂକ୍ଷ୍ମ ଦର୍ଶନର କାହାଣୀ ଶ୍ରବଣ କରିଛି । ପଣ୍ଡିଚେରୀରେ ପଦାର୍ପଣ କରିବାର ଅଳ୍ପ କିଛି ଦିନ ପରେ ଶ୍ରୀମା'ଙ୍କୁ ଅଦୂରରୁ ଦେଖିବା ମାତ୍ରେ ସେ ସ୍ୱଗତଃ କହି ଉଠିଥିଲେ, 'ଏଇ ତ, ମୋର ସେହି ମା ମାହେଶ୍ୱରୀ, ଯାହାଙ୍କୁ ମୁଁ (ବୁଦ୍ଧଗୟାରେ ବ୍ରହ୍ମଯୋନି ପାହାଡ଼ର ପାଦଦେଶରେ) ସୂକ୍ଷ୍ମ ଦର୍ଶନରେ ଦେଖିଛି !'

''ଥରେ ଗୁରୁଙ୍କୁ ମୁଁ ଲେଖିଥିଲି, 'ନିଶିକାନ୍ତ ଏତେ ସୂକ୍ଷ୍ମ ଦର୍ଶନ କରନ୍ତି, ମୁଁ ତ ଗୋଟିଏ ମୂଷା ବି ଦେଖେ ନାହିଁ ।' ଗୁରୁ ଉତ୍ତର ଦେଇଥିଲେ, 'ଏଥିସକାଶେ ତୁମର ସୂକ୍ଷ୍ମଦର୍ଶନ କରିବାର ଅନ୍ତର୍ନିହିତ ସାମର୍ଥ୍ୟ ଥିବା ଉଚିତ । (You must have the faculty of vision for it.)'

''ଶାନ୍ତିନିକେତନରେ ଅବସ୍ଥାନ କାଳରେ ନିଶିକାନ୍ତ ଅନ୍ତର୍ଜଗତର ନାନା ବିଚିତ୍ର ଦୃଶ୍ୟ ଦେଖୁଥିଲେ ଏବଂ ସେସବୁକୁ ତାଙ୍କର କବିତା ରଚନାରେ ଅଙ୍ଗୀଭୂତ କରୁଥିଲେ । ରବୀନ୍ଦ୍ରନାଥ ତାଙ୍କୁ ପ୍ରାୟ ପଚାରୁଥିଲେ, 'ତୁ ଏହିସବୁ ବସ୍ତୁ କି ଭାବରେ ପାଉ, କେଉଁଠୁ ପାଉ ?' ନିଶିକାନ୍ତଙ୍କର କାବ୍ୟ-ସୃଜନରେ ଭୂରି ଭୂରି ପ୍ରମାଣ ରହିଛି ଯେ ସେ (ସ୍ଥୂଳ ଶରୀରରେ) ଏ ଜଗତର ବାସିନ୍ଦା ହେଲେ ବି ଅଦୃଶ୍ୟ ଜଗତ୍ ସହିତ ତାଙ୍କ ନାଡ଼ୀର ନିବିଡ଼ ଯୋଗାଯୋଗ ଥିଲା; ବିଶେଷ କରି ଆମେ ଯାହାକୁ କହୁ ପ୍ରାଣ ଜଗତ୍ (Vital World) । ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ, 'ସେଇଥିପାଇଁ ତା'ର କବିତାର ପ୍ରଧାନ ଉତ୍ସ ହେଲା ପ୍ରାଣ ଜଗତ୍; ଏବଂ ତେଣୁ ତା'ର କାବ୍ୟ ଛନ୍ଦରେ, ଚିତ୍ରପଟରେ, ଉପମା ଓ ଶବ୍ଦ-ବିନ୍ୟାସରେ ତଥା ବିଷୟବସ୍ତୁରେ ଏମିତି କିଛି ଚମକପ୍ରଦ କଥା ଥାଏ, ଯାହାକି ତୁମର ଉଦର ପଶ୍ଚାତରେ ଥିବା ଉଦ୍ଦୀପ୍ତ ସ୍ନାୟୁମଣ୍ଡଳ (ବିଶୁଦ୍ଧ ଭାସ୍ୱର ପ୍ରାଣଚକ୍ର)ରେ ସ୍ପନ୍ଦନ ବା ଝଙ୍କାର ସୃଷ୍ଟି କରେ (that hints you in the solar plexus) ।' (ତାଙ୍କ ରଚନାର ଦୁଇଟି

ଉଦାହରଣ : 'ବହ୍ନିଧାରା', 'ସ୍ୱର୍ଣ୍ଣଶିଶୁ' କବିତା ଯାହାର ନିଗୂଢ଼ ଅର୍ଥ ଶ୍ରୀଅରବିନ୍ଦ ସ୍ୱୟଂ କବିଙ୍କୁ ଲେଖି ଦେଇଥିଲେ ।)''

('ରଚନା ବିଚିତ୍ରା', ପୃ. ୧୪୯-୫୦)

''ଥରେ ନିଶିକାନ୍ତଙ୍କୁ କତିପୟ ଆଗ୍ରହୀ ଯୁବକ ପ୍ରସଙ୍ଗକ୍ରମେ ପଚାରିଥିଲେ, 'ଆପଣଙ୍କ ସମ୍ୱନ୍ଧରେ ପ୍ରାୟ କୁହାଯାଏ ଯେ ଆପଣଙ୍କର ସୂକ୍ଷ୍ମଦର୍ଶନର ସାମର୍ଥ୍ୟ ରହିଛି । ଏକଥା କେତେଦୂର ସତ୍ୟ ?' କବିଙ୍କର ସରଳ ଉତ୍ତର : 'ଅନେକ ସମୟରେହିଁ ମୁଁ ପ୍ରଥମେ ଛବି ଦେଖେ, ତା'ପରେ କବିତା ଲେଖେ । ରୂପ ଓ ଲିପି ମଧ୍ୟରୁ ଗୋଟିକୁ ଅନ୍ୟଠାରୁ ପୃଥକ୍ କରାଯାଇ ପାରେନା । ଯେତେବେଳେ ଆମେ କହୁ 'ଗୋଲାପ' ସେତେବେଳେ ଯୁଗପତ୍ ଆମ ସାମନାରେ ଗୋଲାପର ଛବିଟିଏ ଭାସିଉଠେ କି ନା ? ଯାହା ସୁନ୍ଦର, ଯାହା ସତ୍ୟ, ସେଇଟିକୁ ନ ଦେଖିଲେ ତୁମେ ସେଇଟି ସମ୍ୱନ୍ଧେ କହିବ କିପରି ? ତେଣୁ ଲେଖା (ଲିପି) ପୂର୍ବରୁ ଦରକାର ଦର୍ଶନ (ଦୃଷ୍ଟି) ।... ମୁଁ ଦର୍ଶନ କରେ, ଆଖି ବନ୍ଦ କରି ନୁହେଁ, ଖୋଲା ଆଖିରେ । ଦର୍ଶକବୃନ୍ଦ ଯେମିତି ପର୍ଦାରେ ସିନେମା ଦେଖନ୍ତି । (ବାୟୁମଣ୍ଡଳକୁ ବା ନୀଳ ଆକାଶକୁ ଅଙ୍ଗୁଳି ଦେଖାଇ ସୂଚାଇ ଦେଇଥିଲେ ସେ କେଉଁଠି ଦେଖନ୍ତି) ।''

– ସୁଭାଷ ଘୋଷାଲ ('ନିଶିକାନ୍ତ', ପୃ. ୨୧-୨୨)

ଏବେ ଆଶ୍ରମର ଜନୈକ ବରେଣ୍ୟ ସାଧିକା ଏବଂ ନିଶିକାନ୍ତଙ୍କର ଅତ୍ୟନ୍ତ ଘନିଷ୍ଠା କୃଷ୍ଣା ଚକ୍ରବର୍ତ୍ତୀଙ୍କର ଲେଖାରୁ ଉଦ୍ଧୃତି : ''କଥା ପ୍ରସଙ୍ଗରେ ନିଶିକାନ୍ତ ମୋତେ କହିଲେ, 'ଥରେ ସୂକ୍ଷ୍ମ ଦର୍ଶନରେ ଦେଖିଲି ଆଶ୍ରମର ଭିତର ପ୍ରାଙ୍ଗଣରେ ଶ୍ରୀମା ତାଙ୍କର ଅପରୂପ ସ୍ୱରୂପରେ ଦଣ୍ଡାୟମାନ ହୋଇଛନ୍ତି । ଆମେ କତିପୟ ଆଶ୍ରମବାସୀ ତାଙ୍କୁ ଦର୍ଶନ କରୁଛୁ । ହଠାତ୍ ଦେଖିଲି ଶ୍ରୀମା'ଙ୍କ ପଶ୍ଚାତରେ ଗୌତମ ବୁଦ୍ଧ ଦଣ୍ଡାୟମାନ । ଆଶ୍ଚର୍ଯ୍ୟ ହୋଇ ସ୍ୱଗତଃ କହି ଉଠିଲି, 'ଭଗବାନ୍ ବୁଦ୍ଧ !' କିନ୍ତୁ ମୋ ସହିତ ଦଣ୍ଡାୟମାନ ହୋଇଥିବା ଅନ୍ୟ ସାଧକମାନେ କିଛି ବି ଦେଖିପାରୁ ନାହାନ୍ତି ! ଅଥଚ ମୁଁ ସ୍ପଷ୍ଟ ଭାବରେ ଦେଖୁଛି ପରମ କାରୁଣିକ, ସ୍ଥିର ଆୟତ ନେତ୍ରଯୁଗଳ, ଧ୍ୟାନ ମୁଦ୍ରାରେ ସ୍ଥିତ, ଜ୍ୟୋତିର୍ମୟ ବୁଦ୍ଧଙ୍କ ଶରୀରରୁ ପ୍ରେମର ଧାରା ନିଃସୃତ ! ସମ୍ମୋହିତ ଅବସ୍ଥାରେ ମୁଁ ତାଙ୍କଠାରୁ ଆଖି ଫେରାଇ ପାରିଲି ନାହିଁ । ତା'ପରେ ମୋ ଆଖି ସାମନାରେ ସେ ହଠାତ୍ ଅଦୃଶ୍ୟ ହୋଇଗଲେ ଏବଂ ଦେଖିଲି ସେହି ସ୍ଥାନରେ (ଶ୍ରୀମା'ଙ୍କ ପଶ୍ଚାତରେ) ଶଙ୍କରାଚାର୍ଯ୍ୟ ଦଣ୍ଡାୟମାନ ! ଜ୍ଞାନ-ଜ୍ୟୋତିଃରେ ଉଦ୍ଭାସିତ ସ୍ଥିର ନିଶ୍ଚଳ ଉନ୍ମୁକ୍ତ ବକ୍ଷସ୍ଥଳରେ ଉପବୀତଧାରୀ ଯୋଗୀ ପୁରୁଷ । ପୁଣି ଆଶ୍ଚର୍ଯ୍ୟ ହୋଇ ଉଠିଲି । ଏହା ପରେ ସାଧାରଣ ଅବସ୍ଥାକୁ ଫେରିବା ପୂର୍ବରୁ ପୁନଶ୍ଚ ଦେଖିଲି ଶ୍ରୀମା'ଙ୍କ ପଶ୍ଚାତରେ ସେହି ସମାନ ସ୍ଥାନରେ ଦଣ୍ଡାୟମାନ ହୋଇଛନ୍ତି ସୁଠାମ ମହିମମୟ ସ୍ୱାମୀ ବିବେକାନନ୍ଦ । ଜ୍ଞାନ-ପ୍ରେମ-କର୍ମ ସମନ୍ୱୟର ପ୍ରଚଣ୍ଡ କିଂବଦନ୍ତୀ ପୁରୁଷ । ଗତାନୁଗତିକ ଗୈରିକ ବସ୍ତ୍ର ପରିହିତ ଭୁବନ ବିଜୟୀ ଅତୁଳନୀୟ ଅନୁପମ ସେ ସନ୍ନ୍ୟାସୀ । ପରେ ପରେ ସେ ମଧ୍ୟ ଅନ୍ତର୍ଦ୍ଧାନ ହୋଇଗଲେ, ରହିଲେ ଶ୍ରୀମା ।... ପୁଙ୍ଖାନୁପୁଙ୍ଖ ଭାବରେ ଏହି ସୂକ୍ଷ୍ମ ଦର୍ଶନ କଥା ବର୍ଣ୍ଣନା କରି ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିଲି । ପଚାରିଲି,– ଏହା କ'ଣ ପ୍ରକୃତରେ ସତ୍ୟ-ଦର୍ଶନ ? ଆଉ ଏହାର ତାତ୍ପର୍ଯ୍ୟ କ'ଣ ? ଶ୍ରୀଅରବିନ୍ଦ ଏହି ମର୍ମରେ ଉତ୍ତର ଦେଇଥିଲେ, 'ହଁ, ଏହି ସୂକ୍ଷ୍ମଦର୍ଶନ ବାସ୍ତବରେ ସତ୍ୟ । ଗୌତମ ବୁଦ୍ଧ, ଶଙ୍କରାଚାର୍ଯ୍ୟ ଏବଂ ସ୍ୱାମୀ ବିବେକାନନ୍ଦ – ଏମାନେ ସମସ୍ତେ ଶିବଙ୍କର ଅବତାର ।'

ନିଶିକାନ୍ତ : ତୁମେ ଜାଣ, ମୁଁ ମଧ୍ୟ ବୁଦ୍ଧଙ୍କୁ ଅନ୍ୟ ଏକ ବିଶେଷ ପରିସ୍ଥିତି ଓ ପରିବେଶରେ ଦର୍ଶନ କରିଥିଲି ?

କୃଷ୍ଣା : ନା, କୁହନ୍ତୁ !

ନିଶିକାନ୍ତ : ସେତେବେଳେ ମୁଁ ବୁଦ୍ଧଗୟାରେ ଥିଲି । ସେଠାକାର ନିରଞ୍ଜନା (ବର୍ତ୍ତମାନ ଫଲ୍‌ଗୁ) ନଦୀ ତଟରେ ପୁରୁଣା ଆମ୍ବ ତୋଟାଟିଏ ଥିଲା । ଏବଂ କଥିତ ଅଛି ଯେ ବୁଦ୍ଧ ସେହିଠାରେ ଦୀର୍ଘ ସମୟ ଧରି ଧ୍ୟାନରତ ରହୁଥିଲେ । ଦିନେ ଖୁବ୍ ସକାଳୁ ମୁଁ ସେଠାକୁ ଚିତ୍ର ଆଙ୍କିବା ପାଇଁ ଗଲି । ସମ୍ପୂର୍ଣ୍ଣ ରୂପେ ସେଠାରେ ମୁଁ ଚିତ୍ରାଙ୍କନରେ ବୁଡ଼ି ରହିଥିଲି । ହଠାତ୍ କାହାର ଉପସ୍ଥିତି ଅନୁଭବ କରି ଚାହିଁ ଦେଖିଲି ମୋ ସାମନାରେ ଛିଡ଼ା ହୋଇଛନ୍ତି ଗୌତମ ବୁଦ୍ଧ । ମୁଁ ତାଙ୍କୁ ଅନାଇବା ମାତ୍ରେ ସେ କହିଲେ, 'ମନ୍ଦିରକୁ ନ ଯାଇ ତୁମେ ଏଠାକୁ ଆସି ଠିକ୍ କରିଛ ।'

ଗୌତମ ବୁଦ୍ଧ ସର୍ବଦା ନିର୍ଜନ ସ୍ଥାନରେ ଧ୍ୟାନମଗ୍ନ ରହିବାକୁ ପସନ୍ଦ କରୁଥିଲେ । ମନ୍ଦିରଗୁଡ଼ିକଠାରୁ ଦୂରରେ ରହୁଥିଲେ, କାହିଁକି ନା ସେସବୁ ସ୍ଥାନରେ କୋଳାହଳ, ବିଶୃଙ୍ଖଳା ଆଦି ଅନୈତିକ କାରବାର ପ୍ରାୟ ଚାଲୁ ରହିଥାଏ ।

କୃଷ୍ଣା : କବି, ଆପଣଙ୍କ ବର୍ଣ୍ଣନାରୁ ବୁଝା ପଡୁଛି ଯେ ଭଗବାନ୍ ବୁଦ୍ଧ ଏବେ ବି ପୃଥିବୀରେ ରହିଛନ୍ତି; ପୃଥିବୀର ବାତାବରଣ ଛାଡ଼ି ନିର୍ବାଣକୁ ଚାଲିଯାଇ ନାହାନ୍ତି ?

ନିଶିକାନ୍ତ : ଯେତେବେଳେ ପୃଥିବୀପୃଷ୍ଠକୁ ଅବତାରଗଣ ଅବତରି ଆସନ୍ତି, ସେମାନେ କଦାଚିତ୍ ଏହାର ବାତାବରଣକୁ ତ୍ୟାଗ କରନ୍ତି ନାହିଁ । ସେମାନେ ସର୍ବଦା ସେମାନଙ୍କର ଭକ୍ତଗଣଙ୍କ ହୃଦୟରେ ବିରାଜମାନ କରିଥା'ନ୍ତି । ଆମେ ଶ୍ରୀରାମଚନ୍ଦ୍ରଙ୍କ କଥା ଦେଖିବା । ତ୍ରେତୟା ଯୁଗରେ ସେ ପୃଥିବୀପୃଷ୍ଠକୁ ଅବତରଣ କରିଥିଲେ ଆଉ କବି ତୁଳସୀ ଦାସ 'ରାମାୟଣ' ରଚନା କଲେ କେତେ ପରେ ! ଯଦି ପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କର ହୃଦୟରେ ବିରାଜମାନ କରି ନଥା'ନ୍ତେ, ସେ କ'ଣ କେବେ କେବଳ ନିଜ ସାମର୍ଥ୍ୟରେ ଏହା ରଚନା କରି ପାରିଥା'ନ୍ତେ ?

କୃଷ୍ଣା : ଅବତାରଗଣ ସେମାନଙ୍କ ସୂକ୍ଷ୍ମ ଶରୀରରେ ଭକ୍ତଙ୍କ ସାମନାରେ ଆବିର୍ଭୂତ ହୋଇଥା'ନ୍ତି; ଆପଣ ଯେତେବେଳେ ଦେବଦେବୀମାନଙ୍କୁ ସୂକ୍ଷ୍ମ ଦୃଷ୍ଟିରେ ଦେଖନ୍ତି, ସେମାନେ ଆପଣଙ୍କ ସାମନାରେ କିପରି ପ୍ରତିଭାତ ହୁଅନ୍ତି ?

ନିଶିକାନ୍ତ : ମୁଁ ତୁମକୁ ଏବେ ମୋ ସାମନାରେ ଯେମିତି ଦେଖୁଛି, ଠିକ୍ ସେମିତି । ଯାହା ବି ହେଉ, ସେହିସବୁ ଦିବ୍ୟସତ୍ତାଙ୍କ ଶରୀର ଉଜ୍ଜ୍ୱଳ । ସେମାନଙ୍କ ପରିବେଶରେ ଅପରୂପ ସୌରଭ ଓ ଜ୍ୟୋତିଃ ଓତଃପ୍ରୋତ ଭାବରେ ବିରାଜମାନ ଥାଏ । ସେହି ମୁହୂର୍ତ୍ତରେ ମୁଁ ଅନୁଭବ କରେ ନାହିଁ ଯେ ମୁଁ ଏକ ସୂକ୍ଷ୍ମ ଦର୍ଶନ କରୁଛି ।...

ତୁମକୁ ଗୋଟିଏ ଚିତ୍ତାକର୍ଷକ ଘଟଣାଟିଏ କହୁଛି,– ଶାନ୍ତି ନିକେତନରେ ଥିବା ବେଳେ ମୁଁ ପ୍ରାୟ ପାଖରେ ଥିବା ଗାଁଗଣ୍ଡା ଆଡ଼େ ଘୂରି ବୁଲୁଥିଲି । ଥରେ ମୁଁ ସାନ୍ତାଳ ସାହି ଆଡ଼େ ବୁଲି ଯାଇଥିଲି । ସେଦିନ ଦେଖିଲି ଜଣେ ସାନ୍ତାଳୀ ତା' କୁଟୀର ସାମନାରେ ବସି ଅଧୈର୍ଯ୍ୟ ଭାବରେ କାନ୍ଦୁଛି । ତା' ପାଖକୁ ଯାଇ କଥା କ'ଣ ପଚାରିବାରୁ ସେ ସକେଇ ସକେଇ କହିଲା ଯେ ସେ ତା' ସ୍ୱାମୀ ଓ ପୁଅକୁ ଏକ ସାଥିରେ ହରାଇଛି । ସେ ଦୁହିଁଙ୍କୁ ପୋତିବା ସକାଶେ କୌଣସି କାରଣରୁ ସାହିର ଅନ୍ୟ ପୁରୁଷମାନେ ଆସୁ ନାହାନ୍ତି । ତତ୍କ୍ଷଣାତ୍ ମୁଁ ତା ସାମନାରେ ଥୁଆ ହୋଇଥିବା କୋଦାଳଟିକୁ ଧରି ବାଡ଼ି-ଅଗଣାରେ ମାଟି ଖୋଳିବାକୁ ଲାଗି ପଡ଼ିଲି । ମୋର ମାଟି ଖୋଳିବା ଦେଖି ସାନ୍ତାଳ ସାହିର କେତେଜଣ ଆସି ମୋତେ ସାହାଯ୍ୟ କଲେ ଏବଂ ମୃତ ବାପ-ପୁଅକୁ ପୋତି ପକାଇଲେ । ତା'ପରେ ମୁଁ ମୋ ବାଟରେ ଆଗେଇବାକୁ ଆରମ୍ଭ କଲି । କିଛି ବାଟ ଯିବା ପରେ ଦେଖିଲି ଯେଉଁ ପିଲାଟିକୁ ମୁହୂର୍ତ୍ତକ ପୂର୍ବରୁ ତା' ବାପ ସହିତ ପୋତି ଦେଇ ଆସିଥିଲି, ସେଇ ପିଲାଟି ମୋ ହାତକୁ ଦୃଢ଼ ଭାବରେ ଧରି ବେଶ୍ ଖୁସିରେ ଚାଲିଛି । ମୁଁ ତାକୁ ଅନାଇ ଚମକି ପଡ଼ିଲି ଏବଂ କହି ଉଠିଲି, 'ଆରେ, ତୁ ଏଠି କ'ଣ କରୁଛୁ ! ପଳା ।' ପିଲାଟି ତା' ସାନ୍ତାଳ ଭାଷାରେ ହସି ହସି କହିଲା, 'ମୁଁ ତୁମ ସହିତ ଯିବାକୁ ଚାହେଁ ।' ମୁଁ ହତବୁଦ୍ଧି ହୋଇ ଭାବିଲି; ଏବେ କରିବି କ'ଣ ? ପିଲାଟି ନଛୋଡ଼ବନ୍ଦା ହୋଇ ମୋତେ ଜୋର୍‌ରେ ଧରିଛି, ଛାଡ଼ିବାକୁ ନାରାଜ । ଶେଷରେ ମୁଁ ଅନ୍ତରରେ ଭଗବାନଙ୍କୁ ଆକୁଳ ପ୍ରାର୍ଥନା ଜଣାଇ ବହୁତ କଷ୍ଟରେ ତା' ବଜ୍ରମୁଷ୍ଟିରୁ ତ୍ରାହି ପାଇ ଘର ମୁହାଁ ହେଲି ।

କୃଷ୍ଣା : ଆପଣ ଆପଣଙ୍କର 'ଅଲୌକିକ ଅଟ୍ଟାଳିକା' କବିତା ସମ୍ବନ୍ଧେ କିଛି କୁହନ୍ତୁ । ('ମର୍ମବିହଙ୍ଗ' କାବ୍ୟଗ୍ରନ୍ଥ, ପୃ. ୧୨୭ ଦ୍ରଷ୍ଟବ୍ୟ)

ନିଶିକାନ୍ତ : (ତାଙ୍କର ସ୍ୱଭାବସିଦ୍ଧ ତନ୍ମୟ ଭାବ ସହ) ମୋର ସ୍ମରଣ ଅଛି । ସେଦିନ ଥିଲା ମୋର ଜନ୍ମଦିନ (୨୪ ମାର୍ଚ୍ଚ); ମୁଁ ଶ୍ରୀମା'ଙ୍କୁ ଦର୍ଶନ କରିବାକୁ ଯାଇଥାଏ । ମା ମୋତେ ଦେଖି କହିଲେ, ' ଆସ, ମୋ ସାମନାରେ ବସ; ମୁଁ ମୋ ହସ୍ତ ତୁମ ମସ୍ତକ ଉପରେ ରଖିବି; ଦୁହେଁ ଧ୍ୟାନମଗ୍ନ ହେବା ।' ସେ ତାଙ୍କର ବରଦ ହସ୍ତ ମୋ ମଥାରେ ସ୍ଥାପନା କରିବା ମାତ୍ରେ ମୁଁ ଧ୍ୟାନସ୍ଥ ହୋଇ ଉଠିଲି । ପରେ ଜାଣିଲି ସେ ବେଶ୍ ଅନେକ ସମୟ ଧରି ମୋ ମଥାରେ ହାତ ରଖି ଧ୍ୟାନସ୍ଥ ହୋଇଥିଲେ । ଧ୍ୟାନ ଭଙ୍ଗ ହେବା ପରେ ମୁଁ ତାଙ୍କୁ ପଚାରିଲି, 'ମା, ଧ୍ୟାନ ସମୟରେ ମୁଁ ଯେଉଁ ଦୃଶ୍ୟ ଦେଖିଲି, ଏହାର ତାତ୍ପର୍ଯ୍ୟ କ'ଣ ? ପ୍ରଥମେ ମୁଁ ଶ୍ରୀଅରବିନ୍ଦଙ୍କୁ ରାଜର୍ଷିଙ୍କ ସଦୃଶ ସିଂହାସନରେ ବସିଥିବାର ଦେଖିଲି । ତାଙ୍କର ପାରିଷଦବର୍ଗ – ନୀରଦବରଣ, ଚମ୍ପକଲାଲ ଏବଂ ଅନ୍ୟମାନେ ତାଙ୍କର ଚତୁଃପାର୍ଶ୍ୱରେ ଚଟାଣରେ ଉପବେଶନ କରିଥା'ନ୍ତି । ଠିକ୍ ପରମୁହୂର୍ତ୍ତରେ ଦେଖିଲି ସିଂହାସନରେ ଶ୍ରୀଅରବିନ୍ଦ ନାହାନ୍ତି, ରାଜରାଣୀ ସଦୃଶ ତୁମେ ସିଂହାସନରେ ବସିଛ ଏବଂ ତୁମର ପାରିଷଦବର୍ଗଙ୍କ ଦ୍ୱାରା ପରିବେଷ୍ଟିତ ରହିଛ । ଆଉ ସେମାନଙ୍କ ଗହଣରେ ମୁଁ ସହଚରୀ ରୂପେ ମଧ୍ୟ ରହିଛି । ଏହାର ଅର୍ଥ କ'ଣ ? ମୁଁ କାହିଁକି ସିଂହାସନରେ ତୁମ ଦୁଇଜଣଙ୍କୁ ଏକତ୍ର ବସିଥିବାର ଦେଖିଲି ନାହିଁ ? ତେଣୁ ଏହି ସୂକ୍ଷ୍ମଦର୍ଶନରେ ମୁଁ ସେତେଟା ଆନନ୍ଦ ଅନୁଭବ କରୁ ନାହିଁ ।'

ତା'ପରେ ଶ୍ରୀମା କହିଲେ, 'ଠିକ୍ ଦେଖିଛ । ଏହାର ଅର୍ଥ ହେଉଛି ଶ୍ରୀଅରବିନ୍ଦ ଏବଂ ମୁଁ ଏକ, ଅଭିନ୍ନ । ତୁମେ

ଯେତେବେଳେ ଆମ ଦୁହିଁଙ୍କ ମଧ୍ୟରୁ ତାଙ୍କୁ ଦେଖିବ ତୁମେ ନିଶ୍ଚିତ ରୂପେ ଜାଣିବ ଯେ ମୁଁ ମଧ୍ୟ ତାଙ୍କ ସହିତ ରହିଛି, ଆଉ ମୋତେ ଦେଖିଲେ ଜାଣିବ ଯେ ସେ ମଧ୍ୟ ନିଶ୍ଚିତ ରୂପେ ମୋ ସହିତ ରହିଛନ୍ତି ।'

ଆଉ ଜାଣିଛ, କୃଷ୍ଣା ! ଏହି ସୂକ୍ଷ୍ମଦର୍ଶନର କିଛି ମାସ ପରେ ଶ୍ରୀଅରବିନ୍ଦଙ୍କର ପାର୍ଥିବ ଶରୀରର ମହାପ୍ରୟାଣ ଘଟିଥିଲା ।

(*Mother India*, December 2009 ଏବଂ January 2010 ରୁ ସଂଗୃହୀତ)

ଏବେ ନୀରଦବରଣଙ୍କର ରଚନାରୁ ଉଦ୍ଧୃତି :

''... ଗୁରୁଦେବଙ୍କର ତିରୋଧାନ ପରେ ମୁଁ ଏକ ସ୍ୱପ୍ନ ଦେଖିଲି । ଗୁରୁଦେବ ମୋତେ କହୁଛନ୍ତି, 'ଦୁଇ ଦିନ ପରେ ନିଶିକାନ୍ତର ଜନ୍ମଦିନ । (୨୪ ମାର୍ଚ୍ଚ, ମୋର ଏକଥା ସ୍ମରଣରେ ନଥିଲା ।) ଗୋଟିଏ ପାତ୍ର ନେଇ ଆସ । ତା' ସକାଶେ କିଛି ମିଷ୍ଟାନ୍ନ ଦେବି ।' ମୁଁ ପାତ୍ରଟିଏ ଆଣି ତାଙ୍କ ପାତ୍ରରୁ ପାଞ୍ଚ, ଛଅଟି ମିଷ୍ଟାନ୍ନ ଉଠାଇ ନେଉଥିବା ବେଳେ ସେ ମନ୍ଦହାସ୍ୟରେ କହିଲେ, 'ନା, ନା, ଏତେଟା ନିଅନି; ସେ ସବୁତକ ଖାଇଦେବ, ଆଉ ଅସୁସ୍ଥ ହୋଇ ପଡ଼ିବ ।'

''ଆଉ ଏଇ ନିଶିକାନ୍ତ, ଗୁରୁଙ୍କର ମହାପ୍ରୟାଣର ସମ୍ବାଦ ପାଇ ତାଙ୍କର ପାର୍ଥିବ ଶରୀରର ଶେଷ ଦର୍ଶନ ନିମିତ୍ତ ଗୁରୁଙ୍କର କକ୍ଷକୁ ପ୍ରବେଶ କରିବା ମାତ୍ରେ ଦେଖନ୍ତି ସେ ତାଙ୍କ ପଲଙ୍କରେ ସ୍ୱ-ଭଙ୍ଗିମାରେ ବସି ଉଚ୍ଚ ସ୍ୱରରେ ତାଙ୍କୁ କହୁଛନ୍ତି, 'I am here, I am here.' ('ମୁଁ ଏଇଠି ଅଛି, ମୁଁ ଏଇଠି ଅଛି ।')''

('ରଚନା-ବିଚିତ୍ରା', ପୃ. ୧୪୯)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Mfr: Ayurlabs India, Pondicherry-1, Ph. 0413-2224935 / 9442249355, Email: sales@ayurlabsindia.com

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୯)

## ଗୟାଧର ଦାଶ

**ବାଧ୍ୟବାଧକତା ସମ୍ପୂର୍ଣ୍ଣ ନିଷେଧ :**

ପୂର୍ଣ୍ଣାଙ୍ଗ ଶିକ୍ଷାରେ ବାଧ୍ୟବାଧକତାର ପ୍ରଶ୍ନ ଉଠେନା । ସମସ୍ତେହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷାର୍ଥୀ । ଯାହାର ଅଗ୍ରଗତି କରିବାର ଇଚ୍ଛା ଅଛି ସେହିଁ ପ୍ରକୃତ ଶିକ୍ଷାର୍ଥୀ । ଯିଏ ଅଗ୍ରଗତି କରିବାକୁ ଚାହେଁନା ସେହିଁ ବଡ଼ପଣିଆ ଦେଖାଇ ଅନ୍ୟକୁ କିଛି କରିବା ପାଇଁ ବାଧ୍ୟ କରେ । ନିଜର ସମ୍ପତ୍ତିକୁ ସେ ଜାବୁଡ଼ି ଧରିଥାଏ ଏବଂ କାହାରିକୁ କିଛି ଦିଏ ନାହିଁ; କେବଳ ହୁକୁମ ଦେଉ ଥାଏ । ପ୍ରତ୍ୟେକଙ୍କର ସ୍ୱାଧୀନତା ରହିଛି, ମୌଳିକ ଅଧିକାର ମଧ୍ୟ ରହିଛି । ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିଠାରୁ ଭିନ୍ନ ରୂପ ଓ ପ୍ରକୃତି ନେଇ ଜନ୍ମ ହୋଇଛି । ପ୍ରତ୍ୟେକଙ୍କ କର୍ମଧାରା ମଧ୍ୟ ଭିନ୍ନ ହୋଇଥାଏ । ପ୍ରତ୍ୟେକଙ୍କର ଚିନ୍ତାଧାରା, ପଥ ଓ ଭବିଷ୍ୟତ୍ ମଧ୍ୟ ଭିନ୍ନ ହୋଇଥାଏ । ଯଦି ମନ ଅଲଗା, ପଥ ଅଲଗା ତେବେ କିଏ କାହିଁକି କୌଣସି କାର୍ଯ୍ୟ ବାଧ୍ୟ ହୋଇ କରିବାରେ ଖୁସି ହେବ । ଖୁସି ହେବା ଏକ ସ୍ୱତଃସ୍ଫୂର୍ତ୍ତ ଭାବ । ଏହା ସ୍ୱତଃ ଅନ୍ତର ଭିତରୁ ଝରି ଆସେ । ତେଣୁ ବାଧ୍ୟବାଧକତାକୁ ସମ୍ପୂର୍ଣ୍ଣଭାବେ ଏଡ଼ାଇ ଦେବା ଉଚିତ ।

ଶ୍ରୀମା କହନ୍ତି – ''ବାଧ୍ୟବାଧକତା ଶିକ୍ଷାର ସର୍ବୋତ୍ତମ ବା ସର୍ବାଧିକ ଫଳପ୍ରଦ ନିୟମ ନୁହେଁ । ଯଥାର୍ଥ ଶିକ୍ଷା ବର୍ଦ୍ଧିଷ୍ଣୁ ସତ୍ତାମାନଙ୍କ ମଧ୍ୟରେ ସନ୍ନିହିତ ବସ୍ତୁକୁ ଉନ୍ମୋଚିତ ଓ ପରିସ୍ଫୁଟ କରିବା ଆବଶ୍ୟକ । ଠିକ୍ ଯେପରି ସୂର୍ଯ୍ୟ କିରଣରେ ଫୁଲମାନେ ଫୁଟି ଉଠନ୍ତି, ସେହିପରି ପିଲାମାନେ ଆନନ୍ଦରେ ଫୁଟି ଉଠିବେ । ଏହା କହିବା ଅନାବଶ୍ୟକ ଯେ ଆନନ୍ଦ ଅର୍ଥ ଦୁର୍ବଳତା ନୁହେଁ, ବିଶୃଙ୍ଖଳା ନୁହେଁ କି ସଂଶୟ ନୁହେଁ । କିନ୍ତୁ ଏହା ଏକ ଉଜ୍ଜ୍ୱଳ ସହାନୁଭୂତି ଯାହା କେବଳ ମଙ୍ଗଳମୟ ବସ୍ତୁକୁ ଉତ୍ସାହିତ କରେ ଏବଂ କେବେ ବି କଦର୍ଯ୍ୟ ବସ୍ତୁ ଉପରେ ଅତ୍ୟଧିକ ଜୋର୍ ଦିଏ ନାହିଁ ।''

(MCW, Vol. 12, P. 335)

ଚାରା ଗଛଟି ଶୀଘ୍ର ଶୀଘ୍ର ବଢୁ ବୋଲି ଆମେ ତାକୁ ବାଧ୍ୟ କରି ପାରିବା ନାହିଁ । କଢ଼ିଟିକୁ ଶୀଘ୍ର ଫୁଟିବା ପାଇଁ ମଧ୍ୟ କହି ପାରିବା ନାହିଁ । ଯଦି କୌଣସି କ୍ଷେତ୍ରରେ ଆମେ ବାଧ୍ୟ କରୁ ଅଥବା ଅତ୍ୟଧିକ ସାର ପ୍ରୟୋଗ କରୁ ତେବେ ଗଛଟି ଝାଉଁଳି ପଡ଼େ ବା ମରିଯାଏ । ଯଦିବା ବଢ଼େ ତେବେ ପଙ୍ଗୁ ହୋଇଯାଏ । ସେହିପରି ପିଲାକୁ କୌଣସି କଥାରେ ବାଧ୍ୟ କରିବା ଦ୍ୱାରା ତା'ର ମନଟା ଝାଉଁଳି ପଡ଼େ । ଅତ୍ୟଧିକ କାମ କରିବାକୁ ବା ଖାଦ୍ୟ ଖାଇବାକୁ ବାଧ୍ୟ କଲେ ଶରୀରର କ୍ଷତି ସାଧନ ହୁଏ । ପାଠ ପଢ଼ିବାରେ ବାଧ୍ୟ କଲେ ପାଠରେ ଆଗ୍ରହ ରହେନା । ସେହିପରି ବାଧ୍ୟ ହୋଇ ସେ ଯାହା କରେ ସେଥିରେ ଆଗ୍ରହ ନଥାଏ ଏବଂ କେବଳ କାମଟିକୁ କରିବ ବୋଲି, ଠିକ୍ ହେଉ ବା ଭୁଲ୍ ହେଉ, ସେ କରିଥାଏ । ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ କହନ୍ତି, "To force the nature, to abandon its own dharma is to do it permanent harm, mutilate its growth and deface its perfection."

ଅର୍ଥାତ୍, ''ପ୍ରକୃତିକୁ ବାଧ୍ୟ କରି, ତାକୁ ନିଜ ଧର୍ମରୁ ବିଚ୍ୟୁତ କରିବା ହେଉଛି ତା'ର ଚିରସ୍ଥାୟୀ କ୍ଷତି ସାଧନ କରିବା, ତାହାର ବୃଦ୍ଧିକୁ ବିକଳାଙ୍ଗ କରିବା ଏବଂ ତା'ର ପରିପୂର୍ଣ୍ଣତାକୁ ବିକୃତ କରିବା ।''

ତେଣୁ ପିଲାଟି ସ୍ୱାଭାବିକ ଭାବରେ ବୃଦ୍ଧି ଲାଭ କରୁ ବୋଲି ଯଦି ଆମେ ଚାହୁଁଥିବା ତେବେ ତାକୁ ଦଳିତକଟି ମନ ମୁତାବକ ରୂପ ଦେବାକୁ ଆମେ କେବେ ବି ଚେଷ୍ଟା କରିବା ନାହିଁ । ପିଲାମାନଙ୍କୁ ଘର କାମ କରିବା ପାଇଁ କି ପାଠ ପଢ଼ିବା ପାଇଁ ବାଧ୍ୟ କରିବା ନାହିଁ । ପିଲାମାନଙ୍କର ଏକ ସ୍ୱତନ୍ତ୍ର ଅନୁଭବ ଶକ୍ତି ରହିଛି । ସେମାନେ ଯାହା ଭଲ ବୋଲି ମନେ କରିବେ ତାହା କରିବା ପାଇଁ ତାକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ଆବଶ୍ୟକ ।

ପ୍ରତ୍ୟେକ ପିଲା ନିଜର ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଯେଉଁ ଯୋଜନା କରେ, ତାକୁ ସେହି ଯୋଜନାରେ ଫଳବତୀ ହେବା ପାଇଁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ କରିବା ସହ ତାକୁ ସୌନ୍ଦର୍ଯ୍ୟର ଉପାସନା କରିବାକୁ ଉତ୍ସାହିତ କରିବା ଉଚିତ । ଶ୍ରୀମା କହନ୍ତି – ''ଯେତେବେଳେ ସାନ ପିଲାଟି ଭିତରେ ଉତ୍ସାହ ପୂର୍ଣ୍ଣ ହୋଇ ରହିଛି, ସେତେବେଳେ

ତୁମେ ତା'ର ଉତ୍ସାହ ଉପରେ କଦାପି ଥଣ୍ଡା ପାଣି ଢାଳି ଦେବ ନାହିଁ । 'ତୁ ସିନା ଏପରି ହେଉଛୁ; କିନ୍ତୁ ବାସ୍ତବ ଜୀବନ କଦାପି ଏପରି ନୁହେଁ' ବୋଲି ତୁମେ ତାକୁ କଦାପି କହିବ ନାହିଁ । ତୁମେ ତାକୁ ସବୁବେଳେ ଉତ୍ସାହ ଦେଉଥିବ, ତାକୁ କହୁଥିବ, 'ହଁ, ବର୍ତ୍ତମାନ ଘଟଣାଗୁଡ଼ିକ ସର୍ବଦା ଆଦୌ ଏପରି ଘଟନ୍ତି ନାହିଁ, ବର୍ତ୍ତମାନ ସେଗୁଡ଼ିକ ଭାରି କୁତ୍ସିତ ଦେଖା ଯାଉଛନ୍ତି, ମାତ୍ର ଏହା ପଛରେ ଏକ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି ଯାହାକି ନିଜର ଉପଲବ୍ଧି ଲାଗି ପ୍ରୟାସ କରିବାରେ ଲାଗିଛି । ତୁମେ ସେହି ସୌନ୍ଦର୍ଯ୍ୟକୁ ଭଲ ପାଅ, ତାହାକୁ ନିଜ ଆଡ଼କୁ ଟାଣି ଆଣ । ତାହାହିଁ ତୁମର ଯାବତୀୟ ସ୍ୱପ୍ନ ଏବଂ ଯାବତୀୟ ଉଚ୍ଚାଭିଳାଷରେ ତୁମର ଲକ୍ଷ୍ୟ ହୋଇ ରହିଥାଉ ।'

''ଅତ୍ୟନ୍ତ ଅଳ୍ପ ବୟସ ହୋଇଥିବା ସମୟରେ ଯଦି ତୁମେ ଏହି କଥାଟିକୁ କରି ପାରିବ, ତେବେ ତୁମକୁ ଅନେକ କମ୍ ପରିଶ୍ରମର ସମ୍ମୁଖୀନ ହେବାକୁ ପଡ଼ିବ । ମାତ୍ର, ଅନ୍ୟ ପକ୍ଷରେ ଯଦି ତୁମର ପରବର୍ତ୍ତୀ ଅବସ୍ଥାରେ ଏକ ଅନିଷ୍ଟକାରୀ ଶିକ୍ଷାର ଅନିଷ୍ଟକାରୀ ପ୍ରଭାବଗୁଡ଼ିକରୁ ବିମୋଚିତ ହୋଇ ଆସିବାକୁ ପଡୁଥିବ, ତୁମକୁ ଜୀବନରୁ ଆଦୌ କୌଣସି ଭଲର ପ୍ରତ୍ୟାଶା ରଖିବାକୁ ଦେଉ ନ ଥିବା ସେହି ବୈଚିତ୍ର୍ୟହୀନ ଓ ରୁଚିହୀନ ସମସ୍ତ ସାଧାରଣ ବୁଦ୍ଧିର ବଶ୍ୟତା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ, ଜୀବନକୁ ଏକାନ୍ତ ସ୍ୱାଦହୀନ ଓ ନୀରସ କରି ଦେଉଥିବା ସମସ୍ତ ଆଶା ଓ ସୌନ୍ଦର୍ଯ୍ୟର ତଥାକଥିତ ସମସ୍ତ ଭ୍ରମର ବିରୋଧୀ ହୋଇ ସେହି ବଶ୍ୟତା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ, ସେତେବେଳେ ତାହା ଅନେକ ଅଧିକ ସହଜ ହୋଇଯିବ ।''

(MCW, Vol. 9, P. 162)

ଶ୍ରୀମା ଏପରି କହିବାର ତାତ୍ପର୍ଯ୍ୟ ହେଉଛି ଯେ ଆମେ ସର୍ବଦା ପିଲାକୁ ଏକ ସୌନ୍ଦର୍ଯ୍ୟମୟ ଉଜ୍ଜ୍ୱଳ ଭବିଷ୍ୟତ୍ ଅଭିମୁଖେ ଆଗେଇ ଯିବା ପାଇଁ ଉତ୍ସାହିତ କରିବା । ସାଧାରଣତଃ ଚଉଦ ବର୍ଷରୁ ଅଧିକ ବୟସର ପିଲାମାନେ ଯେତିକି ଆବଶ୍ୟକ କରିବେ ତାହା ଅପେକ୍ଷା ଅଧିକ ଉପଦେଶ ଦେବା ଠିକ୍ ନୁହେଁ । ସେମାନେ ଜାଣିବା ଉଚିତ ଯେ ନିଜର ସ୍ଥିତି ନିମନ୍ତେ ସେମାନଙ୍କ ଚରିତ୍ର ଲାଗି ସେମାନେ ନିଜେହିଁ ଦାୟୀ ।

ପିଲାମାନେ କୌଣସି ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ କୌଣସି କାର୍ଯ୍ୟ କରିବା ଅନୁଚିତ । ସେମାନେ ଯଦି ବାଧ୍ୟ ହୋଇ ବିଦ୍ୟାଳୟକୁ ପଢ଼ିବାକୁ ଯିବେ ତେବେ ସେମାନଙ୍କର ପାଠ ପଢ଼ାରେ ମନ ଲାଗିବ ନାହିଁ, ବରଂ ସେମାନେ ନାନା ଫନ୍ଦିଫିକର, ଛଳ କୌଶଳ କରି ଅଳ୍ପ ପରିଶ୍ରମରେ ଅଧିକ ଫଳ ପାଇବା ପାଇଁ ଚେଷ୍ଟା କରିବେ । ଅବଶ୍ୟ ଏକଥା ସତ ଯେ ବାଧ୍ୟ କରି କାହାଠାରୁ କୌଣସି କାର୍ଯ୍ୟ ହାସଲ କରି ହେବନି । କିନ୍ତୁ ପିଲାମାନେ ଛୋଟଥିବାରୁ, ଦଣ୍ଡକୁ ଭୟ କରୁଥିବାରୁ ବାଧ୍ୟ ସନ୍ତାନ ଭାବେ ମାତାପିତା ବା ଶିକ୍ଷକଙ୍କର ଆଦେଶ ମାନି ଥାଆନ୍ତି । ପ୍ରକୃତରେ କୌଣସି କଠୋର ନିୟମ ଦ୍ୱାରା ପିଲାମାନଙ୍କର ହାତ ଗୋଡ଼କୁ ବାନ୍ଧି ଦେବା ଅନୁଚିତ । ପିଲାମାନେ ଅବଶ୍ୟ ଶୃଙ୍ଖଳା ମାନିବେ; କିନ୍ତୁ ଶୃଙ୍ଖଳାଟା ଯେପରି ଶିକୁଳି ବା ବେଡ଼ି ନହେଉ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଶ୍ରୀମାଙ୍କ ଶିକ୍ଷା ଉପରେ ଆଲୋଚନାର ମର୍ମାନୁବାଦ ଏହିପରି – ପିଲାମାନଙ୍କ ପାଇଁ ନିୟମ ଯଥାସମ୍ଭବ କମ୍ ହେବ ଏବଂ ସ୍ୱାଧୀନତା ଯଥାସମ୍ଭବ ଅଧିକ ହେବ । ପିଲାଟି ଯେପରି ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା ଏବଂ ସ୍ୱତନ୍ତ୍ରତାକୁ ଖରାପ ବ୍ୟବହାର ରୂପେ ଗ୍ରହଣ ନକରେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ବିଧେୟ । ଏହା ମଧ୍ୟ ଠିକ୍ ଯେ ପିଲାଟି ତା'ର ଅନୁଭୂତିରୁହିଁ ଶିଖିବ; କିନ୍ତୁ ସବୁକିଛି ଅନୁଭୂତିରୁ ଶିଖିବା ପାଇଁ ପିଲାଟିକୁ ଛାଡ଼ି ଦେଲେ, ତାକୁ ସାମାନ୍ୟ ଜିନିଷଟିଏ ଶିଖିବା ପାଇଁ ଅନେକ ଦିନ ଲାଗିଯିବ । ଏପରିକି ପିଲାଟି ହାତରେ ଛୁରୀ କିଂବା ଦିଆସିଲି ପଡ଼ିଲେ ଆମେ ଯଦି ତାକୁ କିଛି ନକହି ଛାଡ଼ି ଦେବା, ତେବେ ସେ ହୁଏତ ନିଜେ ଖଣ୍ଡିଆ ଖାବରା ହେବ କିଂବା ପୋଡ଼ି ହେବ ।

ତେଣୁ ବ୍ୟାବହାରିକ ଦୁନିଆରେ ପିଲାକୁ ଅନେକ କଥା ଶିଖାଇବା ପାଇଁ ମାତାପିତା ଓ ଶିକ୍ଷକମାନଙ୍କର ଗୁରୁ ଦାୟିତ୍ୱ ରହିଛି । ପିଲାମାନଙ୍କୁ କୌଣସି କାର୍ଯ୍ୟ ପାଇଁ ବାଧ୍ୟ କରିବା ଅନୁଚିତ । ଏପରିକି ପ୍ରାର୍ଥନା କରିବାକୁ ମଧ୍ୟ ବାଧ୍ୟ କରିବା ଠିକ୍ ନୁହେଁ ।

ଶ୍ରୀମା କହନ୍ତି : "A moment of silence and concentration is always good for *all the children.* But the prayer *should not be compulsory.* Those who want to do it will be encouraged." (MCW, Vol. 12, P. 332)

ଅର୍ଥାତ୍, ''ମୁହୂର୍ତ୍ତକ ଲାଗି ନୀରବତା ଓ ଏକାଗ୍ରତା ପିଲାଙ୍କ ପାଇଁ ଅତ୍ୟନ୍ତ ମଙ୍ଗଳଦାୟକ ଅଟେ । ମାତ୍ର ପ୍ରାର୍ଥନାକୁ ବାଧ୍ୟତାମୂଳକ କରିବା ଉଚିତ ନୁହେଁ । ଯେଉଁମାନେ ପ୍ରାର୍ଥନା କରିବାକୁ ଚାହିଁବେ ସେମାନଙ୍କୁ ଉତ୍ସାହିତ କରାଯିବ ।''

ସବୁଠାରୁ ବଡ଼ କଥା ହେଲା ପିଲାମାନଙ୍କର ଗତିବୃତ୍ତି, ପ୍ରକୃତି, ଆବେଗ, ଆନ୍ତର-ଗଠନ ରୀତି ଆଦିକୁ ଜାଣିବାକୁ ହେବ ଏବଂ ବୁଝିବାକୁ ହେବ । କେଉଁ ଗୁଣଗୁଡ଼ିକୁ ଆରୋପିତ କରିବାକୁ ହେବ ଏବଂ କେଉଁଗୁଡ଼ିକୁ ବହିଷ୍କାର କରିବାକୁ ହେବ ତାହା ବୁଝିବାକୁ ହେବ ଏବଂ ସେଥିପାଇଁ ସତର୍କ ଦୃଷ୍ଟି ରଖିବାକୁ ହେବ । ଏତତ୍ ବ୍ୟତୀତ ଆଉସବୁ କଥା ପିଲାଙ୍କ ହାତରେ ଛାଡ଼ିଦେବା ଉତ୍ତମ ।

ଏପରି ମାଆବାପାମାନେ ଅଛନ୍ତି ଯେଉଁମାନେ ପିଲାମାନଙ୍କୁ ମିଛ କହିବା, ଚୋରି କରିବା, ଠକିବାକୁ ବାଧ କରନ୍ତି । ବାପା ଘରେ ଥିଲେ ମଧ୍ୟ ପିଲାଟି ବାପାଙ୍କ କଥାରେ ଆଗନ୍ତୁକଙ୍କୁ କହେ ଯେ, 'ବାପା କହିଲେ ସେ ଘରେ ନାହାନ୍ତି' । ପ୍ରକୃତରେ ପିଲା ମିଛ କ'ଣ ଜାଣେନା, ଚୋରି କ'ଣ ଜାଣେନା; କିନ୍ତୁ ଆମେ ତାହାକୁ ଏସବୁ କଥା ଶିଖାଉ ।

ମାତାପିତାଙ୍କର ଅନିଚ୍ଛା ସତ୍ତ୍ୱେ ପିଲାଟି ଯଦି ବାଧ୍ୟ ହୋଇ ସଂସାରକୁ ଆସିଥାଏ ଏବଂ ତା'ଉପରେ ମାତାପିତା ଯଦି ପରିସ୍ଥିତିକୁ ବାଧ କରି ଲଦି ଦିଅନ୍ତି, ବଂଶଗତ ନିୟମଗୁଡ଼ିକୁ, ଶିକ୍ଷାକୁ, ପରିବାରର ଦାୟିତ୍ୱକୁ ଏମିତି କେତେ କଥା ଯଦି ଲଦି ଦିଆଯାଏ ତେବେ ପିଲାଟି ମୂଳରୁ ମଣ ହୋଇଯାଏ ଏବଂ ବଡ଼ ହେଲା ବେଳକୁ ତା'ର ଅଣ୍ଟା, ପିଠି ଭାଙ୍ଗିଯାଏ, ସେ ଉଠିପାରେନା । ଏସବୁ ଜାଣିଲା ପରେ ପିଲାଟିର ମାତାପିତା, ଘର ପରିବାର, ସମାଜ ପ୍ରତି ବିତୃଷ୍ଣା ଭାବ ଜାତ ହୁଏ । ସେ ହୁଏତ ସଂସାର ବନ୍ଧନରୁ ମୁକ୍ତ ହେବା ପାଇଁ ପ୍ରୟାସ କରେ ଅଥବା ନିଜ ପରିବାରକୁ ନେଇ ଅଲଗା ରହେ । ଅଧିକାଂଶ କ୍ଷେତ୍ରରେ ପରିବାରର ଦାୟିତ୍ୱ ସମ୍ଭାଳି ନପାରି ସେ ପାଗଳ ପ୍ରାୟ ହୋଇଯାଏ ଏବଂ ମିଛ, ଲାଞ୍ଚ, ଚୋରି, ବେଇମାନିର ଆଶ୍ରୟ ନିଏ ।

ଅନେକ ମାତାପିତା ନିଜ କୁଳର କୌଳିକ ବୃତ୍ତିଟିକୁ ଆଦରି ନେବାକୁ ପିଲାକୁ ବାଧ କରନ୍ତି । ବଂଶ ପରମ୍ପରା, ସାମାଜିକ ପ୍ରଥା ଓ ନିୟମକୁ ମାନି ନେବା ପାଇଁ ମଧ୍ୟ ବାଧ କରନ୍ତି । ଏପରିକି ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାର ସପକ୍ଷରେ ମତ ଦିଅନ୍ତି । ଏହାକୁ ମାନି ନେଉଥିବା ପିଲାଟି ଘୋଷରା ପଥରେ ଯାଇ ଜୀବନ ବଞ୍ଚିବାକୁ ପ୍ରୟାସ କରେ । ଯେଉଁ ପିଲାଟି ଏହାକୁ ନ ମାନି ନିଜର ପଥକୁ ବାଛିନିଏ ସିଏ ସମାଜ ଆଖିରେ ଭଲ କିଂବା ଭେଲ ହୋଇପାରେ । ଆଜିକାଲି ବହୁତ କମ୍ ପିଲା ଏହି ବାଧବାଧକତା ମଧ୍ୟରେ ନିଜକୁ ଖାପଖୁଆଇ ଏକ ସଚେତନ ତଥା ନୂତନ ଜୀବନ ବଞ୍ଚିବା ପାଇଁ ପ୍ରୟାସ କରନ୍ତି । ମାତାପିତା କଦାପି ନିଜର ଅବଦାନ ବଦଳରେ ପିଲାଠାରୁ ସୁଧ, ମୂଳ ଆଦାୟ କରିବା ପାଇଁ ମନ ବଳାଇବା ଅନୁଚିତ । ପିଲାଟି ନିଜର ଲକ୍ଷ୍ୟ ପ୍ରତି ସଚେତନ ହେଉ ଏବଂ ଆତ୍ମ-ଆବିଷ୍କାର ପଥରେ ଆଗେଇ ଯାଉ ବୋଲି ଆମର ପ୍ରାର୍ଥନା, ସଦିଚ୍ଛା ତଥା ସେ ଦିଗରେ ଅକୁଣ୍ଠିତ ସହଯୋଗ ଏକାନ୍ତ ଲୋଡ଼ା ।

(କ୍ରମଶଃ) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ମନୋଜ ଦାସଙ୍କ କୃତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ
# ‘ସାବିତ୍ରୀ’ର ଅନୁବାଦ – ଏକ ଅବର୍ଣ୍ଣନୀୟ ଅବଦାନ

**କ୍ରିଷ୍ଣେନ୍ଦୁ ଦାସ ପଟ୍ଟନାୟକ**

ଶ୍ରୀଅରବିନ୍ଦଙ୍କ ରଚିତ ମହାକାବ୍ୟ ‘ସାବିତ୍ରୀ’ର ମନୋଜ ଦାସଙ୍କ କୃତ ଓଡ଼ିଆରେ ଭାଷାନ୍ତରର – ଏକ ଗଭୀର କୃତଜ୍ଞତାପୂର୍ଣ୍ଣ ପର୍ଯ୍ୟାଲୋଚନା ।

ଶ୍ରୀଅରବିନ୍ଦଙ୍କ ‘ସାବିତ୍ରୀ’ ହେଉଛି ପରମ ପ୍ରଭୁଙ୍କ ସର୍ବୋଚ୍ଚ ଚେତନାର ପରିପ୍ରକାଶ ତଥା ସମସ୍ତ ଅଭୀପ୍ସୁ ମାନବାତ୍ମା ପାଇଁ ଉଚ୍ଚତର ଚେତନାର ଆରୋହଣର ସରଳ ନିରାପଦ ପାବଚ୍ଛ । ଏହି ମାନ୍ତ୍ରିକ କାବ୍ୟକୁ ଯେତେବେଳେ ଏକ ଉଚ୍ଚତର ଆସ୍ପୃହା ସହ ଯଥାର୍ଥ ଅନୁବାଦ କରାଯାଏ ତାହା ସୃଷ୍ଟି କରେ ସେହି ଭାଷାରେ ଆଉ ଏକ ଚିରନ୍ତନ ମହାକାବ୍ୟ । ତାହାହିଁ ଶ୍ରୀଯୁକ୍ତ ମନୋଜ ଦାସ ଏହି ଅନନ୍ୟ ମହାକାବ୍ୟର ଅନୁବାଦ ମାଧ୍ୟମରେ ସୃଷ୍ଟି କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ନିକଟରେ ପ୍ରକାଶ ପାଇଛି ଶ୍ରୀଅରବିନ୍ଦଙ୍କ ରଚିତ ‘ସାବିତ୍ରୀ’ ମହାକାବ୍ୟ ଅନୁବାଦର ପ୍ରଥମ ଭାଗ । ପ୍ରାୟ ବିଂଶ ବର୍ଷ ବ୍ୟାପୀ ନିଜ ସଞ୍ଚିତ ସାଧନାର ଶ୍ରେୟ ଦେଇ ସାଧକ ମନୋଜ ଦାସ ଏହି ଗ୍ରନ୍ଥଟି ସମ୍ପୂର୍ଣ୍ଣ ଭାବେ ଅନୁବାଦ କରିଛନ୍ତି ।

ଅନୁଭବରେ ଆସେ, ଶ୍ରୀଯୁକ୍ତ ମନୋଜ ଦାସ ଦୀର୍ଘ ଜୀବନ କାଳ ମଧ୍ୟରେ ସାହିତ୍ୟ ସାଧନାର ପୂର୍ଣ୍ଣ ଉପଯୋଗ କରି ଶ୍ରୀଅରବିନ୍ଦଙ୍କ ‘ସାବିତ୍ରୀ’ର ଓଡ଼ିଆ ଅନୁବାଦରେ ନିଜର ଅନନ୍ୟ ବିନୟପୂର୍ଣ୍ଣ କୃତଜ୍ଞତାସମ୍ପନ୍ନ ଲେଖନୀ ମଧ୍ୟ ଦେଇ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ କରିଛନ୍ତି । ନିଜର ସମସ୍ତ ଜ୍ଞାନ ଓ ନିପୁଣ ଅନୁଭୂତି, ଆଧ୍ୟାତ୍ମିକ ଗଭୀରତା ସହିତ କାବ୍ୟ ରସ ଲାଳିତ୍ୟର ସର୍ବୋଚ୍ଚ ପ୍ରୟୋଗ ଏହି ଅନୁବାଦରେ ବ୍ୟକ୍ତ ହୋଇଥିବାର ପରିଲକ୍ଷିତ ହୁଏ । ଫଳରେ ଏହି ଅନୁବାଦିତ ଗ୍ରନ୍ଥଟି ଓଡ଼ିଆର ଅଧ୍ୟାତ୍ମ ସାହିତ୍ୟର ବିକାଶ ଦିଗରେ ବହୁ ଉପାଦେୟ ମାର୍ଗ ପ୍ରଦର୍ଶନ କରିବ । ଏହି ମହାକାବ୍ୟରେ ଛନ୍ଦ ମାତ୍ରାର ସମନ୍ୱୟ, ଶବ୍ଦ ସଂକଳନ, ପଦ ବିନ୍ୟାସ, ଚେତନାଗତ ଭାବର ପ୍ରସ୍ଫୁଟନ ଅନେକ ପରିମାଣରେ ଶ୍ରୀଅରବିନ୍ଦଙ୍କର ମୂଳ ରଚନାର ଉଦ୍ଦେଶ୍ୟକୁ ଧରି ରଖିବାରେ ସକ୍ଷମ ହୋଇଛି ବୋଲି ହୃଦ୍‌ବୋଧ ହୁଏ ।

ଆମର ପୂର୍ବଜମାନଙ୍କ ଦ୍ୱାରା ରଚିତ ‘ଶୁଭାଷିତାନି’’ ଶ୍ଳୋକାବଳିରେ ଏକ ଶ୍ଳୋକ ଥିଲା ଯେ, ‘‘ସଂସାର ବିଷବୃକ୍ଷସ୍ୟ ଦ୍ୱୟେବ ମଧୁରଫଳେ, କାବ୍ୟାମୃତରସସ୍ୱାଦଃ, ସଙ୍ଗମଃ ସଜ୍ଜନୈଃ ସହ’’ । ଯାହାର ଅର୍ଥ ହେଲା, ସଂସାର ରୂପକ ବିଷ ବୃକ୍ଷରେ ଦୁଇଟି ମଧୁର ଫଳ । ପ୍ରଥମଟି ହେଲା କାବ୍ୟ ରୂପକ ଅମୃତରୁ ରସ ଆସ୍ୱାଦନ କରିବା ଓ ଦ୍ୱିତୀୟଟି ହେଲା ସତ୍‌ଜନଙ୍କ ସଂସ୍ପର୍ଶରେ ସତ୍‌ସଙ୍ଗର ଆନନ୍ଦ ଆସ୍ୱାଦନ କରିବା ।

ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ରଚନାର କାବ୍ୟାମୃତକୁ ଓଡ଼ିଆ ଅନୁବାଦ ମାଧ୍ୟମରେ ଶ୍ରୀଯୁକ୍ତ ମନୋଜ ଦାସ ସେହି ସୁଯୋଗଟିକୁ ଓଡ଼ିଆ ପାଠକମାନଙ୍କ ପାଖରେ ସହଜ ଲଭ୍ୟ କରି ପାରିଛନ୍ତି । ତାଙ୍କର ଯଥାର୍ଥ ଅନୁବାଦର ପ୍ରଚେଷ୍ଟା ସେହି ଅମୃତ ରସର ଆସ୍ୱାଦନ ଦିଗରେ ସହାୟକ ହେବ ତଥା ଏକ ବିଶ୍ୱ ମାନବୀୟ ଆଧ୍ୟାତ୍ମିକ ଚେତନା ଉତ୍ଥାନର ମହାକାବ୍ୟର ଆବିଷ୍କାରର ଶିଳାନ୍ୟାସ ସ୍ୱରୂପ ହେବ; ଯାହାକି ଆଗାମୀ ଇତିହାସ ପୃଷ୍ଠାରେ ଓଡ଼ିଆ ସାହିତ୍ୟ ମାଧ୍ୟମରେ ଭବିଷ୍ୟତର ଉଚ୍ଚତର ଆଧ୍ୟାତ୍ମିକ ପଥପ୍ରଦର୍ଶକ ରୂପେ ପରିଗଣିତ ହେବ ।

ପୁସ୍ତକଟି ଅଧ୍ୟୟନ ତଥା ଆବୃତ୍ତି କରିବା ସମୟରେ ମୁଁ ପ୍ରତି ନିୟତ ଆନନ୍ଦରେ ଉଲ୍ଲସିତ ହୋଇଉଠେ । ଏଥିରେ ସ୍ଥାନିତ କାବ୍ୟ ରସ ସହିତ ଆଧ୍ୟାତ୍ମିକ ଭାବର ସଂଯୋଗ ପ୍ରତ୍ୟେକ ପଂକ୍ତିରେ ଅନୁଭବ କରି ଚମତ୍କୃତ ହୁଏ । ଯେଉଁଥିପାଇଁ ଶ୍ରୀଯୁକ୍ତ ମନୋଜ ଦାସଙ୍କର ଜୀବନର ଅନ୍ତିମ ପର୍ଯ୍ୟାୟର ଏହି ମହତ୍ ଅବଦାନର କାର୍ଯ୍ୟଟିକୁ ପର୍ଯ୍ୟାଲୋଚନା କରିବା ପାଇଁ ଏକ ପ୍ରେରଣାତ୍ମକ ପ୍ରବଣତା ଅନୁଭବ କଲି ଏବଂ ‘ସାବିତ୍ରୀ’ ମହାକାବ୍ୟ ଶ୍ରୀଅରବିନ୍ଦଙ୍କ ରଚିତ ସମସ୍ତ ରଚନାବଳୀ ମଧ୍ୟରେ ଶ୍ରେଷ୍ଠସ୍ଥାନ ଗ୍ରହଣ କରିଥିବା ପରି, ଶ୍ରୀଯୁକ୍ତ ମନୋଜ ଦାସଙ୍କ ଊର୍ଦ୍ଧ୍ୱାଗତ ପ୍ରେରଣା ସଂଯୁକ୍ତ ଏହି ଅନୁବାଦ ମଧ୍ୟ ଓଡ଼ିଆ ଭାଷାର ସର୍ବୋତ୍କୃଷ୍ଟ ଉପଯୋଗର ଏକ ଜ୍ୱଳନ୍ତ ମହାଲିପି ହିସାବରେ ଓଡ଼ିଆ ସାହିତ୍ୟ ଆକାଶରେ କାଳଜୟୀ ଉଦ୍ଦୀପ୍ତମାନ ତାରକା ହୋଇ ରହିବ ।

ମୁଁ ଏକ ଉଲ୍ଲେଖନୀୟ ଉପଲବ୍ଧିରୁ ବ୍ୟକ୍ତ କରିବି ଯେ

*(ଅବଶିଷ୍ଟାଂଶ ପୃଷ୍ଠା ୪୩ରେ ଦେଖନ୍ତୁ)*

# ବରୋଦା ମହାରାଜା ଓ ଗୋବର ଘଷି ବିକ୍ରେତା

## ପ୍ରନିତା ଚକ୍ରବର୍ତ୍ତୀ

[ପ୍ରାତଃକାଳର ଏକ ସତ୍ୟ ଘଟଣା, କୌଣସି କାଳ୍ପନିକ କାହାଣୀ ନୁହେଁ । ଏହି ନିର୍ଦ୍ଦିଷ୍ଟ ଘଟଣା ସଂଘଟିତ ହେବା ସମୟରେ **ଶ୍ରୀଅରବିନ୍ଦ** ବରୋଦାରେ ଅବସ୍ଥାନ କରୁଥିଲେ ।]

ରାତି ପାହି ଆସୁଥାଏ, ସିନ୍ଦୂରା ଫାଟିବା ସମୟ । ଅଳ୍ପ ଅଳ୍ପ ଅନ୍ଧକାର ଥାଏ । ବରୋଦାର ମହାରାଜା ସୟାଜିରାଓ ଗାଇକୱାର୍ଡ଼ ପ୍ରାତଃ କାଳରେ ଘୋଡ଼ାରେ ବସି ରାସ୍ତାରେ ବୁଲି ବାହାରି ଥାଆନ୍ତି । ସେ ଏକା ଥାଆନ୍ତି । ସାଙ୍ଗରେ କୌଣସି ଦେହରକ୍ଷୀ ନ ଥା'ନ୍ତି । ତା'ଛଡ଼ା ସେ ମହାରାଜାଙ୍କ ପୋଷାକ ପରିଧାନ ନ କରି ସାଧାରଣ ବସ୍ତ୍ର ପରିଧାନ କରି ଥାଆନ୍ତି । ସେହି ରାସ୍ତାରେ ଶ୍ରୀଅରବିନ୍ଦ ମଧ୍ୟ ଏକା ସମୟରେ ଚଲାବୁଲା କରୁଥା'ନ୍ତି, ଅବଶ୍ୟ ସେ ମହାରାଜାଙ୍କଠାରୁ ଅଳ୍ପ ଦୂରରେ ଥାଆନ୍ତି ।

ଏପରି ଏକ ପ୍ରତ୍ୟୁଷରେ ସେ ରାସ୍ତାରେ ପ୍ରାୟ କେହି ଲୋକ ଯିବା ଆସିବା କରୁ ନଥିଲେ । ମହାରାଜା ଦେଖିଲେ ଯେ ଜଣେ ବୟସ୍କା ସ୍ତ୍ରୀ ଲୋକ ରାସ୍ତା କଡ଼ରେ ଏକାକିନୀ ଛିଡ଼ା ହୋଇଛି । ପାଖରେ ତା'ର ରହିଛି ଏକ ଗୋବର ଘଷିର ଟୋକେଇ; ମନେ ହେଉଥିଲା ଯେପରି ସେ କାହାକୁ ଅପେକ୍ଷା କରୁଛି । ପ୍ରକୃତରେ ସେହି ବୟସ୍କା ସ୍ତ୍ରୀ ଲୋକଟି କାହାର ସାହାଯ୍ୟ ଅପେକ୍ଷାରେ ଥିଲା ଯିଏକି ସେହି ଶୁଖିଲା ଗୋବର ଘଷିପୂର୍ଣ୍ଣ ଟୋକେଇଟି ଉଠାଇ ତା' ମୁଣ୍ଡ ଉପରେ ଥୋଇଦେବ ।

କେହି ଜଣେ ଅଶ୍ୱାରୋହୀ ସେହି ରାସ୍ତାରେ ଆସିବାର ଦେଖି ସିଏ ତାଙ୍କୁ ଡାକିଲା ଓ କହିଲା, ''ଓ ଭାଇ ! ଦୟାକରି ଘୋଡ଼ାରୁ ଓହ୍ଲାଇ ଏହି ଟୋକେଇଟି ମୋ ମୁଣ୍ଡ ଉପରେ ଟିକିଏ ଥୋଇଦେବ କି ? ତୁମକୁ କଷ୍ଟ ଦେଉଥିବାରୁ ମୁଁ ଦୁଃଖିତ । ହେଲେ ମୁଁ କ'ଣ କରିବି ? ବୁଢ଼ୀ ହେଲିଣି, ମୋର ଆଉ ଏବେ ଆଗର ବଳ ନାହିଁ । ଏଣୁ ଜୀବନର ଅବଶିଷ୍ଟ ସମୟ ପାଇଁ ଅନ୍ୟର ସାହାଯ୍ୟ ଏକାନ୍ତ ଆବଶ୍ୟକ ।''

ଏକଥା ଶୁଣି ମହାରାଜା ଘୋଡ଼ାରୁ ଓହ୍ଲାଇ ଟୋକେଇଟି ଉଠାଇ ସ୍ତ୍ରୀ ଲୋକର ମୁଣ୍ଡରେ ଥୋଇ ଦେଲେ । ପ୍ରତିଦାନରେ ସେ ସ୍ତ୍ରୀ ଲୋକ ଜଣକ ମହାରାଜାଙ୍କୁ ଅଶେଷ ଧନ୍ୟବାଦ ଦେବା ସହିତ କହିଲା, ''ଦୀର୍ଘଜୀବୀ ହୁଅ ! ବିଧାତା ତୁମକୁ ଓ ତୁମ ପରିବାରର ସମସ୍ତଙ୍କୁ ସବୁ ସମୟରେ ସର୍ବତୋଭାବେ ସମୃଦ୍ଧିଶାଳୀ କରନ୍ତୁ । ସେ ତୁମକୁ ସଦାସର୍ବଦା ସହାୟ ହୁଅନ୍ତୁ ।''

ସେ ତା' ମୁଣ୍ଡ ଉପରେ ଟୋକେଇଟି ଠିକ୍ ଭାବେ ସଜାଡ଼ି ରଖି ଧୀରେ ଧୀରେ ତା'ର ଗନ୍ତବ୍ୟ ପଥରେ ଅଗ୍ରସର ହେଲା । ବିଚରା ବୁଢ଼ୀଟି ! ଦୈନନ୍ଦିନ ଜୀବନରେ ଗୋବର ଗୋଟେଇ ସେସବୁକୁ ଶୁଖିଲା ଘଷି ବନାଏ ଏବଂ ଜାଳ ନିମନ୍ତେ ବିକ୍ରି କରେ । ସେ କେବେ ଭାବିପାରି ନ ଥିବ ଯେ ଯେଉଁ ଲୋକ ତା' ମୁଣ୍ଡକୁ ସେହି ଶୁଖିଲା ଘଷିଭରା ଟୋକେଇଟି ଉଠେଇ ଦେଇଥିଲେ ସେ ସ୍ୱୟଂ ବରୋଦାର ମହାରାଜା ।

ଠିକ୍ ଘୋଡ଼ା ଉପରକୁ ଉଠୁଥିବା ସମୟରେ ମହାରାଜା ଦେଖିଲେ ଯେ ଶ୍ରୀଅରବିନ୍ଦ ସେହି ଜାଗାରେ ଉପସ୍ଥିତ ପ୍ରାୟ । ମହାରାଜା ତାଙ୍କ ପାଇଁ କିଛି ସମୟ ଅପେକ୍ଷା କଲେ । ଯଦିଓ ଶ୍ରୀଅରବିନ୍ଦ ମହାରାଜାଙ୍କ ସେକ୍ରେଟାରୀ ଥାଆନ୍ତି, କିନ୍ତୁ ସେ ତାଙ୍କୁ ସବୁବେଳେ ଜଣେ ବନ୍ଧୁଭାବେ ଆଦର ସମ୍ମାନ କରନ୍ତି ଏବଂ ତାଙ୍କର ସାକ୍ଷାତ୍ ପାଇଗଲେ ଖୁସି ହୋଇଯାଆନ୍ତି ।

ଶ୍ରୀଅରବିନ୍ଦ ମହାରାଜାଙ୍କୁ ମୃଦୁ ହାସ୍ୟ ସହିତ ଅଭିବାଦନ ଜଣାଇଲେ, କିନ୍ତୁ ଶ୍ରୀଅରବିନ୍ଦଙ୍କ ସ୍ମିତହାସ୍ୟର କୌଣସି ତାତ୍ପର୍ଯ୍ୟ ଥାଇପାରେ ବୋଲି ସେ ମନେକଲେ । ସେ ପଚାରିଲେ, ''ଘୋଷ ମହାଶୟ, ସ୍ମିତହାସ୍ୟର ଉଦ୍ଦେଶ୍ୟ ?''

ଶ୍ରୀଅରବିନ୍ଦ ହସି ହସି ଉତ୍ତର ଦେଲେ, ''ସେପରି କିଛି ବିଶେଷ ଉଦ୍ଦେଶ୍ୟ ନାହିଁ ।''

ମହାରାଜା ଠିକ୍ ଜାଣିଥିଲେ ଯେ ଶ୍ରୀଅରବିନ୍ଦ ସେପରି ବ୍ୟକ୍ତି ନୁହନ୍ତି ଯିଏକି କିଛି ଉଦ୍ଦେଶ୍ୟ ନ ଥାଇ ହସିବେ । ନିଶ୍ଚୟ କିଛି କାରଣ ଥାଇପାରେ ।

ସେ କହିଲେ, ''ସୟାଜିରାଓ, ବରୋଦାର ମହାରାଜା, ଜଣେ ଦରିଦ୍ର ମାଆକୁ ସାହାଯ୍ୟ କରିବାକୁ ଯାଇ ଗୋଟାଏ ଗୋବର ଘଷିପୂର୍ଣ୍ଣ ଟୋକେଇ ତା' ମୁଣ୍ଡ ଉପରକୁ ଉଠାଇଦେବା ଘଟଣା କ'ଣ ତୁମର ହସିବାର କାରଣ ହୋଇଥାଇ ପାରେ କି ?''

ଶ୍ରୀଅରବିନ୍ଦ କହିଲେ, ''ନାଁ, ହସିବାର କାରଣ ଏଇଆ ନୁହେଁ ।''

ତା'ହେଲେ ତାହା କ'ଣ ହୋଇପାରେ ବୋଲି ମହାରାଜା ପ୍ରଶ୍ନ କଲେ ।

ଶ୍ରୀଅରବିନ୍ଦ ଉତ୍ତରରେ କହିଲେ, ''ମହାରାଜ, ଆପଣ ଜଣେ ଦରିଦ୍ର ମହିଳାର ଗୋବର ଘଷିପୂର୍ଣ୍ଣ ଟୋକେଇଟି ଉଠାଇ ତା' ମୁଣ୍ଡରେ ଥୋଇ ଦେଇଛନ୍ତି, ପ୍ରକୃତରେ ଏହା ଏକ ମହାନ୍ କାର୍ଯ୍ୟ । କିନ୍ତୁ ମୁଁ କୌତୂହଳୀ ହୋଇ ଭାବୁଛି ବାସ୍ତବରେ ବରୋଦା ରାଜ୍ୟର ମହାରାଜ ଶ୍ରୀ ସୟାଜିରାଓ ଗାଏକୱାର୍ଡ଼ଙ୍କ ପକ୍ଷରେ କେଉଁ ଗୋଟିକ ମହାନ୍ କାର୍ଯ୍ୟ – ଗୋରୁର ଗୋବର ଘଷି ଟୋକେଇଟି ବୃଦ୍ଧାର ମୁଣ୍ଡ ଉପରକୁ ଉଠାଇ ଥୋଇଦେବା ନା ସବୁଦିନ ପାଇଁ ତାକୁ ବୋଝମୁକ୍ତ କରିବା ?''

ଶ୍ରୀଅରବିନ୍ଦଙ୍କ ଏପରି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଟିପ୍‌ପଣୀର ଉଦ୍ଦେଶ୍ୟ ମହାରାଜା ବୁଝିପାରି ସଙ୍ଗେ ସଙ୍ଗେ ଅଶ୍ୱ ଆରୋହଣ କରି ସେହି ବୃଦ୍ଧା ଆଡ଼େ ଅଗ୍ରସର ହେଲେ, ଅତି ଶୀଘ୍ର ତା' ପାଖରେ ପହଞ୍ଚି ତା'ର ନାମ, ସେ କେଉଁଠି ରହେ ଇତ୍ୟାଦି ପଚାରି ବୁଝିନେଲେ ।

ତହିଁ ପରଦିନ ମହାରାଜା ତାଙ୍କର ଜଣେ ଅଧସ୍ତନ କର୍ମଚାରୀଙ୍କୁ ପଠାଇ ସେଇ ସ୍ତ୍ରୀ ଲୋକଟିକୁ ତାଙ୍କ କୋର୍ଟ ଅଫିସକୁ ଡକାଇଲେ । ସେହି ମହିଳା ଜଣକ ବିଶେଷ ଭୟଭୀତା ହୋଇ ଡରି ଡରି ଆସି ମହାରାଜାଙ୍କ ଦରବାରରେ ପହଞ୍ଚି ଦେଖିଲା ଯେ ଯେଉଁ ଲୋକ ଗତ କାଲି ତା'ର ସେହି ଟୋକେଇଟି ଟେକି ତା' ମୁଣ୍ଡ ଉପରେ ଥୋଇଥିଲେ ସେହିଁ ରାଜ ସିଂହାସନରେ ଉପବିଷ୍ଟ । ତାଙ୍କୁ ଦେଖି ସେ ଭୟରେ ଗୋଟାପଣେ ଥରିବାକୁ ଲାଗିଲା ।

କୋମଳ ତଥା ସ୍ନେହପୂର୍ଣ୍ଣ ଭାବରେ ମହାରାଜା ସେ ବୃଦ୍ଧାକୁ ପାଖକୁ ଡାକିଲେ । ତା'ର ସମସ୍ତ ଭୟ ଦୂର କରି ନିଜେ ତା'ର ଆସ୍ଥାଭାଜନ ହୋଇ ଉଠିଲେ ।

ତା'ର ରହିବା ନିମନ୍ତେ ଗୋଟାଏ ଇଟାକାନ୍ଥର ଘର ତିଆରି କରିଦେବା ସହିତ ସେ ବଞ୍ଚିଥିବା ପର୍ଯ୍ୟନ୍ତ ତା'ର ଯାବତୀୟ ଖର୍ଚ୍ଚ ଯୋଗାଇ ଦେବାର ବ୍ୟବସ୍ଥା କଲେ ।

ଉପରୋକ୍ତ କାର୍ଯ୍ୟ ସମାହିତ ହେବା ପରେ, ମହାରାଜାଙ୍କର ଯେତେବେଳେ ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ୍ ହେଲା, ତାଙ୍କୁ ସେ ସେହି ସ୍ତ୍ରୀ ଲୋକ ପାଇଁ କରିଥିବା ସମସ୍ତ ବନ୍ଦୋବସ୍ତ ବିଷୟରେ ଜଣାଇଲେ ।

ଏଥିପାଇଁ ଶ୍ରୀଅରବିନ୍ଦ ବିଶେଷ ଖୁସି ହେଲେ ଓ ମହାରାଜାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇ କହିଲେ, ''ଏହାହିଁ ପ୍ରକୃତରେ ଆପଣଙ୍କ ଭଳି ବ୍ୟକ୍ତିଙ୍କ ପାଇଁ ଏକ ଯୋଗ୍ୟ-କାର୍ଯ୍ୟ ।'' ସୟାଜିରାଓ ମଧ୍ୟ ଏକ ଉଜ୍ଜ୍ୱଳ ଆନ୍ତର ଆଲୋକରେ ଦୀପ୍ତ ହୋଇ ଉଠିଲେ ।

ଏହିପରି ଶ୍ରୀଅରବିନ୍ଦଙ୍କ କୃପା ବଳରେ ଜଣେ ଗରିବ ଗୋବର ଘଷି ବିକାଳି ସ୍ତ୍ରୀ ଲୋକଟି ରାଜାଙ୍କର ଜଣେ ପୋଷ୍ୟା ଭଉଣୀ ହୋଇ ପାରିଥିଲା ।

(*Mother India* : April 2006 ସଂଖ୍ୟାରୁ ସଂଗୃହୀତ)

ଭାଷାନ୍ତର : ନୀଳରତନ ଜେନା ❑

---

*(ପୃଷ୍ଠା ୪୧ର ଅବଶିଷ୍ଟାଂଶ)*

ଶ୍ରୀଯୁକ୍ତ ମନୋଜ ଦାସ ନିଜର ସମସ୍ତ ରଚନା ଓ ସଂକଳନ ମଧ୍ୟ ଦେଇ ଓଡ଼ିଆ ସାହିତ୍ୟର ବ୍ୟାପ୍ତତାକୁ ଯେତେ ପରିମାଣରେ ଉନ୍ନତ ରୁଚିସମ୍ପନ୍ନ କରିଛନ୍ତି, ତତୋଽଧିକ ଏହି ମହାକାବ୍ୟର ଅନୁବାଦ ମାଧ୍ୟମରେ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ଏକ ସମୃଦ୍ଧ ଚେତନା ଆରୋହଣର ଦିଗ୍‌ଦର୍ଶନ ଓ ଅନେକ ଉଚ୍ଚମାନର ଓଡ଼ିଆ ଶବ୍ଦକୋଷ ଓ ଶବ୍ଦ ବିନ୍ୟାସର ସୃଷ୍ଟି କରିଛନ୍ତି ।

ଏହି ମହାକାବ୍ୟ 'ସାବିତ୍ରୀ' ଅନୁବାଦର ଦ୍ୱିତୀୟ ଭାଗ ପ୍ରକାଶ ଅପେକ୍ଷାରେ ଅତ୍ୟନ୍ତ ଆଗ୍ରହ ସହିତ ରହିଲି । ❑

# ରାଜା ନଶିରୱାନ୍ ଏବଂ ହକିମ

## ଦୌଲତ ପାଣ୍ଡେ

ନଶିରୱାନ୍ ଆଦଲ୍ ନାମରେ ଜଣେ ଆଦର୍ଶ ରାଜା ଥିଲେ । ଥରେ ସେ ରାଜସଭାରେ ରାଜକାର୍ଯ୍ୟ ପରିଚାଳନା କରୁଥିବା ସମୟରେ ଜଣେ ହକିମ (ବୈଦ୍ୟ) ସଭାରେ ଉପସ୍ଥିତ ହୋଇ ନତମସ୍ତକରେ ରାଜାଙ୍କୁ ସମ୍ମାନ ଜଣାଇ କହିଲେ, ସେ ସୁଦୂର ଚୀନ ଦେଶରୁ ତାଙ୍କ ପାଇଁ ତିନୋଟି ମୂଲ୍ୟବାନ୍ ଉପହାର ନେଇ ଆସିଛନ୍ତି । ରାଜା ଭାରି ଖୁସିହୋଇ ଉପହାରଗୁଡ଼ିକ ସମ୍ପର୍କରେ ଜାଣିବାକୁ ଚାହିଁଲେ । ହକିମ ତାଙ୍କ ଥଳିରୁ ତିନିଟି ସୁନ୍ଦର କାସ୍କେଟ୍ ବାହାର କରି ରାଜାଙ୍କ ଆଗରେ ରଖିଲେ । ସେଥିରୁ ଗୋଟିଏ ବାକ୍ସ ଚନ୍ଦନ କାଠରେ ତିଆରି, ଦ୍ୱିତୀୟଟି ଥିଲା ଏନାମେଲ୍ ରଙ୍ଗକରା ଧାତୁ ତିଆରି ବାକ୍ସ ଏବଂ ତୃତୀୟ ବାକ୍ସରେ ମୂଲ୍ୟବାନ୍ ରତ୍ନ ଖଚିତ ହୋଇଥିଲା ।

ପ୍ରଥମେ ଚନ୍ଦନ କାଠରେ ତିଆରି ବାକ୍ସଟି ଖୋଲି ଆଗନ୍ତୁକ କହିଲେ, 'ଏଥିରେ ଏକ ଦୁର୍ଲଭ ମଲମ ଅଛି, ଯାହା ଲଗାଇଲେ କେଶ ସବୁ ଦିନ ପାଇଁ କଳା ହୋଇଯିବ ।' ତା'ପରେ ଏନାମେଲ୍ ବାକ୍ସଟି ଖୋଲି ଦେଖାଇ କହିଲେ, 'ୟା' ଭିତରେ ମୃଗନାଭି କସ୍ତୁରୀ, ରୁପାଭସ୍ମ ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ଉପାଦାନରେ ତିଆରି କିଛି ଛୋଟ ଛୋଟ ବଟିକା ଅଛି । ଏହି ବଟିକାକୁ ଖାଦ୍ୟ ସହିତ ମିଶାଇ ଖାଇଲେ ଯେକୌଣସି ଖାଦ୍ୟ ସହଜରେ ହଜମ ହୋଇଯିବ ।' ଶେଷ ବାକ୍ସରେ କ'ଣ ଅଛି ରାଜା ଜାଣିବାକୁ ଚାହିଁବାରୁ ହକିମ କହିଲେ, 'ଏଇଟି ସବୁଠାରୁ ସୁନ୍ଦର ବାକ୍ସ । ୟା' ଭିତରେ ଏପରି ଏକ ଦୁର୍ଲଭ ସୁବାସିତ ଅତର ଅଛି, ଯାହାକୁ ବ୍ୟବହାର କଲେ ଦୁନିଆର ଯେକୌଣସି ସୁନ୍ଦରୀ ରମଣୀର ହୃଦୟ ଜୟ କରିହେବ ।'

ହକିମ ଭାବିଥିଲେ ଦୁର୍ଲଭ ଉପହାରଗୁଡ଼ିକ ପାଇ ରାଜା ବିଶେଷ ଖୁସି ହେବେ । ମାତ୍ର ତାଙ୍କ ଧାରଣା ଭୁଲ୍ ପ୍ରମାଣିତ ହେଲା । ହକିମଙ୍କଠାରୁ ଉପହାରଗୁଡ଼ିକର ଉପାଦେୟତା ସମ୍ପର୍କରେ ଶୁଣି ରାଜା ନଶିରୱାନ୍ ବିରକ୍ତି ପ୍ରକାଶ କରି କହିଲେ, ''ରେ ନିର୍ବୋଧ ବ୍ୟକ୍ତି ! ତୁ ଯଦି ବିଦେଶୀ ନାଗରିକ ହୋଇ ନ ଥା'ନ୍ତୁ ତେବେ ଏ ଉପହାରଗୁଡ଼ିକ ଦେଇ ଆଜି ତୁ ଯେପରି ମୋତେ ଅପମାନିତ କଲୁ, ମୁଁ ତୋର ମୁଣ୍ଡକାଟ କରିଥା'ନ୍ତି । କାରଣ ଏହି ବଟିକା ସାହାଯ୍ୟରେ ଗୁଡ଼ାଏ ଖାଦ୍ୟ ଖାଇବା ଫଳରେ ମର ଶରୀର କିଛିକାଳ ପୃଥୁଳ ଏବଂ ଶକ୍ତିଶାଳୀ ମନେ ହୋଇପାରେ । ମାତ୍ର ତାହାର ପ୍ରଭାବରେ ନିଶ୍ଚିତ ଭାବେ ମୋର ସ୍ୱାସ୍ଥ୍ୟ ଏବଂ ବୁଦ୍ଧିବୃତ୍ତି କ୍ଷତିଗ୍ରସ୍ତ ହେବ । କୌଣସି ବୁଦ୍ଧିମାନ୍ ବ୍ୟକ୍ତି ଏପରି କୌଣସି ଖାଦ୍ୟ ଖାଇବ ନାହିଁ ଯାହାକୁ ହଜମ କରିବା ପାଇଁ ଔଷଧ ବଟିକା ସେବନ କରିବାକୁ ପଡ଼ିବ । ଆଉ ଏହି ରଙ୍ଗ ମଲମ ବ୍ୟବହାର କଲେ ମୋ ଧଳା କେଶ କଳା ହୋଇପାରେ ଏବଂ ମୁଁ ଜଣେ ଯୁବକ ଭଳି ଦେଖାଯାଇ ପାରେ । ମାତ୍ର ଏହି କୃତ୍ରିମତାର ବ୍ୟବହାର ଫଳରେ ସନ୍ତାନତୁଲ୍ୟ ପ୍ରଜାମାନଙ୍କ ପାଖରେ ମୋର ସମ୍ମାନ ହାନି ହେବ । ଶେଷରେ ମଣି, ମାଣିକ-ଖଞ୍ଜା ସେହି ବାକ୍ସରେ ଥିବା ଦୁର୍ଲଭ ସୁଗନ୍ଧିତ ଅତର ମଧ ମୋର ଲୋଡ଼ା ନାହିଁ । କାରଣ ମୋର ସ୍ତ୍ରୀଙ୍କ ବ୍ୟତୀତ ଦୁନିଆର ଅନ୍ୟ କୌଣସି ସୁନ୍ଦରୀ ନାରୀର ହୃଦୟ ଜୟ କରିବାକୁ ମୁଁ ଚାହେଁ ନାହିଁ । ତେଣୁ କୌଣସି ସୁବାସିତ ଅତର ମୋର ଲୋଡ଼ା ନାହିଁ ।''

ରାଜାଙ୍କ ଉତ୍ତର ଶୁଣି ଆଗନ୍ତୁକ ଅତିଥି ଜଣକ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ରାଜାଙ୍କୁ ପ୍ରଣାମ ଜଣାଇ କହିଲେ, ''ଆପଣ ବାସ୍ତବରେ ଜଣେ ବିଜ୍ଞ ଏବଂ ଆଦର୍ଶ ରାଜା । ମୁଁ ଆପଣଙ୍କୁ ପରୀକ୍ଷା କରିବା ପାଇଁ ଏଠାକୁ ଆସିଥିଲି । ଆପଣଙ୍କ ଭଳି ବିବେକୀ ରାଜା ଦୁନିଆରେ ବିରଳ । ଆପଣ ଯଦି ମୋତେ ଏଠାରେ ରହି ଆପଣଙ୍କ ସେବା କରିବାକୁ ଅନୁମତି ଦେଇ ପାରିବେ, ତେବେ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ୍ ବୋଲି ମନେ କରିବି ।''

[The Tales of India, Book-II ରୁ ସଂଗୃହୀତ]

ଅନୁବାଦ : ସନାତନ ମହାନ୍ତି ❑

କାହାଣୀ :

# ଇତିହାସର କେତୋଟି ମୁହୂର୍ତ୍ତ

## ମନୋଜ ଦାସ

## (୧)

## ମୁଁ ଯାଉଛି କୁଆଡ଼େ ?

ଅଷ୍ଟାଦଶ ଶତାବ୍ଦୀରେ ପ୍ରୁସିଆରେ ରାଜୁତି କରୁଥିଲେ ଦ୍ୱିତୀୟ ଫ୍ରେଡ଼ାରିକ୍ । ଅସାଧାରଣ ଶାସନ ଦକ୍ଷତା, ଜ୍ଞାନତୃଷ୍ଣା ଏବଂ ବୁଦ୍ଧିମତ୍ତା ତଥା ସାମରିକ ବିଚକ୍ଷଣତା ବଳରେ ସେ ଅଷ୍ଟ୍ରିୟା କବଳରୁ ସାଇଲେସିଆ ପ୍ରଦେଶ ଛଡ଼େଇ ଆଣି ପାରିଥିବା ଯୋଗୁଁ ଏବଂ ସ୍ୱଦେଶର ନାନା ଉନ୍ନତି ବିଧାନ କରିଥିବା ଯୋଗୁଁ ତାଙ୍କୁ 'ଫ୍ରେଡ଼ାରିକ୍ ଦି ଗ୍ରେଟ୍' ବୋଲି ଅଭିହିତ କରାଯାଏ । ସେ ଫରାସୀ ଦାର୍ଶନିକ ଭଲ୍‌ତେଆରଙ୍କ ସମସାମୟିକ । ଉଭୟଙ୍କ ଭିତରେ ଚିଠିପତ୍ରର ଆଦାନପ୍ରଦାନ ହେଉଥାଏ । ଫ୍ରେଡ଼ାରିକ୍ ବଂଶୀବାଦନରେ ଥିଲେ ନିପୁଣ ।

ଚିନ୍ତାବିତ୍, ଦାର୍ଶନିକ ଓ ଲେଖକମାନଙ୍କୁ ସେ ଶ୍ରଦ୍ଧା କରୁଥିଲେ । ତାଙ୍କ ରାଜଧାନୀର ଏକ ପ୍ରାନ୍ତରେ ଥିଲେ ଜଣେ ଦାର୍ଶନିକ, ଲୋଜେସ୍ ମେଣ୍ଡେଲ୍‌ସନ୍ । ମଝେ ମଝେ ଫ୍ରେଡ଼ାରିକ୍ ତାଙ୍କ ସହ ଆଳାପ ଆଲୋଚନା କରି ବେଶ୍ ତୃପ୍ତି ପାଉଥିଲେ ।

ଦିନେ ସକାଳେ ନିଜ ଦେହରକ୍ଷୀମାନଙ୍କ ସହ ରାଜା ଅଶ୍ୱାରୋହଣ କରି ନଗରୀ ଭିତର ଦେଇ ଯାଉଛନ୍ତି, ଦେଖିଲେ ଦାର୍ଶନିକ ଜଣକ ଏକାକୀ ଚାଲି ଚାଲି ବିପରୀତ ଦିଗରୁ ଆସୁଛନ୍ତି ।

ଘୋଡ଼ା ଅଟକାଇଲେ ରାଜା । ''କିହେ ଦାର୍ଶନିକ ମହାଶୟ, କୁଆଡ଼େ ଚାଲିଛ ?''

ଦାର୍ଶନିକ ରାଜାଙ୍କୁ ନିରାସକ୍ତ ଭାବରେ ଅନାଇ ଉତ୍ତର ଦେଲେ, ''ଜାଣେନା ।''

''ଆରେ ବାବୁ, ମୁଁ ପଚାରୁଛି ଯାଉଛ କୁଆଡ଼େ ?'' ରାଜା ଟିକିଏ ରୁକ୍ଷ ଭାବରେ ପ୍ରଶ୍ନ କଲେ ।

''କହିଲି ପରା, କୁଆଡ଼େ ଯାଉଛି ଜାଣେନା !'' ସମାନ ସ୍ୱରରେ ଉତ୍ତର ଦେଲେ ଦାର୍ଶନିକ ।

ରାଜାଙ୍କ ମିଜାଜ ସେଦିନ ଥିଲା ଟିକିଏ ଉତ୍ତପ୍ତ । ସେ ପ୍ରଶ୍ନ କଲେ, ''ତୁମେ ଘରୁ ବାହାରିଛ ବୋଲି ଜାଣିଛ ତ ?''

''ଜାଣିଛି ।'' ଉତ୍ତର ହେଲା ।

''ତୁମ ଗନ୍ତବ୍ୟ ସ୍ଥଳ କ'ଣ ?''

''ଜାଣେନା !''

ରାଜା କ୍ରୁଦ୍ଧ ହେଲେ । ''ଦେଖ ବାବୁ, ମୁଁ ଫାଜିଲାମି ସହି ପାରେନା ।'' ଏହା କହି ସେ ତାଙ୍କ ଦେହରକ୍ଷୀରୁ ଦୁଇ ଜଣଙ୍କୁ କିଛି ନିର୍ଦ୍ଦେଶ ଦେଲେ । ସେମାନେ ଦାର୍ଶନିକଙ୍କୁ ଧରି ନେଇ ବନ୍ଦିଶାଳାର ଗୋଟାଏ କୋଠରିରେ ନିକ୍ଷେପ କଲେ ।

ଫ୍ରେଡ଼ାରିକ୍ ଦିନଯାକ ଅବଶ୍ୟ ଯଥାବିଧି ରାଜ କାର୍ଯ୍ୟରେ ମନୋନିବେଶ କଲେ । କିନ୍ତୁ ମନରେ ଥାଏ ଗ୍ଲାନିବୋଧ । ଦାର୍ଶନିକ ଯଦି ତାଙ୍କ ସହ ନିଜର ଦାର୍ଶନିକତା ପ୍ରତିପାଦିତ କରିବାକୁ ଯାଇ ଟିକିଏ ବାହୁଲ୍ୟ କଲେ, ସେଥିଯୋଗୁଁ ତାଙ୍କୁ କାରାଗାର ଭିତରକୁ ଠେଲି ଦେବା ଠିକ୍ ହେଲା କି ?

ସନ୍ଧ୍ୟାବେଳକୁ ରାଜାଙ୍କୁ ଗ୍ରାସ କରିଥାଏ ଅନୁତାପ । ସେ ନିଜେ ଯାଇ ବନ୍ଦିଶାଳାରେ ପହଞ୍ଚିଲେ ।

ତାଙ୍କ ନିର୍ଦ୍ଦେଶରେ କାରାକକ୍ଷ ଭିତରୁ ଦାର୍ଶନିକଙ୍କୁ ବାହାର କରି ଅଣାଗଲା । ଦାର୍ଶନିକଙ୍କ ମୁହଁରେ କୌଣସି ଭାବାନ୍ତରର ଲକ୍ଷଣ ନଥିଲା ।

''ବନ୍ଧୁ ! ତୁମେ ଏମିତି ଅଖାଡୁଆ ଆଚରଣ କଲ କାହିଁକି ? ମୋ ପ୍ରଶ୍ନର ଠିକ୍ ଉତ୍ତର ଦେଇଥିଲେ କ'ଣ କ୍ଷତି ହୋଇଥା'ନ୍ତା ?'' ରାଜା ପଚାରିଲେ ।

ଅର୍ଥପୂର୍ଣ୍ଣ ଭାବରେ ଦାର୍ଶନିକ ଫ୍ରେଡ଼ାରିକ୍ ରାଜାଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି କହିଲେ, ''ରାଜା ! ତୁମେ ଆଉ ଟିକିଏ ଅଧିକ ଜ୍ଞାନୀ ହୋଇଥିବ ବୋଲି ମୁଁ ଆଶା କରିଥିଲି । ମୁଁ ଯେ ଠିକ୍ ଉତ୍ତର ଦେଇଥିଲି, ଏଯାଏ ତୁମେ ସେତିକି ବୁଝି ପାରିଲ ନାହିଁ ?''

ରାଜା ଅଧିକ ବ୍ୟାଖ୍ୟା ଆଶାରେ ଅନାଇ ରହିଲେ ।

''ରାଜା ! ମୁଁ କ'ଣ ସତରେ ମୋର ଗନ୍ତବ୍ୟ ସ୍ଥାନ ଏ କାରାଗାର ହେବ ବୋଲି ଜାଣିଥିଲି ? ଜାଣି ନଥିଲିଟି ? ତେଣୁ କେଉଁଠିକୁ ଯାଉଛି ଜାଣେନା ବୋଲି କହିବାରେ ଭୁଲ୍ ହେଲା କେମିତି ?'' ଉତ୍ତର ଦେଲେ ଦାର୍ଶନିକ ।

ରାଜା ନତମସ୍ତକ ହେଲେ ଏବଂ ଦାର୍ଶନିକଙ୍କୁ କ୍ଷମା ପ୍ରାର୍ଥନା କଲେ । ❑

## (୨)

# ହସ ଏବଂ ଅଶ୍ରୁ

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର କଥା । ସମୃଦ୍ଧ ପାରସ୍ୟ (ଇରାନ)ର ରାଜା ହେଲେ ଜେର୍‌ଜେସ୍ । ତାଙ୍କର ପ୍ରତାପ ଓ ଉଚ୍ଚାଭିଳାଷର ପଟାନ୍ତର ନଥାଏ । ତାଙ୍କ ଅଧୀନରେ ସର୍ବଦା ଯୁଦ୍ଧ ସକାଶେ ପ୍ରସ୍ତୁତ ହୋଇ ରହିଥାଏ ଏକ ବିଶାଳ ସୈନ୍ୟବାହିନୀ ତଥା ସାମରିକ ପୋତମାଳା ।

ଥରେ ସେ ଗ୍ରୀସ୍ ବିଜୟ ସକାଶେ ବହିର୍ଗତ ହେଲେ । ସ୍ଥଳ ଓ ଜଳପଥରେ ଯାତ୍ରା କଲେ ପଚାଶ ଲକ୍ଷରୁ ଅଧିକ ସୈନ୍ୟସାମନ୍ତ, କର୍ମଚାରୀ ଏବଂ ଦାସଦାସୀବୃନ୍ଦ ।

ପ୍ରାଚୀନ ଟ୍ରୟ ନଗରୀ ପାଖ ଦେଇ ଯିବାବେଳେ ରାଜାଙ୍କର ଇଚ୍ଛା ହେଲା, ଥରେ ତାଙ୍କର ସମଗ୍ର ବାହିନୀକୁ ସେ ଏକତ୍ର ଦେଖିବେ । ଉଭୟ ସ୍ଥଳ ଓ ଜଳପଥରେ ଯୁଦ୍ଧଯାତ୍ରା ବନ୍ଦ ରଖାଗଲା । ଏକ ଅନୁଚ୍ଚ ପାହାଡ଼ ଉପରେ ତାଙ୍କ ସକାଶେ ବିଳାସମୟ ଚୌକିଟିଏ ଥୁଆ ହେଲା । ସେ ଆସନ ଗ୍ରହଣ କଲେ । ପଛରେ ଠିଆ ହୋଇଥା'ନ୍ତି ପାତ୍ରମିତ୍ର ଓ ମନ୍ତ୍ରୀବର୍ଗ । ସୈନ୍ୟସମୁଦ୍ର ଉପରେ ଆଖି ପକାଇ ସେ ହସି ଉଠିଲେ । ତାହା ଗର୍ବ ଓ ସନ୍ତୋଷର ହସ । ଏଡ଼େ ବିରାଟ ବାହିନୀକୁ ପରାସ୍ତ କରିବ, ଏମନ୍ତ ଶକ୍ତି କାହିଁ ? ସେହି ମର୍ମରେ ସେ କିଛି କହିଲେ ମଧ୍ୟ । ତାଙ୍କ ବକ୍ତବ୍ୟକୁ ସାଦର ସମର୍ଥନ ଜଣାଇଲେ ପାତ୍ରମିତ୍ର ମନ୍ତ୍ରୀବର୍ଗ ।

ହସ ପ୍ରଶମିତ ହେବାର କିଛି ସମୟ ଉତ୍ତାରୁ ଦେଖାଗଲା ରାଜା ନୀରବରେ ଅଶ୍ରୁମୋଚନ କରୁଛନ୍ତି । ବିସ୍ମିତ ମିତ୍ର ଜଣେ ପ୍ରଶ୍ନ କଲେ, ''ଇଏ କ'ଣ ? ହଠାତ୍ କ'ଣ ହେଲା ସମ୍ରାଟଙ୍କ ବେଦନାର ହେତୁ ?''

କିଛି ସମୟ ନିର୍ବାକ୍ ରହି ଜେର୍‌ଜେସ୍ କହିଲେ, ''ଏ ବିଶାଳ ବାହିନୀ, ସେମାନଙ୍କୁ ନେତୃତ୍ୱ ଦେଉଥିବା ପରାକ୍ରମୀ ସେନାପତିବୃନ୍ଦ, ତୁମମାନଙ୍କ ଭଳି ବିଚକ୍ଷଣ ସଭାସଦ୍‌ବର୍ଗ ତଥା ମୁଁ ନିଜେ – ହାୟ ! – ଖୁବ୍ ବେଶୀରେ ଆଜିକୁ ଶହେ ବର୍ଷ ଉତ୍ତାରୁ ଜଣେ ବୋଲି କେହି ନ ଥିବେ ! ତାହାହିଁ ମୋ ଦୁଃଖର ହେତୁ ।'' ❑

# ସଂସ୍କୃତ କାହିଁକି ପଢ଼ିବା ?

## (୧)

## ନରେନ୍ଦ୍ର

୧. ପୃଥିବୀର ପ୍ରାୟ ସବୁ ଭାଷା ଶିଖିବାରେ ସଂସ୍କୃତ ସାହାଯ୍ୟ କରେ । ଶ୍ରୀମାଙ୍କ କହିବାନୁସାରେ, ''କିଛିମାତ୍ରାରେ ବିକୃତ ହୋଇ ସଂସ୍କୃତ ଧାତୁଗୁଡ଼ିକ ପ୍ରାୟ ସବୁ ଭାଷାରେ ରହିଛି ।'' ଯଥା – ସଂସ୍କୃତରେ କଫ ଇଂରାଜୀରେ cough, ସ୍ୱେଦ – sweat, ଚରିତ୍ର – character, ବ୍ୟବହାର – behaviour, ଅଷ୍ଟ – eight, ଘାସ – grass, ନାଭି – naval, ଦାନ – donation, ନାସା – nose, ସର୍ପ – serpent, ତ୍ରି – three, ଦନ୍ତ୍ୟ – dental, ମୂଷକ – mouse, ନାମ – name, ଦ୍ୱାର – door, ପଥ – path, ସୂପ – soup, ସମିତି – committee. UNOର ଏକ ରିପୋର୍ଟ ଅନୁସାରେ ପୃଥିବୀରେ ଯେତେ ଭାଷା ରହିଛି, ସେଥିରୁ ୯୭% ଭାଷା ସଂସ୍କୃତ ଦ୍ୱାରା ପ୍ରଭାବିତ ।

୨. ଖାଲି ମାତୃଭାଷା କିଂବା କୌଣସି ଗୋଟିଏ ଭାଷା ପଢ଼ାଇଲେ ପିଲାମାନଙ୍କ ଜିଭର ନମନୀୟତା ହ୍ରାସ ପାଏ । ଫଳରେ ଅନ୍ୟ ଭାଷାଗୁଡ଼ିକ ଶୁଦ୍ଧ ଭାବରେ ଉଚ୍ଚାରଣ କରି ହୁଏନି । ଯଥା : Bus is going. (boss); There are seven days in a week. (wick)
There is a ship in the sea. (sip)

କଥିତ ଓଡ଼ିଆ ଭାଷାରେ ମଧ୍ୟ କିଛି ଉଚ୍ଚାରଣ ଗତ ଭୁଲ୍ ଦେଖାଯାଏ । ଯଥା –

ପିଲାମାନେ ସାନ୍ତ ହୁଅ । ସାନ୍ତ (ତୁମର ଅନ୍ତ ହେଉ)
ମୋତେ ସିତ ହେଉଛି । ସିତ (ଛଉ)
ସିତା ଜନକଙ୍କ ଝିଅ । ସିତା (ଚିନି)

୩. ସଂସ୍କୃତ ମୁନିଋଷିମାନଙ୍କର ଭାଷା । ଏହା ଦେବଭାଷା । ଅନ୍ୟ ସବୁ ଭାଷାରେ ମାନବୀୟ ଦୋଷ ଦୁର୍ବଳତା ରହିବା ସ୍ୱାଭାବିକ । ସଂସ୍କୃତରେ କହିବା ଓ ଲେଖିବା ସମାନ । କିନ୍ତୁ ସବୁ ଆଧୁନିକ ଭାଷାରେ କହିବା ଓ ଲେଖିବା ଭିନ୍ନ ହୋଇଥାଏ । ଯେହେତୁ ଭାଷା ମନକୁ ଗଠନ କରେ ଓ ମନ ଚରିତ୍ରକୁ ଗଠନ କରେ, ତେଣୁ ସଂସ୍କୃତ ଭାଷା ଶିଖିବା ଦ୍ୱାରା ଆମେ ଉପକୃତ ହୋଇପାରିବା ।

୪. ଶ୍ରୀମାଙ୍କ କଥା ଅନୁସାରେ ଆଧୁନିକ ଭାଷାଗୁଡ଼ିକ କୃତ୍ରିମ, ବୁଦ୍ଧିପ୍ରଧାନ । ଏସବୁ ଭାଷାରେ ଅଧ୍ୟାତ୍ମ ତେଜ ନାହିଁ । ଏସବୁ ଭାଷା ପଢ଼ି ଆମେ ବୁଦ୍ଧିମାନ୍ ହେଲେ ବି ହୃଦୟହୀନ ହୋଇ ଯାଇଛୁ । ଏଣୁ ସ୍ୱାମୀ ବିବେକାନନ୍ଦ କହିଛନ୍ତି – ଆମ ପୂର୍ବ ପୁରୁଷମାନେ ହୃଦୟବାନ୍ ଥିଲେ । ସେମାନଙ୍କ ତୁଳନାରେ ଆମେ ପଶୁ ପଦବାଚ୍ୟ ।

୫. ଯେକୌଣସି ପ୍ରାଦେଶିକ ଭାଷା ନିଜ ପ୍ରଦେଶରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ କୁହାଯାଏ । ଆମ ଓଡ଼ିଆ ଭାଷା ବ୍ରହ୍ମପୁର, ସମ୍ବଲପୁର ଓ ଅନ୍ୟ ସ୍ଥାନରେ ଭିନ୍ନ କିନ୍ତୁ ସଂସ୍କୃତ ଭାଷା ସବୁ ସ୍ଥାନରେ ସମାନ । ଏଣୁ ଭାରତର ଭାଷାଗତ ଏକତ୍ୱ ପାଇଁ ସଂସ୍କୃତହିଁ ଏକମାତ୍ର ଯୋଗ୍ୟ ଓ ନିରପେକ୍ଷ (impartial) ଭାଷା । ଅନ୍ୟ ଯେକୌଣସି ଭାରତୀୟ ଭାଷାକୁ ଭାରତର ସମ୍ପର୍କ ଓ ରାଷ୍ଟ୍ରଭାଷା କଲେ ସେହି ଭାଷା କହୁଥିବା ଲୋକମାନଙ୍କ ପ୍ରତି ଅଯଥା ପକ୍ଷପାତ କରାହେବ । ଏଣୁ ଶ୍ରୀମା କହିଛନ୍ତି – ହିନ୍ଦୀ ହିନ୍ଦୀଭାଷାଭାଷୀ ଅଞ୍ଚଳ ପାଇଁ ଭଲ । ସଂସ୍କୃତ ସବୁ ଭାରତୀୟଙ୍କ ପାଇଁ ଭଲ । ଭାରତର ଭାଷା ରୂପେ ହିନ୍ଦୀର ସ୍ଥାନ ସଂସ୍କୃତ ଗ୍ରହଣ କରୁ । ସଂସ୍କୃତହିଁ ଭାରତର ରାଷ୍ଟ୍ରଭାଷା ହେଉ ।

ଆମେ ଜାଣୁ – ହିନ୍ଦୀ ଭାଷାରେ ଶବ୍ଦର ଶେଷ ଅକ୍ଷର 'ଅ' କୁ ବାଦ୍ ଦେଇ କୁହାଯାଏ । ଏଣୁ 'ରାମ' ନ କହି 'ରାମ୍' କହିବାକୁ ହୁଏ । ଶ୍ରୀକୃଷ୍ଣ ଗୀତାର ଦଶମ ଅଧ୍ୟାୟରେ କହିଛନ୍ତି – ଅକ୍ଷରମାନଙ୍କ ମଧ୍ୟରେ ମୁଁ ହେଉଛି – 'ଅ' । ଆମେ ହିନ୍ଦୀଭାଷା ଦ୍ୱାରା ପ୍ରଭାବିତ ହୋଇ ଆମ ଭାଷାର ଅକାରାନ୍ତ ଶବ୍ଦଗୁଡ଼ିକର ଶେଷ 'ଅ'କାରଗୁଡ଼ିକ ବାଦ୍ ଦେବାକୁ ଆରମ୍ଭ କଲୁଣି ଯାହାକି ଆଦୌ ସ୍ପୃହଣୀୟ ନୁହେଁ ।

୬. ଆମେ ସଂସ୍କୃତ ଛାଡ଼ି ଖାଲି ମାତୃଭାଷା ପଢ଼ାଇବା ଦ୍ୱାରା ପିଲାମାନଙ୍କ ଭାଷା ଶିକ୍ଷାରେ ସୀମିତତା ଆସି ଯାଉଛି । ମୁଖ୍ୟତଃ ଭାରତୀୟ ଭାଷାଗୁଡ଼ିକର ମୂଳଉତ୍ସ ସଂସ୍କୃତ ହୋଇ ଥିବାରୁ ଏହି ଭାଷାଟିକୁ ଆମର ପାଠ୍ୟକ୍ରମରେ ପ୍ରାଧାନ୍ୟ ଦିଆଗଲେ ଆମେ ଭାଷାମାନଙ୍କର ଉତ୍ସର ଏକତ୍ୱକୁ ଅନୁଭବ କରିପାରିବୁ ।

୭. ଆଧୁନିକ ଭାଷାରେ ନୂତନ ଶବ୍ଦ ରଚନା କରିବାର କ୍ଷମତା ନାହିଁ । ନୂତନ ଶବ୍ଦ ରଚନା ପାଇଁ ଇଂରାଜୀ ଭାଷା ବି Latin ଓ Greekର ଦ୍ୱାରସ୍ଥ ହୁଏ ।

ସଂସ୍କୃତ ଭାଷାର ଶବ୍ଦ ରଚନା ସାମର୍ଥ୍ୟ ଅସୀମ । ଯେହେତୁ ଆମେ ସଂସ୍କୃତ ଭାଷାକୁ ଅବହେଳା କରୁଛୁ, ଇଂରାଜୀ ଭାଷା ଆମକୁ ଗ୍ରାସ କରି ଚାଲିଛି । ଆମ ମାତୃଭାଷାର କର୍ତ୍ତା ଓ କ୍ରିୟାକୁ ଛାଡ଼ି ଆଉ ସବୁ ଇଂରାଜୀରେ ବ୍ୟବହାର କରୁଛୁ । ଯଥା – ମୁଁ school ଯାଉଛି । Bus ଆସୁଛି । Wait କର । ଏଇଥିପାଇଁ ଗାନ୍ଧିଜୀ କହିଥିଲେ – ''ଆମ ପ୍ରାଦେଶିକ ଭାଷାମାନଙ୍କ ପାଇଁ ସଂସ୍କୃତ ହେଉଛି ଗଙ୍ଗାନଦୀ ଭଳି । ଏହା ଶୁଖିଗଲେ ଆମ ଭାଷା ବି ଶୁଖିଯିବ ।'' ସେଇଆ ଆମେ ଅଙ୍ଗେ ନିଭାଉଛୁ ।

୮. ଶ୍ରୀଅରବିନ୍ଦଙ୍କ ମତରେ ସଂସ୍କୃତ ଆମର ଅତୀତ ସହ ଭବିଷ୍ୟତକୁ ଯୋଡ଼ିବାର ଭାଷା । ଏହା ଏ ଦେଶର ପ୍ରାଣ । ଏହି ଭାଷାର ପ୍ରତ୍ୟେକ ଅକ୍ଷରରେ ମନ୍ତ୍ରଶକ୍ତି ଅଛି । ଏହି ଭାଷାକୁ ଉପେକ୍ଷା କରି ଯଦି ଆମେ ପାଶ୍ଚାତ୍ୟକୁ ଅନ୍ଧ ଭାବରେ ଅନୁକରଣ କରୁ, ତା' ହେଲେ ଆମେ ସବୁବେଳେ ସେମାନଙ୍କଠାରୁ ୫୦ ବର୍ଷ ପଛରେ ରହିବୁ ।

୯. ସଂସ୍କୃତହିଁ ଏକମାତ୍ର ଭାଷା ଯାହା ମସ୍ତିଷ୍କର ବାମ ଓ ଦକ୍ଷିଣ ଭାଗକୁ ସକ୍ରିୟ କରିଥାଏ । ଅନ୍ୟ ଭାଷା କେବଳ ଦକ୍ଷିଣ ଭାଗକୁ ସକ୍ରିୟ କରେ । ମସ୍ତିଷ୍କର ବାମ ଭାଗ ଗଣିତ ଓ ବିଜ୍ଞାନର ସ୍ଥାନ ଏବଂ ଦକ୍ଷିଣ ଭାଗ ଗଦ୍ୟ, ପଦ୍ୟ, ସାହିତ୍ୟର ସ୍ଥାନ । ସଂସ୍କୃତ ଜାଣିଥିବାରୁ ଆମର ପୂର୍ବପୁରୁଷମାନେ ମସ୍ତିଷ୍କର ଉଭୟ ଭାଗକୁ ବ୍ୟବହାର କରି ଗଣିତ ଓ ବିଜ୍ଞାନ ବିଷୟକୁ ଶ୍ଳୋକରେ ଲେଖିଛନ୍ତି ।

Londonର St. James Schoolରେ ପରୀକ୍ଷା କରି ଦେଖାଯାଇଛି ଯେ ସଂସ୍କୃତ ଶିଖିବା ଦ୍ୱାରା ପିଲାମାନେ ୟୁରୋପୀୟ ଭାଷାକୁ ସହଜରେ ଶିଖିପାରୁଛନ୍ତି । ସେମାନେ ନିଜର ମାତୃଭାଷା ଇଂରାଜୀକୁ ସ୍ପଷ୍ଟ ଭାବରେ ଉଚ୍ଚାରଣ କରିପାରୁଛନ୍ତି । ତା'ଛଡ଼ା ସେମାନେ ଗଣିତ ଓ ବିଜ୍ଞାନରେ ଅପେକ୍ଷାକୃତ ଭଲ କରୁଛନ୍ତି । ଏଣୁ St. James Schoolରେ ପାଞ୍ଚ ବର୍ଷର ପିଲାମାନଙ୍କୁ ସଂସ୍କୃତ ଶିକ୍ଷା ଦିଆଯାଉଛି, ଏବଂ ସେଠିକାର ପିଲାମାନେ ୧୦ ବର୍ଷ ସଂସ୍କୃତ ଶିଖୁଛନ୍ତି । ସେହି ସ୍କୁଲରେ ପ୍ରତିବର୍ଷ ସଂସ୍କୃତରେ ଭାଷଣ ପ୍ରତିଯୋଗିତା ବି ହେଉଛି !

ଗତ ଜନ୍ମରେ ଆମର ମାତୃଭାଷା କ'ଣ ଥିଲା ତାହା ଆମେ ଜାଣିନୁ । ଆଗାମୀ ଜନ୍ମରେ ଆମର ମାତୃଭାଷା କ'ଣ ହେବ ତାହା ବି ଆମେ ଜାଣିନୁ । ଏହି ଜନ୍ମରେ ଶ୍ରୀମା ଅତ୍ୟଧିକ ଗୁରୁତ୍ୱ ଦେଇଥିବା ସଂସ୍କୃତକୁ ଉପେକ୍ଷା କରି ଆମେ କେଉଁ ବିଜ୍ଞତାର ପରିଚୟ ଦେଉଛୁ ? ଏହା ଦ୍ୱାରା କ'ଣ ଆମେ ନିଜ ମାତୃଭାଷାର ଉନ୍ନତି କରୁଛୁ ?

ସଂସ୍କୃତ ଥିଲା, ଅଛି ଓ ରହିବ । ଜୀବନଧର୍ମୀ ଏହି ଭାଷାର ଭିତ୍ତି ସାର୍ବଭୌମ ଓ ଶାଶ୍ୱତ ବୋଲି ଶ୍ରୀଅରବିନ୍ଦ କହିଛନ୍ତି । ଭାରତୀୟମାନେ ଶେଷରେ ସଂସ୍କୃତକୁହିଁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରିବେ ବୋଲି ଶ୍ରୀମା କହିଛନ୍ତି । ସଂସ୍କୃତ ଭଳି ଶୁଦ୍ଧ, ମାର୍ଜିତ, ସୁନ୍ଦର ଓ ସରଳ ଭାଷା ନାହିଁ କି ହୋଇ ପାରିବ ନାହିଁ ବୋଲି ସ୍ୱାମୀ ବିବେକାନନ୍ଦ ଅନେକ ଆଗରୁ କହିଛନ୍ତି । ଏ କଥାକୁ ଏବେ ଆମେ online ସଂସ୍କୃତ କ୍ଲାସରେ ପ୍ରମାଣିତ କରିଛୁ ।

ଏଣୁ ଏ ବିଷୟରେ ଆମେ ତତ୍ପର ହେବା ଉଚିତ ନୁହେଁ କି ? ଏବେ ଯେଉଁ ଭାଷା ପ୍ରତି ଆମର ଅତ୍ୟଧିକ ଆସକ୍ତି ରହିଛି ସେହି ଭାଷାର ଗୁଣଗରିମା ବିଷୟରେ ଆମେ କ'ଣ କିଛି କହି ପାରିବୁ ?

ସଂସ୍କୃତ ଆମ ପୂର୍ବପୁରୁଷମାନଙ୍କର ଭାଷା ଥିଲା । ସେଇଥିପାଇଁ ସେମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ପୁଣି ଆମେ ଶ୍ରେଷ୍ଠ ସ୍ଥାନ ଅଧିକାର କରୁ – ଏଥିପାଇଁ ଶ୍ରୀମା ଓ ଶ୍ରୀଅରବିନ୍ଦ ସଂସ୍କୃତ ଉପରେ ଏତେ ଗୁରୁତ୍ୱ ଦେଇଛନ୍ତି । ନିଜ ଭାଷାକୁ ଉଜ୍ଜୀବିତ କରି ଇସ୍ରାଏଲ ଦେଶ କିପରି ଉନ୍ନତି କରୁଛି ତାହା ଆମେ ଦେଖୁଛୁ ।

ସଂସ୍କୃତକୁ ଶିଖି ତାକୁ ବାସ୍ତବରେ ଏକ ଜୀବନ୍ତ ଭାଷାରେ ପରିଣତ କରିବାକୁ ଶ୍ରୀମା କହିଛନ୍ତି । ଏଥିପାଇଁ ସେ ବିଭିନ୍ନ ସମୟରେ ପାଞ୍ଚ ଥର ଆଶୀର୍ବାଦ (Blessings) ଦେଇଛନ୍ତି ଯାହାକି ଅନ୍ୟ ଭାଷା କ୍ଷେତ୍ରରେ ଦେଖାଯାଏ ନାହିଁ ।

❑❑❑

## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୨) :

# ଶ୍ରଦ୍ଧାର ପ୍ରୟୋଗ

## ପ୍ରସାଦ ତ୍ରିପାଠୀ

ଶ୍ରୀଅରବିନ୍ଦ ପାଠଚକ୍ର ଏକ ବିପୁଳ ସମ୍ଭାବନା ନେଇ ଆରମ୍ଭ କରାଯାଇଥିଲା – ଏହା ଅନ୍ୟମାନଙ୍କ ଗୋଚରରେ ହେଉ ବା ଅଗୋଚରରେ ହେଉ । ଗୋଟିଏ ବୀଜ ଯେପରି ତା' ମଧ୍ୟରେ ଏକ ବିରାଟ ଦ୍ରୁମର ସମ୍ଭାବନା ନେଇ ଆସିଥାଏ ପାଠଚକ୍ର ମଧ୍ୟରେ ସେହିପରି ସମ୍ଭାବନାମାନ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରତୀୟମାନ ହେଲା । ପରେ ପରେ ସେଥିପାଇଁ ସଭା, ସମ୍ମିଳନୀ, ଶିବିର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନ ଆରମ୍ଭ ହେଲା । ଏ ସମ୍ପର୍କରେ କିଛି ଆରମ୍ଭରୁ ଜଣା ନଥିଲେ ମଧ୍ୟ ଏସବୁ ସମ୍ଭାବନା ଯେ ପାଠଚକ୍ର ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନିହିତ ହୋଇ ରହିଥିଲା ଏଥିରେ ସନ୍ଦେହ ନାହିଁ । ଏବେ ଏହା ଆହୁରି ତୀବ୍ର ଏବଂ ସ୍ପଷ୍ଟ ହୋଇ ଦଶ କର୍ମଧାରା ମାଧ୍ୟମରେ ପ୍ରକାଶ ପାଉଛି ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରାରମ୍ଭରୁ ଶିକ୍ଷାକେନ୍ଦ୍ରର Syllabus, Courses of Study, Method of Teaching, Text books, Routine, Examination ପ୍ରତି ଯେତେ ଗୁରୁତ୍ୱ ଦିଆଯାଉ ନଥିଲା ସେସବୁଠାରୁ ଅନେକ ଅଧିକ ଗୁରୁତ୍ୱ ଦିଆଯାଉଥିଲା – ମା'ଙ୍କୁ ଭଲ ପାଇବା, ମା'ଙ୍କ ପ୍ରତି ନିର୍ଭରତା ରଖିବା, ଏକ ସରଳ ବିଶ୍ୱାସର ସହିତ ସବୁ କଥାକୁ ବିନା ଦ୍ୱିଧାରେ ଗ୍ରହଣ କରିବା ଏବଂ ତାକୁ କାର୍ଯ୍ୟରେ ପରିଣତ କରିବା ଇତ୍ୟାଦି ଉପରେ । ପ୍ରଥମରୁ ବେଶ୍ କେତୋଟି ସ୍କୁଲ ଗଠିତ ହେବା ପର୍ଯ୍ୟନ୍ତ କିଏ କେଉଁ ପାଠ୍ୟପୁସ୍ତକ ପଢ଼ାଉଛି, କିପରି Routine କରିଛନ୍ତି, କ'ଣ ପ୍ରାର୍ଥନା ଗାଉଛନ୍ତି, କେତେଟା ପିରିୟଡ଼ ଖେଳ ଚାଲୁଛି ପ୍ରଭୃତି ବିଚାରକୁ ନିଆଯାଉ ନଥିଲା, କାରଣ ସେସବୁ ଥିଲା ଗୌଣ ।

ଧୀରେ ଧୀରେ ସ୍କୁଲମାନେ ବଢ଼ିଲେ । ସ୍କୁଲମାନଙ୍କର ଆକାର ମଧ୍ୟ ବଢ଼ିଲା । ସ୍କୁଲମାନଙ୍କରେ ଛାତ୍ରଛାତ୍ରୀ, ଅପାଭାଇ, ଅଭିଭାବକଙ୍କ ସଂଖ୍ୟା ବଢ଼ିଲା, କର୍ମୀ ବଢ଼ିଲେ, ଆଗ୍ରହ ବଢ଼ିଲା, ଉତ୍ସାହ ବଢ଼ିଲା, ଆନନ୍ଦ ବଢ଼ିଲା । ସମସ୍ତେ ଉତ୍‌ଫୁଲ୍ଲ ହେଲେ । ପ୍ରକୃତରେ ଦିବ୍ୟଜନନୀଙ୍କ ଚରଣରେ ନିବେଦିତ ହୋଇ କାମ କରିବାର ଅନୁଭବ ହେଲା । ସମସ୍ତେ କର୍ମୀ ଥିଲେ, ନିଜକୁ ମା'ଙ୍କ ସନ୍ତାନ ବୋଲି ମନେ କରୁଥିଲେ, ନିଜ କାମ ନୁହେଁ ସବୁ କାମ ମା'ଙ୍କର ବୋଲି ମନେ କରୁଥିଲେ, ମାତ୍ର କେହି ପଣ୍ଡିତ ନଥିଲେ, ଜ୍ଞାନୀ ନଥିଲେ । ସମସ୍ତଙ୍କର ହୃଦୟହିଁ କର୍ମରେ ବିନିଯୋଗ ହେଉଥିଲା – ମସ୍ତିଷ୍କ ନୁହେଁ । ମା'ଙ୍କୁ ଶ୍ରଦ୍ଧା କରିବା, ଭଲ ପାଇବା ହିଁ ଥିଲା କାର୍ଯ୍ୟ କରିବାର ଶକ୍ତି । ତାଙ୍କ ଦର୍ଶନ, ଯୋଗ ଇତ୍ୟାଦିକୁ ମସ୍ତିଷ୍କରେ ବୁଝି, ଉଚିତ ଅନୁଚିତ ଭାବି କାମ କରିବାର କେହି ଅନୁଭବ କରୁ ନଥିଲେ । ପାଠଚକ୍ରରେ ଅଧ୍ୟୟନ ହେଉଥିଲା, ନିଜର ଶ୍ରଦ୍ଧା ଅନୁସାରେ ବୁଝୁଥିଲେ, ଜ୍ଞାନର ସାମର୍ଥ୍ୟ ଅନୁସାରେ ନୁହେଁ ।

କୌଣସି ପରୀକ୍ଷା ହେଉ ନଥିଲା, ମାତ୍ର Assesment ହେଉଥିଲା । କୌଣସି ଶାସନ ନଥିଲା, ମାତ୍ର ଶୃଙ୍ଖଳା ଥିଲା । କୌଣସି ପ୍ରତିଯୋଗିତା ହେଉ ନଥିଲା ମାତ୍ର ସମସ୍ତେ ଖୁସିରେ ସବୁ କାମ କରୁଥିଲେ । କାରଣ ଏସବୁ ପଛରେ ଥିଲା ପାଠଚକ୍ରର ପ୍ରଭାବ । ଯାହା ମୁଖ୍ୟ ସେଥିରେ ଥିଲା ଗୁରୁତ୍ୱ ଏବଂ ତାକୁହିଁ ଅନୁସରଣ କରି ଯାହା କରାଯାଉଥିଲା ସବୁଥିରେ ଅସଲ ସତ୍ୟର ପ୍ରଭାବ ଅନୁଭୂତ ହେଉଥିଲା ।

ସ୍କୁଲମାନଙ୍କର ବାତାବରଣ କୌଣସି ପାଠଚକ୍ରର ବାତାବରଣଠାରୁ ଭିନ୍ନ ନଥିଲା । ସମସ୍ତେ ସକାଳୁ ପରସ୍ପରକୁ ଭେଟି ସ୍ମିତହାସ୍ୟ ସହ ସ୍ୱାଗତ କରୁଥିଲେ । ଛାତ୍ରଛାତ୍ରୀମାନେ ଆନନ୍ଦରେ ସ୍କୁଲକୁ ଆସୁଥିଲେ । ଆନନ୍ଦରେ ସମୟ ଅତିବାହିତ କରୁଥିଲେ । ସ୍କୁଲ ନାମକୁ ମାତ୍ର ଥିଲା ସ୍କୁଲ । ବସ୍ତୁତଃ ତାହା ଥିଲା ଏକ ଆଶ୍ରମ । ମାତୃ-ଆଶ୍ରମ ।

ସମସ୍ତେ ସମର୍ପିତ ହୋଇ କାମ କରୁଥିଲେ । ଅଭାବ ଥିଲା, ଦାରିଦ୍ର୍ୟ ନଥିଲା । ନିଅଣ୍ଟ ଥିଲା, ଅସନ୍ତୋଷ ନଥିଲା । ଶ୍ରମ ହେଉଥିଲା, କ୍ଳାନ୍ତି ନଥିଲା । ଜ୍ଞାନ ଥିଲା, ପାଣ୍ଡିତ୍ୟ ନଥିଲା । ଶ୍ରଦ୍ଧା ଥିଲା, ଈର୍ଷା ନଥିଲା । କାରଣ ଏସବୁଥିରେ ପାଠଚକ୍ରର ପ୍ରଭାବ ଥିଲା । ଏକ ତୀବ୍ର ପ୍ରେରଣା ପାଠଚକ୍ରରୁହିଁ ମିଳୁଥିଲା । ଉତ୍ସାହ, ଆନନ୍ଦ, ସାହସ ସବୁକିଛି ପାଠଚକ୍ରରୁ ମିଳୁଥିଲା – ଅପର୍ଯ୍ୟାପ୍ତ ମିଳୁଥିଲା । ଏକ ଯଜ୍ଞ କୁଣ୍ଡର ଅଗ୍ନିରେ ଯେପରି ସମସ୍ତେ ଘୃତ ଆହୁତି ଦେଉଥିଲେ । ସେଠାରେ

ସମବେତ ଭାବରେ ସମର୍ପିତ ହେଉଥିଲେ । ପ୍ରେରଣା ଅନୁଭବ କରୁଥିଲେ । ଛଳନାର ପ୍ରଶ୍ନ ନଥିଲା । ପାଠଚକ୍ର ଥିଲା ସର୍ବସ୍ୱ । ପାଠଚକ୍ର ଥିଲା ପ୍ରେମ, ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟର ଉତ୍ସ ।

ସନ୍ଧ୍ୟା ହେଲେ ସମସ୍ତେ ଏକତ୍ର ହେଉଥିଲେ । ବଗିଚା କାମ କରୁଥିଲେ । ସ୍କୁଲ ଘର ତିଆରି କରୁଥିଲେ । ମୂଲିଆ କାମ କରୁଥିଲେ । ରବିବାର ହେଲେ ଏକାଠି କାମ କରୁଥିଲେ, ଖରାବେଳେ ଏକାଠି ଭୋଜନ କରୁଥିଲେ, ଏକାଠି ଧ୍ୟାନ କରୁଥିଲେ, ଏକାଠି ମିଶି ସାଧନା କରୁଥିଲେ । ବାହାରେ ବିଭେଦ ହେଉଥିଲା ମାତ୍ର ଅନ୍ତରରେ ଅଭେଦ ଥିଲେ । କାରଣ ପାଠଚକ୍ର । ପାଠଚକ୍ର ସମସ୍ତଙ୍କୁ ଏକ ଶ୍ରଦ୍ଧାର ସୂତ୍ରରେ ବାନ୍ଧି ରଖୁଥିଲା ।

ପାଠଚକ୍ରର ସଭାପତି, ସମ୍ପାଦକ ଥିଲେ । ସେମାନେ ମୁଖ୍ୟ ନଥିଲେ, ନେତା ନଥିଲେ, ସଭାପତି, ସମ୍ପାଦକ ହେବା ପାଇଁ ବ୍ୟାକୁଳ ନଥିଲେ । ନିଜେ ହେବେ ବୋଲି ଆୟୋଜନ କରୁ ନଥିଲେ । ତାଙ୍କୁ ସେ ଦାୟିତ୍ୱ ଦିଆଯାଉ ଥିଲା । ସେ ନମ୍ରତାର ସହିତ ତାହା ଗ୍ରହଣ କରୁଥିଲେ । ତାଙ୍କର ଗୁରୁତ୍ୱ କିଛି ବଢୁ ନଥିଲା । ସେମାନେ ସମସ୍ତଙ୍କ ସହିତ ସମାନ ଥିଲେ । ସାଧାରଣ ସଭ୍ୟ କିଂବା ସଭାପତି/ସମ୍ପାଦକ ସମସ୍ତେ କାର୍ଯ୍ୟ ଦୃଷ୍ଟିରୁ ସମାନ ଥିଲେ । ସ୍କୁଲରେ ମଧ୍ୟ ସଭାପତି, ସମ୍ପାଦକ ରହିଲେ । ପାଠଚକ୍ରର ସଭାପତି/ସମ୍ପାଦକ ଏବଂ ସ୍କୁଲ ସଭାପତି/ସମ୍ପାଦକ ପରବର୍ତ୍ତୀ ସମୟରେ ସମାନ ବ୍ୟକ୍ତି ରହିଲେ, ଗୋଟିଏ ଅନୁଷ୍ଠାନ ଭଳି କାମ ହେଲା । କେଉଁଠାରେ ଗାରଟଣା ହୋଇ ଦାୟିତ୍ୱ ବଣ୍ଟା ଯାଉ ନଥିଲା । ଯାହା ବାଟରେ ଯିଏ ଦାୟିତ୍ୱ ବାଣ୍ଟି ନେଉଥିଲେ । କୌଣସି କାମ ଆଦୌ ବଡ଼ ଲାଗୁ ନଥିଲା । ସବୁ କାମ ପ୍ରକୃତରେ ମା'ଙ୍କର ବୋଲି ପ୍ରତୀୟମାନ ହେଉଥିଲା । କାରଣ ଥିଲା ପାଠଚକ୍ରର ପ୍ରଭାବ । ସଭା ସମିତି, ସମ୍ମିଳନୀ ପ୍ରଭୃତି ହେଉଥିଲା । ସ୍କୁଲରେ ହେଉଥିଲା । ମୁଖ୍ୟ ଅତିଥି ଆସୁଥିଲେ । ବେଳେ ବେଳେ ମନ୍ତ୍ରୀ ମଧ୍ୟ ଆସୁଥିଲେ । ମାତ୍ର ମନ୍ତ୍ରୀ ବୋଲି ଆସୁ ନଥିଲେ । ତାଙ୍କ ପାଇଁ ସମ୍ମିଳନୀ ହେଉ ନଥିଲା । ସେ ସମ୍ମିଳନୀ ପାଇଁ ଆସୁଥିଲେ । ତାଙ୍କ ପାଇଁ ଅପେକ୍ଷା କରାଯାଉ ନଥିଲା । ବରଂ ସେ ଆଗରୁ ଆସି ସଭା ଆରମ୍ଭ ପାଇଁ ଅପେକ୍ଷା କରୁଥିଲେ । କାରଣ ତାହା ମଧ୍ୟ ଥିଲା ପାଠଚକ୍ରର ପ୍ରଭାବ । ପ୍ରତ୍ୟେକଟି ଘଟଣାର ସାକ୍ଷୀ ଥିଲା ପାଠଚକ୍ର ।

ପ୍ରପତ୍ତି ଆସୁଥିଲେ । ବରାବର ଆସୁଥିଲେ । ନୂଆ ଶିକ୍ଷାକେନ୍ଦ୍ର ଖୋଲିବାକୁ ଆସୁଥିଲେ । ପୁରୁଣା ସ୍କୁଲଗୁଡ଼ିକୁ ଦେଖିବାକୁ ଆସୁଥିଲେ । ଭୁଲ୍ ଦେଖିଲେ ବିରକ୍ତ ହେଉଥିଲେ । ଭୁଲ୍ ନ କରିବାକୁ ପରାମର୍ଶ ଦେଉଥିଲେ । ମୁହୂର୍ତ୍ତକ ପରେ ରାଗ ଶାନ୍ତ ହେଉଥିଲା । ଡାକି କରି ମନ ଦୁଃଖ ନ କରିବାକୁ କହୁଥିଲେ, ଉତ୍ସାହିତ କରୁଥିଲେ, ଆଶ୍ୱାସନା ଦେଉଥିଲେ । ତାଙ୍କୁ ଦେଖିଲେ ସାହସ ବଢୁଥିଲା, ନିଜ ମଧ୍ୟରେ ବିଶ୍ୱାସ ଆସୁଥିଲା । ସେ ସମସ୍ତଙ୍କୁ ଶ୍ରଦ୍ଧା କରୁଥିଲେ । ସମସ୍ତଙ୍କର ଭଲମନ୍ଦ ପଚାରି ବୁଝୁଥିଲେ । ବାପା ହୋଇ ନଥିଲେ ମାତ୍ର ସମସ୍ତଙ୍କର ବାପାର ଭୂମିକା ନିଭାଉ ଥିଲେ । ଅଧିକାଂଶ ଜାଗାରେ ସେହିଁ ସଭାପତି ରହୁଥିଲେ । ବାସ୍ତବିକ ସଭାପତି ପାଇଁ ସେହିଁ ଏକମାତ୍ର ବ୍ୟକ୍ତି ଥିଲେ । ପାଠଚକ୍ରର ସଭାପତି ଥିଲେ, ସ୍କୁଲର ମଧ୍ୟ ସଭାପତି ଥିଲେ ।

ବାବାଜି ମହାରାଜ ଖୁବ୍ କମ୍ ଆସୁଥିଲେ । ମାତ୍ର ପତ୍ର ଲେଖୁଥିଲେ — ଆମେ ସମସ୍ତେ ତାଙ୍କୁ ସବୁକଥା ଲେଖୁଥିଲୁ — ସେ ମଧ୍ୟ ସମସ୍ତଙ୍କ ପତ୍ରର ଉତ୍ତର ଦେଉଥିଲେ । ତାଙ୍କ ହାତ ଲେଖା ପତ୍ର ଖଣ୍ଡିଏ ପ୍ରାୟ ପ୍ରତ୍ୟେକ ଦିନ କାହା ପାଖକୁ ହେଲେ ବି ଆସୁଥିଲା । ପତ୍ର ଖଣ୍ଡିଏ ପାଇଲେ ସ୍ୱର୍ଗରୁ ଚାନ୍ଦ ପାଇଲା ଭଳି ହେଉଥିଲୁ । କେତେ ଛଡ଼ାପଡ଼ା ହୋଇ ପତ୍ରଟି ପଢୁଥିଲୁ । ଥରେ ପଢୁଥିଲୁ, ପୁଣି ପଢୁଥିଲୁ । ପାଠଚକ୍ରରେ ପଢୁଥିଲୁ, ପଢ଼ି ପଢ଼ି କଣ୍ଠସ୍ଥ କରି ଦେଉଥିଲୁ । ତାହା ଥିଲା ବାବାଜିଙ୍କର ପତ୍ର — ମାତ୍ର ଆମ ପାଇଁ ପତ୍ର ନୁହେଁ ମନ୍ତ୍ର ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

ସବୁ ସମୟରେ ମା'ଙ୍କ ଉପରେ ପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ଯେ ଆମେ ତାଙ୍କରି ହାତରେ ରହିଛୁ, ତାଙ୍କରି ଶକ୍ତି ଦ୍ୱାରାହିଁ ସବୁକିଛି ସମ୍ପନ୍ନ ହେବ ।

— ଶ୍ରୀଅରବିନ୍ଦ

# ରାଣୀ ରାସମଣି

## ଝରଣା ଘୋଷାଲ

ରଙ୍ଗମଞ୍ଚରେ ଅଭିନେତା ଯେତେବେଳେ ନିପୁଣଭାବେ ଅଭିନୟ କରେ, ପ୍ରେକ୍ଷାଗୃହ ପ୍ରଶଂସାର ଧ୍ୱନି-ଗୁଞ୍ଜନରେ ମୁଖରିତ ହୋଇ ଉଠେ; ଯେଉଁ ଶିଳ୍ପୀ ଦୃଶ୍ୟପଟ ତିଆରି କରେ, ଯେଉଁ ବେଶକାରୀ ଅଭିନେତାକୁ ସଜାଇ ଦିଏ, ଯେଉଁ ସହକାରୀ ନେପଥ୍ୟରେ ଥାଇ ସଂଳାପ କହେ, ଏମାନେ ସମସ୍ତେ ଥାଆନ୍ତି ଯବନିକାର ଅନ୍ତରାଳରେ । ଅଭିନେତାର ସୁ-ଅଭିନୟ ସକାଶେ ଏମାନଙ୍କର ଦାନ ବିପୁଳ କିନ୍ତୁ ସାଧାରଣ ଲୋକ ଏମାନଙ୍କୁ ଦେଖିପାରନ୍ତି ନାହିଁ, ସେମାନଙ୍କ ଅବଦାନର ପ୍ରକୃତ ମୂଲ୍ୟ ଦେଇପାରନ୍ତି ନାହିଁ ।

ସୁନାମଧନ୍ୟ ମହାପୁରୁଷମାନେ ଯେତେବେଳେ ପୃଥିବୀକୁ ଆସନ୍ତି ସେମାନଙ୍କ ସହିତ କିଛି ସଂଖ୍ୟକ ମହାପ୍ରାଣ ନରନାରୀମାନେ ମଧ୍ୟ ତାଙ୍କର ପାର୍ଷଦ ରୂପେ ଲୀଳା ସହଚର ହୋଇ ଅଭିନୟ ଜଗତକୁ ଆସନ୍ତି । ମହାପୁରୁଷଙ୍କର ଅଲୌକିକ ଜୀବନର ଉଜ୍ଜ୍ୱଳ ଦୀପ୍ତି ଏହିସବୁ ଲୀଳାସଙ୍ଗୀମାନଙ୍କର ଜୀବନକୁ ମ୍ଳାନ କରିଦିଏ । ଏମାନଙ୍କର ମହତ୍ତ୍ୱ ଓ ଅବଦାନ ଲୋକ-ଲୋଚନକୁ ଆସେନା ଅଥଚ ଏମାନଙ୍କୁ ବାଦ୍ ଦେଇ ମହାମାନବଙ୍କ ଜୀବନର ଆଲୋଚନା ସମ୍ଭବ ନୁହେଁ, ଅସମ୍ପୂର୍ଣ୍ଣ ରହିଯାଏ ।

ମାନବ-ଦେବତା ଶ୍ରୀରାମକୃଷ୍ଣଙ୍କର ଅମୃତମୟ ଜୀବନଗାଥା ଆଜି ବିଶ୍ୱମୟ ପ୍ରସାରିତ । ଅସଂଖ୍ୟ ନରନାରୀଙ୍କ ହୃଦୟରେ ଶ୍ରୀରାମକୃଷ୍ଣଙ୍କ ଜୀବନାଦର୍ଶ ଓ ଉପଦେଶ ଶାନ୍ତିବାରି ସିଞ୍ଚନ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀରାମକୃଷ୍ଣଙ୍କ ଜୀବନରେ ରାସମଣି ଦେବୀଙ୍କ ଭୂମିକା ଅନବଦ୍ୟ । ତାଙ୍କରି ପ୍ରତିଷ୍ଠିତ ମନ୍ଦିରରେ ମାନବ ଜୀବନର ଚରମ କାମ୍ୟ ପରମ ସତ୍ୟ ଭଗବାନଙ୍କୁ ସେ ପ୍ରତ୍ୟକ୍ଷ କରିଥିଲେ । ''ଯତ ମତ ତତ ପଥ'' ରୂପକ ମହାସତ୍ୟ ଆବିଷ୍କାର ପାଇଁ ଶ୍ରୀରାମକୃଷ୍ଣ ଆଜି ସମଗ୍ର ବିଶ୍ୱରେ ବନ୍ଦିତ । ଏହି ମହାସତ୍ୟଟି ରାସମଣିଙ୍କ ପ୍ରତିଷ୍ଠିତ ଦକ୍ଷିଣେଶ୍ୱର ମନ୍ଦିରରେ ଭବତାରିଣୀ କାଳୀଙ୍କ ନିକଟରେ ଘଟିଥିଲା ।

ପଶ୍ଚିମବଙ୍ଗର ହାଲି ସହର ନାମକ ଜିଲ୍ଲାର କୋନା ନାମକ ଗ୍ରାମରେ ୧୭୯୨ ଖ୍ରୀଷ୍ଟାବ୍ଦରେ ଏକ ଦରିଦ୍ର କୃଷକ ପରିବାରରେ ରାସମଣି ଜନ୍ମଗ୍ରହଣ କରିଥିଲେ । ସେତେବେଳେ କେହି କଳ୍ପନା ସୁଦ୍ଧା କରି ନ ଥିଲେ ଯେ ଏହି ଶିଶୁଟି ଭାରତ ଇତିହାସରେ ଦିନେ ଅପରିମିତ ଗୌରବ ବହନ କରି ଆଣିବ । ଜୀବନକୁ ମହତ୍ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଯେଉଁ ଶିକ୍ଷା ଓ ପାରିପାର୍ଶ୍ୱିକ ପରିବେଶର ପ୍ରୟୋଜନ, ରାସମଣି ତାହାର ବିନ୍ଦୁମାତ୍ର ପାଇ ନ ଥିଲେ । ଦାରିଦ୍ର୍ୟର କଠୋରତା, ଅଶିକ୍ଷା ଓ ଅନ୍ଧକାର ମଧ୍ୟରେ ତାଙ୍କର ବାଲ୍ୟଜୀବନ ଗତାନୁଗତିକ ଧାରାରେ ପ୍ରବାହିତ ହୋଇଥିଲା ।

ସୁଦୂର ପଲ୍ଲୀ ଜୀବନରେ ରାସମଣିଙ୍କର ଶୈଶବର ଦିନଗୁଡ଼ିକ ଏକାନ୍ତ ସାଧାରଣ ଭାବେ ବିତି ଯାଉଥିଲା । ସହସା ବିଧାତା ପୁରୁଷ ସ୍ୱୟଂ ତାଙ୍କର ସୌଭାଗ୍ୟର ବନ୍ଦ ଦ୍ୱାରଟି ଖୋଲି ଦେଲେ । ଜନ୍ମଜନ୍ମାନ୍ତରର ସୁକୃତି ଫଳରେ କଲିକତା ଅନ୍ତର୍ବର୍ତ୍ତୀ ଜାନବାଜାରର ଜମିଦାର ରାଜଚନ୍ଦ୍ର ଦାସଙ୍କ ସହିତ ତାଙ୍କର ବିବାହ ଅନୁଷ୍ଠିତ ହୋଇଗଲା । ଏହି ରାଜକୀୟ ମର୍ଯ୍ୟାଦା ଓ ଅତୁଳ ଐଶ୍ୱର୍ଯ୍ୟର ଅଧିକାରିଣୀ ହୋଇ ମଧ୍ୟ ସେ ଆତ୍ମହରା ହୋଇ ଯାଇ ନ ଥିଲେ । ଏହି ଅବସ୍ଥାରେ ପଡ଼ିଲେ ସାଧାରଣ ମନୁଷ୍ୟର ଅହଙ୍କାର ଆସେ, ଆସେ ଗରିବ ପ୍ରତି ଘୃଣା, ଆସେ ଆତ୍ମବିସ୍ମୃତି; କିନ୍ତୁ ରାସମଣିଙ୍କ ଚରିତ୍ର ଥିଲା ଏହାର ବିପରୀତ । ସେ ତାଙ୍କର ଆବାଲ୍ୟ ଓ କୁମାରୀ ଜୀବନର କଥା ଭୁଲି ନ ଥିଲେ । ଆଶୈଶବ ଦୁଃଖକଷ୍ଟ ହୁଏତ ତାଙ୍କୁ ଏତେଦୂର ମହାନୁଭବ ଓ ହୃଦୟକୁ ବିଶାଳ କରି ଗଢ଼ି ତୋଳିବା ପାଇଁ ସାହାଯ୍ୟ କରିଥିଲା ।

ଅଭିମାନହୀନ ଅନ୍ତରରେ ସ୍ୱାମୀଙ୍କର ଅକୃତ୍ରିମ ସ୍ନେହ ସୋହାଗର ମାଧୁର୍ଯ୍ୟରେ ରାସମଣିଙ୍କର ଦିନଗୁଡ଼ିକ ପରମ ଆନନ୍ଦରେ ଅତିବାହିତ ହୋଇ ଯାଉଥିଲା । ସେ ଚାରୋଟି କନ୍ୟା ସନ୍ତାନର ଜନନୀ ହୋଇଥିଲେ । ପଦ୍ମମଣି, କୁମାରୀ, କରୁଣାମୟୀ ଓ ଜଗଦମ୍ବା । ରାସମଣିଙ୍କ ଜୀବନରେ ଦୁର୍ଯୋଗର ଘନଘଟା ଦେଖା ଦେଲା । ୧୮୩୬ ଖ୍ରୀଷ୍ଟାବ୍ଦରେ ରାଜଚନ୍ଦ୍ର ଦାସ ପରଲୋକ ଗମନ କଲେ । ସେତେବେଳେ ରାସମଣିଙ୍କର ବୟସ ଚଉରାଳିଶ ବର୍ଷ ମାତ୍ର ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ଦୁଃଖ ଓ ବିପଦ ଆସେ, ଏହାର ହାତରୁ ରକ୍ଷା ପାଇବାର ଉପାୟ ସମସ୍ତଙ୍କର

ନ ଥାଏ; ସ୍ୱଇଚ୍ଛା ଅଥବା ଅନିଚ୍ଛା ସତ୍ତ୍ୱେ ଏହି ପରିସ୍ଥିତିସବୁ ସହ୍ୟ କରିବାକୁ ପଡ଼େ । ଦୁଃଖକୁ ଯିଏ ମଙ୍ଗଳମୟଙ୍କର ଆଶୀର୍ବାଦ ରୂପେ ବରଣ କରିନିଏ, ଦୁଃଖ ତା' ନିକଟରେ ପରମ କଲ୍ୟାଣ ରୂପେ ମୂର୍ତ୍ତ ହୁଏ; ଦୁର୍ଯୋଗ ନିଶାର ଶେଷରେ ସେ ଦେଖିବାକୁ ପାଏ ତା' ଜୀବନ ଭରି ଉଠିଛି ଅମୃତମୟ ଉଷାର ଅରୁଣ ଆଲୋକରେ । ଦୁଃଖ, ବିପଦ ମନୁଷ୍ୟ ଜୀବନରେ କଷଟି ପଥର ପରି କାମ କରେ । ଏହା ଦ୍ୱାରା ଜଣାଯାଏ କେଉଁଟି ଅସଲ ଅଥବା କେଉଁଟି ନକଲ । ଏହି କଠିନ ଅଗ୍ନିପରୀକ୍ଷା ମଧ୍ୟ ଦେଇ ମନୁଷ୍ୟର ଯଥାର୍ଥ ପରିଚୟ ମିଳେ ।

ସାରା ଦେଶରେ ଜମିଦାର ଗୃହିଣୀର ଅଭାବ ନାହିଁ । କିନ୍ତୁ ତ୍ୟାଗ, ତପସ୍ୟା, ତେଜସ୍ୱିତାରେ ଯେଉଁ କେତେଜଣ ନାରୀ ଇତିହାସରେ ଉଜ୍ଜ୍ୱଳ ତାରକା ସଦୃଶ ଅମର ହୋଇ ରହିଛନ୍ତି, ରାସମଣି ସେମାନଙ୍କ ମଧ୍ୟରେ ଶ୍ରେଷ୍ଠମଣି । ବୈଧବ୍ୟଯାତନା କୌଣସି ନାରୀର କାମ୍ୟ ନୁହେଁ । ଏହି ଅନାକାଂକ୍ଷିତ ଅଶୁଭ ଅବସ୍ଥାଟି ରାସମଣିଙ୍କୁ ରାଣୀର ଆସନରେ ବସାଇ ଥିଲା, ତାଙ୍କ ଜୀବନର ଏକ ଗୌରବମୟ ଅଧ୍ୟାୟର ଆରମ୍ଭ ହୋଇଥିଲା । ରାଜଚନ୍ଦ୍ର ଦାସଙ୍କ ଦେହତ୍ୟାଗ ପରେ ସେ ତାଙ୍କର ବିଶାଳ ଜମିଦାରୀ ପରିଚାଳନାର ଦାୟିତ୍ୱ ନିଜେହିଁ ଗ୍ରହଣ କରିଥିଲେ । ଯେଉଁ ଦୁର୍ଲଭ ମାନବତା ତାଙ୍କ ମଧ୍ୟରେ ସୁପ୍ତ ଭାବରେ ରହିଥିଲା ତା'ର ଅସ୍ତିତ୍ୱ ରାସମଣି ନିଜେ ମଧ୍ୟ ବୁଝିପାରି ନ ଥିଲେ । ଉପଯୁକ୍ତ ସୁଯୋଗ ପାଇ ବୀଜ ଅଙ୍କୁରିତ ହେଲା ପରି ତାଙ୍କ ଭିତରର ସୁପ୍ତ ସିଂହ ଜାଗି ଉଠିଲା ।

ରାସମଣି ଗୋଟିକ ପରେ ଗୋଟିଏ ତାଙ୍କର ତିନି କନ୍ୟାକୁ ବିବାହ ଦେଲେ । ବର୍ଷ କେତୋଟି ଭିତରେ ତାଙ୍କର ତୃତୀୟା କନ୍ୟା କରୁଣାମୟୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇ ପରଲୋକ ଗମନ କଲେ । ରାସମଣି ତାଙ୍କର ତୃତୀୟ ଜାମାତା ମଥୁରନାଥଙ୍କ ସହିତ କନିଷ୍ଠା କନ୍ୟା ଜଗଦମ୍ବାର ବିବାହ ଦେଲେ । ବିଷୟ ସମ୍ପତ୍ତି ରକ୍ଷଣାବେକ୍ଷଣ ବ୍ୟାପାରରେ ମଥୁରନାଥ ତାଙ୍କର ଦକ୍ଷିଣହସ୍ତ ଥିଲେ । ଜଣେ ସ୍ତ୍ରୀ ଲୋକ ହୋଇ ମଧ୍ୟ ନିପୁଣତାର ସହିତ ଜମିଦାରି ପରିଚାଳନାର ଦାୟିତ୍ୱ ସେ ଆୟତ୍ତ କରି ପାରିଥିଲେ । ସେଥିପାଇଁ ଶତମୁଖର ପ୍ରଶଂସା ମଧ୍ୟ କମ୍ ହେଉଥିଲା, ଅବଶ୍ୟ ଏକଥା ସତ୍ୟ ଯେ ମଥୁରନାଥଙ୍କ ପରି ଉପଯୁକ୍ତ ବିଚକ୍ଷଣ ବିଶ୍ୱାସୀ ବ୍ୟକ୍ତି ପାଇ ନଥିଲେ ରାସମଣିଙ୍କ ପକ୍ଷରେ ଜମିଦାରି ସମ୍ଭାଳିବା କଷ୍ଟକର ହୋଇଥା'ନ୍ତା ।

ଏକ ସର୍ବୋତୋମୁଖୀ ପ୍ରତିଭା ନେଇ ରାସମଣି ଜନ୍ମଗ୍ରହଣ କରିଥିଲେ, ସେଇ ଅପୂର୍ବ ଜୀବନର ମୂଲ୍ୟବାନ୍ ଘଟଣାଗୁଡ଼ିକ ପ୍ରାୟ କାଳର ଅତଳ ଗର୍ଭରେ ବିସ୍ମୃତ ହୋଇ ଯାଇଛି । ଯେଉଁ କେତୋଟି ଘଟଣାର କଥା ଜଣାଯାଏ, ସେଗୁଡ଼ିକ ପ୍ରତ୍ୟେକଟି ସ୍ୱ-ମହିମାରେ ସମୁଜ୍ଜ୍ୱଳ । ପ୍ରତ୍ୟେକଟି ସୁନ୍ଦର ଓ ଅନୁକରଣୀୟ । ଶୁଣାଯାଏ, ସେ ସମୟରେ ରାସମଣିଙ୍କର ଜାନବାଜାର ପ୍ରାସାଦ ନିକଟରେ ଗୋରା ସିପାହୀମାନଙ୍କର ଏକ ବାରାକ୍ ଥିଲା । ମଦିରା ପାନ କରି ଉଚ୍ଛୃଙ୍ଖଳ ସିପାହୀଗଣ ପ୍ରାସାଦର ଦରୁଆନକୁ ପରାସ୍ତ କରି ଅନ୍ଦର ମହଲ ପର୍ଯ୍ୟନ୍ତ ପହଞ୍ଚି ଯାଇ ଲୁଟପାଟ ଆରମ୍ଭ କଲେ । ମଥୁରନାଥ ଓ ଅନ୍ୟାନ୍ୟ ପୁରୁଷମାନେ ସେତେବେଳେ ପ୍ରାସାଦରେ ଅନୁପସ୍ଥିତ ଥିଲେ । ଅବସ୍ଥା ପ୍ରତିକୂଳ ଦେଖି ସ୍ୱୟଂ ରାସମଣି ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ହୋଇ ଗୋରା ସିପାହୀମାନଙ୍କୁ ବାଧା ଦେଇଥିଲେ ।

ରାସମଣିଙ୍କର ବୁଦ୍ଧି, କୌଶଳ ଓ ତେଜସ୍ୱିତା ସମ୍ବନ୍ଧରେ ଆଉ ଏକ ଚମତ୍କାର ଘଟଣାର କଥା ଶୁଣାଯାଏ । ସେ ସମୟରେ ବ୍ରିଟିଶ ସରକାର ଧୀବରମାନଙ୍କ ଉପରେ କର ବସାଇ ଥିଲେ । ଗଙ୍ଗା ନଦୀରେ ମାଛ ଧରିବା ପାଇଁ ସରକାରଙ୍କୁ କର ଦେବାକୁ ପଡୁଥିଲା । ଏମାନେ ପ୍ରାୟ ସମସ୍ତେ ରାଣୀଙ୍କର ପ୍ରଜା ଥିଲେ । କର ଦାଉରେ ଉତ୍ପୀଡ଼ିତ ହୋଇ ସେମାନେ ରାଣୀଙ୍କ ପାଖରେ ତାଙ୍କର ଦୁଃଖ ଦୁର୍ଦ୍ଦଶାର କଥା ନିବେଦନ କଲେ । ରାଣୀ ସମସ୍ତଙ୍କୁ ଅଭୟ ଦେଇ ବିଦାୟ ଦେଲେ । ଏହାପରେ ରାଣୀ ସରକାରଙ୍କୁ ଗଙ୍ଗା ନଦୀରେ ମାଛ ଧରିବା ପାଇଁ ଅନୁମତି ମାଗିଲେ । ସରକାର ମନେ କଲେ ରାଣୀ ବୋଧହୁଏ ମାଛ ବ୍ୟବସାୟ କରିବେ । ଅନୁମତି ପାଇବା ପରେ ରାଣୀ ବଡ଼ ବଡ଼ ଲମ୍ୱା ଲୁହା ଶିକୁଳି ଦ୍ୱାରା ଗଙ୍ଗାନଦୀର ଏ ପାଖରୁ ସେପାଖ ଯାଏ ସୀମାରେଖା ବାନ୍ଧି ଦେଲେ । ଫଳରେ ଇଂରେଜମାନଙ୍କ ଜାହାଜଗୁଡ଼ିକର ଯାତାୟାତରେ ଅସୁବିଧା ହେଲା । ସେମାନେ ରାଣୀଙ୍କ ନାମରେ ନାଲିଶ କଲେ । ରାଣୀ ତାଙ୍କର ଉତ୍ତରରେ ଜବାବ ଦେଲେ, ଅନେକ ଟଙ୍କା ଖର୍ଚ୍ଚ କରି ମୁଁ ମାଛ ଧରିବାର ଅନୁମତି ପାଇଛି, ଜାହାଜଗୁଡ଼ିକ ସବୁବେଳେ ଯାତାୟାତ କଲେ ମାଛମାନେ ପଳାଇ ଯିବେ, ସେଥିପାଇଁ ମୋତେ ଏହି ବ୍ୟବସ୍ଥା କରିବାକୁ ପଡ଼ିଛି । ମୁଁ ଏହାର ଅନ୍ୟଥା କରିପାରିବି ନାହିଁ । ଅବସ୍ଥା ପ୍ରତିକୂଳ ଦେଖି ବ୍ରିଟିଶ ସରକାର ରାଣୀଙ୍କ ସହିତ ଆପୋସରେ ବୁଝାମଣା କରିବାକୁ ବାଧ୍ୟ ହେଲେ । ଧୀବରମାନଙ୍କ ଉପରେ ଯେଉଁ କର ବସା ଯାଇଥିଲା ତାହା ନାକଚ

କରାଗଲା । ରାଣୀ ମଧ୍ୟ ନିଜ ଅଧିକାର ତ୍ୟାଗ କଲେ । ଏହି ଗୋଟିଏ ଘଟଣାରୁ ତାଙ୍କର ମହତ୍ ଅନ୍ତଃକରଣ ଓ ବିଚକ୍ଷଣତାର ପରିଚୟ ମିଳେ ।

ଲୋକ ହିତକର କାର୍ଯ୍ୟରେ ରାଣୀଙ୍କର ବରାବର ଉତ୍ସାହ ଥିଲା । ସୋନାଇ, ବେଲେଘାଟା, ଭବାନୀପୁର ବଜାର, କାଳୀଘାଟର ବଜାର, ଜରାନିବାସ, ହାଲି ସହରର ଗଙ୍ଗାର ଘାଟ, ସୁବର୍ଣ୍ଣରେଖା ନଦୀ ତୀରରୁ ଶ୍ରୀକ୍ଷେତ୍ର (ପୁରୀ) ପର୍ଯ୍ୟନ୍ତ ସେ ସଡ଼କ ନିର୍ମାଣ କରାଇ ଥିଲେ । ଗଙ୍ଗା ସାଗର, ତ୍ରିବେଣୀ, ନବଦ୍ୱୀପ ଓ ପୁରୀ ଯାତ୍ରା କରି ଦେବତାଙ୍କ ଉଦ୍ଦେଶ୍ୟରେ ବହୁ ଅର୍ଥ ବ୍ୟୟ କରିଥିଲେ । ତାଙ୍କ ଜମିଦାରିର ମକିମପୁର ଅଞ୍ଚଳର ପ୍ରଜାମାନଙ୍କୁ ନୀଳଚାଷର କର ଭାର ଓ ଅତ୍ୟାଚାରରୁ ମୁକ୍ତ କରିଥିଲେ । ପ୍ରାୟ ଦଶ ହଜାର ଟଙ୍କା ବ୍ୟୟ କରି ଟୋନାରେ କେନାଲ ଖୋଳାଇ ମଧୁମତୀ ନଦୀ ସହିତ ନବଗଙ୍ଗାକୁ ମିଶାଇ ଦେଇଥିଲେ ।

ଭକ୍ତିମତୀ ରାସମଣିଙ୍କ ଅପରିସୀମ ଦେବୀ ଭକ୍ତି ଥିଲା । ଜମିଦାରି ସେରେସ୍ତାରେ ସମସ୍ତ କାଗଜ ପତ୍ରରେ ଦସ୍ତଖତ କରିବା ପାଇଁ ଯେଉଁ ଶିଲ୍ ମୋହର କରାଇ ଥିଲେ, ସେଥିରେ ଲେଖାଥିଲା – ''କାଳୀପଦ ଅଭିଳାଷୀ ଶ୍ରୀମତୀ ରାସମଣି ଦାସୀ'' । ଶ୍ରୀରାମକୃଷ୍ଣ କହିଥିଲେ, ରାଣୀଙ୍କ ହୃଦୟରେ ଦେବୀଙ୍କ ଭକ୍ତି ତାଙ୍କର ପ୍ରତ୍ୟେକଟି କର୍ମରେ ପ୍ରକାଶ ପାଉଥିଲା ।

କାଶୀ ଯାଇ ବାବା ବିଶ୍ୱନାଥ ଓ ମାଆ ଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରି ପୂଜା ଦେବା ଲାଗି ତାଙ୍କର ବହୁତ ଇଚ୍ଛା ଥିଲା । ସଂସାରର କର୍ମ ବ୍ୟସ୍ତତା ମଧ୍ୟରେ ରହି ବହୁଦିନ ଧରି ଏହା କାର୍ଯ୍ୟରେ ପରିଣତ ହୋଇ ପାରି ନ ଥିଲା । କାଶୀ ଯିବା ମନସ୍ଥ କରି ଅନେକ ଟଙ୍କା ସେ ସଞ୍ଚୟ କରି ରଖିଥିଲେ । ଯିବାର ଦିନ ସ୍ଥିର ହେଲା, କିନ୍ତୁ ଯିବାର ପୂର୍ବରାତ୍ରିରେ ରାଣୀ ସ୍ୱପ୍ନ ଦେଖିଲେ – ଦେବୀ ଅନ୍ନପୂର୍ଣ୍ଣା ତାଙ୍କୁ ଦର୍ଶନ ଦେଇ କହୁଛନ୍ତି, ତୋ'ର ଆଉ କାଶୀ ଆସିବାର ଆବଶ୍ୟକତା ନାହିଁ । ଗଙ୍ଗା ତୀରରେ ଗୋଟିଏ ସୁନ୍ଦର ସ୍ଥାନ ଦେଖି ମନ୍ଦିର ନିର୍ମାଣ କରାଇ ମୂର୍ତ୍ତି ପ୍ରତିଷ୍ଠା କରି ପୂଜା ଓ ଭୋଗର ବନ୍ଦୋବସ୍ତ କର; ସେହି ମୂର୍ତ୍ତିରେ ମୁଁ ଆବିର୍ଭୂତା ହୋଇ ତୋର ପୂଜା ଗ୍ରହଣ କରିବି ।

ଏହି ସ୍ୱପ୍ନ ଦେଖିବା ପରେ ରାଣୀଙ୍କର କାଶୀ ଯିବାର ପରିକଳ୍ପନା ବନ୍ଦ ହୋଇଗଲା । ସିଏ ଦେବୀ ମନ୍ଦିର ନିର୍ମାଣର ସଂକଳ୍ପ କଲେ । ଯେଉଁ ଅର୍ଥ ତୀର୍ଥ ଭ୍ରମଣ ପାଇଁ ସଞ୍ଚୟ କରିଥିଲେ ତାହା ମନ୍ଦିର ନିର୍ମାଣର କାର୍ଯ୍ୟ ଆରମ୍ଭ ପାଇଁ ଇଚ୍ଛା କଲେ । ଜଗନ୍ମାତାଙ୍କ ପ୍ରତି ଆଶୈଶବ ପ୍ରଗାଢ଼ ଭକ୍ତି ଏହି ମୂର୍ତ୍ତିରେ ରୂପାୟିତ ହେବାର ସୁଯୋଗ ପାଇଲା ।

୧୮୪୭ ଖ୍ରୀଷ୍ଟାବ୍ଦର ୬ ଡିସେମ୍ବରରେ କଲିକତାର ସୁପ୍ରିମ କୋର୍ଟର ଏଟର୍ଣ୍ଣୀ ହେଷ୍ଟି ନାମକ ବ୍ୟକ୍ତିଙ୍କଠାରୁ ଗଙ୍ଗା ତୀରବର୍ତ୍ତୀ ୬୦ ବିଘା ଜମି ରାଣୀ କିଣିଲେ । ସେଠାରେ ପ୍ରଚୁର ଟଙ୍କା ଖର୍ଚ୍ଚ କରି ମନ୍ଦିର, ବଗିଚା ପ୍ରଭୃତି କରାଇଲେ । ଆଠବର୍ଷ ବିତିଗଲେ ମଧ୍ୟ ମନ୍ଦିରର କାର୍ଯ୍ୟ ଶେଷ ନ ହେଉଥିବାର ଦେଖି ବ୍ୟସ୍ତ ହୋଇ ପଡ଼ିଲେ । ଆଉ କାଳ ବିଳମ୍ବ କରିବା ଉଚିତ ନୁହେଁ ବୋଲି ଅନୁଭବ କରି ୧୮୫୫ ସାଲର ଜ୍ୟେଷ୍ଠମାସର ୧୮ ତାରିଖ ସ୍ନାନ-ପୂର୍ଣ୍ଣମୀ ଦିନ କାଳୀମାତାଙ୍କର ମୂର୍ତ୍ତି ପ୍ରତିଷ୍ଠା କରାଇଲେ । ଦେବାଳୟ ନିର୍ମାଣ ଓ ପ୍ରତିଷ୍ଠା ଉତ୍ସବ ପାଇଁ ରାଣୀ ପ୍ରାୟ ନଅ ଲକ୍ଷ ଟଙ୍କା ବ୍ୟୟ କରିଥିଲେ ।

ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଏକ ମତାନ୍ତର ସୃଷ୍ଟି ହେଲା । ରାଣୀଙ୍କର ଇଚ୍ଛା ଦେବୀଙ୍କୁ ପ୍ରତିଦିନ ଅନ୍ନଭୋଗ ଦେବା ପାଇଁ – କିନ୍ତୁ ଜାତି ଓ ସାମାଜିକ ପ୍ରଥା ଏହା ସମର୍ଥନ କଲା ନାହିଁ । ତାଙ୍କର ମନ କୌଣସି ବାଧା ମାନିବାକୁ ଚାହିଁଲା ନାହିଁ । ସିଏ ଭାବିଲେ ମାଆ ପାଖରେ ସନ୍ତାନ କ'ଣ ଅସ୍ପୃଶ୍ୟ ହୋଇପାରେ, ଜଗତଜନନୀଙ୍କ ପାଖରେ ଜାତିଭେଦ କ'ଣ ଅନ୍ତରାୟ ହୋଇପାରେ ?

ବ୍ରାହ୍ମଣ ପଣ୍ଡିତମାନଙ୍କ ମତାମତ ଜାଣିବାକୁ ରାଣୀ ଚାହିଁଲେ କିନ୍ତୁ କେହି ରାଣୀଙ୍କର ଇଚ୍ଛାକୁ ସମର୍ଥନ କଲେ ନାହିଁ । ଶେଷରେ ସେ ନିରାଶ ହୋଇ ପଡ଼ିଲେ । ଅକସ୍ମାତ୍ ଦୈବବାଣୀ ପରି ଝାମାପୁକୁର ଚତୁଷ୍ପାଠୀର ରାମକୁମାରଙ୍କ ପାଖରୁ ସମ୍ବାଦ ଆସିଲା ରାଣୀ ଯଦି ମନ୍ଦିରଟି ତାଙ୍କ ଗୁରୁଦେବଙ୍କ ନାମରେ ଦାନପତ୍ର କରି ଦିଅନ୍ତି ତେବେ ଅନ୍ନଭୋଗ ନିବେଦନରେ କୌଣସି ବାଧା ରହିବ ନାହିଁ ।

ପଣ୍ଡିତ ରାମକୁମାରଙ୍କର ସିଦ୍ଧାନ୍ତରେ ରାଣୀଙ୍କର ଆନନ୍ଦର ସୀମା ନ ଥିଲା । ଅନ୍ୟାନ୍ୟ ବ୍ରାହ୍ମଣ ପଣ୍ଡିତଗଣ ଏହା ବିରୋଧରେ ଆନ୍ଦୋଳନ କଲେ ମଧ୍ୟ ରାଣୀ ସେସବୁକୁ ଗ୍ରାହ୍ୟ କଲେ ନାହିଁ । ଦେବତା ଓ ବ୍ରାହ୍ମଣମାନଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ଥିଲା, ସର୍ବଦା ସିଏ ବିବେକର ନିର୍ଦ୍ଦେଶ ମାନି ଚଳୁଥିଲେ । ସେ ପୂଜକର ପଦ ଗ୍ରହଣ ପାଇଁ ରାମକୁମାରଙ୍କୁ ସନିର୍ବନ୍ଧ ଅନୁରୋଧ କଲେ । ତାଙ୍କର ଐକାନ୍ତିକ ଇଚ୍ଛାରେ ରାମକୁମାର ପୂଜକର ପଦ ଗ୍ରହଣ କଲେ ।

ପ୍ରତିଷ୍ଠା ଉତ୍ସବ ଅତି ସମାରୋହରେ ଅନୁଷ୍ଠିତ ହେଲା ।

ସୁଦୂର କାନ୍ୟକୁବ୍ଜ, କାଶୀ, ଶ୍ରୀହଟ୍ଟ, ଚଟ୍ଟଗ୍ରାମ, ଓଡ଼ିଶା, ନବଦ୍ୱୀପ ଇତ୍ୟାଦି ସ୍ଥାନମାନଙ୍କରୁ ଅଧ୍ୟାପକ, ଶାସ୍ତ୍ରଜ୍ଞ ପଣ୍ଡିତ, ବ୍ରାହ୍ମଣମାନେ ନିମନ୍ତ୍ରିତ ହୋଇ ଉତ୍ସବଟି ସାଫଲ୍ୟ ମଣ୍ଡିତ କରିଥିଲେ । ବିଦାୟ ସମୟରେ ପ୍ରତ୍ୟେକଙ୍କୁ ରେଶମୀ ବସ୍ତ୍ର, ଉତ୍ତରୀୟ ଓ ଗୋଟିଏ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଉପହାର ସ୍ୱରୂପ ଦେଇଥିଲେ । ଅଜସ୍ର ଅର୍ଥବ୍ୟୟ କରି ରାଣୀ ଉତ୍ସବଟି ଶ୍ରୀମଣ୍ଡିତ କରିବା ସହିତ ଅତିଥିମାନଙ୍କୁ ଯଥୋଚିତ ସେବା ଏବଂ ଦରିଦ୍ର ନାରାୟଣଙ୍କୁ ଭୋଜନ ଦ୍ୱାରା ଆପ୍ୟାୟିତ କରିଥିଲେ ।

ବଡ଼ ଭାଇ ରାମକୁମାର ଯେତେବେଳେ ଦକ୍ଷିଣେଶ୍ୱର କାଳୀ ମନ୍ଦିରର କାର୍ଯ୍ୟ ଗ୍ରହଣ କଲେ, ରାମକୃଷ୍ଣ ସେତେବେଳେ ବାଳକ । ତାଙ୍କର ସୌମ୍ୟ ଦର୍ଶନ, କୋମଳ ପ୍ରକୃତି, ଧର୍ମ ପ୍ରତି ନିଷ୍ଠା ମନୋଭାବ ରାଣୀ ତଥା ମଥୁର ବାବୁଙ୍କୁ ମୁଗ୍ଧ କରିଥିଲା । ସେମାନେ ବାଳକଟିକୁ ଦେବୀଙ୍କ ବେଶକାରୀର ପଦରେ ନିଯୁକ୍ତ କରିବା ପାଇଁ ବାର ବାର ଚେଷ୍ଟା କରି ଶେଷରେ ସଫଳ ହୋଇଥିଲେ । ଏହି ସମୟରେ ଦିନେ ରାମକୃଷ୍ଣଙ୍କର ଶିବ ମୂର୍ତ୍ତିଟିଏ ଗଢ଼ି ପୂଜା କରିବା ପାଇଁ ଆଗ୍ରହ ହେଲା । ହଠାତ୍ ସେଠାରେ ମଥୁର ବାବୁ ଉପସ୍ଥିତ ହୋଇ ଦେଖିଲେ ରାମକୃଷ୍ଣ ତନ୍ମୟ ହୋଇ ପୂଜା କରୁଛନ୍ତି । ମୂର୍ତ୍ତିଟି ଛୋଟ ହେଲେ ମଧ ନିଖୁଣ ଥିଲା । ତ୍ରିଶୂଳ, ଡମ୍ବରୁ, ଷଣ୍ଢ କିଛିର ତ୍ରୁଟି ନଥିଲା । ମଥୁର ବାବୁ ବିସ୍ମିତ ହେଲେ, ସଚରାଚର ଏପରି ସଜୀବ ଦେବ ମୂର୍ତ୍ତି ବଜାରରେ କିଣିବାକୁ ମିଳେ ନାହିଁ । ପୂଜା ପରେ ମଥୁର ବାବୁ ରାମକୃଷ୍ଣଙ୍କୁ ମୂର୍ତ୍ତିଟିକୁ ମାଗିଲେ ଏବଂ ତାହା ଆଣି ରାଣୀଙ୍କୁ ଦେଖାଇଲେ; ରାଣୀ ମଧ ଏହା ଦେଖି ଖୁବ୍ ପ୍ରଶଂସା କଲେ ।

ମନ୍ଦିର ପ୍ରତିଷ୍ଠାର ତିନି ମାସ ମଧରେ ଆଉ ଏକ ଘଟଣା ଘଟିଲା । ଯାହା ଫଳରେ ରାଣୀଙ୍କ ଚରିତ୍ରର ଏକ ବିଶେଷ ଦିଗ ନଜରକୁ ଆସେ । ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ । ପୂଜକ ରାଧାଗୋବିନ୍ଦଙ୍କର ବିଶେଷ ପୂଜା ଓ ଭୋଗରାଗାଦି ଶେଷ କରି ଅନ୍ୟ ଘରକୁ ଶୟନ କରାଇବାକୁ ନେଇଯିବା ସମୟରେ ପୂଜାରୀ ତଳେ ପଡ଼ିଗଲେ ଓ ଗୋବିନ୍ଦଙ୍କର ଗୋଟିଏ ଗୋଡ଼ ଭାଙ୍ଗିଗଲା । ଚାରି ଆଡ଼େ ଚହଳ ପଡ଼ିଗଲା । ଭଙ୍ଗା ବିଗ୍ରହର କିପରି ପୂଜା ହେବ ? ସହରର ଖ୍ୟାତନାମା ପଣ୍ଡିତମାନଙ୍କୁ ଡକାଇ ରାଣୀ ସେମାନଙ୍କ ମତାମତ ମାଗିଲେ । ପଣ୍ଡିତମାନେ ସମବେତ ଭାବରେ ବିଧାନ ଦେଲେ, ମୂର୍ତ୍ତିଟି ଗଙ୍ଗାଜଳରେ ବିସର୍ଜନ ଦେଇ ନୂତନ ମୂର୍ତ୍ତି ପ୍ରତିଷ୍ଠା କରାଯାଉ ।

ଶେଷରେ ରାଣୀ ଓ ମଥୁର ବାବୁ ରାମକୃଷ୍ଣଙ୍କର ମତ ଜାଣିବାକୁ ଚାହିଁଲେ । ନିର୍ଭୀକ ଭାବେ ସିଏ ଉତ୍ତର ଦେଲେ, ତୁମ ଜ୍ୱାଇଁମାନଙ୍କ ମଧରୁ ଯଦି କାହାର ଗୋଡ଼ ଭାଙ୍ଗିଯାଏ, ତାକୁ ତ୍ୟାଗ କରି ତୁମେ କ'ଣ ଆଉ ଜଣେ ଜ୍ୱାଇଁ ଆଣିବ ନା ତାଙ୍କର ଚିକିତ୍ସା ବ୍ୟବସ୍ଥା କରିବ ? ଏଠାରେ ସେପରି ବ୍ୟବସ୍ଥା କରାଯାଏନା ? ଗୋଡ଼ଟିକୁ ଯୋଡ଼ିଦେଇ ଯେପରି ପୂଜା ହେଉଛି ସେହି ବ୍ୟବସ୍ଥା କରାଯାଉ, ତ୍ୟାଗ କରିବ କାହିଁକି ? ହିନ୍ଦୁ ସମାଜର ପ୍ରଖ୍ୟାତ ପଣ୍ଡିତମାନଙ୍କ କଥା ଅଗ୍ରାହ୍ୟ କରି ରାଣୀ ରାମକୃଷ୍ଣଙ୍କର ବିଧାନକୁ ଆନ୍ତରିକ ଭାବେ ଗ୍ରହଣ କଲେ ।

ଅନେକ ଦିନ ପରେ ରାଣୀଙ୍କ ଚରିତ୍ରର ଆଉ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଖିବାକୁ ମିଳେ । କି ଅପରିସୀମ ବୁଦ୍ଧି, ବିବେକ ଓ ମାନସିକ ଦୃଢ଼ତା ନେଇ ସେ ସଂସାରକୁ ଆସିଥିଲେ ! ରାମକୃଷ୍ଣ ସେତେବେଳେ କାଳିମାତାଙ୍କର ପୂଜକ । ରାଣୀ ମନ୍ଦିରକୁ ଆସି ରାମକୃଷ୍ଣଙ୍କର ଭଜନ ଶୁଣନ୍ତି । ଦିନେ ଭଜନ ଶୁଣିବା ଅବସରରେ ଦେଖିଲେ ରାମକୃଷ୍ଣଙ୍କର ଭଜନ ଗାଇବା ବନ୍ଦ ହୋଇଗଲା । ସେ ବିରକ୍ତ ହୋଇ କହିଲେ, ଏଠାକୁ ଆସି ବିଷୟ ସମ୍ପତ୍ତି, ମାଲିମକଦ୍ଦମା କଥା ଭାବୁଛ — ଏହା କହି ରାଣୀଙ୍କ ଗାଲରେ ଠାଏ କିନା ଚାପୁଡ଼ାଟିଏ ମାରିଦେଲେ । ହାୟ ହାୟ କହି ଅନ୍ୟାନ୍ୟ ପୂଜକ, ସେବାୟତ, ପରିଚାରକଗଣ ଦୌଡ଼ି ଆସିଲେ । ରାଣୀ ନିଜର ଅନ୍ୟମନସ୍କତାର କଥା ସ୍ୱୀକାର କରି ରାମକୃଷ୍ଣଙ୍କ ପାଖରେ କ୍ଷମା ଚାହିଁଲେ । ସମସ୍ତେ ଅବାକ୍ ହୋଇଯାଇ ରାଣୀଙ୍କୁ ଶତମୁଖରେ ପ୍ରଶଂସା କରିବାକୁ ଲାଗିଲେ ।

୧୮୬୧ ଖ୍ରୀଷ୍ଟାବ୍ଦର ପ୍ରଥମ ଭାଗରେ ଅସାବଧାନତାବଶତଃ ପଡ଼ିଯାଇ ରାଣୀ ଆଘାତ ପ୍ରାପ୍ତ ହେଲେ । ତାହା ଫଳରେ ସାରା ଶରୀରରେ ବ୍ୟଥା, ଜ୍ୱର ଦେଖା ଦେଲା । ଶେଷରେ ସେ ଗ୍ରହଣୀ ରୋଗରେ ଆକ୍ରାନ୍ତ ହେଲେ । କିଛିଦିନ ଭିତରେ ରୋଗଟି ସାଂଘାତିକ ଆକାର ଧାରଣ କଲା । ତାଙ୍କ ଜୀବନ ନାଟକର ଯବନିକା ପତନର ସମୟ ଆଗେଇ ଆସୁଛି ଏକଥା ବୁଝିବା ପାଇଁ ରାଣୀଙ୍କୁ ବାକି ରହିଲା ନାହିଁ ।

ମନ୍ଦିର ପରିଚାଳନା ପାଇଁ ଏକ ସ୍ଥାୟୀ ଆୟ ନିତାନ୍ତ ଜରୁରୀ । ସୁଚାରୁ ରୂପେ ମନ୍ଦିର ଚଳାଇବା ପାଇଁ ରାଣୀ ମନ୍ଦିର ପ୍ରତିଷ୍ଠାର ତିନିମାସ ପରେ ତ୍ରୈଲୋକନାଥ ଠାକୁରଙ୍କଠାରୁ ଦିନାଜପୁରର ଶାଲବାଡ଼ି ପରଗଣାର ଜମିଦାରି ୨ ଲକ୍ଷ ୨୬ ହଜାର ଟଙ୍କାରେ କିଣିଥିଲେ । ମନେ ମନେ ସଂକଳ୍ପ କରିଥିଲେ ମଧ ଏହି ସମ୍ପତ୍ତିକୁ ଦେବୋତ୍ତର ସମ୍ପତ୍ତି ହିସାବରେ ଦାନପତ୍ର କରି ନଥିଲେ । ଜୀବନାବସାନ ପୂର୍ବରୁ ଏହାର ସମାଧା କରିବା

ପାଇଁ ସେ ବ୍ୟସ୍ତ ହୋଇ ପଡ଼ିଲେ । ଦାନପତ୍ର ସମ୍ପାଦନ ହେଲା । ରାଣୀଙ୍କର ଅନ୍ୟାନ୍ୟ କନ୍ୟାମାନେ ଏଥିରେ ସ୍ୱାକ୍ଷର କଲେ ମଧ୍ୟ ମୁମୂର୍ଷୁ ମାତାଙ୍କର କାତର ଅନୁରୋଧ ଉପେକ୍ଷା କରି ପ୍ରଥମା କନ୍ୟା ପଦ୍ମମଣି ଏଥିରେ ସ୍ୱାକ୍ଷର କଲେ ନାହିଁ । ଶେଷ ଯାତ୍ରାର ପ୍ରାକ୍‌କାଳରେ ରାଣୀ ସେଥିପାଇଁ ମର୍ମାନ୍ତିକ ଯାତନା ଭୋଗ କଲେ । ୧୮୬୧ ଖ୍ରୀଷ୍ଟାବ୍ଦର ଫେବ୍ରୁଆରୀ ୧୮ ତାରିଖ ଦିନ ରାଣୀ ଦେବୋତ୍ତର ଦାନପତ୍ରରେ ସ୍ୱାକ୍ଷର କଲେ । ତା' ପରଦିନ ରାତ୍ରିରେ ନଶ୍ୱର ଦେହତ୍ୟାଗ କରି ଅମୃତଲୋକ ଯାତ୍ରା କଲେ ।

ରାଣୀଙ୍କର ପ୍ରକୃତି ସହିତ ଆକୃତିର ମଧ୍ୟ ଯଥେଷ୍ଟ ସାଦୃଶ୍ୟ ଦେଖାଯାଏ । ତାଙ୍କର ଉଜ୍ଜ୍ୱଳ ଚକ୍ଷୁ ଓ ମୁଖ ମଣ୍ଡଳରେ ଦୃଢ଼ତାର ଚିହ୍ନ ଦେଖିଲେ ଯେକୌଣସି ମନୁଷ୍ୟର ତାଙ୍କ ପ୍ରତି ଶ୍ରଦ୍ଧା ସ୍ୱତଃସ୍ଫୂର୍ତ୍ତଭାବେ ଜାଗି ଉଠୁଥିଲା । ଶ୍ରୀରାମକୃଷ୍ଣ କହୁଥିଲେ ଜଗତ୍ ତାରିଣୀ ମାଆଙ୍କର ଆଠ ଜଣ ସଖୀମାନଙ୍କ ମଧ୍ୟରୁ ସିଏ ଥିଲେ ଅନ୍ୟତମା । ତାଙ୍କ ଜୀବନ ଯେ କେତେ ମହତ୍, କେତେ ଉଜ୍ଜ୍ୱଳ ଓ ଗୌରବମୟ ଥିଲା ଏହି ଗୋଟିଏ କଥାରୁ ଅନୁମାନ କରାଯାଏ ।

ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରି ସ୍ୱୀୟ କୃତିତ୍ୱ ଗୌରବର ଶୀର୍ଷ ସ୍ଥାନରେ ସେ ପହଞ୍ଚି ପାରିଥିଲେ । ଏହି ମହୀୟସୀ ନାରୀ ଶ୍ରୀରାମକୃଷ୍ଣଙ୍କର ଲୀଳାନାଟ୍ୟର ଦୃଶ୍ୟପଟ ନିର୍ମାଣ କରିଥିଲେ ।

ମାନବଜାତିର ଗୌରବମୟ ଇତିହାସରେ ସେ ଚିରକାଳ ଅମର ହୋଇ ରହିବେ । ❑

# ଚରୈବେତି

## ଅଞ୍ଜଳି ତ୍ରିପାଠୀ

ହେ ମୋର ଅନ୍ତରାତ୍ମା... ଜୀବନ ଦିଶାରୀ
ନିରାଧାର ନିରାକାର ନିତ୍ୟ ନିରଞ୍ଜନ
ମହାବୁଦ୍ଧ ସ୍ଥିତପ୍ରଜ୍ଞ ଚିରନ୍ତନ ସତ୍ୟ
ସ୍ଥିତ ମୋର ଅନ୍ତରର ଗୋପନ ଗୁହାରେ
ଚିତ୍ତ ପାରାବାରେ ଗଭୀର ଗର୍ଭ ଗୃହ ପରେ... ।

ଛୁଏଁ ନାହିଁ ପାବକ ତୁମକୁ
ନ ହୁଅ କର୍ତ୍ତିତ ପରା ତୀକ୍ଷ୍ଣ ଅସ୍ତ୍ରଧାରେ
ହୁଅ ନାହିଁ ନିମଜ୍ଜିତ ଅଥଳ ଅକୂପାରେ
ଅପହୁଞ୍ଚ ଅପ୍ରକଟ ଅମଳିନ ତୁମେ ଅପାର୍ଥିବ –
ତେବେ... କେଉଁ ରୂପେ ହେବ ପ୍ରାପ୍ତ ହେ ଚିର ଶାଶ୍ୱତ ?

ନିବିଡ଼ ନିଶାର୍ଦ୍ଧର ଘନ ତମିସ୍ରାରେ
ଜ୍ୟୋସ୍ନାସ୍ନାତ ରଜନୀର ଶୁଭ୍ର ଚାନ୍ଦିନୀରେ
ଅନିଳ ହିଲ୍ଲୋଳେ, ସଲୀଳ କଲ୍ଲୋଳେ
ଘନ ବନ ସୁମନ ବାସ୍ନାରେ ନୀଳନଭ ଜୀମୂତ-ମହ୍ଲାରେ
ବିହଗ କୂଜନେ ମଧୁପ ଗୁଞ୍ଜନେ
ଖୋଜଇ ନିରତ ସ୍ୱପ୍ନେ ଜାଗରଣେ... ।

ଦେଖି ନାହିଁ ଚର୍ମ ନେତ୍ରେ ଅସଲ ସ୍ୱରୂପ...
ପାଏ କିନ୍ତୁ ଅପୂର୍ବ ସେ ରୋମାଞ୍ଚିତ ସ୍ପର୍ଶ
ଉଚ୍ଚାଟିତ ହୁଏ ତନୁ ମଧୁବୋଳା ବଂଶୀ ସମ୍ମୋହନେ
ଉଲ୍ଲସିତ ପ୍ରାଣେ ପୁଲକିତ ମନେ
ଜଗାଏ ଆସ୍ପୃହା କେତେ ମରମ ଗହନେ
ବାଢ଼େ ଶତ ପ୍ରଣିପାତ କରି ମଥାନତ...

ତଥାପି...

ହେ ସୂର୍ଯ୍ୟଦୀପ୍ତ, ମମ ପ୍ରିୟତମ
ରୁହ ଯଦି ଯାଇ ତୁମେ ସାତ ତାଳ ପଙ୍କେ
ମାୟାବିନୀ ଅବିଦ୍ୟାର ନିବୁଜ କରାଟେ
ଖୋଜିବି ତୁମକୁ ଜନ୍ମ ପରେ ଜନ୍ମ
ନ ହୋଇ ନିରାଶ ବ୍ୟଗ୍ର ଆର୍ତ୍ତ ଭୂଲୁଣ୍ଠିତ
ଚରୈବେତି... ଚରୈବେତି ଗାଇ ବେଦମନ୍ତ୍ର । ❑

# ପୁଷ୍ପମାଳା

## ମଧୁସୂଦନ ମହାପାତ୍ର

ଓଡ଼ିଶା ଓ ବଙ୍ଗ ଉଭୟ ରାଜ୍ୟର ସୀମାରେ ଥିବା ମୟୂରଭଞ୍ଜ ଜିଲ୍ଲାର ବମ୍ବେଛକ ନିକଟସ୍ଥ ଏକ ବସତିରେ ଥରେ ଘଟିଥିବା ଏହି ଘଟଣା । ସେଠାରେ କୌଣସି ଏକ ସମୟରେ ଗୋଟିଏ ଦମ୍ପତି ବାସ କରୁଥିଲେ । ସ୍ୱାମୀ ଟ୍ରକଚାଳକ ଭାବେ ଜୀବିକାର୍ଜନ କରନ୍ତି, ସ୍ତ୍ରୀ ଗୃହିଣୀ । ଏ ଦୁହିଁଙ୍କର ଏକମାତ୍ର କନ୍ୟା ସନ୍ତାନର ନାମ ପୁଷ୍ପମାଳା, ଆଦରରେ ମାଆ ଡାକନ୍ତି ପୁଷ୍ପ ଆଉ ବାପା ଡାକନ୍ତି ମାଳା ।

ମାଳା ଏବେ ଉଚ୍ଚ ବିଦ୍ୟାଳୟର ଛାତ୍ରୀ । ତା'ର ସରଳ ଭଦ୍ର ସ୍ୱଭାବ ସହିତ ସେ ମେଧାବିନୀ ଥିବାରୁ ନିଜ ପରିବାର ଓ ବିଦ୍ୟାଳୟରେ ତା'ର ବେଶ୍ ଆଦର । ଥରେ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେଥିରେ ସେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ ବି ବର୍ଛାକ୍ଷେପଣରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ରୂପେ କପ୍ ପାଇବା ସହିତ ଗୋଟିଏ ସୁନ୍ଦର ଓ ସୁଗନ୍ଧିତ ଫୁଲମାଳ ପାଇଥିଲା । ସେ ସେସବୁ ଧରି ସହାସ୍ୟମୁଖରେ ଘରେ ଆସି ଯେତେବେଳେ ପହଞ୍ଚିଲା ତା'ଠାରୁ ସମସ୍ତ ଖବର ଶୁଣି ମାଆବାପା ଦୁହେଁ ଅତ୍ୟନ୍ତ ଖୁସି ହେଲେ ଓ କୋଳାଗ୍ରତ କରି ଅଭିନନ୍ଦନ ଜଣାଇଲେ । ଏହା ପରେ ମାଳା ତା' ସ୍ନେହମୟୀ ମାଆର ଗଳାରେ ସେହି ମାଳାଟିକୁ ଝୁଲାଇ ଦେବାକୁ ଚାହିଁଲା । କିନ୍ତୁ ସେ ତାହା ଗ୍ରହଣ ନ କରି ତା' ବାପାକୁ ଦେବାକୁ କହି କୌଣସି କାମରେ ଘର ଭିତରକୁ ଚାଲିଗଲେ । କିନ୍ତୁ ବାପା କହିଲେ : ''ମାଆ, ଏହି ମାଳାଟି ତୋ ସଫଳତାର ନିଦର୍ଶନ, ସେଥିରେ କେବଳ ତୋର ଅଧିକାର, ମୋର ବା ତୋ' ମାଆର କ'ଣ ଅଛି ? ତୁ ଏହାକୁ ନେଇ ତୋ' ପାଖରେ ରଖ ।'' ''ଏହା କିପରି କଥା ବାପା ! ମୋ ଭିତରେ ତୁମ ଦୁହିଁଙ୍କ ରକ୍ତ ପ୍ରବାହିତ, ମୋର ସଫଳତାରେ ତୁମର ଅଧିକାର ନାହିଁ କିପରି ?'' ଏହା କହିବା ବେଳେ ମାଳାର ଆଖି ଛଳ ଛଳ ହୋଇ ଯାଉଥିଲା । ତଥାପି ତା'ର ବାପା ତାହା ଗ୍ରହଣ କଲେ ନାହିଁ ।

ମାଳାର କଥା ଅମୃତ ପରି ଥିଲା, ମାଆବାପାଙ୍କ ହୃଦୟକୁ ସ୍ପନ୍ଦିତ କରୁଥିଲା, କିନ୍ତୁ ଫୁଲମାଳା ପିନ୍ଧିବାରେ ସେ ଦୁହିଁଙ୍କର ଯୋଗ୍ୟତା ନାହିଁ ବୋଲି ସେ ଝିଅକୁ କହିପାରୁ ନ ଥିଲେ । ଆହାର, ବିହାର, ଆଚାର, ବ୍ୟବହାର ସବୁଥିରେ ସେମାନଙ୍କ ଜୀବନ ଅପୁଣ୍ୟ ଥିଲା । ମଦଗନ୍ଧ ଓ ସିଗାରେଟ ଧୂଆଁରେ ଯେଉଁ ଘର ପ୍ରତିଦିନ ପୂରିଉଠେ ସେହି ଘର ଆଜି ଚମ୍ପା, ଗୋଲାପ, ରଜନୀଗନ୍ଧା ଫୁଲର ସୁଗନ୍ଧରେ ପୂରି ଉଠୁଛି ଦେଖି ନିଜକୁ ସେ ଦୁହେଁ ହୀନ ମନେ କରୁଥିଲେ । କୋମଳମତି ଝିଅ ଏକଥା ଜାଣିବ କିପରି ?

ଏବେ ମାଳାର ମନରେ ଅନ୍ୟ ଏକ ଉପାୟ ଆସି ଦେଖା ଦେଲା । ପାଖରେ ଟେବୁଲ ଉପରେ ଥିବା ମାତାପିତାଙ୍କ ଫଟୋ ଆଗରେ ମାଳାଟିକୁ ରଖିବାକୁ ଇଚ୍ଛା କରି ଗୋଟିଏ ଥାଳି ଆଣିବାକୁ ଗଲା, କିନ୍ତୁ ମାଆ ବାରଣ କଲେ । କାରଣ ସେହି ଥାଳିରେ ସେମାନେ ଆମିଷ ଖାଆନ୍ତି । ମାଳା ଆଜି ତା' ମାଆ ମୁଖରୁ ପ୍ରଥମ ଥର ପବିତ୍ର ଓ ଅପବିତ୍ରତାର ଶିକ୍ଷା ପାଉଛି ବୋଲି ଟିକିଏ ଅସହଜ ମନେ କରୁଥାଏ । ତା'ଘରେ କେବେ ବି କୌଣସି ଦେବପୂଜା ହୁଏ ନାହିଁ କି ଭଗବାନଙ୍କ ବିଷୟରେ କୌଣସି ଚର୍ଚ୍ଚା ହୁଏ ନାହିଁ, କାରଣ ଈଶ୍ୱର ବିଶ୍ୱାସରେ ତା'ର ବାପା ଓ ମାଆ ପୃଥକ୍ ।

ଏବେ ମାଳା ନିଜ ପଢ଼ା କକ୍ଷକୁ ଯାଇ ଏ ବିଷୟରେ ଅନେକ ଭାବିଲା, କିନ୍ତୁ ତା'ର ଶିଶୁ ମନ କୌଣସି ଥଳକୂଳ ପାଇଲା ନାହିଁ । ଏବେ ସେ ସ୍ଥିର କଲା ଭଗବାନଙ୍କୁ ସେହି ମାଳାଟିକୁ ସମର୍ପଣ କରିବ । କିନ୍ତୁ କେଉଁ ଦେବତାଙ୍କୁ ସେ ଚିନ୍ତା କରିବ ? ଦେବୀ ସରସ୍ୱତୀଙ୍କ କଥା ସେ ଜାଣେ କାରଣ ବିଦ୍ୟାଳୟରେ ପ୍ରତିବର୍ଷ ତାଙ୍କର ପୂଜା କରାଯାଏ । କିନ୍ତୁ ତାଙ୍କୁ ଅର୍ପଣ କଲେ ବାପା ଖୁସି ହେବେ ନାହିଁ । ତେବେ ସେ ଏ ବିଷୟରେ ବହୁତ କିଛି ଭାବି ଭାବି ଗୋଟିଏ ମହମବତି ଜାଳିଲା ଓ ତାହାରି ଚାରି ପାଖରେ ଗୋଲ କରି ମାଳାଟିକୁ ଥୋଇ ଦେଲା । ହାତଯୋଡ଼ି ମାଳା କେଉଁ ଦେବତାଙ୍କୁ ପ୍ରଣାମ କରୁଥାଏ ତାହା ତାକୁ ହିଁ ଜଣା । ପ୍ରଣାମ ପରେ ସେ ବୁଲି ପଡ଼ିବା ବେଳେ ଦେଖେ ଯେ ବାପା ଓ ମାଆ ହାତଯୋଡ଼ି ସେହି ବତିକୁ ପ୍ରଣାମ କରୁଛନ୍ତି । ଏହାକୁ ଦେଖି ଆନନ୍ଦାଶ୍ରୁରେ ତା' ଆଖି ପୂରିଗଲା ଓ ଉଭୟଙ୍କୁ ଆଲିଙ୍ଗନ କରି ବହୁତ ସମୟ ପର୍ଯ୍ୟନ୍ତ ଜଡ଼େଇ ଧରିଲା ।

ଏହା ପରେ ବାପା ତା'ର କେବେ ବି ବଜାରରୁ ମଦ କି ସିଗାରେଟ କିଣନ୍ତି ନାହିଁ ବରଂ ପ୍ରତିଦିନ ଫୁଲ କିଛି ସଂଗ୍ରହ କରି ଘରକୁ ଆଣନ୍ତି ଓ ଝିଅ ହାତରେ ଦିଅନ୍ତି । ଆଉ ଅଲିଅଳୀ ଝିଅ ତା'କୁ ନେଇ ଗୋଟିଏ ସୁନ୍ଦର ଫୁଲଦାନିରେ ସଜାଡ଼ି ଟେବୁଲ ଉପରେ ରଖେ ଓ ଧୂପ ବତିଟିଏ ଜଳାଇ ଦିଏ । ପ୍ରତିଦିନ ଧୂପ ଫୁଲର ସୁଗନ୍ଧରେ ସେହି ଛୋଟ ଘରଟି ସୁବାସିତ ହୋଇ ଉଠେ ।

❑❑❑

# ନବ ଦିଗନ୍ତ ଆଡ଼କୁ

## ମଦନ ମୋହନ ପ୍ରଧାନ

ଗୁମ୍ଫା ଭିତରେ ମୁଁ ଥିଲାବେଳେ
ନିଜ ଜୀବନ କାହାଣୀଟିକୁ ଖୋଜି ପାଇଲି ।
ଗୁମ୍ଫା ବାହାରକୁ ଆସି ଆକାଶକୁ ନିରେଖି ଦେଖିଲି ।
ସ୍ୱର୍ଗ, ଆକାଶ ଭିତରେ ଅଦୃଶ୍ୟ ଭାବରେ
ଲୁଚି ରହିଥିଲା ।
ଅଦୃଶ୍ୟ ସ୍ୱର୍ଗରୁ ମୁଁ କଳ୍ପନାଗୁଡ଼ିକୁ ସଂଗ୍ରହ କଲି ।
ଏଇ ସମୟରେ ଏକ
କୋମଳ ପାପୁଲିର ପରଶ ପାଇଲି ।
ସେଇ ପରଶରୁ ସକଳ ଆଶା ସଂଗ୍ରହ କଲି ।

ମୋତେ ଆଗରୁ କୁହାଯାଇଥିଲା,
ଅକୁହା କାହାଣୀଗୁଡ଼ିକ ଅସୀମକୁ ଛୁଇଁ ଥାଏ ।
ସେସବୁକୁ କହି ଦେଲେ
ସେମାନେ ସୀମିତ ହୋଇଯା'ନ୍ତି ।
କଳ୍ପନାଗୁଡ଼ିକୁ ପ୍ରକାଶ କରି ଦେଲେ
କେତୋଟି ଶବ୍ଦରେ ପରିଣତ ହୋଇଯା'ନ୍ତି ।
ଆଶାଗୁଡ଼ିକୁ ପ୍ରକାଶ କରି ଦେଲେ,
ସେସବୁକୁ ସଇତାନ ଗିଳି ପକାଏ ।

ଏଥିପାଇଁ ମୁଁ ମୋର ଜୀବନ କାହାଣୀକୁ
କାହାକୁ କହିବାକୁ ସାହସ କଲି ନାହିଁ ।
ଆଶାଗୁଡ଼ିକୁ କାହା ଆଗରେ
ପ୍ରକାଶ କଲି ନାହିଁ ।

କିନ୍ତୁ, ସବୁକିଛିକୁ କିଳି ରଖିଲେ,
କୃପଣ ଧନୀ ପରି ଯନ୍ତ୍ରଣା ଭୋଗିବାକୁ ପଡ଼ିବ ।
ଧନ ଥାଇ କିଛି ଉପଭୋଗ କରି ହେଉ ନଥିବ,
ଧନ ଜଗିବାରେ ଜୀବନ ବିତିଯିବ ।

ଦ୍ୱନ୍ଦ୍ୱରେ ମୁଁ ଘାରି ହେଲି,
ଥତମତ ହେଲି ।
ମୁଣ୍ଡ ଘୂରିଲା ସିନା,
ସମାଧାନ ମିଳିଲା ନାହିଁ ।
ଏମିତି ରାତି ରାତି ବିତିଗଲା ।
ମୁଁ ଏକ ଗଭୀର ନୀରବତା ଭିତରେ ପ୍ରବେଶ କଲି ।

ସ୍ୱପ୍ନରେ ସିଏ ଆସି
କୋମଳ ପାପୁଲିରେ ସ୍ପର୍ଶ କଲେ,
ସ୍ମିତ ହାସ୍ୟ ଦେଲେ ।
ଏହାପରେ ଯାହା ମୋତେ ଆଗରୁ କୁହା ଯାଇଥିଲା,
ସେସବୁ ଭୁଲିଗଲି ।

ମୁଁ ମୋ ଜୀବନ କାହାଣୀ କହିଲି,
କଳ୍ପନାଗୁଡ଼ିକୁ ପ୍ରକାଶ କଲି,
ଆଶାର ପକ୍ଷୀ ମେଲାଇ ନାଚିଲି ।
ମୁଁ ମୁକ୍ତ ହୋଇଗଲି ଏବଂ
ନବ ଦିଗନ୍ତ ଆଡ଼କୁ ଯାତ୍ରା ଆରମ୍ଭ କରି ଦେଲି । ❑

ଚେତନାର ଦିଗ୍‌ବଳୟ :

# ସ୍ୱପ୍ନ ଜଗତର ରହସ୍ୟ : ଉନ୍ମୋଚନ ଦିଗରେ ସାମାନ୍ୟ ସୂଚନା

**ପ୍ରଶ୍ନ :** *(କ) ସ୍ୱପ୍ନର ସାର୍ବଜନୀନ ସଂଜ୍ଞା କ'ଣ ?*

*(ଖ) ତାହା କ'ଣ ଅବଦମିତ ଅଭୀପ୍ସାର ଛାୟାମୟ ପରିପୂର୍ଣ୍ଣତା ?*

*(ଗ) ନା, ଅଦୃଶ୍ୟ ଭବିଷ୍ୟତ୍ ପ୍ରତି ପ୍ରହେଳିକାଭରା ଏକ ସଙ୍କେତ ?*

*(ଘ) ସ୍ୱପ୍ନବିହୀନ ଜୀବନ କ'ଣ ଅବାସ୍ତବ ?*

**ଉତ୍ତର :** (କ) ଯେକୌଣସି ବିଷୟର ସଂଜ୍ଞା ନିରୂପଣ କରାଯାଇଥାଏ ଆମ ହେତୁବୋଧ ଚାଳିତ ମନ ଗ୍ରହଣ କରିବା ଭଳି ଧାରଣା ଓ ଶବ୍ଦ ସମାହାର ଯୋଗେ । କିନ୍ତୁ ସୀମାହୀନ ଚେତନା ଜଗତରେ ରହିଛି ଗତାନୁଗତିକ ହେତୁ-ବହିର୍ଭୂତ ବହୁ ବ୍ୟାପାର । ସେସବୁର ନିଜସ୍ୱ 'ହେତୁ' ଅବଶ୍ୟ ବିଦ୍ୟମାନ ସେମାନଙ୍କ ନିଜସ୍ୱ ସ୍ତରରେ । ଏ ଲେଖକ ଆମ ମାନସିକ ସ୍ତରର ଯୁକ୍ତି-ଭିତ୍ତିକ ହେତୁବୋଧ କଥା କହୁଛି । ସେ ଯାହାହେଉ, ସ୍ୱପ୍ନର ମୋଟାମୋଟି ଅଭିଧାନଗତ (ଅକ୍ସଫୋର୍ଡ୍) ସଂଜ୍ଞା ହେଲା, ''ନିଦ୍ରାବସ୍ଥାରେ ଜଣେ ବ୍ୟକ୍ତିର ମନରେ ଦେଖା ଦେଉଥିବା ଭାବନା, ଚିତ୍ର ଏବଂ ଇନ୍ଦ୍ରିୟାନୁଭୂତି'' (A series of thoughts, images and sensations occuring in a person's mind during sleep) । ତେବେ ଅପେକ୍ଷାକୃତ ଅଧିକ ବିଶଦ ସଂଜ୍ଞା ପ୍ରଖ୍ୟାତ ମନସ୍ତତ୍ତ୍ୱବିଦ୍ କାର୍ଲ୍ ଗୁସ୍ତାଭ୍ ୟୁଙ୍ଗ୍ (C. J. Jung)ଙ୍କ ଲେଖାରୁ ଉଦ୍ଧାର କରୁଛି (ମୁକ୍ତ ଅନୁବାଦ) :

''ମାନବ ଜୀବନ ଯେପରି କୌଣସି ଏକ ମୌଳିକ ନୈସର୍ଗିକ ପ୍ରବୃତ୍ତି (instinct) ଭିତରେ ସୀମାବଦ୍ଧ ନୁହେଁ, ବରଂ ଅଗଣନ ପ୍ରବୃତ୍ତି, ପ୍ରୟୋଜନ ଏବଂ ଶାରୀରିକ ତଥା ମାନସିକ ଗୁଣର ସମାହାର, ସେମିତି ମଧ୍ୟ ସ୍ୱପ୍ନ । ତାକୁ କୌଣସି ଗୋଟାଏ ଯୁକ୍ତି (ତାହା ଯେତେ ସରଳ ଓ ଚମତ୍କାର ହେଉନା କାହିଁକି) ଦ୍ୱାରା ବ୍ୟାଖ୍ୟା କରାଯାଇ ପାରେନା । ଏକଥା ଠିକ୍ ଯେ ସ୍ୱପ୍ନ ପ୍ରାୟତଃ ଅବଦମିତ ବାସନା ଓ ଭୟକୁ ପ୍ରତିଫଳିତ କରିଥାଏ; କିନ୍ତୁ ଏମିତି କ'ଣ ଅଛି ଯାହା ସ୍ୱପ୍ନ ଅଭିବ୍ୟକ୍ତ କରି ନପାରେ ? ଅପ୍ରତିରୋଧ୍ୟ ସତ୍ୟ, ଦାର୍ଶନିକ ଚିନ୍ତା, ମୋହ-ମାୟା, ଲଗାମଛଡ଼ା କଳ୍ପନା, ଭବିଷ୍ୟତ୍ ଆଶା, ଅଯୌକ୍ତିକ ବ୍ୟାପାର, ଏପରିକି ଅନ୍ୟତ୍ର ଯାହା ଘଟୁଛି – ଏମିତି ନାନା କଥା ସ୍ୱପ୍ନରେ ରୂପାୟିତ ହୋଇପାରେ । ଭଗବାନଙ୍କୁ ଜଣା ସ୍ୱପ୍ନରେ କ'ଣ ସମ୍ଭବ ନୁହେଁ !''

(ଖ ଏବଂ ଗ) : ସ୍ୱପ୍ନର ପରିସର ଏଡ଼େ ବ୍ୟାପକ ଯେ ଏଭଳି ଏକ ସ୍ତମ୍ଭରେ ତାହାର ସୂଚନା ମାତ୍ର ଦେବା ସମ୍ଭବ । ଅବଶ୍ୟ ଅବଦମିତ, ଅର୍ଦ୍ଧସ୍ଫୁଟ ନାନାଦି ଇଚ୍ଛା, କଳ୍ପନା ଓ ବାସନାକୁ ବିଚିତ୍ର ରୂପରେ ସ୍ୱପ୍ନ ଜାହିର କରେ । ଅନେକ ସମୟରେ ସେସବୁର ଉତ୍ସକୁ ଚିହ୍ନଟ କରିବା ସହଜ ହୁଏ ନାହିଁ । ତେବେ ତାହା ସ୍ୱପ୍ନର ଗୋଟାଏ ମାତ୍ର ଧାରା । ବହୁ ଭିନ୍ନ ଧାରା ବିଦ୍ୟମାନ । ନିଦ୍ରାବସ୍ଥାରେ ଆମ ଚେତନାର ଏକ ତରଙ୍ଗ ଆମକୁ ଘେରି ରହିଥିବା ଅଦୃଶ୍ୟ ପ୍ରାଣ ଜଗତରେ ଭ୍ରାମ୍ୟମାଣ ଥାଏ । ସେ ଜଗତର ବହୁ ସ୍ତର, ବହୁ ପର୍ଯ୍ୟାୟ । ଆମେ ସ୍ଥୂଳ କ୍ଷେତ୍ରରେ କୌଣସି ଗୋଟାଏ କାର୍ଯ୍ୟ କରିବା ପୂର୍ବରୁ ଯେମିତି କାର୍ଯ୍ୟଟି ଆମ ମନରେ ରୂପରେଖ ନେଇଥାଏ, ସେମିତି ସ୍ଥୂଳ ଜଗତରେ ଯେକୌଣସି ଘଟଣା ଘଟିବା ପୂର୍ବରୁ ତା'ର ଅଦୃଶ୍ୟ ଖସଡ଼ା ସୂକ୍ଷ୍ମ ସ୍ତରରେ ପ୍ରସ୍ତୁତ ହୋଇ ଯାଇଥିବା ସ୍ୱାଭାବିକ । (ଅବଶ୍ୟ ତାହା ଅପରିବର୍ତ୍ତନୀୟ ନୁହେଁ ।) ଆମ ଭ୍ରାମ୍ୟମାଣ ଚେତନା ଦୈବକ୍ରମେ ସେ ସ୍ତରରେ ଉପନୀତ ହେଲେ ଅଦୂର ଭବିଷ୍ୟତରେ ଘଟିବାକୁ ଯାଉଥିବା କୌଣସି ଘଟଣାର ଆଭାସ ପାଇଯାଏ; ଏପରିକି ତାକୁ ଦେଖି ଦେଇପାରେ ମଧ୍ୟ । ଅସଂଖ୍ୟ ଦୃଷ୍ଟାନ୍ତରୁ ଗୋଟାଏ : ଲେଖକ ଭାବରେ ବିଖ୍ୟାତ ହେବା ପୂର୍ବରୁ ମାର୍କ୍ ଟ୍ୱାଇନ୍ ଏବଂ ତାଙ୍କ ସାନ ଭାଇ ହେନ୍‌ରୀ ଗୋଟାଏ ଜାହାଜ ସଂସ୍ଥାର ଦୁଇଟି ଅଲଗା ଅଲଗା ଜାହାଜରେ କାମ କରୁଥିଲେ । ଦିନେ ମାର୍କ୍ ସ୍ୱପ୍ନ ଦେଖିଲେ, ହେନ୍‌ରୀ ମୃତ । ତା' ଦେହ ଗୋଟାଏ କଫିନ୍ ଭିତରେ ରହିଛି । କଫିନ୍ ଉପରେ ଏକ ପୁଷ୍ପଗୁଚ୍ଛ । କେନ୍ଦ୍ରରେ ଗୋଟିଏ ମାତ୍ର ରଙ୍ଗିନ ଫୁଲକୁ ଛାଡ଼ି ଆଉ ସବୁ ଧଳା । କିଛିଦିନ ପରେ ବାସ୍ତବରେ ହେନ୍‌ରୀ ଥିବା ଜାହାଜରେ ଗୋଟାଏ ଅଗ୍ନିକାଣ୍ଡ ଘଟିଲା ଓ ଅନ୍ୟମାନଙ୍କ ସହିତ

ହେନ୍‌ରୀ ହେଲେ ମୃତ । ଖବର ପାଇ ମାର୍କ୍ ସେଠାରେ ପହଞ୍ଚି ମୂର୍ଚ୍ଛା ଗଲେ । ତାଙ୍କ ଚେତନା ଫେରିବା ବେଳକୁ ହେନ୍‌ରୀ କଫିନ୍‌ଭୁକ୍ତ ହୋଇ ସାରିଲେଣି ଏବଂ କଫିନ୍ ଉପରେ ଥୁଆ ଗୋଟିଏ ପୁଷ୍ପଗୁଚ୍ଛ । କିନ୍ତୁ ତା' କେନ୍ଦ୍ରରେ ରଙ୍ଗିନ ଫୁଲ ନାହିଁ । ତେବେ ପର ମୁହୂର୍ତ୍ତରେ ଜଣେ ଭଦ୍ର ମହିଳା ଆସି ପୁଷ୍ପଗୁଚ୍ଛ ମଝିରେ ରଙ୍ଗିନ ଫୁଲଟିଏ ଖୋଷି ଦେଲେ ।

ଆମେ ଦେଖୁଥିବା ଅଧିକାଂଶ ସ୍ୱପ୍ନ ଜାଗିବା ବେଳକୁ ସ୍ମୃତିରୁ ଲିଭି ଯାଇଥାଏ । ଯାହା ମନେ ରହିଥାଏ, ଟିକିଏ ହଲଚଲ ହେବା ମାତ୍ରେ ସେଥିରୁ କିଛି କିଛି ଅଂଶ ହଜିଯାଏ ଏବଂ ଶୂନ୍ୟସ୍ଥାନ ନିଏ ସ୍ୱତଃସ୍ଫୂର୍ତ୍ତ କଳ୍ପନା । ସ୍ୱପ୍ନର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ନିଦ ତୁଟିବା ମାତ୍ରେ ଆପଣ ପ୍ରଥମତଃ ସମ୍ପୂର୍ଣ୍ଣ ନିଶ୍ଚଳ ରହି ସ୍ୱପ୍ନଟି ମନେ ପକାଇବା ଆବଶ୍ୟକ । ସେତେବେଳେ ଆପଣଙ୍କ ଅନୁଭବ କ'ଣ ଥିଲା, ତାହା ମନେ ପକାଇବା ଅତ୍ୟନ୍ତ ଜରୁରୀ ।

ସ୍ୱପ୍ନଦୃଷ୍ଟ ପ୍ରତୀକର ଗୁରୁତ୍ୱ ବିପୁଳ । କିନ୍ତୁ ସେସବୁର ଅର୍ଥ ନିର୍ଭର କରେ ସ୍ୱପ୍ନ ଦ୍ରଷ୍ଟାର ଚେତନା ଉପରେ । ଧରନ୍ତୁ ଜଣେ ସାଧାରଣ ବ୍ୟବସାୟୀ ବା ସାମାଜିକ ଉଚ୍ଚାଭିଳାଷୀ ବ୍ୟକ୍ତି ସ୍ୱପ୍ନ ଦେଖିଲେ ଯେ ତାଙ୍କ କୋଠା ଅକସ୍ମାତ୍ ଭୁଶୁଡ଼ି ପଡ଼ୁଛି । ଏହା ହୋଇପାରେ ତାଙ୍କ ଉତ୍କଣ୍ଠା ଅଥବା କୌଣସି ଯୋଜନାର ସଫଳତା ସମ୍ପର୍କରେ ଭୟ; ଆଉ ଜଣକ ପାଇଁ ଏହା ହୋଇପାରେ ଏକ ଚେତାବନୀ । କିନ୍ତୁ ଜଣେ ଆଧ୍ୟାତ୍ମିକ ପଥର ଯାତ୍ରୀ ବା ସେ ଦିଗରେ ଅଭୀପ୍ସୁ ସକାଶେ ଏହା ଏକ ଶୁଭଙ୍କର ପ୍ରଗତିର ଆଭାସ : ତାଙ୍କ ପୁରୁଣା ଜୀବନଧାରା ଅଥବା ସଂସ୍କାର ଭିତରୁ ସେ ଉତ୍ତୀର୍ଣ୍ଣ ହେବାର ସୂଚନା ।

(ଘ) ସ୍ୱପ୍ନବିହୀନ ଜୀବନ ସାଧାରଣଙ୍କ ପାଇଁ ଅବାସ୍ତବ । ଅବଶ୍ୟ ଜଣେ ନିଦରୁ ଉଠି କୌଣସି ସ୍ୱପ୍ନ ଦେଖି ନାହିଁ ବୋଲି ମନେ କରିପାରେ; କିନ୍ତୁ ସତ୍ୟ ହେଲା, ଚେତନାର ଯେଉଁ ସ୍ତରରେ ସେ ସ୍ୱପ୍ନତକ ଦେଖିଛି, ନିଦ ତୁଟିବା ବେଳକୁ ସେ ସ୍ତର ସହ ତା'ର ସମ୍ପର୍କ ବିଚ୍ଛିନ୍ନ ହୋଇ ଯାଇଛି ।

ତେବେ ଅସାଧାରଣଙ୍କ ପାଇଁ ସ୍ୱପ୍ନ-ମୁକ୍ତ ନିଦ୍ରା ଅବାସ୍ତବ ନୁହେଁ । ଜଣେ ଯୋଗୀ ସେ ଦିଗରେ ସଂକଳ୍ପ କରିପାରେ ଏବଂ ସଫଳ ହୋଇପାରେ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୮୩ - ୮୫) ❑


A new light shall break upon earth, a light of Truth and Harmony.

*(MCW, Vol. 15, p. 93)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Sai Srishti** (Behind Ram Mandir - Hope Diagnostic Bldg.)
Plot No. 34, Kharvel Nagar, Unit 3, Bhubaneswar - 751001
Phone : 6370865575 / 9437066955

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935 / 9442249355
Email :sales@ayurlabsindia.com
Website: www.ayurlabsindia.com

**Vol. LIII, No. 2** **R.N.I. No. 18163/70.**
Navaprakash (Monthly), February, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23


## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୫୦୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**